

ରାଜେଶ ଅଶ୍ୱସ୍ତିଙ୍କୁ ଶ୍ରଦ୍ଧାଞ୍ଜଳି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଦୈନନ୍ଦିନ କେତେ ଟଙ୍କାର ଖାଦ୍ୟ ଖାଆନ୍ତି ମୋଦୀ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୮ Vol. 21 No-318 16 FEBRUARY 2025 SUNDAY BHUBANESWAR ରବିବାର, ୧୬ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ରାଜ୍ୟପାଳଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର

# ବିକାଶ ପଥରେ ଓଡ଼ିଶା

- ସୁଭଦ୍ରା ଯୋଜନାରେ ୯୮ଲକ୍ଷ ମହିଳା ଉପକୃତ
- ୨୪ ବର୍ଷ ତୁଳନାରେ ୮ ମାସରେ କରିଛୁ ଅଧିକ କାମ
- ୫ବର୍ଷରେ ୧ଲକ୍ଷ ୫୦ ହଜାର ନିଯୁକ୍ତି ସୁଯୋଗ
- ପୋଲିସର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ
- ଜାତୀୟ ଶିକ୍ଷାନୀତି,ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ



ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ଗତ ୧୩ ତାରିଖରେ ରାଜ୍ୟପାଳ ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମ ଅଧିବେଶନରେ ଦେଇଥିବା ଅଭିଭାଷଣ ଉପରେ ବିଧାନସଭାରେ ଆଲୋଚନା ହୋଇଥିଲା। ଏହା ଉପରେ ମତ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ବିଧାନସଭାର ପ୍ରଥମ ଅଧିବେଶନକୁ ରାଜ୍ୟପାଳ ସମ୍ବୋଧନ କରିବା ଏକ ସାମ୍ବିଧାନିକ ବିଧି ବ୍ୟବସ୍ଥା। ତାଙ୍କ ଅଭିଭାଷଣରେ ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଦୂରଦର୍ଶୀ ମାର୍ଗ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀ ମାଝୀ କହିଥିଲେ, ମୋ ସରକାର ଯୁବ ସମାଜ ପାଇଁ ନିଯୁକ୍ତି, କୃଷକମାନଙ୍କ ପାଇଁ ସହାୟତା, ମହିଳା ସଶକ୍ତିକରଣ ଏବଂ ଅବହେଳିତ ସମ୍ପ୍ରଦାୟର ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଆମ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପରିପ୍ରକାଶ କରିଛନ୍ତି। ସେ କହିଥିଲେ ଯେ ଗତ ୨୪ ବର୍ଷରେ ଯେତିକି ବିକାଶ ହୋଇଥିଲା, ଆମେ ୮ ମାସରେ ତାହାଠାରୁ ଅଧିକ ବିକାଶକରି ଦେଖାଇଛୁ। ଆମ ସରକାର ୨୪ ମିନିଟ୍‌ରେ ପ୍ରଥମ କ୍ୟାବିନେଟ୍‌ରେ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ବାର୍ଷିକ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ୯୮ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି। ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସ୍ତରରେ ମା'ମାନଙ୍କୁ ସଶକ୍ତ କରିବା ଆମର ଗୁରୁ ଦାୟିତ୍ୱ ବୋଲି ଶ୍ରୀ ମାଝୀ କହିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ୨୦୨୭ ସୁଦ୍ଧା ୨୫ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରବେଶକୁ ସୁଗମ କରିବା ପାଇଁ ୪ଟି ପବିତ୍ର ଦ୍ୱାର ଖୋଲାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ ପରମ୍ପରାର ପ୍ରସାର ପ୍ରସାର ପାଇଁ ୨୦୦ କୋଟି ଟଙ୍କାର ପାଣ୍ଠି ଗଠନ କରାଯାଇଛି। ଆଇନଶୃଙ୍ଖଳା ଉପରେ ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଟକର ଗଣଦୁଷ୍କର୍ମ ହେଉ କିମ୍ବା ଭୁବନେଶ୍ୱର ରସୁଲଗଡ଼ ହତ୍ୟାକାଣ୍ଡ ହେଉ, ଅପରାଧୀମାନେ ଆଜି ଜେଲର ଚାରିକାନ୍ଥରେ। ସେହିପରି ରାଜ୍ୟ • ପୃଷ୍ଠା ୫ ଦେଖନ୍ତୁ

## ଅର୍ଥନୈତିକ ସର୍ଭେ ରିପୋର୍ଟ

# ଅଭିବୃଦ୍ଧି ହାର ୭.୨% ଆକଳନ

- ଶିଳ୍ପ କ୍ଷେତ୍ରରେ ଯୋଗଦାନ ୪୪%
- ମୁଣ୍ଡପିଛା ଆୟରେ ଓଡ଼ିଶା ଏକାଦଶ ସ୍ଥାନରେ
- କୃଷି, ଆନୁସଙ୍ଗିକ କ୍ଷେତ୍ରରେ ଯୋଗଦାନ ୧୯%
- ଓଡ଼ିଶା ଅର୍ଥନୀତିର ଆକାର ୯.୫ଲକ୍ଷ କୋଟି



ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ଅର୍ଥନୀତିର ଆକାର ୯.୫ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯାହା ପ୍ରାୟ ୧୧୩ ବିଲିଅନ ଆମେରିକୀୟ ଡଲାର ଅଟେ। ୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏହି ବର୍ଷରେ ଓଡ଼ିଶା ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସୁଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ହାର ୬.୪ପ୍ରତିଶତ ତୁଳନାରେ ଅଧିକ। ରାଜ୍ୟ ଅର୍ଥନୀତିରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଯୋଗଦାନ ପ୍ରାୟ ୧୯ ପ୍ରତିଶତ ଓ ଏହାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଅଟେ। ଯାହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ସହ ସମାନ। ଅପରପକ୍ଷରେ ରାଜ୍ୟ ଅର୍ଥନୀତିରେ ଶିଳ୍ପକ୍ଷେତ୍ରର ଯୋଗଦାନ ୪୪ ପ୍ରତିଶତ ରହିଥିବାବେଳେ ଏହାର ଅଭିବୃଦ୍ଧି ହାର ୬.୧ ପ୍ରତିଶତ, ଯାହାକି ସର୍ବଭାରତୀୟ ସ୍ତର ସହିତ ପ୍ରାୟ ସମାନ। ରାଜ୍ୟରେ ସେବା କ୍ଷେତ୍ରର ଯୋଗଦାନ ୩୭ ପ୍ରତିଶତ ରହିଥିବାବେଳେ ୧୦ପ୍ରତିଶତ ହାରରେ ଏହାର ଅଭିବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ସେହିପରି ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଦୃଢ଼ ଅଭିବୃଦ୍ଧି, ବାଣିଜ୍ୟ ଏବଂ ମରାମତି ସେବା କ୍ଷେତ୍ରର ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଏହାର ମୁଖ୍ୟ ଯୋଗଦାନକାରୀ। ସାଧାରଣତଃ ବିଶ୍ୱସ୍ତରରେ ବିକଶିତ ଅର୍ଥନୀତିଗୁଡ଼ିକରେ ସେବାକ୍ଷେତ୍ରର ବୃହତ ଅଂଶ ରହିଥାଏ। ୨୦୨୪-୨୫ ଆର୍ଥିକ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ମୁଖ୍ୟ ସଚିବଙ୍କ ବିନା ଅନୁମତିରେ ଆଇଏଏସ୍‌ଙ୍କୁ ଛୁଟି ମନା

ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ଏଣିକି ମୁଖ୍ୟ ସଚିବଙ୍କ ବିନା ଅନୁମତିରେ କୌଣସି ଆଇଏଏସ୍ ଅଧିକାରୀ ଛୁଟି ନେଇପାରିବେ ନାହିଁ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ବହୁ ଆଇଏଏସ୍ ଅଧିକାରୀ ମୁଖ୍ୟ ସଚିବଙ୍କ ବିନା ଅନୁମତିରେ ଛୁଟି ନେବା ସହ ହେଡକ୍ୱାର୍ଟର ଛାଡ଼ି ପଳାଉଥିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାରଙ୍କ ଅଧୀନରେ କାମ କରୁଥିବା ସମସ୍ତ ଆଇଏଏସ୍ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ।

### ୧୭,୨୪ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ଆଗାମୀ୧୭ ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ବଳବତ୍ତର ଥିବା ହେତୁ ଏହି ସୋମବାର ଗୁଡ଼ିକରେ ଭୁବନେଶ୍ୱର,ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ଶନିବାର ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି ।କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେଉଛି ପରୀକ୍ଷା। ଆଜିଠୁ ଦଶମ ଶ୍ରେଣୀ ପରୀକ୍ଷା • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୫,୯୩୯.୨୧
ସର୍ବାଧିକ: ୩୨.୮ ଡିଗ୍ରୀ
ସର୍ବନିମ୍ନ: ୧୯.୨ ଡିଗ୍ରୀ

### ୧୫।୨।୨୦୨୫ ର ମତାମତ

ଶିକ୍ଷାର ଅଧୋପତନ ପାଇଁ ଅଭିଭାବକ, ଶିକ୍ଷକଙ୍କୁ ଦାୟୀ କରାଯିବା ଠିକ୍ କି ?




### ଆଜିର ପ୍ରସଙ୍ଗ

କଂଗ୍ରେସର ସର୍ବକ୍ଷମା ଯୋଜନା ପରେ ଛାଡ଼ିଥିବା ନେତା ଫେରିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଆଇନମନ୍ତ୍ରୀଙ୍କ ସୂଚନା

# ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ତଥ୍ୟ ହେବ ସାର୍ବଜନୀନ

ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ରତ୍ନଭଣ୍ଡାରରେ କେତେ ପରିମାଣର ଅଳଙ୍କାର ରହିଛି ସେ ନେଇ ଖୁବ୍‌ଶୀଘ୍ର ତଥ୍ୟ ସାର୍ବଜନୀନ କରିବେ ରାଜ୍ୟ ସରକାର। ଗଣତି ମଣତି ଶେଷ ହେବା ପରେ ରତ୍ନଭଣ୍ଡାରରେ କେତେ ଅଳଙ୍କାର ରହିଛି, ତାର ତଥ୍ୟ ପ୍ରଦାନ କରାଯିବ। ଏ ନେଇ ଶନିବାର ବିଧାନସଭାରେ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ବର୍ତ୍ତମାନ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲୁ ରହିଛି। ମରାମତି ଶେଷ ହେବାପରେ ରତ୍ନଭଣ୍ଡାର ଅଳଙ୍କାରର ଗଣତି ଆରମ୍ଭ କରାଯିବ। ସେ ଆହୁରି କହିଥିଲେ ଯେ ଶେଷଥର ପାଇଁ ୧୯୭୮ ମଇ ୧୩ ତାରିଖରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ଖୋଲାଯାଇ ସେଥିରେ ଗଚ୍ଛିତ ଥିବା ଅଳଙ୍କାରର ଗଣତି କରାଯାଇଥିଲା। ଗତବର୍ଷ ଜୁଲାଇ ୧୪ ତାରିଖରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଖୋଲାଯାଇ ସେଠାରେ ଗଚ୍ଛିତ ଥିବା ଅଳଙ୍କାରର ସ୍ଥାନାନ୍ତର ପରେ ବର୍ତ୍ତମାନ ରତ୍ନଭଣ୍ଡାର ଗୃହର ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଚାଲୁ ରହିଛି। ମରାମତି କାର୍ଯ୍ୟ ଶେଷ ହେବାପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଅଳଙ୍କାରର ଗଣତି କରାଯାଇ ସବିଶେଷ ବିବରଣୀ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ପୂର୍ବରୁ ରତ୍ନଭଣ୍ଡାର ଗଣତି ପାଇଁ ଏସ୍‌ଓପି ପ୍ରସ୍ତୁତ ସରିଥିଲା। ଏଏସ୍‌ଆଇ ମରାମତି କରି ସାର୍ଟିଫିକେଟ ଦେବାପରେ ଗଣତି ମଣତି ଆରମ୍ଭ ହୋଇଥିଲା। ଠାକୁରଙ୍କ ଯେତିକି ସମ୍ପତ୍ତି ରହିଛି ତାହା ସୁରକ୍ଷିତ ରହିବା ଦରକାର ବୋଲି କୁହାଯାଇଥିଲା। ତେବେ ମଝିରେ ମଝିରେ ପର୍ବପର୍ବାଣୀ ପଡୁଥିବାରୁ ଶ୍ରୀମନ୍ଦିରରେ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ଗଣତି ମଣତିରେ ବାଧା ସୃଷ୍ଟି ହେଉଥିବା ଶ୍ରୀ ହରିଚନ୍ଦନ କହିଛନ୍ତି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଭରଣ ପୋଷଣ ପାଇଁ ହକ୍‌ଦାର ଅସମର୍ଥ ବରିଷ୍ଠ ନାଗରିକ



କଟକ,୧୫।୨(ଭାସ୍କର ନ୍ୟୁଜ): କେବଳ ଜଣେ ବରିଷ୍ଠ ନାଗରିକ ହୋଇଗଲେ ସନ୍ତାନ ବା ସଂପର୍କୀୟଙ୍କ ନିକଟରୁ ଭରଣ ପୋଷଣ ପାଇବାପାଇଁ ହକ୍‌ଦାର ହେବେ ନାହିଁ ।ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ। ହାଇକୋର୍ଟର ଜଷ୍ଟିସ ଶଶୀକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ ମାତା-ପିତା ଓ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । କିନ୍ତୁ ଯଦି ଜଣେ ବରିଷ୍ଠ ନାଗରିକ ରୋଜଗାର କରିବା କ୍ଷେତ୍ରରେ ଅସମର୍ଥ ଥିବେ, ଅଥବା ତାଙ୍କର ଆୟର କୌଣସି ପନ୍ଥା ନଥିବ ତେବେ ସେ ଭରଣ ପୋଷଣ ପାଇବା ପାଇଁ ହକ୍‌ଦାର ହେବେ। ନିଜ ପାଳନ ପୋଷଣରେ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଯଦି ତାଙ୍କ ସନ୍ତାନ ବା ସଂପର୍କୀୟ ଉପେକ୍ଷା କରୁଥିବେ ତେବେ ସେଭଳି କ୍ଷେତ୍ରରେ ଭରଣ ପୋଷଣ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ। ଏଥିସହିତ ବାପାଙ୍କୁ ଭରଣ ପୋଷଣ ଦେବାପାଇଁ ପୁଅକୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହି ମାମଲାର ପୁନର୍ବାର ଶୁଣାଣି ପାଇଁ ହାଇକୋର୍ଟ ଟ୍ରିବ୍ୟୁନାଲକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରିବ୍ୟୁନାଲ ଉଭୟ ପକ୍ଷଙ୍କୁ ପକ୍ଷ ରଖିବା ପାଇଁ ମଧ୍ୟ କହିଛନ୍ତି। ତେବେ ଆବେଦନ ବିଚାରାଧୀନ ଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଆବେଦନକାରୀ ପୁଅଙ୍କ ତରଫରୁ ଜମା କରାଯାଇଥିବା ରାଶି ଟ୍ରିବ୍ୟୁନାଲରେ ମାମଲାର ଫଇସଲା ପର୍ଯ୍ୟନ୍ତ ସ୍ଥାୟୀ ଭାବେ ଜମା ରହିବ। ଏକମାସ ମଧ୍ୟରେ ଟ୍ରିବ୍ୟୁନାଲ ମାମଲାର ଚୂଡ଼ାନ୍ତ ରାୟ ପ୍ରଦାନ କରିବେ। ଆସନ୍ତା ୨୪ ତାରିଖରେ ଉଭୟ ବାପ-ପୁଅ ଟ୍ରିବ୍ୟୁନାଲରେ ହାଜର ହେବେ। ଏଥିସହ ହାଇକୋର୍ଟ ଏହି ମାମଲାର • ପୃଷ୍ଠା ୫ ଦେଖନ୍ତୁ

## ଖାଦ୍ୟ, ଯୋଗାଣମନ୍ତ୍ରୀଙ୍କ ସୂଚନା

# ମାର୍ଚ୍ଚ ୩୧ଯାଏ ଇ-କେୱାଇସି ଅବଧି ବୃଦ୍ଧି



ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ରାଜ୍ୟରେ ରାସନକାର୍ଡର ଇ-କେୱାଇସି ଅପଡେଟ୍ କରିବା ପାଇଁ ସମୟ ବୃଦ୍ଧି କରାଯାଇଛି। ଏ ନେଇ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଇ-କେୱାଇସି ଅପଡେଟ୍ ପାଇଁ ମାର୍ଚ୍ଚ ୩୧ ଶେଷ ଦିବସ ରହିଛି। ସୂଚନାଯୋଗ୍ୟ ଯେ ଶନିବାର ଅର୍ଥାତ୍ ୧୫ ତାରିଖରେ ଇ-କେୱାଇସିର ଶେଷ ଦିବସ ରହିଥିଲା। ଶ୍ରୀ ପାତ୍ର କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୩୭ଲକ୍ଷ ଲୋକ ଇ-କେୱାଇସି କରିନାହାନ୍ତି। ଯେଉଁମାନେ କରିନାହାନ୍ତି ସେମାନଙ୍କୁ ରାଜ୍ୟ ସରକାର ଆଉଥରେ ସୁଯୋଗ ଦେଇଛନ୍ତି। ସେମାନେ ମାର୍ଚ୍ଚ ୩୧ ସୁଦ୍ଧା କରାଇ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ କେତେକ ସ୍ଥାନରେ ନେଟ୍‌ୱାର୍କ ସମସ୍ୟା ପାଇଁ ଲୋକେ ଇ-କେୱାଇସି କରିପାରି ନାହାନ୍ତି। ୩୪୧ଟି ସେଣ୍ଟରରେ ନେଟୱାର୍କ ନଥିବାରୁ ଲୋକେ ଇ-କେୱାଇସି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଏହାର ଅବଧି ବୃଦ୍ଧି କରିଛନ୍ତି। ୧୧୧ଟି ସ୍ଥାନରେ ସ୍ଲୋ ନେଟୱାର୍କ ଏବଂ ୨୩୦ ସ୍ଥାନରେ ନେଟୱାର୍କ ନଥିବାରୁ ଇ-କେୱାଇସି କରିବା ସମ୍ଭବପର ହୋଇପାରି ନାହିଁ। ତେଣୁ ଲୋକଙ୍କ ସୁବିଧା ପାଇଁ ସରକାର ଏହାର ଅବଧି ବୃଦ୍ଧି କରିଛନ୍ତି।

## ସ୍ୱୀକାର କଲେ ରାଜସ୍ୱମନ୍ତ୍ରୀ

# ସମସ୍ୟା ବଢ଼ାଉଛନ୍ତି ବାଂଲା ଅନୁପ୍ରବେଶକାରୀ



ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବାଲେଶ୍ୱର ଜିଲ୍ଲାର ୮୦କିମି ବ୍ୟାପ୍ତ ବେଳାଭୂମି କୂଳେକୂଳେ ଏମାନେ ଘରଦ୍ୱାର କରି ରହିବା ସହ ବେପାରବଣିଜ ଚଳାଇଛନ୍ତି। ଏଥିସହ ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ାଇବାରେ ଲାଗିଛନ୍ତି। ଏକଥାକୁ ସ୍ୱୀକାର କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବାଲେଶ୍ୱର ଜିଲ୍ଲାର ବରଜଦେଉଳି, ବଳରାମଗଡ଼ି, କଷାଫଳ,ପରଖି, ଗଳାପୋଲ, ଖଡୁସାହି ଓ ରେମୁଣା ଅଞ୍ଚଳରେ ଏହି ଅନୁପ୍ରବେଶକାରୀମାନେ ଆଡ୍ଡା ଜମାଇଛନ୍ତି। ସମୁଦ୍ର ଉପକୂଳ ଏବେ ସେମାନଙ୍କ କବ୍‌ଜାରେ। ରାଜସ୍ୱମନ୍ତ୍ରୀ କହିଛନ୍ତି ଯେ ବାଂଲାଦେଶୀଙ୍କ ଅନୁପ୍ରବେଶ ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ରାଜ୍ୟ ସରକାର ସେମାନଙ୍କୁ ଠାବ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଜାରି ରହିଛି ଓ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏଠାରେ ରହିବା ସହ ଭୋଟର କାର୍ଡଠାରୁ ଆରମ୍ଭ କରି ଆଧାର କାର୍ଡ ଓ ରାସନ କାର୍ଡ • ପୃଷ୍ଠା ୫ ଦେଖନ୍ତୁ

# ଭକ୍ତଙ୍କ ସର୍ବକ୍ଷମା ପରେ ବରିଷ୍ଠଙ୍କ ଘରବାହୁଡ଼ା

- ବିଜେଡି ମୋ ସହ ପ୍ରତାରଣା କରିଛି: ପ୍ରଫୁଲ୍ଲ ମାଝୀ
- ଫେରିବି କି ନ ଫେରିବି ଏବେଠୁ କହିପାରିବିନି: ଭୂପିନ୍ଦର
- ଖରାପ ସମୟରେ ଦଳ ଛାଡ଼ିବା ଠିକ୍ ନୁହେଁ: ସୁରେନ୍ଦ୍ର





ଭୁବନେଶ୍ୱର,୧୫।୨(ଭାସ୍କର ନ୍ୟୁଜ): ପୁଣି ସତ୍ତାକୁ ଫେରିବ କି ରାଜ୍ୟ କଂଗ୍ରେସ ! ଏପରି ଏକ ଚର୍ଚ୍ଚା ଏବେ ରାଜନୈତିକ ମହଲରେ ଜୋର ଧରିଛି। ବିଶେଷକରି ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ରାଜ୍ୟ କଂଗ୍ରେସ ମଙ୍ଗୁଆଳ ହେବାପରେ ଏହି ଆଶା ପୁନର୍ଜୀବିତ ହୋଇଛି। ଗତ ୬ ମାସ ଧରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନେତୃତ୍ୱବିହୀନ ହୋଇପଡ଼ିଥିବାବେଳେ ଭକ୍ତ ହୋଇଛନ୍ତି ନୂଆ ମୁଖିଆ। ତାଙ୍କ ସହ ଅଜୟ ଲଲୁଙ୍କୁ ମଧ୍ୟ ରାଜ୍ୟ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଉଭୟ ଦଳର ସାଙ୍ଗଠନିକ କ୍ଷେତ୍ରକୁ ମଜବୁତ କରିବା ପାଇଁ ପ୍ରୟାସ ଆରମ୍ଭ କରି ଦେଇଥିବା କୁହାଯାଉଛି। ଭକ୍ତ ପିସିସି ସଭାପତି ହେବାପରେ ଏକ ବଡ଼ ପଦକ୍ଷେପ ନେଇ ସର୍ବକ୍ଷମା ଯୋଜନା ଲାଗୁ କରିଛନ୍ତି। ରାଜ୍ୟର ଯେଉଁ କଂଗ୍ରେସ ନେତାମାନଙ୍କୁ ବିନା କାରଣରେ ନିଲମ୍ବନ ବା ବହିଷ୍କାର କରାଯାଇଥିଲା ତାକୁସେ ପ୍ରତ୍ୟାହାର କରିବା ସହ ଯେଉଁମାନେ ଦଳଛାଡ଼ି ଚାଲିଯାଇଛନ୍ତି ସେମାନଙ୍କୁ ପୁଣିଥରେ ଫେରି ଆସିବାପାଇଁ ଅନୁରୋଧ କରିଛନ୍ତି। ତେବେ ଭକ୍ତଙ୍କ ଏହି ନିବେଦନ ପରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ଶନିବାର ଦଳକୁ ଫେରିଛନ୍ତି। ଦୀର୍ଘ ୯ମାସ ପରେ ସେ କଂଗ୍ରେସ ଭବନକୁ ଫେରିଥିବାରୁ ଖୁସିରେ କାନ୍ଦି ପକାଇଥିଲେ ଓ ଭାବବିହ୍ୱଳ ହୋଇପଡ଼ିଥିଲେ। ଏଥିନେଇ କଂଗ୍ରେସ ଅଧ୍ୟକ୍ଷ ଓ ପିସିସି ସଭାପତିଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ଶ୍ରୀ ରାଉତରାୟ କହିଥିଲେ ଯେ ୯ ମାସ ବହୁ ଯନ୍ତ୍ରଣା ଭୋଗିଛି। କିଛି କୁଚକ୍ରୀ ଷଡ଼ଯନ୍ତ୍ର କରି ମୋତେ ନିଲମ୍ବିତ କରାଇଥିଲେ। ମୁଁ ଆଜି ମନ୍ଦିରକୁ ଫେରିଛି। ଆମେ ମିଳିମିଶି ସଂଗଠନ ପାଇଁ କାମ କରିବୁ ବୋଲି ସେ ଦୃଢୋକ୍ତି ବାଢ଼ିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିବା କିଛି ନେତା ପୁଣି ଦଳକୁ ଫେରିବା ନେଇ ପରୋକ୍ଷରେ ଇସାରା ଦେଇଛନ୍ତି। ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀ କହିଛନ୍ତି ଯେ ଅନେକ ପ୍ରତିଶ୍ରୁତି ଦେଇ ବିଜେଡି ମୋତେ ଦଳରେ ସାମିଲ କରିଥିଲା। ହେଲେ କୌଣସି ପ୍ରତିଶ୍ରୁତି ରଖିଲା ନାହିଁ ।ଲୋକଙ୍କ ପାଇଁ କଂଗ୍ରେସ ଛାଡ଼ି ବିଜେଡିକୁ ଆସିଥିଲି। ଯଦି ଲୋକଙ୍କ କାମ କରି ନ ପାରିଲି ତେବେ ଦଳରେ କାହିଁକି ରହିବି। ଭକ୍ତବାବୁଙ୍କ ପାଖରେ ଦକ୍ଷତା ରହିଛି। ସେ ଦଳକୁ ପୁନର୍ଜୀବିତ କରିପାରିବେ। ଘରକୁ ଫେରିବି କି ନ ଫେରିବି ଏବେଠୁ କହିପାରିବି ନାହିଁ । ସେହିପରି କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଭୂପିନ୍ଦର ସିଂ ସିଧାସଳଖ ହଁ ନ କହିଥିଲେ ମଧ୍ୟ ମନା ବି କରିନାହାନ୍ତି। ସେ ସମୟକୁ ଅପେକ୍ଷା କରିବାକୁ କହିଛନ୍ତି। ସେହିପରି ବଲାଙ୍ଗୀର ଲୋକସଭା ଆସନରୁ ୨୦୨୪ରେ ନିର୍ବାଚନ ଲଢି ପରାଜିତ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ମଧ୍ୟ କହିଛନ୍ତି ଯେ ଦଳ (ବିଜେଡି)ର ଖରାପ ସମୟରେ ଛାଡ଼ି ଚାଲିଯିବା ଠିକ୍ ହେବ ନାହିଁ । ସୂଚନାଯୋଗ୍ୟ ଯେ କଂଗ୍ରେସ ଟିକେଟରେ ୩ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଶ୍ରୀ ଭୋଇ । ଦୁଇଥର ସଇଁତଳାରୁ ଓ ଥରେ ଟିଟିଲାଗଡ଼ ଆସନରୁ ସେ ବିଧାନସଭାକୁ ଯାଇଥିଲେ। ସେହିପରି କଂଗ୍ରେସ ଛାଡ଼ି ଯାଇଥିବା ଅନ୍ୟ ନେତାମାନେ ଯଥା- ପ୍ରଦୀପ ମାଝୀ, ଚିରଞ୍ଜୀବ ବିଶ୍ୱାଳ, ଅଧିରାଜ ମୋହନ ପାଣିଗ୍ରାହୀ, ଗଣେଶ୍ୱର ବେହେରା ପ୍ରମୁଖଙ୍କ ମତାମତ ଜଣାପଡ଼ି ନାହିଁ । ଗଣେଶ୍ୱର ଓ ଅଧିରାଜ ଏବେ ବିଜେଡି ଟିକେଟରେ ବିଧାୟକ ରହିଛନ୍ତି। ସେମାନେ ଦଳଛାଡ଼ି କଂଗ୍ରେସକୁ ଫେରିବେ କି ନାହିଁ ତାହା ସମୟ କହିବ। କିନ୍ତୁ ଏକଥା ସତ୍ୟ ଯେ ନୂଆ ସଭାପତି ଭକ୍ତବାବୁ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାକୁ ଦଳର ବହୁ ନେତା ସ୍ୱାଗତ କରିଛନ୍ତି । ଆଗକୁ କେଉଁମାନେ କଂଗ୍ରେସରେ ସାମିଲ ହେବେ ତାହା ଉପରେ ସମସ୍ତଙ୍କ ନଜର। ତେବେ ଏସବୁ ଭିତରେ ଭକ୍ତଙ୍କ ସାଙ୍ଗଠନିକ ଦକ୍ଷତା କଂଗ୍ରେସକୁ ଶୀର୍ଷରେ ପହଞ୍ଚାଇବ ବୋଲି ଆଶା କରାଯାଉଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଅସ୍ମିତାକୁ ନେଇ ପ୍ରଶ୍ନ କରିଛନ୍ତି ଖୋଦ୍ ସାହିତ୍ୟିକ -ନେତା ଅରୁଣ, ଅଭିଧାନ ଖୋଲି ଅର୍ଥ କାଢ଼ିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ହୋଇ ତରୁଣ । ହରଣ, ଗୁଣନ, ଫେଡ଼ାଣ କରି ଅସ୍ମିତାର ଅସ୍ତିତ୍ୱକୁ ନେଇ କରନାହିଁ ରାଜନୀତିକରଣ !



ଫୁଲନଖରା (ଭାସ୍କର ନ୍ୟୁଜ): ବୟାଳିଶମୌଜା ପେଣ୍ଠସ୍ଥଳ ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମାତୃପିତୃ ପୂଜନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ୮୭ଜଣ ଶିଶୁ ପିତାମାତାଙ୍କ ସହିତ ଏହି ପୂଜନରେ ଯୋଗ ଦେଇଥିଲେ । ଆଚାର୍ଯ୍ୟଙ୍କ ମନ୍ତ୍ରଧ୍ୱନି ସହିତ ପୁଷ୍ପ ଧୂପ ଦୀପ ନୈବେଦ୍ୟ ପ୍ରଦାନ ପୂର୍ବକ ଶିଶୁମାନେ ପିତାମାତାଙ୍କର ପୂଜା କରିଥିଲେ । ସ୍ୱାମୀ ତ୍ରୈଲୋକ୍ୟଶ୍ୱର ଭାରତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିବସରେ ଭଲ ପାଠଆ ସହିତ ଭଲ ମଣିଷଟିଏ ର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅଭିଭାବକମାନଙ୍କୁ ସମ୍ବୋଧନ କରିଥିଲେ । ଉତ୍ତମ ଶିଶୁର କର୍ତ୍ତବ୍ୟ ସମ୍ବନ୍ଧରେ ଶିଶୁ ଭାଇଭଉଣୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ବିଦ୍ୟାଳୟର ମାର୍ଗଦର୍ଶକ ଶ୍ରୀ ମନୋରଂଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବବୁଲ ଗୁରୁଜୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଜେନା,କଲ୍ୟାଣୀ ଦାସ, କନକ ବାସିନୀ ଆଚାର୍ଯ୍ୟ, ସୁଜାତା ସାହୁ, ନମିତା ଦେବତା,ସସ୍ମିତା ସେନାପତି,ଅନନ୍ତ ବେହେରା, ଦେବଦତ୍ତ ତ୍ରିପାଠୀ, ମୋନାଲିସା ମଲ୍ଲିକ,ରଶ୍ମିତା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



### ଧନିତ୍ରୀ ସେବା ସମବାୟ ସମିତିରେ ଧାନକ୍ରୟ ଅନିୟମିତତା ଘଟଣା ।।।।।।।

# ତଦନ୍ତ କଲେ ଜିଲ୍ଲା ସହକାରୀ ସମବାୟ ନିବନ୍ଧକ



କୋଣାର୍କ(ଭାସ୍କର ନ୍ୟୁଜ୍): କୋଣାର୍କ ଥାନା ଅଧିନସ୍ଥ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତର ଧନୀତ୍ରି ସେବା ସମବାୟ ସମିତିରେ ଖରିଫ ଋତୁରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିରେ ଧାନ କ୍ରୟରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ନେଇ କୃଷକମାନଙ୍କ ଅଭିଯୋଗ ଆଧାରରେ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିବା ୧୧ଘଟିକା ସମୟରେ ପୁରୀ ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ଧନିତ୍ରୀ ସେବା ସମବାୟ ସମିତିରେ ଜାନୁଆରୀ ମାସ ୮ ତାରିଖ ଠାରୁ ଫେବୃଆରୀ ମାସ ୧୮ ପର୍ଯ୍ୟନ୍ତ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୫୪୦୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଏହି ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ ଧାନମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିବା ଚାଷୀ ମାନେ ସେମାନଙ୍କ ଧାନ ସମିତିର ସଂପାଦକଙ୍କ ମନମାନି ଓ ଅଣଦେଖା ନୀତି ଯୋଗୁଁ ଖାଉଟି ମାରଣ ନୀତି ଯୋଗୁଁ ସରକାରଙ୍କ ନିର୍ଦ୍ଧାରିତ ଅବଧି ମଧ୍ୟରେ ଦେଇପାରି ନ ଥିବା ଦେଖିବାକୁ ମିଳିଛି । ସମିତି ପକ୍ଷରୁ ସେମାନଙ୍କୁ ଟୋକନ କ୍ରମିକ ସଂଖ୍ୟାକୁ ଅଣଦେଖା କରି ଫେବୃଆରୀ ୨୫ ଅବଧି ଥିବା ତାରିଖ ଆସି ନ ଥିବା ଟୋକନ ଧାରୀ ମାନଙ୍କ ଠାରୁ ମିଲର ମାଧ୍ୟମରେ ବେଆଇନ ଭାବେ ଆଗୁଆ ଧାନ କ୍ରୟ କରିବା ସହିତ ଆଇଟେଷ୍ଟ କରି ସରକାରୀ ସହାୟତା ପ୍ରଦାନ କରିବା କେତେଦୂର ସମୀଚୀନ ତାହା କୃଷକ ଓ ବୁଦ୍ଧିଜୀବୀ ମହଲରେ ତଦନ୍ତ ଦାବି କରାଯାଇଛି । ଫେବ୍ ୧୩ ତାରିଖରେ ଧନିତ୍ରୀ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିବା ବୋବୁଆ ଗ୍ରାମର କୃଷକ ତୋଫାନ ସ୍ୱାଇଁ ସମିତି ଅବହେଳାର ଶିକାର ହୋଇ ଧାନ ଦେଇ ପାରି ନ ଥିବା ବେଳେ ଏହାର ୧୦ ଦିନ ପୂର୍ବରୁ ଫେବୃଆରୀ ମାସ ୨୫ ତାରିଖ ଟୋକନଧାରୀ କୃଷକ କିଭଳି ଭାବେ ମଣ୍ଡିରେ ଧାନ ଦେଇ ଆଇ ଟେଷ୍ଟ କରି ସରକାରୀ ସହାୟତା ପାଇଲେ ଏଭଳି ବେଆଇନ କାର୍ଯ୍ୟରେ କାହାର ପ୍ରଚ୍ଛନ୍ନ ହାତ ରହିଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ କୃଷକ ମାନଙ୍କ ପକ୍ଷରୁ ଦାବି କରାଯାଇଛି । ଏଭଳି ବେଆଇନ କାର୍ଯ୍ୟ କରାଯିବା ଫଳରେ ଟୋକନ ପାଇ ଧାନ ବିକ୍ରି କରି ପାରି ନ ଥିବା କୃଷକମାନଙ୍କ ଟୋକନ ଅବଧି ବୃଦ୍ଧି କରିବା ପାଇଁ ସମିତି ପକ୍ଷରୁ ଜିଲ୍ଲା ସହକାରୀ ସମବାୟ ନିବନ୍ଧକୁ ପତ୍ର ଲେଖାଯାଇଥିବା ବେଳେ ଏପଟେ ଟୋକନ ସଂଖ୍ୟା ଫାଷ୍ଟ କମ୍ ଫାଷ୍ଟ ସର୍ତ୍ତ ଅନୁଯାୟୀ ଅଣଦେଖା କରି ବେଆଇନ ଭାବେ ଆଗୁଆ ତାରିଖ ହୋଇ ନ ଥିବା ଫେବୃଆରୀ ମାସ ୨୫ ତାରିଖର ଶଙ୍କର ବେହେରା, ବ୍ରଜବନ୍ଧୁ ଭୂୟାଁ ସମେତ ୧୫ରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କ ଠାରୁ ବେଆଇନ ଭାବେ ଧାନ କ୍ରୟ କରି ସରକାରୀ ସହାୟତା ପ୍ରଦାନ କରିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ବିଭାଗୀୟ ସଚିବ, କୃଷି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲ୍ଲାପାଳଙ୍କୁ ଧନିତ୍ରୀ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, କୃଷକ ଓ ଜନସାଧାରଣ ମାନଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ଘଟଣାରେ କୃଷକ ମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଧନିତ୍ରୀ ଗ୍ରାମର କୃଷକ ଭାଗୀରଥୀ ସ୍ୱାଇଁ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ପୁରୀ ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ସନାତନ ବେହେରା ଧନିତ୍ରୀ ସେବା ସମବାୟ ସମିତି କାର୍ଯ୍ୟାଳୟ ଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପୁରୀ ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ସନାତନ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି କୃଷକ ମାନଙ୍କ ଅଭିଯୋଗ ଆଧାରରେ ଧନିତ୍ରୀ ସେବା ସମବାୟ ସମିତିରେ ଧାନ କ୍ରୟ ଅନିୟମିତତା ଘଟଣାର ତଦନ୍ତ କରାଯାଉଛି । ତଦନ୍ତ ରିପୋର୍ଟ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ୪ କୃତୀ ଛାତ୍ରଛାତ୍ରୀ ପାଇଲେ ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ ଜୁନିୟର କଲେଜର +୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୦୨୪ ଟପ୍ପର ୪ ଜଣ ଛାତ୍ରଛାତ୍ରୀଙ୍କୁ ମିଳିଲା ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି । କଲେଜର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ଚେକ୍ ଆକାରରେ ଏହି ବୃତ୍ତି ଅର୍ଥ ସହିତ ଟ୍ରଫି ଏବଂ ପ୍ରମାଣ ପତ୍ର ଟପ୍ପର ମାନଙ୍କୁ ପ୍ରଦାନ କରିଥିଲେ। ଏହି ବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନେ ହେଲେ +୨ କଳାର ଟପ୍ପର ଦେବସ୍ମିତା ମଲ୍ଲିକ, +୨ ବିଜ୍ଞାନର ଯୁଗ୍ମ ଟପ୍ପର ଆକାଶ ମିଶ୍ର ଓ ତୁଳସୀ ମଞ୍ଜରୀ ନାୟକ ଏବଂ +୨ ବାଣିଜ୍ୟର ଟପ୍ପର ପ୍ରଦୋଷ କୁମାର ବିଶ୍ୱାଳ । ଏଠାରେ ସୂଚନାଯୋଗ୍ୟ ଯେ, ଜଗତସିଂହପୁର ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ତାଙ୍କ ପିତାମାତାଙ୍କ ସ୍ମୃତିରେ ଗତ ୨୦୨୩ ମସିହାରେ ଏସଭିଏମ କଲେଜକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ରାଶିର ସୁଧ ଟଙ୍କାରେ ଗତବର୍ଷ ଠାରୁ ଏହି ବୃତ୍ତି ପ୍ରଦାନ କରାଯାଇ ଆସୁଛି ।

## ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ମହାବିଦ୍ୟାଳୟ ପରିସରରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ତମାଖୁ ସେବନର କୁପ୍ରଭାବ ଓ ପରିବାରର ଅର୍ଥନୈତିକ ଉପାର୍ଜନ ଉପରେ ତାର ପ୍ରଭାବ ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା,ଏନସିସି ଓ ଯୁବ ରେଡ଼କ୍ରସ ଦ୍ୱାରା ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ଅଧିକାରିଣୀ ସୁଶ୍ରୀ ରଂଜୁମା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଆଇ.କ୍ୟୁଏ.ସି ସଂଯୋଜକ ଅମୀୟ ରଂଜନ ମହାନ୍ତି ଏହି ସଚେତନତା କାର୍ଯ୍ୟକ୍ରମର ବାର୍ତ୍ତା ନେଇ ସମସ୍ତଙ୍କୁ ସଚେତନତା କରିବା ପାଇଁ ଉପସ୍ଥିତି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଲକ୍ଷ୍ମଣ ଶବର ଓ ଚନ୍ଦନ କୁମାର ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟର ଏ କିରଣ କୁମାର, ଶର୍ମିଳା ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବୃନ୍ଦାବନଚନ୍ଦ୍ର ବିଦ୍ୟାମନ୍ଦିର ୧୯୭୮ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଧିନସ୍ଥ ବୃନ୍ଦାବନଚନ୍ଦ୍ର ବିଦ୍ୟାମନ୍ଦିର ର ପୁରାତନ ଛାତ୍ରଛାତ୍ରୀ ୧୯୭୮ ମସିହା ବ୍ୟାଚର ବନ୍ଧୁମିଳନ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦିବଂଗତ ବନ୍ଧୁମାନଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ସହ ଅସୁସ୍ଥଥିବା ସହପାଠୀ ମାନଙ୍କ ଆରୋଗ୍ୟ କାମନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଉପସ୍ଥିତ ବନ୍ଧୁମାନଙ୍କର ଆଗାମୀ ଦିନରେ ମୃତ୍ୟୁ ଉପରାନ୍ତେ ଅଙ୍ଗଦାନ କରିବାପାଇଁ ଆଲୋଚନା କରାଯାଇଥିଲା । ଏଥିରେ ୫୪ଜଣ ବନ୍ଧୁ ଯୋଗଦେଇ ଅତୀତର ସ୍ମୃତିକୁ ସାଉଁଟି ଥିଲେ । ରବିନ୍ଦ୍ର ନାଥ ବିଶ୍ୱାଳ,ଚିତ୍ତରଂଜନ ରାଉତ, ସୈନେନ୍ଦ୍ର ରାଉତରାୟ, କୃଷ୍ଣପ୍ରିୟା ବିଶ୍ୱାଳ, ସୁରେଶ ଚନ୍ଦ୍ର ମୁଦୁଲି,କନକ ଜେନାଙ୍କ ଆୟୋଜନରେଏହି ବନ୍ଧୁମିଳ ଉତ୍ସବ ସୂଚାରୁ ରୂପରେ ଅନୁଷ୍ଠିତ ହୋଇଥିଲା ।

## ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଶୁକ୍ରବାର ଅର୍ପଣ କରାଯାଇଛି । ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ୬ ବର୍ଷ ପୂର୍ବେ କାଶ୍ମୀରର ପୁଲଓ୍ୱାମା ଠାରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ୪୪ ଜଣ ବୀର ଜବାନଙ୍କ ବୀରତ୍ୱ ଓ ସାହସିକତା ସମ୍ପର୍କରେ ଆଲୋକପାତ କରିବା ସହ ଶହୀଦ ଜବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଘଟଣା ପ୍ରତ୍ୟେକ ଭାରତବାସୀଙ୍କ ହୃଦୟରେ ଗଭୀର ରେଖାପାତ କରିବା ସହ ରାଷ୍ଟ୍ର ଭାବନା ତେଜୀୟାନ କରିବାରେ ସହାୟକ ହୋଇଥିଲା ବୋଲି ଶ୍ରୀ ଦାଶ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ପଞ୍ଚାୟତ ବିକାଶ ଅଧିକାରିଣୀ ସୁଚୀସ୍ମିତା ନାୟକ, ମାର୍କେଟିଂ ଇନିସପେକ୍ଟର ହିମାଂଶୁ ଦାସଙ୍କ ସମେତ ସମସ୍ତ କର୍ମଚାରୀମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆମ ଗାଁ ଉତ୍ସବ ଉଦ୍‌ଘାଟିତ



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ ଜହଙ୍ଗର ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଆମ ଗାଁ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ପଂଚାୟତ ଅନ୍ତର୍ଗତ ପୁରୀପଡ଼ା, ଜହଙ୍ଗର, ବିଶୋକ, ବମ୍ପିଲୋ, ମଠସାହି ଇତ୍ୟାଦି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରଥମ ବାର୍ଷିକ 'ଆମ ଗାଁ ଉତ୍ସବ'କୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ନିଲୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଅନୁଷ୍ଠାନକୁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନର ସଭାପତି ମଦନ ମୋହନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ଅତିଥିଭାବେ ଡେରାବିଶ ମହୋତ୍ସବର ସଭାପତି ଇଂ ଭକ୍ତକବି ଦାସ, ସମ୍ମାନିତ ଅତିଥ ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭକ୍ତରଞ୍ଜନ ନାୟକ, ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୁରୁଚରଣ ସେଠୀ ଯୋଗଦେଇଥିଲେ। ବରିଷ୍ଠ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବକ୍ଷୟମୁଖୀ ବର୍ତ୍ତମାନର ସମାଜରେ ସୁଧାର ଆଣିବା ପାଇଁ ଭାଇଚାରାର ଆବଶ୍ୟକତା ଅଛି ବୋଲି କହିଥିଲେ ଏବଂ ଏଥିପାଇଁ ଏହିଭଳି ଛୋଟଛୋଟ ଉତ୍ସବ ହିଁ ସମାଜରେ ସୁଧାର ଆଣିପାରିବ ବୋଲି ମତ ଦେଇଥିଲେ । ଏହି ଅବସରରେ ମଂଚାସୀନ ଅତିଥିମାନେ ଅଞ୍ଚଳର ବରିଷ୍ଠ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଅନାଦି ଚରଣ ବେହେରା, ପଦ୍ମ ଚରଣ ସେଠୀ ଓ ଦୈତାରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ୍ ଇଶ୍ୱରଚନ୍ଦ୍ର ପୃଷ୍ଟି ମଞ୍ଚ ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରାଜକିଶୋର ଜେନା ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ନୃତ୍ୟ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା । ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେହ ବିଶିଷ୍ଟ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଅଞ୍ଚଳର ଯୁବକ ଯୁବତୀମାନଙ୍କ ଠାରେ ଲୁକ୍କାୟିତ ଥିବା କଳା ପ୍ରତିଭାକୁ ଏହି ଉତ୍ସବ ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଶେଷ ଦୁଇଦିନ ନାଟକ ଅଭିନୀତ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ।

## ଚଟୁଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଟୁଆ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବଦତ୍ତ ସାହାଣୀ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସ୍ମିତା ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚଟୁଆ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ସାହାଣୀ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ନୈତିକ ଶିକ୍ଷା ସମାଜ ବଦଳାଇବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଲୋକନାଥ ତରାଇ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ ଓ ଶିକ୍ଷକ ବିକ୍ରମ କୁମାର ନାୟକ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଚଟୁଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈଳବାଳା ସ୍ୱାଇଁ,ନମିତା ମୁଦୁଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୫୮ ବର୍ଷ ତଳ ପୁରାତନ ହାଇସ୍କୁଲ ଛାତ୍ରଙ୍କ ବନ୍ଧୁମିଳନ



ବ୍ୟାସନଗର(ଭାସ୍କର ନ୍ୟୁଜ): ଏନ୍‌ସି ହାଇସ୍କୁଲର ୧୯୬୭ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଶଙ୍ଖଚିଲା ସ୍ଥିତ ମା' ହିଙ୍ଗୁଳା ଦେବୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ସେ ସମୟର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ପ୍ରଥମେ ୨୦୨୪-୨୫ ମସିହା ମଧ୍ୟରେ ଇହଲୀଳା ସମ୍ବରଣ କରିଥିବା ପୁରାତନ ଛାତ୍ର ବାବୁଧର ବାରିକ ଓ ପ୍ରଦୀପ କୁମାର ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଏନ୍‌ସି. ହାଇସ୍କୁଲର ଉତ୍ତର, ଦକ୍ଷିଣ ଓ ପଶ୍ଚିମ ପଟରେ ଥିବା ସ୍କୁଲ ଜମିକୁ ଜବର ଦଖଲ କରିଥିବା ବ୍ୟକ୍ତି ମାନଙ୍କୁ ଉଚ୍ଛେଦ କରିବା ନିମନ୍ତେ ଏକ ଦାବିପତ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ବ୍ୟକ୍ତିବିଶେଷ ମାନେ ଏ ସମ୍ପର୍କରେ ସ୍ଥାନୀୟ କୋରାଇ ବିଧାୟକ ଆକାଶ ଦାସ ନାୟକଙ୍କ ଅବଗତି ନିମନ୍ତେ ଜଣାଇବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଯାଇଛି । ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ତହସିଲଦାର ତରୁଣ କୁମାର ଦାସ ଯୋଗଦେଇ ସମସ୍ତ ଛାତ୍ର ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇଥିଲେ ।ଏଥିସହ ସେ ସହରର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ଉନ୍ନତି ସାଧନ ନିମନ୍ତେ ସହରବାସୀ ସଂଗଠିତ ହେବାକୁ ଆହ୍ୱାନ ଜଣାଇଥିଲେ । ଉପସ୍ଥିତ ପୁରାତନ ଛାତ୍ର ପ୍ରଦ୍ୟୁମ୍ନ କୁମାର ଦାଶ ଏହାର ତନଖି ନିମନ୍ତେ ହାଇସ୍କୁଲର ପରିଚାଳନା କମିଟିର ସହଯୋଗ କାମନା କରିଥିଲେ । ୨୦୨୫-୨୬ ବର୍ଷ ମଧ୍ୟରେ ଜମି ଉଚ୍ଛେଦ ସମ୍ପୂର୍ଣ୍ଣ କରିବା ନିମନ୍ତେ ସମସ୍ତ ସଭ୍ୟ ଦୃଢ଼ ସମର୍ଥନ ଜଣାଇଥିଲେ । ଉକ୍ତ ବନ୍ଧୁମିଳନରେ ଯେଉଁ ଛାତ୍ର ମାନେ ଡୋଳିପୁର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ ୧୯୧୬ ମସିହାରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ନିମନ୍ତେ ଏକ ଉତ୍ସବ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରଯାଇଥିଲା । ଉକ୍ତ ବନ୍ଧୁମିଳନରେ ପୁରାତନ ଛାତ୍ର ତରୁଣ କୁମାର ଦାସ, ସତ୍ୟନାରାୟଣ ଦାସ, ପ୍ରଦ୍ୟୁମ୍ନ କୁମାର ଦାସ, ପଞ୍ଚାନନ ପରିଡା, ବାବାଜୀ ଚରଣ ମଲ୍ଲିକ୍, ମଦନ ମୋହନ ଜେନା, ବିଜୟ କୁମାର ନାୟକ, ନନ୍ଦ କିଶୋର ସାହୁ, ଅନନ୍ତ ଚରଣ ସ୍ୱାଇଁ, ମଦନ ମୋହନ ସାହୁ, ଦୀପକ ସରକାର, ଗୋଲକ ବିହାରୀ ରାଉତ, ବିଶ୍ୱନାଥ ଖୁଣ୍ଟିଆ, ବ୍ରଜ କିଶୋର ପୃଷ୍ଟି, ହରିହର ଦାସ, ଚୈତନ୍ୟ ଚରଣ ପଣ୍ଡା, ନିତ୍ୟାନନ୍ଦ ବିଶ୍ୱାଳ, ହରଦୟାଲ ସିଂ, ଚୈତନ୍ୟ ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପୁରାତନ ଛାତ୍ର ନନ୍ଦ କିଶୋର ସାହୁ ବନ୍ଧୁ ମାନଙ୍କର ନିମନ୍ତେ ସଭା ପରିଚାଳନା ଓ ଖାଦ୍ୟପେୟର ସମସ୍ତ ଦାୟିତ୍ୱ ନେଇଥିବାରୁ ବନ୍ଧୁ ମାନେ ତାଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଦୀର୍ଘ ଦିନର ଦାବି ପୂରଣ ହେଲା

### ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ହେବ +୨ ପରୀକ୍ଷା ଖାତାର ମୂଲ୍ୟାୟନ



ଉମରକୋଟ(ଭାସ୍କର ନ୍ୟୁଜ୍)): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଚିଠି ନଂ ୪୮୭ ଅନୁସାରେ ଚଳିତ ବର୍ଷ ଠାରୁ ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ବଡ଼ ଶିକ୍ଷା ଅନୁଷ୍ଠାନ ଉମରକୋଟ ପେଣ୍ଡାଣୀ ମହାବିଦ୍ୟାଳୟକୁ ଯୁକ୍ତ ଦୁଇ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ରୂପେ ଚୟନ କରିଛନ୍ତି । ଏହାଦ୍ୱାରା ଜିଲ୍ଲାର ସବୁ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମହଲରେ ଖୁସିର ମହଲ ଖେଳିଯାଇଛି । ଏଥିପୂର୍ବରୁ ଚନ୍ଦାହାଣ୍ଡି , ରାଇଘର,ଝରିଗାଁ, ଡାବୁଗା ଓ ଉମରକୋଟରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଯୁକ୍ତ ୨ ର କଳା ବିଜ୍ଞାନ ଓ ବାଣିଜ୍ୟ ଖାତା ମୂଲ୍ୟାୟନ ପାଇଁ ଜୟପୁର ବିକ୍ରମ ଦେବ କଲେଜ ଓ ନବରଙ୍ଗପୁର କଲେଜକୁ ଯିବାକୁ ପଡୁଥିଲା । ଯାହାକି ଅଧ୍ୟାପକ ଓ ଅଧ୍ୟାପିକାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଉମରକୋଟ ଠାରେ ଯୁକ୍ତ ୨ ମୂଲ୍ୟାୟନ କେନ୍ଦ୍ର କରିବା ପାଇଁ ଦୀର୍ଘ ଦିନରୁ ଦାବି କରା ଯାଉଥିଲା ।ଏଠାରେ ମୂଲ୍ୟାୟନ କେନ୍ଦ୍ର ହେବାରୁ ଅଧ୍ୟାପକ ଓ ଅଧ୍ୟାପିକା ଓ ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଛନ୍ତି । ତତ୍‌ସହ ମାଧ୍ୟମିକ ଶିକ୍ଷା ପରିଷଦ ତଥା ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମହାଶୟଙ୍କୁ ମଧ ଧନ୍ୟବାଦ ଅର୍ପଣ କରିଛନ୍ତି । ପେଣ୍ଡ୍ରାଣୀ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଡ଼ଃ ଅନୀଲ ମିଶ୍ର , ପ୍ରାଧ୍ୟାପକ ଡଃ ରବିନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ଦିବାକର ପଟ୍ଟନାୟକ ତଥା ରାଇଘର ମହାବିଦ୍ୟାଳୟ ର ଅର୍ଥନୀତି ବିଭାଗ ର ବରିଷ୍ଠ ଅଧ୍ୟାପକ ଶ୍ରୀ ରମେଶ ପଟ୍ଟନାୟକ ପ୍ରମୁଖ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ , ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ର ଅଧ୍ୟକ୍ଷା ଓ ପରୀକ୍ଷା ନିୟନ୍ତ୍ରକ ଙ୍କୁ କୃତଜ୍ଞତା ଓ ଅଶେଷ ସାଧୁବାଦ ଜଣାଇଛନ୍ତି ।

## ପୁଲଓ୍ୱାମା ସହିଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଠାରେ ପୁଲଓ୍ୱାମା ସହିଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଉଚ୍ଚ ବିଦ୍ୟାଳୟ ଛକରେ ପହଞ୍ଚି ଥିଲା । ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ସହିଦ ମାନଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ଦେବକାନ୍ତ ପାଣିଗ୍ରାହୀ, ପବିତ୍ର ପଟେଲ, ଶୋଭନମୟ ମିଶ୍ର, ଆଶିଷ ସାହୁ, ଅଭୟ ତ୍ରିପାଠୀ ସମେତ ଶତାଧିକ ମହିଳା, ପୁରୁଷ, ଯୁବକ ସାମିଲ ହୋଇଥିବା ବେଳେ ସାଇରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୁରୁଣାବସନ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଶିକ୍ଷା ମଣ୍ଡଳ ଅଧିନସ୍ଥ ପୁରୁଣାବସନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପୁରୁଣାବସନ୍ତ ପଞ୍ଚାୟତ୍ ସରପଞ୍ଚ କାଳନ୍ଦୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବନମାଳୀ ମହାରଣା, ରବିନାରାୟଣ ମିଶ୍ର, ମୋ ସ୍କୁଲ କମିଟି ସଭାପତି କୈଳାସ ଚନ୍ଦ୍ର ମଲ୍ଲିକ, ବରିଷ୍ଠ କ୍ରୀଡ଼ା ଶିକ୍ଷକ ରାଜକିଶୋର ସାହୁ, ସାଧନା କେନ୍ଦ୍ର ସଂଯୋଜକ ଚତୁର୍ଭୁଜ ନାୟକ, ପରିଚାଳନା କମିଟି ଅଧ୍ୟକ୍ଷ ପିତାମ୍ବର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ, ପରେ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୪୨୪୮ ଆୟକରଦାତାଙ୍କୁ ରାସନ କାର୍ଡ଼ ଫେରାଇବାକୁ ନୋଟିସ୍

ଡେରାବିଶ(ଭାସ୍କର ନ୍ୟୁଜ): ସରକାରଙ୍କ ପକ୍ଷରୁ ରାସନ କାର୍ଡ଼ରେ ହିତାଧିକାରୀଙ୍କ ଇ-କେୱାଇସି କରିବା ପରେ ଧୀରେ ଧୀରେ ରାସନ କାର୍ଡ଼ର ଗୁମର ଖୋଲୁଛି । ତେବେ ଅଦ୍ୟାବଧି ବ୍ଲକରେ ଶତକଡ଼ା ୧୧ ଭାଗ ରାସନକାର୍ଡ଼ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡ଼ିଛି । ତେବେ ଅନ୍ୟପକ୍ଷରେ ଇ-କେୱାଇସି କରିବା ଫଳରେ ଏବେ ହଜାର ହଜାର ବେଆଇନ ରାସନ କାର୍ଡ଼ ହିତାଧିକାରୀଙ୍କ ମୁଖା ଖୋଲିଛି । ଡେରାବିଶ ବ୍ଲକ ଅଞ୍ଚଳରେ ୧୮୩ ଜଣ ସରକାରୀ ଚାକିରି କରିଥିବା ବ୍ୟକ୍ତି ବେଆଇନ ଭାବେ ରାସନ କାର୍ଡ଼ ହାତେଇଥିବାବେଳେ ସରକାରୀ ନୋଟିସ୍ ପରେ ସେମାନେ କାର୍ଡ଼ ଫେରାଇବାକୁ ବାଧ ହୋଇଛନ୍ତି । ଏବେ ଦ୍ୱିତୀୟ ଦଫାରେ ବ୍ଲକ ଅଂଚଳର ୪୨୪୮ ଜଣ ଆୟକର ଦାତା ରାସନକାର୍ଡ଼ଧାରୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ରାସନ କାର୍ଡ଼ ଫେରାଇବା ପାଇଁ ନୋଟିସ୍ କରାଯାଇଛି । ଯାହାଫଳରେ ବହୁ ଆୟକର ଦାତା ଏବେ ରାସନ କାର୍ଡ଼ ଫେରାଇବା ପାଇଁ ବାଧ ହୋଇଛନ୍ତି । ଏଥିପାଇଁ ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟ ଦିନସାରା ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି । ସୂଚନଯୋଗ୍ୟ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ବାଲିଆ ପଂଚାୟତରେ ୧୬୩ ଜଣ,ବାରିମୂଳରେ୨୯୨, ବସପୁରରେ୧୦୫, ବେଣିପୁରରେ ୧୨୬, ଚାନ୍ଦୋଳରେ ୨୬୭, ଚାଟରା ଚକଡ଼ାରେ ୧୪୯, ଛୋଟିରେ ୪୫, ଦାନପୁରରେ ୨୦୩, ଏଣ୍ଡରରେ ୨୦୭, ଗୋଲରାହାଟରେ ୧୨୪, ଗୁଆଳସିଂରେ ୨୬୫, ହରିଅଙ୍କରେ ୧୩୫, ଇନ୍ଦାଳୋରେ ୧୫୯, ଯଅଁରା ବାରିମୂଳରେ ୧୭୪, କାଉପଡ଼ାରେ ୬୬, ଖମୋଳରେ ୧୫୪, କୁରୁଜଙ୍ଗାରେ ୨୪୯, କୁଶିଆପାଳରେ ୨୬୬, ଲକ୍ଷ୍ମୀନାରାୟଣପୁରରେ ୧୯୮, ମଙ୍ଗଳପୁରରେ ୯୦, ମୁକୁନ୍ଦପୁରରେ ୧୦୭, ନହଙ୍ଗରେ ୧୯୬, ନରସିଂହପୁରରେ ୮୨, ପଲେଇରେ ୨୦୩, ରଘୁଦେଇପୁରରେ ୯୩, ରତାଦିଆ ଖଣ୍ଡସାହିରେ ୧୩୦ ଜଣ ଆୟକରଦାତା ରାସନକାର୍ଡ଼ ଧାରୀ ରହିଥିବା ଜଣାଯାଇଛି ।

## ଜଗନ୍ନାଥ ପାଲା କଳାକାର ମହାସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଫୁଲନଖରା(ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘ ଓ ମା' ଉତ୍କଳ ଭାରତୀ ପାଲା ଗାୟିକା ଓ କଳାକାର ପରିଷଦ ମିଳିତ ସହଯୋଗରେ ତିନିଦିନ ବ୍ୟାପି ସମ୍ମିଳନୀ ଏକ ମନୋଜ୍ଞ ପରିବେଶରେ ରଘୁନାଥ ପୁର ମୌଜାରେ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତିପ୍ରେମୀ ପବିତ୍ର କୁମାର ପାତ୍ରଙ୍କ ବଳିଷ୍ଠ ସହଯୋଗ ଓ ରଘୁନାଥପୁର ମୌଜାର ଗ୍ରାମ ବାସୀଙ୍କ ପୃଷ୍ଠପୋଷକତା ତଥା ମହାସଂଘର ଉପଦେଷ୍ଟା ଅଞ୍ଜନ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନିରେ ଓଡ଼ିଶାର ଅନେକ ଜିଲ୍ଲାରୁ ଗାୟକ, ବାୟକ ଓ ସଙ୍ଗୀତ ଶିଳ୍ପୀମାନେ ଏଥିରେ ଯୋଗ ଦେଇଥିଲେ । ସନ୍ଧ୍ୟାର ସାହିତ୍ୟ ସଭାରେ ମହାସଂଘର ସଭାପତି ନିରଞ୍ଜନ ସ୍ୱାଇଁ ଓ ଉତ୍କଳ ଭାରତୀ ପାଲା ଗାୟିକା ଓ କଳାକାର ପରିଷଦର ସଭାପତି ବସନ୍ତ ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର,ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତ,ଗାୟକ ବାଗ୍ମୀ ନାରାୟଣ ମହାରଣା,ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ,ଗାୟକ ବାଣୀକଣ୍ଠ ବନମାଳୀ ପତି,ସୁବାସ ଚନ୍ଦ୍ର ପାତ୍ର,ସୁଧାଂଶୁ ଗିରି, ବସନ୍ତ ମହାରଣା,ଶିବ ଶଙ୍କର ମହାରଣା,ଉପେନ୍ଦ୍ର ନାଥ ମିଶ୍ର,ଉତ୍କଳ ଭାରତୀର ସ୍ୱର୍ଣ୍ଣପ୍ରଭା ଲେଙ୍କା, ଅସୀମା ବରାଳ,କନକ ଲତା ସାମଲ ବିଭିନ୍ନ ଦିବସ ସାହିତ୍ୟ ସଭାରେ ଯୋଗ ଦେଇ ଓଡ଼ିଶାର ପ୍ରାଚୀନ ସଂସ୍କୃତି ପାଲା ଜନମାନସରେ ଧର୍ମୀୟ ଚେତନା ଓ ଆମ ସଂସ୍କୃତିକୁ ବଜାୟ ରଖିଛି ବୋଲି ମତବ୍ୟକ୍ତ କରିଥିଲେ । ମହାସଂଘର ଉପ ସଭାପତି ଭାବରେ ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖା ରହିବାକୁ ନିଷ୍ପତ୍ତି ନିଆଯାଇ ସାଙ୍ଗଠନିକ ଆଲୋଚନାରେ ଗୃହିତ ହୋଇଯାଇଥିଲା । ରାଷ୍ଟ୍ରପତି ପୁରସ୍କୃତ ଗାୟକ ସମ୍ରାଟ ଗୁରୁ ଲକ୍ଷ୍ମୀଧର ରାଉତଙ୍କୁ ଉଭୟ ଅନୁଷ୍ଠାନ ତରଫରୁ ଗୁରୁପୂଜା କରାଯାଇଥିଲା ।ପ୍ରତିଦିନ ଦିବସ ଓ ସନ୍ଧ୍ୟା ସାହିତ୍ୟ ସଭା ପରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, କାହ୍ନୁ ଚରଣ ବେହେରା, ନିରଞ୍ଜନ ସ୍ୱାଇଁ, ଦୁଷ୍ମନ୍ତ କୁମାର ବେହେରା, ଗାୟିକା ଲକ୍ଷ୍ମୀପ୍ରିୟା ଦାଶ,ସ୍ନେହଲତା ବେହେରା, ମୀନାରାଣୀ ପୃଷ୍ଟି,କନକ ଲତା ସାମଲ ପାଲା ପରିବେଷଣ କରିଥିଲେ । ରଘୁନାଥ ପୁର ମୌଜା ବାସିଙ୍କ ଦ୍ୱାରା ୧୦ ଜଣ ବରିଷ୍ଠ ଗାୟକ ଓ ଗାୟିକାଙ୍କୁ ସମ୍ମାନିତ କରାଯାଇଥିଲା ।

ଓଡ଼ିଶା ଭାସ୍କର
# ମହାନଗର





କଟକ(ଭାସ୍କର ନ୍ୟୁଜ): କଟକ ନୟାସଡ଼କ ସ୍ଥିତ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗର ବାର୍ଷିକ ଆଲୋଚନା ଚକ୍ର ଅଧକ୍ଷା ଡକ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଅଧକ୍ଷା ବିଷୟ ସମ୍ପର୍କିତ ଉକ୍ତିର ଦାର୍ଶନିକ ଦିଗ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ବିଭାଗମୁଖ୍ୟ ଡ. ପ୍ରମୋଦିନୀ ସାହୁ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଭେନ୍ସା ଜୁନିଅର କଲେଜର ହିନ୍ଦୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼.ସନାତନ ବେହେରା ମୁଖ୍ୟ ପ୍ରବକ୍ତା ରୂପେ ଯୋଗଦେଇ 'ସଗୁଣଭକ୍ତି କେ ଦାର୍ଶନିକ ଆଧାର' ଶୀର୍ଷକ ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। +୩ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ମୃତିସୁଧା ଗିରି, ସ୍ୱର୍ଣ୍ଣ ପ୍ରତିଭା ପଣ୍ଡା ଓ +୩ ତୃତୀୟ ବର୍ଷର ଛାତ୍ରୀ ଋତୁ ବର୍ମା ଉକ୍ତ ଶୀର୍ଷକ ଉପରେ ପ୍ରପତ୍ର ପଠନ କରିଥିଲେ। ହିନ୍ଦୀ ବିଭାଗର ଅଧାପିକା ଡ଼.ଦମୟନ୍ତି ମରାଣ୍ଡି, ଡ଼. ମଧୁସ୍ମିତା ଦାଶ, ସୁଶ୍ରୀ ଆଞ୍ଚଲ ଗୁପ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ। ଶେଷରେ +୩ ତୃତୀୟ ବର୍ଷର ଛାତ୍ରୀ ରିତିକା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଯାଯାବର ମନମୋର କଥାଚିତ୍ର ଗୀତ କାର୍ଯ୍ୟକ୍ରମ

## ଅଶୀ ଦଶକର ଚିରସବୁଜ ଗୀତରେ ଝୁମିଲେ ଶ୍ରୋତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେତେ ବେଳେ ଖୋକା ଭାଇଙ୍କ ଗୀତ ତ ପୁଣି ତା ପରେ ପରେ ପ୍ରଫୁଲ୍ଲ କର, ଚିତ୍ତ ଜେନା, ମହମ୍ମଦ ସିକନ୍ଦର ଆଲାମଙ୍କ ରଚିତ ଚିରସବୁଜ ସଙ୍ଗୀତରେ ଝୁମି ଉଠିଥିଲେ ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଶ୍ରୋତାଗଣ। ଅବସର ଥିଲା ଉପାସନା ପକ୍ଷରୁ ମ୍ୟୁଜିକ ସିଜଲର୍ସ ସହଯୋଗରେ ଆୟୋଜିତ ଯାଯାବର ମନମୋର କଥାଚିତ୍ର ଗୀତ କାର୍ଯ୍ୟକ୍ରମ। ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଲୋଭା ବିଶ୍ୱାଳ. ସୀମା ମହାନ୍ତି. ଅଙ୍କିତା ଦାସ, କୌଶିକି ପଟ୍ଟନାୟକ, ଶ୍ରୀଧର ପାତ୍ର, ଚିତରଞ୍ଜନ ଶତପଥୀ, ସୁରଜ କୁମାର ଦାସ, ଅଜନ ଦାସ, ବ୍ରଜବଲ୍ଲଭ ନାୟକ, କୃଷ୍ଣ ଶତପଥୀ, ସୁଭାଶିଷ ମହାକୁଲ, ପ୍ରମୁଖ ଏହି ଗୀତ ଗୁଡିକ ପରିବେଷଣ କରିଥିଲେ । ଯା ଯାରେ ଭାସି ଭାସି ଯା..., ଯାଯାବର ମନ ମୋର..., ପଢ଼ିବନି ବନ୍ଧୁ ପଢ଼ିବନି..., ଚାନ୍ଦ ନା ତୁମେ ତାରା..., ମାଝୀ ରେ.... ତୁମେ ହିଁ ସ୍ୱର୍ଗ ମୋର..., ମୁଁ ଦଣ୍ଡା ବାଲୁଙ୍ଗା..., ମୋତେ ପାଗଳ କରିଛି..., ଏ ବନର ଛାଇ ଏଇ ତାରା ଭରା ଜହ୍ନ ରାତି..., ମୟୁର ଗୋ... ଆଦି ୮୦ ଦଶକର କାଳଜୟୀ ସଙ୍ଗୀତକୁ ନୂଆ ପିଢ଼ିର ଗୀତିକାର ଖୁବ୍ ଚମତ୍କାର ସ୍ୱର, ଲୟ ଓ ତାଳରେ ପରିବେଷଣ କରି ଶ୍ରୋତାଙ୍କୁ ବାନ୍ଧି ରଖି ପାରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କଳିଙ୍ଗ ହସ୍ପିଟାଲର ଅଧକ୍ଷ ଡାକ୍ତର ସୀତାକାନ୍ତ ଦାଶ, ପୂର୍ବତନ ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର, ବିଜ୍ଞାପନ କମ୍ପାନୀ ଦ ମେସେଞ୍ଜର ସିଇଓ ଦେବୀ ପ୍ରସାଦ ଦାଶ, ୩ଏସ ସାଇଶ୍ରଦ୍ଧା ଡେଣ୍ଟାଲ କ୍ଲିନିକର ଡାକ୍ତର ସୁନିଲ କର,ଇଂ ପ୍ରସନ୍ନ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ରାଜ କିଶୋର ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପୁରୁଣା ଲୋକପ୍ରିୟ ଗୀତକୁ ପୁଣି ସାଧାରଣ ଲୋକଙ୍କ ମଧ୍ୟରେ ଉଜ୍ଜୀବିତ କରିବାର ଏହି ପ୍ରୟାସ ପାଇଁ ଅତିଥି ମାନେ ଉପାସନା ଓ ମ୍ୟୁଜିକ ସିଜଲର୍ସଙ୍କୁ ବହୁ ପ୍ରଶଂସା କରିଥିଲେ। ଗୁରୁ କରୁଣାକର ନାୟକ, ଲୋଭ ବିଶ୍ୱାଳ, ସୀମା ମହାନ୍ତି ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସବୁ ବର୍ଷ ପରି ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ୩ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କାରାଯାଇଥିଲା । ଏଥିରେ ମଞ୍ଚ ପରିଚାଳନା କରିଥିଲେ ଆର୍ଯ୍ୟ ଗୁଡ଼ି ।

## ସଫ୍ଟୱେର୍ ସଂଯୋଗ ସମସ୍ୟାର ସମାଧାନ ନେଇ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରମିକଙ୍କ କଲ୍ୟାଣ ଓ କାର୍ଯ୍ୟ ସହଜ କରିବା ପାଇଁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧୀନରେ ସେସ୍ (ଉପ-କର) ଆଦାୟ ସଂକ୍ରାନ୍ତରେ ସଫ୍ଟୱେର୍ ସଂଯୋଗ ସମସ୍ୟାର ସମାଧାନ ନିମନ୍ତେରାଜ୍ୟ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ, ଚିତ୍ରା ଆରୁମୁଗମ୍, ଓଡିଶା,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଶ୍ରମ ଆୟୁକ୍ତ, ଓଡିଶା, ଉପାଧକ୍ଷ ବି.ଡି.ଏ., ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ବିଏମ୍‌ସି ଓ ବିଡିଏର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ନିଜର ମୂଲ୍ୟବାନ ପରାମର୍ଶ ଦେଇଥିଲେ।

## 'ଗଣଆନ୍ଦୋଳନ ଓ ଗଣ ବିଚାରର ପ୍ରତୀକ ଥିଲେ ବୈଷ୍ଣବ ପରିଡ଼ା'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଣେ ଲଢୁଆ ରାଜନୀତିଜ୍ଞ, ସଫଳ ସୃଜନସ୍ରଷ୍ଟା, ଦକ୍ଷ ଅନୁବାଦକ ଓ ବିଖ୍ୟାତ ଭାଷାକର୍ମୀ ଭାବରେ ତାଙ୍କ ଜୀବଦ୍ଦଶାରେ ବେଶ୍ ଚର୍ଚ୍ଚିତ ଥିଲେ ସ୍ୱର୍ଗତ ବୈଷ୍ଣବ ପରିଡ଼ା । ଏକଦା 'ଭାଷା ସୁରକ୍ଷା ସମ୍ମିଳନୀ'ର ପ୍ରତିଷ୍ଠାତା ସଭାପତି ଭାବରେ ସେ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିବା ସହ ନିଜ ଭାଷା ପ୍ରତି ଅଙ୍ଗୀକାର ଓ ମାଟି ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଇଥିଲେ । ଏ କ୍ଷେତ୍ରରେ ସେ ଥିଲେ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ । ନିଜ ମାତୃଭାଷାର ସୁରକ୍ଷା ପାଇଁ ତାଙ୍କର ଲଢେଇ, ନିଜର ସୃଜନ କର୍ମ ଏବଂ ଗଣ ଆନ୍ଦୋଳନର ନେତା ଭାବରେ ସେ ସର୍ବଦା ସ୍ମରଣୀୟ ରହିବେ । ତାଙ୍କ ଅବର୍ତ୍ତମାନରେ ଭାଷା ସୁରକ୍ଷା ସମ୍ପର୍କିତ ଅନେକ କଥା ଚୁପ୍ ପଡ଼ିଗଲା ବୋଲି ଆଜି ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ବୈଷ୍ଣବ ପରିଡ଼ାଙ୍କ ୮୪ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ ସ୍ୱର୍ଗତ ପରିଡ଼ାଙ୍କୁ ସ୍ମରଣକରି ତାଙ୍କୁ ଜଣେ ବିଶିଷ୍ଟ ରାଜନେତା, ସୁସାହିତ୍ୟିକ ଓ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ଭାବେ ବର୍ଣ୍ଣନା କରିବା ସହ ଗଣ ଆନ୍ଦୋଳନ ଓ ଗଣ ବିଚାରର ପ୍ରତୀକ ଥିଲେ ବୈଷ୍ଣବ ପରିଡ଼ା ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲା ବେଳେ ବିଶେଷ ଅତିଥି ଭାବରେ ଯୋଗଦେଇଥିଲେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ପଞ୍ଚନନ କାନୁନ୍‌ଗୋ ଏବଂ ସମ୍ମାନିତ ଅତିଥି ଥିଲେ ଓଡିଶା ଭାସ୍କର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ। ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିକ୍ଷାବିତ୍ ପ୍ରାଧାପକ ଡ. ମାନସ ବେହେରା 'ଭାରତୀୟ ସମ୍ବିଧାନ ଓ ଆମ ଆଞ୍ଚଳିକ ଭାଷା' ଶୀର୍ଷକ ଚତୁର୍ଥ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ଅତିଥିମାନେ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ, ସ୍ୱର୍ଗତ ବୈଷ୍ଣବ ପରିଡ଼ା ଓଡ଼ିଆ ଭାଷା ସୁରକ୍ଷା ପାଇଁ ଯେଉଁ ଦୁର୍ବାର ଆନ୍ଦୋଳନ ଗଢି ତୋଳିଥିଲେ ତାହା ଓଡ଼ିଆମାନଙ୍କର ଜାତୀୟ ଚେତନା ବୃଦ୍ଧି କରିବା ସହ ମାତୃଭାଷାର ସୁରକ୍ଷା ଓ ବ୍ୟବହାର ନେଇ ଜନସାଧାରଣଙ୍କୁ ସଚେତନ କରାଇପାରିଥିଲା । ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଭାଷା ସୁରକ୍ଷା ସମ୍ମିଳନୀର ସମ୍ପାଦକ ଅମିତାଭ ଖିଲାର, ଅତିଥି ପରିଚୟ ପ୍ରଦାନ କରିଥିଲେ ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସର ଉପସଭାପତି ସାହିତ୍ୟିକ ବାସୁଦେବ ଦାସ । ଏହି ଅବସରରେ ବିଶିଷ୍ଟ ଭାଷାକର୍ମୀ ଓ ସଂଗଠକ ଦଣ୍ଡପାଣି ମହାପାତ୍ରଙ୍କୁ ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ସାଲ୍, ମାନପତ୍ର ଓ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କୁ ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ କନ୍ୟା ଲୁନିତା ବାରିକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସର ସଦସ୍ୟ ବିଶ୍ୱନାଥ ବେହେରା । ସହଯୋଗ କରିଥିଲେ ନୀଳମାଧବ ସାହୁ ।

### ବେଲେଶ୍ୱର ଡବଲ ମର୍ଡର ମାମଲା

## ସିନ୍ ରିକ୍ରିଏସନ୍ କଲା କମିଶନରେଟ୍ ପୋଲିସ୍

କଟକ(ଭାସ୍କର ନ୍ୟୁଜ): ୨୦୧୯ ମସିହାରେ ହୋଇଥିବା ବହୁ ଚର୍ଚ୍ଚିତ ବେଲେଶ୍ୱର ଡବଲ ମର୍ଡର ଘଟଣାରେ କମିଶନରେଟ୍ ପୁଲିସ୍ ସିନ୍ ରିକ୍ରିଏସନ୍ କରିଛି । ମାମଲାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ସିହ୍ନା କିପରି ହତ୍ୟାକାଣ୍ଡ ଘଟାଇଥିଲା ଶନିବାର କମିଶନରେଟ୍ ପୋଲିସ୍ ସାମ୍ନାରେ ତାର ଡେମୋ ଦେଖାଇଛି। ଏହି ଘଟଣାରେ ଶୁକ୍ରବାର ଦିନ କମିଶନରେଟ୍ ପୋଲିସ୍ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଓରଫ ଏମନ ସାମଦ ଏବଂ ବାସନ୍ତୀ ସାମଦଙ୍କୁ ଗିରଫ କରଥିଲା । ସନ୍ତୋଷ ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ବାସନ୍ତୀ ହତ୍ୟାକାଣ୍ଡ ରଚନା କରିବାରେ ସମସ୍ତ ସହଯୋଗ କରିଥିଲା । ସୂଚନାଥାଉକି ଗତ ୨୦୧୯ ମସିହା ଡିସେମ୍ବର ୧୨ ତାରିଖରେ କଟକର ମଧୁପାଟଣା ଥାନା ଅଧିନସ୍ଥ ବେଲେଶ୍ୱରର ଶ୍ରୀନାଥ ସାମଲ ଓ ତାଙ୍କ ପତ୍ନୀ ବିଦ୍ୟୁଲତା ସାମଲଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଖବର ଲୋକ ଲୋଚନକୁ ଆସୁଥିଲା । ପୋଲିସ୍ ଏହି ଘଟଣାରେ ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ବି କରିଥିଲାବେଳେ ତିନିଘରିଆ ଅଂଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବାସନ୍ତୀ ସାମଦ ବି ପୋଲିସର ଜେରାର ସାମନା କରିଥିଲା। ଅନ୍ୟପକ୍ଷରେ କୋଭିଡ୍ -୧୯ କାରଣରୁ ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତର ବେଶୀଦୁର ଅଗ୍ରଗତି ହୋଇପାରିନଥିଲା । ଘଟଣାକୁ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନଥିଲା । ସେହିପରି ମାମଲାର ତଦନ୍ତକାରୀ ଅଧିକାରୀଙ୍କର ମଧ୍ୟ ଇତି ମଧ୍ୟରେ ଅନ୍ୟତ୍ର ବଦଳି ହୋଇସାରିଥିଲା । ପରବର୍ତ୍ତୀ ସମୟରେ ମନୋଜ ଶତପଥୀ, ଏସିପି ଡିଆଇବି କଟକ ଗ୍ରମାଞ୍ଚଳଙ୍କୁ ମାମଲା ହସ୍ତାନ୍ତର କରାଯାଇଥିଲା । ଏହାପରେ ମୃତକଙ୍କ ପରିବାର ସହ ଘଟଣାର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ସିଡିଆର୍ (କଲ୍ ଡାଟା ରେକର୍ଡ) ତଥ୍ୟକୁ ଭିତି କରି ସନ୍ଦେହ ଘେରରେ ଥିବା ଅଭିଯୁକ୍ତମାନଙ୍କ ଉପରେ କମିଶନରେଟ୍ ପୋଲିସ୍ ନଜର ରଖାଯାଇଥିଲା ।

## ରାଜଧାନୀରୁ ଠକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରୁ ରବିବାର ଜଣେ ଠକ ଗିରଫ ହୋଇଛି । ଫେକ ଆପ ବ୍ୟବହାର କରି ଟଙ୍କା ଠକେଇ କରୁଥିବା ଅଭିଯୋଗ ହୋଇଛି । ବୁଲି ବୁଲି ପେଟ୍ରୋଲ ପମ୍ପ ଠକେଇ କରୁଥିଲେ । ଧୃତ ଠକକୁ କାବୁ କରି ପୋଲିସ ଜିମା ଦେଇଛନ୍ତି ଲୋକେ । ରାଜଧାନୀର ଏକାଧିକ ପେଟ୍ରୋଲ ପମ୍ପରୁ ଟଙ୍କା ଠକେଇ କରିଥିବା ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି । ଠକର ଠକେଇ ତରିକା ଥିଲା ଭିନ୍ନ । ପେଟ୍ରୋଲ ପମ୍ପ ବାହାରେ ବାଇକ ରଖି ଭିତରକୁ ଯାଏ । ପରେ ମାଆ ଦେହ ଅସୁସ୍ଥ ଅଛି । କ୍ୟାସ ଦିଅନ୍ତୁ ଫୋନ ପେ କରିଦେବି । ଫେକ ଟ୍ରାଞ୍ଜାକ୍ସନର ସ୍କ୍ରିନ ସଟ ଦେଖାଇ ଟଙ୍କା ନେଇ ଛୁ ମାରୁଥିଲା । ଆଜି ଘାଟିକିଆ ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପରେ ସମାନ ଧରଣର ଠକେଇ କରୁଥିବା ବେଳେ କାବୁ କରିଥିଲେ ଲୋକେ । ଅଭିଯୁକ୍ତର ଘର ଜଗତସିଂହପୁର ଅଂଚଳର ହୋଇଥିବା ବେଳେ ଭୁବନେଶ୍ୱରରେ ରହୁଥିଲା ।

## ପଙ୍କଜ ଲୋଚନ ମହାନ୍ତି ଓସିଏ ସଭାପତି ନିର୍ବାଚିତ



କଟକ(ଭାସ୍କର ନ୍ୟୁଜ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଥିବା ପଙ୍କଜ ଲୋଚନ ମହାନ୍ତି ଓସିଏର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରଣବ ପ୍ରକାଶ ଦାସଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଥିଲା ।

## ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ଦାବି

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ଜନ ବହୁଳ ଅଞ୍ଚଳରେ ତିଆରି ହୋଇଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି । ଏନେଇ ବିଜେପିର ଏକ ପ୍ରତିନିଧିମଣ୍ଡଳୀ କଟକ ମହାନଗର କମିଶନର୍‌ଙ୍କୁ ଭେଟି ଦାବୀ ଜଣାଇଛି । ଏ ସମ୍ପର୍କରେ ପୂର୍ବରୁ ହାଇକୋର୍ଟ ସହର ମଧ୍ୟରେ ଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କଟକ ମହାନଗର ନିଗମକୁ ଆଦେଶ ଦେଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ ବୋଲି ବିଜେପି ପ୍ରତିନିଧମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କଟକ ଜିଲ୍ଲାପାଳ ମଧ ଏଥିପାଇଁ ବିକଳ୍ପ ସ୍ଥାନ ଯୋଗାଇ ଦେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ସିଏମସି କର୍ତ୍ତୃପକ୍ଷ ଚୌଧୁରୀବଜାର ଭଳି ଭଳି ଜନବହୁଳ ଅଞ୍ଚଳରେ କମ୍ପୋଷ୍ଟ ପ୍ଲାଣ୍ଟ୍ କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରୁନାହିଁ । ଫଳରୁ ଉକ୍ତ କେନ୍ଦ୍ରରୁ ବାହାରୁଥିବା ଦୁର୍ଗନ୍ଧ ଯୋଗୁ ବୃଦ୍ଧ ବ୍ୟକ୍ତି ତଥା ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ତେଣୁ ଏହାକୁ ତୁରନ୍ତ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ସମ୍ପାଦକ ଗଗନ ଓଝାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧମଣ୍ଡଳୀ ସିଏମ୍‌ସି କମିଶନରଙ୍କୁ ଭେଟି ଦର୍ଶାଇଛନ୍ତି ।

### ନନ୍ଦିଘୋଷ ଟିଭିର ପଞ୍ଚମ ବାର୍ଷିକ ଉତ୍ସବ

## ନନ୍ଦିଘୋଷ ନାମ ଶୁଣିଲେ ମହାପ୍ରଭୁଙ୍କ ରୂପ ଆଖି ଆଗକୁ ଆସେ: ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନନ୍ଦିଘୋଷ ଟିଭିର ପଞ୍ଚମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ । ଏହି ଅବସରରେ କହିଥିଲେ ଯେ, ନନ୍ଦିଘୋଷ ଶବ୍ଦ ସହ ଓଡ଼ିଆ ଜାତିର ସମ୍ପର୍କ ଭାବାତ୍ମକ । ନନ୍ଦିଘୋଷର ନାମ ଶୁଣିଲେ ମହାପ୍ରଭୁଙ୍କ ରୂପ ଆଖିଆଗକୁ ଆସିଯାଇଥାଏ । ମୁଁ ଆଶା କରୁଛି ନନ୍ଦିଘୋଷ ଟିଭି ଲୋକଙ୍କ ସ୍ୱର ହୋଇ ଓଡ଼ିଆ ଜାତିର ବିକାଶ ଯାତ୍ରାକୁ ଆହୁରି ଆଗକୁ ନେବାରେ ସହାୟକ ହେବ । ଏହି ଉତ୍ସବରେ ନନ୍ଦିଘୋଷ ଓ ସକାଳର ଅଧକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଂସଦ ମହୁଆ ମାଜି, ସକାଳର ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ ମଲ୍ଲିକ, ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଟ୍ଟମିଶ୍ର, ସିଓଓ ଜବର ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିବା ବେଳେ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ମଧ ଯୋଗଦାନ କରିଥିଲେ ।

## ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ବାୟୋଗ୍ରାଫି ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶାର ସୁପରଷ୍ଟାର ଅଭିନେତା ଅନୁଭବ ମହାନ୍ତିଙ୍କୁ ତାଙ୍କର ବହୁପ୍ରତିକ୍ଷୀତ ବାୟୋଗ୍ରାଫିର ବିଶାଳ ଉନ୍ମୋଚନ ସହ ସମ୍ମାନିତ କରାଯାଇଛି। ଶନିବାର ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଚଳଚିତ୍ର ଓ ସାହିତ୍ୟ ଜଗତ ଏବଂ ରାଜନୈତିକ ମହଲର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଅନୁଭବ ମହାନ୍ତଙ୍କ ଉଲ୍ଲେଖନୀୟ ଜୀବନ ଓ କ୍ୟାରିୟରକୁ ପ୍ରଶଂସା କରାଯାଇଥିଲା। ଟାଇମପାସ ପବ୍ଲିକେସନ ଦ୍ୱାରା ପ୍ରକାଶିତ ଏହି ବାୟୋଗ୍ରାଫିର ରଚନା କରିଛନ୍ତି ଜାଗୃତି ଶୁକ୍ଳା । ଯେବେକି ସ୍ୱର୍ଗତଃ ଅସ୍ତିତ୍ୱ ଏହାର ସହ-ରଚନା କରିଥିବା ବେଳେ ମାନସ ପଢିଆରୀ ଏହାର ଓଡିଆ ସଂସ୍କରଣ ଅନୁବାଦ କରିଛନ୍ତି। ଓଡିଶା ଚଳଚିତ୍ର ଶିଳ୍ପରେ ତାଙ୍କର ପ୍ରାଧାନ୍ୟତାଠାରୁ ଆରମ୍ଭ କରି ତାଙ୍କର ପ୍ରଭାବଶାଳୀ ରାଜନୈତିକ କ୍ୟାରିୟର ଏବଂ ଓଡିଶା ତଥା ରାଜ୍ୟବାସୀଙ୍କ ପାଇଁ ତାଙ୍କର ଦୃଢ଼ ନିଷ୍ଠା ପର୍ଯ୍ୟନ୍ତ, ଏହି ବାୟୋଗ୍ରାଫି ଅନୁଭବ ମହାନ୍ତିଙ୍କ ପ୍ରେରଣାଦାୟୀ ଯାତ୍ରା ଉପରେ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଛି। ଏହି ପୁସ୍ତକ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତା ପ୍ରଫେସର ଅଭୟ କୁମାର ମହାନ୍ତିଙ୍କ ପ୍ରତି ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଅତିଥିମାନଙ୍କ ଗହଣରେ ପ୍ରକାଶକ ସରୋଜ ବଳ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଦେବଦାସ ଛୋଟରାୟ ଶ୍ରୀ ମହାନ୍ତିଙ୍କ ପ୍ରଭାବର ଗଭୀରତା ଉପରେ ଆଲୋକପାତ କରି କହିଥିଲେ । ଏହି ପୁସ୍ତକ କେବଳ ଏକ ଆତ୍ମଜୀବନୀ ନୁହେଁ ବରଂ ଓଡିଶା ସହ ତାଙ୍କର ନିଷ୍ଠାପରତା, ସମର୍ପଣ ଓ ଏକ ଅତୁଟ ବନ୍ଧନର ପ୍ରମାଣ ଅଟେ। ଜଣେ ସୁନାମଧନ୍ୟ ଲେଖକ, କବି ଓ ଗୀତିକାର ଶ୍ରୀ ଛୋଟରାୟ ଭବିଷ୍ୟତର ପିଢିଙ୍କୁ ଅନୁପ୍ରାଣିତ କରିବା ପାଇଁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଯାତ୍ରାର ଦସ୍ତାବିଜକରଣର ମହତ୍ୱକୁ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଓ ସାହିତ୍ୟ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ରାଜନେତା ଓ ପ୍ରଶଂସକମାନେ ଅଂଶଗ୍ରହଣ କରିଥିଲେ। ହୃଦୟସ୍ପର୍ଶୀ ଅଭିଭାଷଣ, ଆଲୋଚନା ଓ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତାଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହିତ ଏହି ସନ୍ଧ୍ୟା ତାଙ୍କ ଜୀବନ ଓ ବିରାସତର ଏକ ପ୍ରକୃତ ସେଲିବ୍ରେଶନ ଥିଲା। କାର୍ଯ୍ୟକ୍ରମ ଅବସରରେ ନିଜର କୃତଜ୍ଞତା ଜଣାଇ ଅନୁଭବ ମହାନ୍ତି କହିଥିଲେ, ଏହି ପୁସ୍ତକ ମୋର ଖୁବ୍ ବ୍ୟକ୍ତିଗତ ଅଟେ। ଏହା କେବଳ ମୋର ଯାତ୍ରା ନୁହେଁ ବରଂ ମୋ ପିତାଙ୍କ ଶିକ୍ଷା, ମୋର ସଂଘର୍ଷ ଓ ଓଡିଶା ପାଇଁ ମୋର ଦୃଢ଼ ଭଲ ପାଇବାର ଏକ ପ୍ରତିଫଳନ ଅଟେ। ମୁଁ ଆଶା କରୁଛି ପାଠକମାନେ ଏହି ପୁସ୍ତକର ପୃଷ୍ଠାଗୁଡିକରୁ ପ୍ରେରଣା ପାଇବେ। ଏହି ବାୟୋଗ୍ରାଫି ଏବେ ପ୍ରମୁଖ ବୁକ୍‌ଷ୍ଟୋର ଓ ଅନଲାଇନ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ପାଠକମାନେ ସ୍ଥିରତା, ସଫଳତା ଏବଂ ସେବା ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ପ୍ରେରଣାଦାୟକ କାହାଣୀ ସମ୍ପର୍କରେ ଜାଣିପାରିବେ, ଯାହା ଏହାକୁ ପ୍ରଶଂସକ ଓ ଆଶାୟୀ ନେତାମାନଙ୍କ ପାଇଁ ଏକ ପଠନଯୋଗ୍ୟ ପୁସ୍ତକରେ ପରିଣତ କରୁଛି।













### କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ

## ସ୍ପେନ ଓ ଭାରତୀୟ ମହିଳା ହକି ଦଳ ସହ ସ୍ପେନ ପୁରୁଷ ହକି ଦଳ ବିଜୟୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଏଫଆଇଏଚ ପ୍ରୋ ଲିଗ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମ୍ୟାଚରେ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ। ଆଜି ପ୍ରଥମ ଦିନରେ ମହିଳା ହକି ବର୍ଗରେ ୨ଟି ଏବଂ ପୁରୁଷ ହକି ବର୍ଗରେ ୧ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ପେନ ଓ ଜର୍ମାନୀ ମହିଳା ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ସ୍ପେନ ମହିଳା ହକି ଦଳ ବିଜୟ ହାସଲ କରିଥିବା ବେଳେ ଭାରତ ଓ ଇଂଲଣ୍ଡ ମହିଳା ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଭାରତୀୟ ମହିଳା ହକି ଦଳ ବିଜୟ ହାସଲ କରିଥିଲେ। ଶେଷରେ ଭାରତ ଓ ସ୍ପେନ ପୁରୁଷ ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ସ୍ପେନ ପୁରୁଷ ହକି ଦଳ ବିଜୟ ହାସଲ କରିଥିଲେ। ଆଜି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହେଉଥିବା ସମୟରେ ଅନେକ ଦର୍ଶକ ଓ କ୍ରୀଡ଼ା ପ୍ରଶଂସକମାନେ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।





"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



# ଟଙ୍କା ଗଛରେ ଫଳେନି



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ପିଲାଦିନେ ଘରେ ଟଙ୍କା ମାଗିଲେ ବାପା କହନ୍ତି 'ଟଙ୍କା କ'ଣ ଗଛରେ ଫଳିଛି ଯେ ଯେତେବେଳେ ମାଗିଲେ ତୋଳି ଆଣି ଦେଇଦେବି ? 'ବୋଉକୁ ଟଙ୍କା ମାଗିଲେ ବୋଉ ଛିଗୁଲେଇ କହେ 'ରହ, ଅଗଣାରେ ଯେଉଁ ଗଛଟା ଅଛି ତାକୁ ଝାଡିଦେବି, ଟଙ୍କା ଗୋଟେଇକି ନେଇଯିବୁ। 'ଟଙ୍କା କ'ଣ ଗଛରେ ଫଳେ !! ହେଲେ ଏଇ କଥାଟି ଖାଲି ଆମ ରାଜ୍ୟର ପରିବାରରେ ନୁହେଁ। ସାରା ଭାରତରେ ପ୍ରାୟ ପ୍ରତି ପରିବାରର ପିଲାମାନେ ନିଶ୍ଚୟ ଏହି କଥା ଶୁଣିଥିବେ। ଆଜେବାଜେ ଖର୍ଚ୍ଚକୁ ରୋକିବା ପାଇଁ ସହଜରେ ଟଙ୍କା ଦେବାକୁ କୁଣ୍ଠିତ ଅଭିଭାବକ ଏହା କହିଥା'ନ୍ତି। ଶେଷରେ ଦେଶର ସବୁ ଲୋକ ଏହା ଶୁଣିଲେ ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହ ଏକଥା କହିଲେ। ୨୦୧୨ ମସିହା ସେପ୍ଟେମ୍ବର ମାସ ୨୧ ତାରିଖରେ ଦେଶକୁ ଉଦ୍‌ବୋଧନ ଦେବା ଅବସରରେ ସବ୍‌ସିଡି ଉପରେ ନିଜର ଚିନ୍ତା ପ୍ରକଟ କରି ସେ କହିଥିଲେ, 'ଏତେ ଟଙ୍କା କେଉଁଠୁ ଆସିବ ? ଟଙ୍କା ଗଛରେ ଫଳୁନି।' ଗୋଟିଏ ପରିବାର ପରି ଗୋଟିଏ ଦେଶ ପାଖରେ ମଧ୍ୟ ସୀମିତ ଅର୍ଥ ଉପଲବ୍ଧ।

ସରକାର ସିଧାସଳଖ ଟଙ୍କା ଛାପନ୍ତି ନାହିଁ। ଟଙ୍କା ଛାପିବାର ଦାୟିତ୍ୱ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ୍ ଉପରେ ନ୍ୟସ୍ତ। ଏହା ବ୍ୟାଙ୍କର ମୁଦ୍ରାନୀତିର ଅନ୍ତର୍ଭୁକ୍ତ। ରିଜର୍ଭ ବ୍ୟାଙ୍କ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ସଦସ୍ୟ। ବିଶ୍ୱର ମୁଦ୍ରାବଜାରରେ ସ୍ଥିରତା ରଖିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଦାୟିତ୍ୱ। ଦେଶ ଭିତରେ ସେହି ଦାୟିତ୍ୱ ଭାରତୀୟ ରିଜର୍ଭ ବ୍ୟାଙ୍କ ତୁଲାନ୍ତି। ମୌଦ୍ରିକସ୍ଥିରତା ବଜାୟ ରଖିବା ପାଇଁ ଦେଶର ମୁଦ୍ରାଚକ୍ରରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଚଳମାନ ହେବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଦେଶରେ କାଗଜଟଙ୍କା ଓ ଧାତୁମୁଦ୍ରା ମୁଦ୍ରିତ ହୁଏ। ହେଲେ ସରକାର ଥାଉଥାଉ ରିଜର୍ଭ ବ୍ୟାଙ୍କ ଉପରେ ଟଙ୍କା ଛାପିବାର ଦାୟିତ୍ୱ କାହିଁକି ?

ସ୍ୱାଧୀନତା ପୂର୍ବରୁ ଦେଶରେ ଏକ ବ୍ୟବସ୍ଥିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ନ ଥିଲା। ଦେଶରେ ସାହୁକାର ଓ ଜମିଦାରଙ୍କ ସୁଧ କାରବାର ଚାଲିଥିଲା। କେତେକ ବେସରକାରୀ ବ୍ୟାଙ୍କ ଖୋଲିଥିଲା। ବ୍ୟାଙ୍କ ଅଫ ଇଂଲଣ୍ଡ ଢାଞ୍ଚାରେ ଇଂରେଜ ସରକାରଙ୍କ ଦ୍ୱାରା ରୟାଲ୍ କମିଶନ୍ ଅନ ଇଣ୍ଡିଆନ୍ କରେନ୍ସି ଆଣ୍ଡ ଫାଇନାନ୍ସ ଓରଫ୍ ହିଲଟନ୍ ୟଙ୍ଗ୍ କମିଶନ୍‌ଙ୍କ ସୁପାରିଶ କ୍ରମେ ୧୯୨୬ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ବେସରକାରୀ ବ୍ୟାଙ୍କ ଭାବରେ ପ୍ରତିଷ୍ଠା ହେଲା। ୧୯୪୯ ମସିହାରେ ଏହାର ରାଷ୍ଟ୍ରୀୟକରଣ କରାଯାଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ରଖାଗଲା। ଏହାର ମୁଖ୍ୟ କାମ ଦେଶରେ ବ୍ୟବସାୟିକ ଏବଂ ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପ୍ରଚଳନ, ମୁଦ୍ରାବ୍ୟବସ୍ଥାର ସୁପରିଚାଳନା ଏବଂ ଅର୍ଥନୈତିକ ସ୍ଥିରତା ସୁନିଶ୍ଚିତ କରି ଦେଶବାସୀଙ୍କର ବିଶ୍ୱାସଭାଜନ ହେବା। ଟଙ୍କା ଛାପିବା ଏବଂ ତା'ର ସୁପରିଚାଳନା ସହିତ ଗୋଟିଏ ଆଦର୍ଶ ଋଣ ବ୍ୟବସ୍ଥା ନିଶ୍ଚିତ କରିବା ଏହାର କର୍ତ୍ତବ୍ୟ ପରିସରଭୁକ୍ତ।

ଦେଶରେ ଉଭୟ ଧାତୁ ଓ କାଗଜର ବିଭିନ୍ନ ମୂଲ୍ୟ (ଡିନୋମିନେସନ୍)ର ମୁଦ୍ରା ପ୍ରଚଳିତ। କଏନେଜ୍ ଆକ୍ଟ, ୧୯୦୯ ଅନୁସାରେ ଧାତବମୁଦ୍ରାର ମୁଦ୍ରଣ କାମ କେନ୍ଦ୍ର ସରକାରଙ୍କର। କେଉଁ ମୂଲ୍ୟର ମୁଦ୍ରା କେଉଁ ଧାତୁରେ ତିଆରି ହେବ, ତା'ର ରୂପରେଖ କ'ଣ ହେବ - ସବୁ ସରକାର ସ୍ଥିର କରନ୍ତି, ସେକ୍ୟୁରିଟି ପ୍ରିଣ୍ଟିଂ ଆଣ୍ଡ ମିଣ୍ଟିଙ୍ଗ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ମୁଦ୍ରଣ କାମ କରନ୍ତି। ବ୍ୟାଙ୍କ କେବଳ ସେସବୁ ପ୍ରଚଳନ କରନ୍ତି। କିନ୍ତୁ କାଗଜମୁଦ୍ରା ଛପେଇବାର କାମ ରିଜର୍ଭ ବ୍ୟାଙ୍କଙ୍କର।

## ମୁଦ୍ରା କାହାଣୀ

ଭାରତୀୟ ରିଜର୍ଭ ବ୍ୟାଙ୍କ ଆକ୍ଟ, ୧୯୩୪ର ଧାରା ୨୨ ଅନୁସାରେ କାଗଜମୁଦ୍ରା ଛାପିବାର ଅଧିକୃତ ସଂସ୍ଥା ହେଉଛନ୍ତି ରିଜର୍ଭ୍ ବ୍ୟାଙ୍କ୍। ସେହି ଆକ୍ଟର ଧାରା ୨୫ ଅନୁସାରେ କାଗଜମୁଦ୍ରାର ଆକାର, ସଂରଚନା ଏବଂ କାଗଜର ପ୍ରକାର ରିଜର୍ଭ୍ ବ୍ୟାଙ୍କଙ୍କର ପ୍ରସ୍ତାବ ବା ପରାମର୍ଶ ଅନୁଯାୟୀ ସରକାର ସ୍ଥିର କରନ୍ତି।

ଏକ ଟଙ୍କିଆ ନୋଟ୍ ବ୍ୟତୀତ ଆଉ ସବୁ ନୋଟ୍‌ରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସ୍ୱାକ୍ଷର ସହିତ 'ଆଇ ପ୍ରମିସ୍ ଟୁ ପେ ଦ ବିଅରର ........' ବୋଲି ଲେଖାଥାଏ। ତେଣୁ ସେସବୁକୁ 'ପ୍ରମିଜୋରୀ ନୋଟ୍' ବୋଲି କୁହାଯାଏ। ରିଜର୍ଭ୍ ବ୍ୟାଙ୍କ୍ ଗଭର୍ଣ୍ଣରଙ୍କ ସ୍ୱାକ୍ଷର ବିନା ଏସବୁ ରଦ୍ଦିକାଗଜ ସହିତ ସମାନ। ଏକ ଟଙ୍କିଆ ନୋଟ୍‌ରେ କେନ୍ଦ୍ର ଅର୍ଥ ସଚିବଙ୍କ ସ୍ୱାକ୍ଷର ଥାଏ। ଗୋଟିଏ ଟଙ୍କା ବଦଳରେ ବଜାରରେ ପ୍ରଚଳିତ ହାରରେ ସୁନା ବା ଦ୍ରବ୍ୟ ମିଳିବାର ଗ୍ୟାରେଣ୍ଟି ଥାଏ। ପ୍ରମିଜୋରି ନୋଟ୍ ପ୍ରାକୃତିକ ଦୁର୍ବିପାକ ବା ଅର୍ଥନୈତିକ ଅସ୍ଥିରତା ଏବଂ ଯୁଦ୍ଧ ପରି ଆକସ୍ମିକ ବିପତ୍ତିରୁ ରକ୍ଷା କରିବାର ନିଶ୍ଚିତତା ପ୍ରଦାନ କରେ।

କାଗଜନୋଟ୍ ମୁଦ୍ରଣ ଭାରତୀୟ ରିଜର୍ଭ ବ୍ୟାଙ୍କର ନୋଟ୍ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍ କରନ୍ତି। ଦେଶର ଚାରିଟି ଜାଗାରେ କାଗଜ ମୁଦ୍ରା ଛପାଯାଏ - ମହାରାଷ୍ଟ୍ରର ନାସିକ, ମଧ୍ୟପ୍ରଦେଶର ଦେବାସ୍, କର୍ଣ୍ଣାଟକର ମହୀଶୂର ଏବଂ ପଶ୍ଚିମବଙ୍ଗର ଶାଲବଣି। ପ୍ରଥମ ଦୁଇଟି ସରକାର ନିୟନ୍ତ୍ରଣ କରୁଥିବା ବେଳେ ଦ୍ୱିତୀୟ ଦୁଇଟି ରିଜର୍ଭ ବ୍ୟାଙ୍କ ଅଧୀନରେ। ପ୍ରତିବର୍ଷ ବ୍ୟାଙ୍କ ଏହି ଛାପାଖାନାଗୁଡ଼ିକୁ କେତେ ମୁଦ୍ରା ଛପା ହେବ ତାହା ଆଗରୁ ହିସାବ କରି କହନ୍ତି। ବିଭିନ୍ନ ରାଜ୍ୟରେ ଅବସ୍ଥିତ ନିଜର ୩୧ ଶାଖାରୁ ଦେଶରେ କେତେ ମୁଦ୍ରା ଆବଶ୍ୟକ ସେ ସୂଚନା ସଂଗ୍ରହ କରାଯାଏ। ମୁଦ୍ରାଚକ୍ରକୁ ଲକ୍ଷ୍ୟ କରି ସେହି ସୂଚନାର ହିସାବ ତଥା ପୂର୍ବବର୍ଷର କେତେ ଚିରାଫଟା ନୋଟ୍ ନଷ୍ଟ କରାଯିବ, କେତେ ପରିମାଣର ପୁରୁଣା ନୋଟ୍ ବଦଳ ହେବ ଏବଂ କେତେ ନୂଆ ନୋଟ୍ ଆବଶ୍ୟକ - ଏହାର ଚିତ୍ର ପାଇବା ପରେ ବ୍ୟାଙ୍କ୍ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସହିତ ବିଚାରବିମର୍ଶ କରି ସରକାରଙ୍କ ଦ୍ୱାରା ସ୍ଥିରୀକୃତ ପରିମାଣର ମୁଦ୍ରା ରିଜର୍ଭ୍ ବ୍ୟାଙ୍କ୍ ମୁଦ୍ରଣ କରନ୍ତି। ହେଲେ ପ୍ରଶ୍ନ ଉଠେ ଯେତେ ଇଚ୍ଛା ସେତେ ନୋଟ୍ ଛାପିବାର କର୍ତ୍ତୃତ୍ୱ ଥିଲେ ମଧ୍ୟ ବ୍ୟାଙ୍କ୍ ବା ସରକାର ଅଧିକ ନୋଟ୍ କାହିଁକି ଛାପନ୍ତିନି ? ନୋଟ୍ ଛାପି ସରକାର ଗରିବ ଲୋକଙ୍କ ଭିତରେ ବାଣ୍ଟି ଦେଲେ ଦେଶରୁ ଗରିବୀ ହଟି ଯାଆନ୍ତା।

ଯଦିଓ ସରକାରଙ୍କ ହାତରେ ଯେତେ ଇଚ୍ଛା ସେତେ ଟଙ୍କା ଛାପିବାର କ୍ଷମତା ଅଛି, ସରକାର ଇଚ୍ଛାମୁତାବକ ଟଙ୍କା ଛାପି ପାରିବେନି। ଦେଶର ହିତ ଦୃଷ୍ଟିରୁ ସେ କ୍ଷମତା ବ୍ୟବହାର ପାଇଁ ସରକାର ଆର୍ଥିକ ଓ ନୈତିକ ବାଧ୍ୟକତାରେ ଅନୁବନ୍ଧିତ। ନୋଟ୍ ସେତିକି ଛପା ହେବ ଯେତିକି ପରିମାଣର ସମ୍ପତ୍ତି ସରକାରଙ୍କ ପାଖରେ ଅଛି। ଏହାର ଆଧାର ମିନିମମ୍ ରିଜର୍ଭ ସିଷ୍ଟମ୍। ୧୯୫୭ ମସିହାରେ ଲାଗୁ ହୋଇଥିବା ଏହି ବ୍ୟବସ୍ଥା ଅନୁସାରେ ଦେଶରେ ସବୁବେଳେ ଅତି କମ୍‌ରେ ୨୦୦ କୋଟି ଟଙ୍କାର ସମ୍ପତ୍ତି ସରକାରଙ୍କ ପାଖରେ ରହିବ। ସେଥିରୁ ୧୧୫ କୋଟି ଟଙ୍କା ସୁନା ଆକାରରେ ଏବଂ ୮୫ କୋଟି ଟଙ୍କା ବିଦେଶୀମୁଦ୍ରା ଆକାରରେ। ଏହି ସମ୍ପତ୍ତିର ମୂଲ୍ୟ ସମାନ ଟଙ୍କା ଦେଶରେ ଥିଲେ ସେତିକି ଜିନିଷ କିଣିହେବ। ଯଦି ଅଧିକ ଟଙ୍କା ଛପାଯାଏ ତାହା ମୋଟ ସମ୍ପତ୍ତିର ମୂଲ୍ୟ ଠାରୁ ବେଶୀ ହେବ। ଯେତିକି ଅଧିକ ଟଙ୍କା ଦେଶର ରହିବ ତା'ର ମୂଲ୍ୟ ବ୍ୟାଙ୍କ୍ ଦେଇ ପାରିବେନି। ଫଳରେ ଦେଶର ଅର୍ଥବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବ। ଏହାଦ୍ୱାରା ଆଭ୍ୟନ୍ତରୀଣ ସମସ୍ୟା ସହିତ ଅନ୍ତର୍ଜାତୀୟ ବଜାରରେ ଟଙ୍କାର ମୂଲ୍ୟ କମିବ। ଟଙ୍କାର ମୂଲ୍ୟ କମିଲେ ଦେଶର ବହିର୍ବାଣିଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ସହିତ ଦେଶ ନିଜର ବିଶ୍ୱସନୀୟତା ହରେଇବ। ମନ ଇଚ୍ଛା ଟଙ୍କା ଛପିବା ଯୋଗୁ ଦେଶ ବରବାଦ୍ ହେବାର ସବୁଠୁ ବଡ଼ ଉଦାହରଣ ଭେନେଜୁଏଲା। ଶେଷରେ ଦେଶ ଏକଲକ୍ଷ ଟଙ୍କିଆ ମୁଦ୍ରା ଛପିଲା ଯାହାର ପ୍ରକୃତ ମୂଲ୍ୟ ଶୂନ୍ୟ। ଦେଶର ଅର୍ଥନୀତିର ଦ୍ରୁତ ଅଧୋଗତି ଘଟିଲା।

ଦେଶର ନିରନ୍ତର ବିକାଶ ପାଇଁ ଆବଶ୍ୟକ ଅର୍ଥନୈତିକ ସ୍ଥିରତା। ସରଳଭାଷାରେ ଦରଦାମ୍ ନିୟନ୍ତ୍ରଣ। ଜିନିଷପତ୍ର ଦରଦାମ୍ ଅତି ଅଧିକ କି ଅତି କମ୍ ନ ହେବା ଉଚିତ୍। ଦେଶରେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ରିଜର୍ଭ୍ ବ୍ୟାଙ୍କର ଦାୟିତ୍ୱ। ମୁଦ୍ରାସ୍ଫୀତି ଦେଶର ଅର୍ଥବ୍ୟବସ୍ଥାରେ ବିଭ୍ରାଟ ଆଣିବା ସହିତ ଲୋକମାନଙ୍କ ପାଇଁ କଷ୍ଟଦାୟକ ହୋଇଥାଏ କାରଣ ଏହା ସିଧା ସେମାନଙ୍କର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଦିଏ। ଯେତେବେଳେ ଅଧିକ ଟଙ୍କା ଛପାଯାଏ, ଲୋକଙ୍କ ହାତରେ ଅଧିକ ଅର୍ଥ ଉପଲବ୍ଧ ହୁଏ ଏବଂ ସେମାନଙ୍କର କ୍ରୟଶକ୍ତି ବୃଦ୍ଧି ପାଏ। ସେମାନେ ଅଧିକ ଜିନିଷ କିଣନ୍ତି। ଅର୍ଥାତ୍ ଚାହିଦା ବୃଦ୍ଧି ହୁଏ। ଯୋଗାଣ ଗୋଟିଏ ସମୟସାପେକ୍ଷ ପ୍ରକ୍ରିୟା ହୋଇଥିବାରୁ ଚାହିଦାକୁ ତାଳ ଦେଇ ଜିନିଷପତ୍ର ସାଙ୍ଗେସାଙ୍ଗେ ମିଳେନି। ତେଣୁ ଦରଦାମ୍ ବୃଦ୍ଧି ହୁଏ। ଏହା କୌଣସି ଗୋଟିଏ ଜାଗାରେ ବା ରାଜ୍ୟରେ ସୀମାବଦ୍ଧ ରହେନି। ପୂରାଦେଶରେ ଦରଦାମ୍ ବୃଦ୍ଧି ଘଟେ। ଜିନିଷପତ୍ରର ଦାମ ଆକାଶଛୁଆଁ ହୁଏ। ପୃଥିବୀରେ ଏମିତି ଦେଶ ଅଛନ୍ତି ଯେଉଁମାନେ ମନମୁଖୀ ଟଙ୍କା ଛପେଇ ବରବାଦ ହୋଇଛନ୍ତି। ଜିମ୍ବାୱେ ଆମ ଆଖି ଆଗରେ। ସେଠାରେ ଅବସ୍ଥା ଏପରି ହେଲା ଯେ ଲୋକମାନେ ଖଣ୍ଡିଏ ରୁଟି ପାଇଁ ଥଳୀଭର୍ତ୍ତି ଟଙ୍କା ନେଇ ଯାଇଛନ୍ତି କିନ୍ତୁ ରୁଟି ମିଳିନି। ଏମିତି ପରିସ୍ଥିତିରେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ଗରିବ ଲୋକ। ଅତ୍ୟାବଶ୍ୟକ ସାମଗ୍ରୀ କିଣି ନପାରିବା ଯୋଗୁ ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ପରି ଜୀବନଧାରଣର ଅଧିକାର ଦୁର୍ବଳ ହୁଏ। କେବଳ ସେତିକି ନୁହେଁ। ଦେଶରେ ଧନୀ-ଗରିବ ଭେଦଭାବ ମଧ୍ୟ ବୃଦ୍ଧିପାଏ। ତେଣୁ କ୍ଷମତା ଥିବା ସତ୍ତ୍ୱେ ସରକାର ଯେତେ ଇଚ୍ଛା ସେତେ ଟଙ୍କା ଛପାନ୍ତି ନାହିଁ। ଏ ବିଷୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କର କଥା ମନେ ରହିବା ଉଚିତ୍। ଦେଶରେ ମାଗଣାବଣ୍ଟନ ବ୍ୟବସ୍ଥା ଯେଉଁ ସ୍ତରରେ ପହଞ୍ଚିଛି ତାହା ଯେ ଭବିଷ୍ୟତରେ ଦେଶ ପାଇଁ କାଳ ନହେବ ତା' କିଏ କହିବ ?

# ନୂତନ ପିଢ଼ି ଉପରେ 'ପରୀକ୍ଷା ପେ ଚର୍ଚ୍ଚା'ର ସକାରାତ୍ମକ ପ୍ରଭାବ



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଦିଲ୍ଲୀର ଐତିହାସିକ ସୁନ୍ଦର ନର୍ସରୀରେ ଖୋଲା ଆକାଶ ତଳେ ୧୦ ଫେବୃଆରୀ ୨୦୨୫ରେ ଅନୁଷ୍ଠିତ 'ପରୀକ୍ଷା ପେ ଚର୍ଚ୍ଚା (ପିପିସି)'ର ଅଷ୍ଟମ ସଂସ୍କରଣ ଅନେକ ଦୃଷ୍ଟିରୁ ଅନନ୍ୟ ଥିଲା। ଏହି ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ପୁଣି ଥରେ ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କର ପରିଚିତ ସରଳ ଢଙ୍ଗରେ ଆଲୋଚନା କରିଥିଲେ ଏବଂ ପରୀକ୍ଷାରେ ଚାପ ପରିଚାଳନା ସମ୍ପର୍କରେ ଅନେକ ପରାମର୍ଶ ଦେଇଥିଲେ। 'ମନ କି ବାତ୍' ପରେ, ବର୍ତ୍ତମାନ 'ପରୀକ୍ଷା ପେ ଚର୍ଚ୍ଚା' ଏକ ନିରନ୍ତର ଧାରାବାହିକ ପାଲଟିଛି, ଯେଉଁଥିରେ କୋଟି କୋଟି ଲୋକ ଯୋଗ ଦେଉଛନ୍ତି। (ପିପିସି)ମାଧ୍ୟମରେ, ସେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସହିତ ଏକ ପିତାମାତାଙ୍କ ପରି ସମ୍ପର୍କ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍କୁଲ ପିଲାମାନଙ୍କ ଭଳି ସେମାନଙ୍କ ସହିତ କଥା ହୁଅନ୍ତି ଏବଂ କଥାବାର୍ତ୍ତା ସମୟରେ ସେମାନଙ୍କୁ ବହୁତ ଆରାମଦାୟକ ଅନୁଭବ କରାନ୍ତି। ଏହି ଆଲୋଚନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସେ ସମଗ୍ର କାର୍ଯ୍ୟ ଯୋଜନାରେ ବିସ୍ତୃତ ଭାବରେ ଯାଆନ୍ତି। ଏହି କାରଣରୁ (ପିପିସି )କାର୍ଯ୍ୟକ୍ରମ କେବଳ ଛାତ୍ରମାନଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ଶିକ୍ଷକ ଏବଂ ଅଭିଭାବକମାନଙ୍କ ପାଇଁ ମଧ୍ୟ ଅନେକ ପରାମର୍ଶ ଦେଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଜଣେ ସଫଳ ସ୍ଥପତି।

ଆଜିର କଠିନ ପ୍ରତିଯୋଗିତାମୂଳକ ଯୁଗରେ, ପରୀକ୍ଷା ମାର୍କକୁ ନେଇ ଅଭିଭାବକ, ଶିକ୍ଷକ ଏବଂ ସମାଜ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଉପରେ ଏତେ ଚାପ ରହିଛି ଯେ ଆଶାନୁରୂପ ସଫଳତା ନପାଇବା ଦ୍ୱାରା, ଏହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅନେକ ଜୀବନ ପ୍ରତି ସେମାନଙ୍କର ଉତ୍ସାହ ହରାଇ ଡିପ୍ରେସନର ଶିକାର ହୁଅନ୍ତି। ଦେଶର ଭବିଷ୍ୟତ ପିଢ଼ିକୁ ଏପରି ପରିସ୍ଥିତିରୁ ରକ୍ଷା କରିବା ସମଗ୍ର ରାଷ୍ଟ୍ର ଏବଂ ସମାଜର ଦାୟିତ୍ୱ। ପ୍ରଧାନମନ୍ତ୍ରୀ ନିଜେ (ପିପିସି)ମାଧ୍ୟମରେ ଏହି କ୍ଷେତ୍ରରେ ନେତୃତ୍ୱ ପ୍ରଦାନ କରୁଛନ୍ତି ଏବଂ ଏହା ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱର ଫଳାଫଳ। ଚାପକୁ ଦକ୍ଷତାର ସହିତ ପରିଚାଳନା କରି ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ ଏବଂ ପରୀକ୍ଷା ଫଳାଫଳକୁ ସ୍ୱାଭାବିକ ଭାବରେ ଗ୍ରହଣ କରିବା (ପିପିସି)ର ମୂଳ ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ମୋଦି, ଯାହାଙ୍କ ନିଜ ଜୀବନ ଏକ ମହାନ ପ୍ରେରଣା। ସେ ବହୁତ ଭଲ ଭାବରେ ବୁଝାଇଥିଲେ ଯେ ଜୀବନରେ ପରୀକ୍ଷା ସବୁକିଛି ନୁହେଁ। ପ୍ରକୃତରେ, ଛାତ୍ରର ପ୍ରକୃତ ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେହି ଅନୁସାରେ ତାଙ୍କ ଜୀବନକୁ ଦିଗଦର୍ଶନ ଦେବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ମନ୍ତ୍ର ଦେଇଥିଲେ ଯେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସେମାନଙ୍କୁ ବନ୍ଦ କୋଠରୀରେ ସୀମିତ ରଖିବା ଉଚିତ୍ ନୁହେଁ। ସେ ନେତୃତ୍ୱ ବିଷୟରେ ବହୁତ ଭଲ ପରାମର୍ଶ ମଧ୍ୟ ଦେଇଥିଲେ। ଏଥିପାଇଁ, ଦଳଗତ କାର୍ଯ୍ୟ, ଧୈର୍ଯ୍ୟ ଏବଂ ବିଶ୍ୱାସ ବହୁତ ଗୁରୁତ୍ୱପୂର୍ଣ୍ଣ।

ପ୍ରଧାନମନ୍ତ୍ରୀ ସର୍ବଦା ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ଏହା ମଧ୍ୟ କୁହାଯାଏ ଯେ 'ପ୍ରଥମ ସୁଖ ହେଉଛି ଏକ ସୁସ୍ଥ ଶରୀର'। ସେ ବହୁତ ଆଗ୍ରହର ସହିତ କେବଳ ପୁଷ୍ଟି ପାଇଁ କ'ଣ ଖାଇବା ଉଚିତ୍ ଏବଂ କ'ଣ ନୁହେଁ ତାହା ବୁଝାଇ ନଥିଲେ ବରଂ କିପରି ଖାଇବା ଉଚିତ୍, କେତେବେଳେ ଖାଇବା ଉଚିତ୍ ଏବଂ ସ୍ୱାସ୍ଥ୍ୟ ପାଇଁ ନିଦର ଗୁରୁତ୍ୱ ବିଷୟରେ ମଧ୍ୟ ବୁଝାଇଥିଲେ। ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ପୂର୍ବରୁ ଖାଦ୍ୟ ଖାଇବା, ବତିଶ ଥର ଖାଦ୍ୟ ଚୋବାଇ ଖାଇବା ଏବଂ ଏସବୁ କିପରି ଆମ ସଂସ୍କୃତି ସହିତ ଜଡିତ; ପ୍ରଧାନମନ୍ତ୍ରୀ ଏପରି ଅନେକ ଉପଯୋଗୀ କଥା ଅତି ସରଳ ଉପାୟରେ ବୁଝାଇଥିଲେ। 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଯୁକ୍ତିବିଦ୍ୟା ପ୍ରତି ପ୍ରେମ ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ବିଶ୍ୱର ଗତି ସହିତ ତାଳ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କ ସହିତ ଶିକ୍ଷକ ଏବଂ ଅଭିଭାବକମାନେ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ସହିତ ଭଲ ଭାବରେ ପରିଚିତ ହେବା ଆବଶ୍ୟକ। ନୂତନ ପିଢ଼ି ଉପରେ(ପିପିସି)କାର୍ଯ୍ୟକ୍ରମର ସକାରାତ୍ମକ ପ୍ରଭାବ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଏହି କାରଣରୁ ଏହି କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନର ରୂପ ନେଉଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପାଇଁ ୫ କୋଟିରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ପଞ୍ଜୀକରଣ ଏହାର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି। ଯଦି ଦୂରଦର୍ଶନ, ରେଡିଓ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଲୋକଙ୍କ ସଂଖ୍ୟା ଏଥିରେ ଯୋଡାଯାଏ, ତେବେ କାର୍ଯ୍ୟକ୍ରମର ପରିସର ବହୁତ ବ୍ୟାପକ ହୋଇଯିବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରଣିତ କରିବାର ଲକ୍ଷ୍ୟ ହାସଲ ନୂତନ ପିଢ଼ିର ଏକ ବଡ଼ ଭୂମିକା ରହିଛି, ଏବଂ ଏହି କାର୍ଯ୍ୟକ୍ରମ ଏଥିପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଛି।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତିବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୯ ଫେବୃଆରୀ (ଫେବୃଆରୀ ଦ୍ୱିତୀୟ ରବିବାର) ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମରେ ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରି। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟମାନଙ୍କ ପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା'ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତା'ର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡ଼ିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ସଂକ୍ରମଣର ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରି। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବା ପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପା-ମା' ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବା ସହ ନୂଆ ଜୀବନଯାପନ କରିପାରିବ।

# ଆପେ ବଞ୍ଚିଲେ ବାପର ନାଁ



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

'ଆଲୋ ସଖି ! ଆପଣା ମହତ ଆପେ ରଖି।' ଏହି ଲୋକବାଣୀଟି ଆମ ଗାଁ ଗହଳି ସାମାଜିକ ଜୀବନରେ ଅତି ସହଜ ଭାବରେ ଗୃହୀତ ହୋଇ ଚଳି ଆସିଛି। ଏହି କଥାଟି ସମାଜ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ମଧ୍ୟ। ଓଡ଼ିଆଙ୍କ ଜାତୀୟ ଜୀବନର ପ୍ରବୃଦ୍ଧି ଓ ପରିପୁଷ୍ଟତା ପାଇଁ କେଉଁ ପରିପ୍ରେକ୍ଷୀରେ କୁଳବୃଦ୍ଧ ମଧୁସୂଦନ ଦାସ ଏହି କଥାଟି କହି ପ୍ରତ୍ୟେକ ଓଡ଼ିଶାବାସୀ ଏବଂ ଓଡ଼ିଆ ଭାଷୀ ଜନ ମନରେ ଏକ ପ୍ରେରଣା ଦାୟୀ ଭାବାନ୍ତର ସୃଷ୍ଟି କରିବାକୁ ଚାହିଁଥିଲେ, ତାହା ହୃଦୟଙ୍ଗମ କରିବା କଥା। ଓଡ଼ିଆ ଅସ୍ମିତା ପ୍ରତି ସଜାଗ ରହିବାକୁ ପରାମର୍ଶ ଦେବାର ଉପକ୍ରମ କରିଥିଲେ। ଆମର ମାଆ, ମାଟି, ମାତୃଭାଷା ଆମ ପାଇଁ ମହାନ୍। ସେଇ ମହନତାର ଅଧିକାରୀ ହେବାକୁ ହେଲେ ନିଜେ ନିଜେ ସଚେତନ ରହିବା ଅତ୍ୟନ୍ତ ଜରୁରି ବୋଲି ଏଥିରୁ ସୂଚନା ମିଳୁଛି। ଜାତୀୟ ସ୍ୱାଭିମାନର ବାର୍ତ୍ତା ଏହି ପୁରାତନ ଲୋକବାଣୀରୁ ସୁସ୍ପଷ୍ଟ।

ଗୁରୁଜନମାନେ ଯେଉଁ ମାର୍ଗରେ ଯାଆନ୍ତି, ପଥ ନିର୍ଦ୍ଦେଶ କରନ୍ତି, ତାହା ହିଁ ସମସ୍ତଙ୍କ ପାଇଁ ଅନୁକରଣୀୟ ହୋଇଥାଏ। ସେହି ନ୍ୟାୟରେ ସାଥୀ / ସଖୀମାନଙ୍କୁ ନିଜ ମହତ୍ୱାକାଂକ୍ଷା ନିଜେ ହିଁ ପ୍ରତିପାଦନ କରିବାକୁ ଏହି ଓଡ଼ିଆ ଲୋକବାଣୀ /ପ୍ରବାଦ ପ୍ରଚଳିତ ହୋଇଥିବା ଅନୁମେୟ।

ଜାଗୃତିର ବାର୍ତ୍ତା ବହନ କରୁଥିବା ଅଥବା ମଣିଷ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରୁଥିବା ଏଭଳି ଶିକ୍ଷଣୀୟ ଲୋକବାଣୀ ଉପରାନ୍ତେ ଆଉ ଏକ ପ୍ରାଚୀନ ପ୍ରବାଦ ମଧ୍ୟ ଆମ ଦୈନନ୍ଦିନ ଜୀବନକୁ ଆନ୍ଦୋଳିତ କରୁଥିବା ଲକ୍ଷ୍ୟ କରାଯାଇପାରେ। ତାହା ହେଲା - 'ଆପେ ବଞ୍ଚିଲେ ବାପର ନାଆଁ।'

ଏହା ଯଦିଓ ଉପର ବର୍ଣ୍ଣିତ ଲୋକବାଣୀ ( ଆଲୋ ସଖି, ଆପଣା ମହତ ଆପେ ରଖି) ଅନୁରୂପ ଢଙ୍ଗରେ ଆଉ ଏକ ସାମାଜିକ ନୀତିଶିକ୍ଷା ବୋଲି ଲୋକ ମୁଖରେ ପ୍ରଚଳିତ ହୋଇଥିଲା, କିନ୍ତୁ, ସ୍ଥାନ, କାଳ ଓ ପାତ୍ର ପ୍ରଭେଦରେ ଏହାର ଅନ୍ୟ କିଛି ଅର୍ଥ ସର୍ବସାଧାରଣରେ ଆଲୋଚନା ହୁଏ; ଯେଉଁଥିରେ ସକାରାତ୍ମକ ଅନୁକୂଳ ସନ୍ଦେଶ ପରିବର୍ତ୍ତେ ଆପଣା ସ୍ୱାର୍ଥର ଏକ ପ୍ରଚ୍ଛନ୍ନ ପ୍ରଚେଷ୍ଟା ନିହିତ ଥିବା ଲକ୍ଷ୍ୟ କରାଯାଇପାରେ। କେହି କେହି ସ୍ୱାର୍ଥକୈନ୍ଦ୍ରିକ ବ୍ୟକ୍ତି ବିଶେଷ 'ଆପେ ବଞ୍ଚିଲେ ବାପର ନାଆଁ' ପ୍ରବାଦଟିର ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯାଆନ୍ତି। ଅର୍ଥାତ୍ - ନିଜ ପିତା କିମ୍ବା ପିତୃ ପୁରୁଷଙ୍କ ନାମ ମର୍ଯ୍ୟାଦା ରଖିବାକୁ ହେଲେ ନିଜକୁ ସାର୍ଥକ ଜୀବନ ନେଇ ବଞ୍ଚାଇ ରଖିବା ଆବଶ୍ୟକ। ମଧୁବାବୁ ଲେଖିଥିଲେ- 'ତୋ ପୂର୍ବ ପୁରୁଷ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ....।' ଏହି କ୍ରମରେ ପୂର୍ବଜ ପିତୃପୁରୁଷମାନଙ୍କ ଅର୍ଜିତ ପଦ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବାର କର୍ତ୍ତବ୍ୟବୋଧ ଅନେକାଂଶରେ ଆପଣାର ମହତ ଆପେ ରକ୍ଷା କରିବା ସହିତ ସମାନ।

ହେଲେ, ସାମ୍ପ୍ରତିକ କାଳରେ ପ୍ରାଚୀନ କାଳରୁ ପ୍ରଚଳିତ 'ଆପେ ବଞ୍ଚିଲେ ବାପର ନାଆଁ' ଶୀର୍ଷକ ମହାନ୍ ପ୍ରବାଦଟି କେବେ କେବେ ସ୍ୱାର୍ଥାନ୍ଧ ମଣିଷ ପାଖରେ ତାହାର ବାସ୍ତବ ମୂଲ୍ୟବୋଧ ହରାଇ ବସୁଛି। ସ୍ୱାର୍ଥବାଦୀ ମଣିଷ ଏହାର ଭିନ୍ନ ଅର୍ଥ ପ୍ରକଟ କରିବାକୁ ପଶ୍ଚାଦ୍ ପଦ ହେଉନାହିଁ। ସତେ ଯେମିତି, ବାପାଙ୍କର ନାମ ରଖିବାକୁ ହେଲେ ନିଜ ସ୍ୱାର୍ଥ ନେଇ ବଞ୍ଚିବା ଦରକାର। ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜୀବନ ନିର୍ବାହ କଲେ ବାପାଙ୍କ ନାମ, ଯଶ ମାଟିରେ ମିଶିଯିବ ବୋଲି ସେମାନେ ପ୍ରତ୍ୟୟ ସୃଷ୍ଟି କରନ୍ତି।

ସତ କହିବାକୁ ଗଲେ ସ୍ୱାର୍ଥଲିପ୍ସୁ ମଣିଷ ପାଖରେ ପିତାମାତା, କୁଳ ମର୍ଯ୍ୟାଦା ମୂଲ୍ୟହୀନ। ନିଜ ସ୍ୱାର୍ଥ ସହିତ ଜୀବନ ଜିଇଁବା ହେଉଛି ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

ଆମ ସାମାଜିକ ଚଳନି/ସଂହତିରେ ଏବେ ଆଉ ପୂର୍ବପରି ଯୌଥ ପରିବାରର ମହତ୍ୱ ଉପଲବ୍ଧ ହେଉନାହିଁ, କହିଲେ ଚଳେ। ପିତା-ମାତା, ଗୁରୁଜନଙ୍କୁ ଛାଡି ନିଜ ସ୍ତ୍ରୀ-ସନ୍ତାନଙ୍କ ସହ ବସବାସ କରିବାକୁ ଅଧିକ ପସନ୍ଦ କରୁଛନ୍ତି ଲୋକେ। ଏପରିକି, ପ୍ରବାସୀ ହୋଇ ନିଜ ସଂସ୍କୃତିକୁ ପାସୋରି ଦେବା ଏକ ଆଧୁନିକ ଜୀବନଶୈଳୀ ବୋଲି ବିବେଚିତ ହୋଇଗଲାଣି। ସାମାଜିକ ଜୀବନରେ ଏକତ୍ର ସହାବସ୍ଥାନ ଏବେ ସାତ ସପନ, ଏକଥା ସମସ୍ତେ ସ୍ୱୀକାର କରନ୍ତି। ସାହାଯ୍ୟ, ସହଯୋଗ, ସହାନୁଭୂତି ବଦଳରେ ଭାଇ, ବନ୍ଧୁ, ସାହି ପଡିଶାଙ୍କ ସୁଖ ଦୁଃଖରେ ଅଂଶୀଦାର ହେବା ଖୁବ୍ କ୍ୱଚିତ୍ ଦେଖାଯାଉଛି। ସବୁରି ମୂଳରେ ସେଇ ଗୋଟିଏ କଥା: ଆପେ ବଞ୍ଚିଲେ ବାପର ନାଆଁ। ଇଏ କ'ଣ ମାନବିକତା ? ଏହା କ'ଣ ଆମ ଆଦର୍ଶ ସଂସ୍କୃତି ? କୁଆଡେ ଗଲା ତ୍ୟାଗ ଓ ତିତିକ୍ଷା ?

ସାମାଜିକ ସ୍ତରରେ କେବଳ ନୁହେଁ, ବରଂ ରାଜନୈତିକ କ୍ଷେତ୍ରରେ ଓ ବୃତ୍ତିଗତ ଜୀବନରେ ମଧ୍ୟ ଏଭଳି ଆଦର୍ଶ ଅନୁଚିନ୍ତା ଭରା ଲୋକବାଣୀକୁ ଭିନ୍ନ ଅର୍ଥରେ ଉପଯୋଗ କରି ସଂପ୍ରତି ମଣିଷ ଆତ୍ମ କେନ୍ଦ୍ରିକ ହୋଇଯାଉଛି। ସମାଜ ଜୀବନ କଳୁଷିତ ହେବାରେ ଲାଗିଛି। ଘୃଣ୍ୟ ରାଜନୀତିର ପଶାପାଲିରେ ନିଜ ଗୋଟି ଚାଳନା କରି ନିଜେ ଆଗକୁ ଯିବାର ନିଶାରେ ନିଜ ପିତାମାତା, ଭାଇ ବନ୍ଧୁ, କୁଟୁମ୍ବ ତଥା ଆତ୍ମୀୟ ସ୍ୱଜନଙ୍କୁ ବଳି ଦେବାକୁ କେହି ପ୍ରୟାସ ରଖୁଛି ତ, ବୃତ୍ତିଗତ ଜୀବନରେ ଅବା କେହି ଅପରର ଗୋଡ଼ ପଛକୁ ଟାଣି ନିଜ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଇ ଚାଲିଛି। କେହି ଅବା ଅସାଧୁ, ଅନୈତିକ ଉପାୟରେ ଧନସମ୍ପତ୍ତି ଠୁଳ କରିପାରିଲେ ସ୍ୱାଚ୍ଛନ୍ଦ୍ୟ ଜୀବନ ବିତାଇ ହେବ ଏବଂ ତଦ୍ଦ୍ୱାରା ନିଜର ପିତାମାତା ଅବା ବଂଶର ନାମୋଜ୍ଜ୍ୱଳ ହୋଇପାରିବ ବୋଲି ବଦ୍ଧମୂଳ ଧାରଣା ସୃଷ୍ଟି କରିଚାଲିଛି। ସାମୂହିକ ହେଉ କି ବ୍ୟକ୍ତିଗତ, ସମସ୍ୟା ବହୁଳ ଜୀବନରେ/କୌଣସି ପ୍ରମାଦପୂର୍ଣ୍ଣ ପରିବେଶରେ କେହି କାହାକୁ ସାହାଯ୍ୟର ହାତ ବଢ଼ାଇବା ଦୂରର କଥା, କେମିତି ନିଜକୁ ସେଥିରୁ ମୁକ୍ତ ରଖି ସୁରକ୍ଷିତ ରହିବା ହେଉଛି ଆଜିକାଲି ବ୍ୟସ୍ତ ମଣିଷର ବାସ୍ତବ ସ୍ୱଭାବ। ଶକ୍ତି କିମ୍ବା ବୁଦ୍ଧି ବଳରେ ସାମୂହିକ ସମସ୍ୟା ସମାଧାନ ସହିତ ବିପଦ ଟାଳିବାର ମାନସିକତା ହଜିଗଲାଣି ଯେମିତି। ବିବଦମାନ ପରିସ୍ଥିତିରୁ ମୁଣ୍ଡ ଖସାଇ ଜଞ୍ଜାଳରେ ସଂଶ୍ଳିଷ୍ଟ ନହେବା ଅନେକ ଲୋକଙ୍କ ପସନ୍ଦ ହେଲାଣି।

ଏମିତି ବହୁ କ୍ଷେତ୍ରରେ ସ୍ୱାର୍ଥ ସର୍ବସ୍ୱ ମଣିଷମାନେ 'ଆପେ ବଞ୍ଚିଲେ ବାପର ନାଆଁ' ପ୍ରବାଦର ନକାରାତ୍ମକ ଅର୍ଥ ବାହାର କରି ନିଜ ଜୀବନଶୈଳୀକୁ ଭିନ୍ନ ମାର୍ଗରେ ପରିଚାଳିତ କରି ଚାଲିଛନ୍ତି। ଏହାଦ୍ୱାରା ସଭ୍ୟ ଉନ୍ନତ ସମାଜ ଗଠନ ଅସମ୍ଭବ ମନେ ହେଉଛି। ଏମିତି ବିଡ଼ମ୍ବିତ ଅଧ୍ୟାୟର ଅନ୍ତଃ କେବେ ହେବ, କହିବା ମୁସ୍କିଲ୍।



ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଅବୈଧ ଭାବେ ପ୍ରବେଶ କରି ଏକ ମୂଷ ହରିଣ ଶିକାର କରିବା ଅଭିଯୋଗରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ବନବିଭାଗ ଦ୍ୱାରା ମାମଲା ରୁଜୁ କରି ତାଙ୍କୁ ବାରିପଦା ସି.ଜେ.ଏମ୍ ଅଦାଲତରେ ହାଜର କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ, ବୁଢିଆ ହେମ୍ବ୍ରମ, ରଥ ସିଂହ, ବଉଳା ସିଂହ, ମିଥୁନ ହେମ୍ବ୍ରମ, ଲକ୍ଷ୍ମଣ ସୋରନ୍, ପ୍ରଧାନ ସୋରେନ ହୋଇଥିବା ବେଳେ, ଗିରଫ ଅଭିଯୁକ୍ତ ମାନେ ସମସ୍ତେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଗିରଫ ସମୟରେ ଅଭିଯୁକ୍ତମାନଙ୍କ ଠାରୁ ୩ଟି ହସ୍ତନିର୍ମିତ ଗନ୍ ଏବଂ ୧ଟି ଫନ୍ଦା ଜବତ କରାଯାଇଛି। ଏହି ଅପରାଧୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ଏହି ଅସ୍ତ୍ର ଓ ଫନ୍ଦା ବ୍ୟବହାର କରୁଥିଲେ ବୋଲି ବନବିଭାଗ ଉଲ୍ଲେଖ କରିଛି। ଶିମିଳିପାଳ ଅଭୟାରଣ୍ୟ ଏକ ସଂରକ୍ଷିତ କ୍ଷେତ୍ର, ଯେଉଁଠି ଅବୈଧ ପ୍ରବେଶ କରିବା ଏବଂ ବନ୍ୟପ୍ରାଣୀ ଶିକାର ଗମ୍ଭୀର ଅପରାଧ।

# ବାଲଂଦେଶୀ ନିମାପଡାରେ ବଢାଉଛନ୍ତି ସମସ୍ୟା



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଚିନ୍ତା ବଢାଇଛନ୍ତି ବାଂଲାଦେଶୀ। ରାତ୍ର ଅଧରେ ବାଲଂଦେଶୀମାନେ ବିଭିନ୍ନ ଅଞ୍ଚଳରେ ସନ୍ଦିଗ୍ଧ ଭାବେ ବୁଲୁଥିବା ବେଳେ ସେମାନଙ୍କର କାହା ସହିତ ଲିଙ୍କ ରହିଛି, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ କେତେକ ବାଲଂଦେଶୀ ମହିଳା ମୁହଁରେ କଳା ରୁମାଲୁ ଗୁଡାଇ ସନ୍ଦିଗ୍ଧ ଭାବେ ଦିନ ରାତି ବୁଲୁଛନ୍ତି। ନିମାପଡ଼ା ଗୋଲେଇ ଛକ ଠାରେ ଜଣେ ବ୍ୟକ୍ତି ବାଲଂାଦେଶୀମାନଙ୍କୁ ଜାଗା ଦେଇଥିବାରୁ ବାଲଂାଦେଶୀମାନେ ଏକ ବିରାଟ ବସ୍ତି କରି ଏଠାରେ ରହୁଥିବା ବେଳେ ପ୍ରତ୍ୟେକ ଦିନ ଏହି ବସ୍ତିରେ ଅନୈତିକ କାର୍ଯ୍ୟ ସାଙ୍ଗକୁ ଧଳାଜହର କାରବାର ବଢ଼ିଚାଲିଛି। ନିମାପଡ଼ା ମହିଳା ବିଦ୍ୟାଳୟ ପଛପଟେ ଥିବା ରେଣ୍ଠା ପୋଖରୀ ଚାରିପଟେ ଅନେକ ବାଲଂାଦେଶୀ ଆତ୍ମଗୋପନ କରି ରହିଛନ୍ତି । ଦିନଯାକ ଘରେ ରହୁଥିବା ବେଳେ ରାତ୍ର ୧୦ଟା ପରେ ଏମାନେ ବୁଲାଚଲା କରିବା ଫଳରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଅଞ୍ଚଳରେ ଅନେକ ବାଲଂାଦେଶୀ ଆସ୍ଥାନ ଜମାଇ ରହିଥିବା ବେଳେ ଏହି ବାଲାଂଦେଶୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ରାହାଜାନୀ ଠାରୁ ଆରମ୍ଭ କରି ଡକାୟତି ପର୍ଯ୍ୟନ୍ତ ବାଲାଂଦେଶୀ ସମ୍ପୃକ୍ତ ଥିବାବେଳେ କେତେକ ଓଡିଆଙ୍କୁ ଚୋରି, ଡକାୟତିରେ ସାମିଲ କରିବା ସହ ଧଳାଜହର ବ୍ୟବସାୟରେ ସ୍ଥାନୀୟ ଲୋକମାନଙ୍କୁ ଉସୁକାଉଛନ୍ତି। ଏହି ବାଲଂାଦେଶୀମାନଙ୍କ କେଉଁ ଦେଶ କିମ୍ବା କାହା ସହିତ ଲିଙ୍କ ରହିଛି, ପ୍ରଶାସନ ଚଢାଉ କରି ସେମାନଙ୍କ ମୋବାଇଲକୁ ଯାଞ୍ଚ କଲେ ଗୁମର ଜଣାପଡିବ ବୋଲି କୁହାଯାଉଛି । ଅନେକ ବାଲାଂଦେଶୀ ମିସ୍ତ୍ରୀ କାମ କରିବା ଲାଗି ଅନେକ କଲୋନୀର ରହୁଛନ୍ତି। ବାଲାଂଦେଶୀ ହଟାଅ ନାରା ଚାଲିଥିବା ବେଳେ ପ୍ରଶାସନ ଏମାନଙ୍କ ପ୍ରତି କଣ ପାଇଁ ଅନୁଦାନ ଦେଖାଉଛି ସେଥିପାଇଁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ଗୋଲେଇଛକ ଠାରେ ବାଲାଂଦେଶୀ ବିରାଟ ବସ୍ତି କରି ରହୁଥିବା ବେଳେ ଜୈନିକ ବ୍ୟକ୍ତି ସେମାନଙ୍କୁ ଜାଗା ଦେଇ ବେଶ୍‌ହାତ ଚିକ୍କଣ କରୁଛନ୍ତି। ଖାଲି ଜମିରେ ବାଲାଂଦେଶୀ ମାନେ ରହି କ'ଣ ପାଇଁ ଘରଭନା ଦେଉଛନ୍ତି ବସ୍ତି ଭିତରେ କ'ଣ ଚାଲିଛି, ତାହା ସନ୍ଦେହ ପ୍ରକଟ କରିଛି । ନିମାପଡ଼ା ରେଣ୍ଠା ପୋଖରୀ ହୁଡାରେ ଅନେକ ବାଲାଂଦେଶୀ ଆତ୍ମଗୋପନ କରି ରହୁଛନ୍ତି। କଲୋନୀମାନଙ୍କରେ ମଧ୍ୟ କେତେକ ବ୍ୟକ୍ତି ବଂଲାଂଦେଶୀମାନଙ୍କୁ ଅଧିକା ଦାମ୍‌ରେ ଘରଭଡା ଦେଇଛନ୍ତି। ଅନେକ ହୋଟେଲ ଓ ସାଉଥ ଇଣ୍ଡିଆନରେ ବାଲାଂଦେଶୀ କାର୍ଯ୍ୟ କରୁଥିବା ନଜରକୁ ଆସିଛି। ବାଲାଂଦେଶୀ ପୁରୁଷ ଓ ମହିଳାମାନେ ସନ୍ଦିଗ୍ଧ ଭାବେ ରାତିରେ ମୁହଁରେ କଳାକପଡା ଲଗାଇ ବୁଲୁଥିବାରୁ ତହସିଲଦାରଙ୍କ ଦ୍ୱାରା କିଛି ସର୍ଭେ କରାଯାଇଥିଲେ ମଧ କ'ଣ ପାଇଁ ବାଲଂାଦେଶୀଙ୍କୁ ନିମାପଡାରୁ ହଟାଯାଉ ନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ମହାବିଦ୍ୟାଳୟରେ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ମହିଳା ଆୟୋଗ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ମିଳିତ ସହଯୋଗରେ ଶନିବାର ଦିନ ଆୟୋଜିତ ହୋଇଯାଇଛି। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ, ଶିଶୁ ବିକାଶ ଅଧିକାରିଣୀ ଧନେଶ୍ୱରୀ ନାୟକ, ସାକ୍ଷୀ କେନ୍ଦ୍ରର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମଲ୍ଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦୀପ ଲେଡ଼ିଜ କ୍ଲବ୍‌ର ଉପଦେଷ୍ଟା ପ୍ରୀତି ଆରତୀ ପରିଜା ଓ ଅଧିକାରୀ ତପନ ଗୋଛାୟତ ମହିଳା ମାନଙ୍କର ଅଧିକାର ଆଇନ ଓ ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରିଣୀ ଆରତୀ ଆଚାର୍ଯ୍ୟ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରକୃତ ସଚେତନତା ସେତେବେଳେ ହେବ ଯେତେବେଳେ ଜଣେ ନାରୀ ନିଜ ଅଧିକାରକୁ ହାସଲ କରିବାରେ ସଫଳ ହେବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଏବଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ରାଉତ ଉପସ୍ଥାପନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ବିଜୟଲକ୍ଷ୍ମୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ଥାନୀୟ ଏନଜିଓ, ୱାନ ଷ୍ଟପ ସେଣ୍ଟର କର୍ମକର୍ତ୍ତା, ବିଭିନ୍ନ ଏସଏଚଜି ଗ୍ରୁପ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସମାଜ ମଙ୍ଗଳ ବିଭାଗର କର୍ମକର୍ତ୍ତା ପ୍ରମୁଖ ବହୁ ସଂଖ୍ୟାରେ ଯୋଗଦେଇ ଏହି ବ୍ଲକ୍ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଶିଶୁଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ନିମନ୍ତେ ପ୍ରଶିକ୍ଷଣ




ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଆୟୋଜିତ ଦ୍ୱିତୀୟ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପୋଲିସ ସଭାଗୃହ ପରିସରରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ଭାରପ୍ରାପ୍ତ ଅଧକ୍ଷ ସତ୍ୟ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ପରିଚାଳନାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବିଷୟ ବିଶାରଦ ଭାବେ ସଂଯୋଗ, କଟକର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ, ଜନ ଶିକ୍ଷଣ ସଂସ୍ଥାନର ସଂଯୋଜକ ମିଲୁ ମହାନ୍ତି, ଜିଲ୍ଲା କର୍ମନିଯୋଜକ ସଂସ୍ଥାରୁ ଭିନିତ୍ ଶେଖର ଓ ପରାମର୍ଶଦାତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ। କର୍ମଶାଳାରେ ଶିଶୁମାନଙ୍କୁ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଅଣ-ଆନୁଷ୍ଠାନିକ ସେବା ଅର୍ନ୍ତଭୁକ୍ତ ବିଭିନ୍ନ ଯୋଜନାରେ ସାମିଲ କରି ତାଙ୍କୁ ଥଇଥାନ କରିବା ଦିଗରେ ଚେଷ୍ଟିତ ହେବାକୁ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଓ ବୈଷୟିକ ଶିକ୍ଷା ନିମନ୍ତେ ଶିଶୁମାନଙ୍କୁ ସୁଯୋଗ ସୃଷ୍ଟିକରିବା ଉଚିତ ବୋଲି ପ୍ରମୁଖ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରତ୍ୟେକ ଶିଶୁ ଆତ୍ମନିର୍ଭରଶୀଳ ହେବା ସହ କୌଶଳ ଜ୍ଞାନ ଆହୋରଣ କରିବା ଉଚିତ ବୋଲି କର୍ମଶାଳରେ ଆଲୋକପାତ କରାଯିବା ସହ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଅଂଶୀଦାର ସମୂହଙ୍କୁ ଅବଗତ କରାଯାଇ ଥିଲା। କର୍ମଶାଳାରେ ଶିଶୁମଙ୍ଗଳ ସମିତି ସମେତ ସମସ୍ତ ଥାନାରେ କାର୍ଯ୍ୟରତ ମହିଳା ଶିଶୁ ଡେସ୍କ ଅଫିସର, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ ଲାଇନର କର୍ମକର୍ତ୍ତା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପାରା ଲିଗାଲ କର୍ମୀ, ପ୍ୟାନେଲ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ସୁରକ୍ଷାର ଅଣ-ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍‌ଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଲବଣସତ୍ୟାଗ୍ରହ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠରେ ଶନିବାର ଦିନ ଚତୃଦଶ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉଚ୍ଚବିଦ୍ୟାଳୟ ସ୍ତରୀୟ ସମ୍ମିଳନୀରେ ମୁଖ୍ୟଅତିଥି ସମ୍ମିଳନୀର ଆଭିମୁଖ୍ୟ, ଶିକ୍ଷକମାନଙ୍କର ସାମାଜିକ ଦାୟିତ୍ୱବୋଧ, ବିଦ୍ୟାଳୟର ଶୈକ୍ଷିକ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱ, ଅପାର ଆଇଡି ଏବଂ ୟୁଡାଇମ୍ ତଥ୍ୟ ଅପଡେଟ, ଉତ୍କର୍ଷ, ଗଣିତରେ ଅଭିବୃଦ୍ଧି ପାଇଁ ପଦକ୍ଷେପ, ପ୍ରାକ୍ତନ ଛାତ୍ର ସଂଯୋଗ କାର୍ଯ୍ୟକ୍ରମ, ପଞ୍ଚଶଖା ସେତୁ ସଂଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪, ଆକାଂକ୍ଷା ପାଠ୍ୟକ୍ରମର ରିପୋର୍ଟିଂ ଉପରେ ଆଲୋଚନା, ଏସଆଇଓଏସ ବିଦ୍ୟାଳୟ ବାହାରେ ପିଲାଙ୍କ ନାମଲେଖା ସହ ଶିକ୍ଷକଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ସହ ମଣ୍ଡଳଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ଜିଲ୍ଲା ନୋଡାଲ ଅଧିକାରୀ ଲିଙ୍ଗରାଜ ପରିଡା, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡା, ଐଶାନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ସନ୍ତୋଷ କୁମାର ପରିଡା, ସୁଧୀର କୁମାର ପ୍ରଧାନ, ବିଷ୍ଣୁଚରଣ ବେହେରା, କାମଦେବ ପ୍ରଧାନ, ସହ ଲବଣସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ କୁହୁଡି ପ୍ରଧାନଶିକ୍ଷକ ତରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ସମୟରେ ବିଦ୍ୟାଳୟ ମାନଙ୍କରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟଗୁଡିକର କିଭଳି ଶୈକ୍ଷିକ, ପରିବେଶ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଏବଂ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ପ୍ରଧାନଶିକ୍ଷକ ମାନଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଆଲୋଚନାରେ ଅସ୍ତରଙ୍ଗ ବ୍ଲକର ୨୨ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଂଶ ଗ୍ରହଣ କରିଥିଲେ ଏହା ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦିବାକର ଲେଙ୍କା, ଭୋଳାନାଥ ସ୍ୱାଇଁ, ଅର୍ଜୁନ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୩୧୫ ଲିଟର ଦେଶୀମଦ ଜବତ, ଜଣେ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ତାରାସିଂ ଥାନା ଅଧିନ କୁଡୁତାଇ ଗ୍ରାମନିକଟ ଏକ କାଜୁ ବଗିଚା ଭିତରେ ଦିର୍ଘଦିନ ହେଲା ଲୁଚା ଛପାରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିଲେ। ଏ ସମ୍ବନ୍ଧରେ କୌଣସି ସୂତ୍ରରୁ ଖବର ପାଇ ତାରାସିଂ ପୋଲିସ ଶନିବାର ଦିନ ଚଢାଉ କରି ଆସାମୀ ନାରାୟଣ ଦଳେଇଙ୍କୁ ନିଜ ଗ୍ରାମ ସୁତୁମ୍ଶରରୁ ଗିରଫ କରିବା ସହ ତା' ଠାରୁ ୩୧୫ ଲିଟର ଦେଶୀମଦ ଓ ୧ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରିବା ସହ



କିଛି ପିଇବା ପ୍ଲାଷ୍ଟିକ ଗ୍ଲାସ୍ ମଧ୍ୟ ଜବତ କରିଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ତାରସିଂ ଥାନାରେ କେସନଂ ୮୧/୨୫ରେ ମାମଲା ଏକ ମାମଲା ରୁଜୁ କରି ଅପରାଧୀଙ୍କୁ କୋର୍ଟଚାଲଣ କରାଯାଇଥିବା ଥାନାଧିକାରୀ ଶବର ସୂଚନା ଦେଇଛନ୍ତି।

# ଓଡ଼ିଶା ଖେଳାଳିଙ୍କ ଜାତୀୟ କ୍ରୀଡ଼ାରେ ସର୍ବୋତ୍ତମ ଦୌଡ଼କୁଦ ପ୍ରଦର୍ଶନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଉତ୍ତରାଖଣ୍ଡରେ ୨୦୨୫ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଖେଳାଳିମାନେ ଦୌଡ଼କୁଦରେ ଉତ୍କୃଷ୍ଟ ପ୍ରଦର୍ଶନ କରି ୫ଟି ପଦକ ଅର୍ଜନ କରିଛନ୍ତି ଯେଉଁଥିରେ ଚାରୋଟି ସ୍ୱର୍ଣ୍ଣ ଏବଂ ଏକ ରୌପ୍ୟ ପଦକ ରହିଛି । ଏହା ଓଡ଼ିଶାର ଜାତୀୟ କ୍ରୀଡ଼ାରେ କୌଣସି ଏକ ସଂସ୍କରଣରେ ସର୍ବୋତ୍ତମ ଦୌଡ଼କୁଦ ପ୍ରଦର୍ଶନ। ଅନିମେଷ କୁଜୁର ତିନୋଟି ସ୍ୱର୍ଣ୍ଣ ପଦକ ଜିତି ମେଡାଲ ତାଲିକାରେ ଅଗ୍ରଣୀ ଥିଲେ, ଯାହା ମଧ୍ୟରେ ୧୦୦ ମିଟର ଏବଂ ୨୦୦ ମିଟରରେ ଏକ ରେକର୍ଡ-ଭାଙ୍ଗିବା ସ୍ପ୍ରିଂଟ୍ ଡବଲ୍ ଏବଂ ୪ଘ୧୦୦ ମିଟର ରିଲେରେ ଡି.ଏମ. ଜୟରାମ, ଲାଲୁ ଭୋଇ, ଏବଂ ଅମିୟ କୁମାର ମଲ୍ଲିକଙ୍କ ସହିତ ବିଜୟ ଅନ୍ତର୍ଭୁକ୍ତ। ଅନିମେଷ ୧୦୦ମିଟରରେ ୧୦.୨୮ ସେକେଣ୍ଡ ସମୟ ସହିତ ଏକ ନୂତନ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ଓଡ଼ିଶା ଦଳ ୪ଘ୧୦୦ ମିଟର ରିଲେକୁ ୩୯.୪୭ ସେକେଣ୍ଡ ସମୟରେ ପୂର୍ଣ୍ଣ କରି ଏକ ନୂତନ ମିଟ୍ ରେକର୍ଡ ସ୍ଥାପନ କରିଛି। ସେହିପରି ବାପି ହାଁସଦା ୪୦୦ ମିଟରରେ ୪୬.୮୨ ସେକେଣ୍ଡର ବ୍ୟକ୍ତିଗତ ସର୍ବୋତ୍ତମ ସମୟ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ ମାର୍ଟିନ ଓୱେନ୍ସ କହିଛନ୍ତି ଯେ, 'ଏହା ଆମର ଓଡ଼ିଶାର ଖେଳାଳିମାନଙ୍କ ପାଇଁ ସବୁଠାରୁ ସଫଳ ଜାତୀୟ କ୍ରୀଡ଼ା ଥିଲା। ସ୍ୱାଧୀନ ମାଝି ପୁରୁଷ ହାଇ ଜମ୍ପ (ଉଚ୍ଚ ଡିଆଁ)ରେ ରୌପ୍ୟ ପଦକ ଜିତିଛନ୍ତି। ସ୍ୱାଧୀନ ୨.୧୧ ମିଟରର ବ୍ୟକ୍ତିଗତ ସର୍ବୋତ୍ତମ ଉଚ୍ଚତା ଅତିକ୍ରମ କରି ପୂର୍ବ ସଂସ୍କରଣରେ ଥିବା ତାଙ୍କର କାଂସ୍ୟ ପଦକକୁ ଏଥର ରୌପ୍ୟକୁ ଉନ୍ନୀତ କରିଛନ୍ତି। ଏହି ପ୍ରଭାବଶାଳୀ ପଦକ ଅର୍ଜନ ଓଡ଼ିଶାର ଖେଳାଳିମାନଙ୍କର ଅସାଧାରଣ ପ୍ରତିଭା ଏବଂ ନିଷ୍ଠାକୁ ପ୍ରତିଫଳିତ କରୁଛି ଯାହା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ହାଇ ପରଫର୍ମାନ୍ସ ସେଣ୍ଟରରେ ଓଡ଼ିଶା ସରକାରଙ୍କ ବିଶ୍ୱସ୍ତରୀୟ ସୁବିଧା ଏବଂ ସମର୍ଥନ ଦ୍ୱାରା ଜାରି ରହିଛି।

## ନିଳରକ୍ତ କଙ୍କଡ଼ାର ଉପକାରିତା ଓ ସୁରକ୍ଷାକୁ ନେଇ ସଚେତନତା ଶିବିର

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ କନିକା ରେଞ୍ଜର ତାଳଚୁଆ ସ୍ଥିତ ସୈଳେନ୍ଦ୍ରସରାଇ ବିଟ୍ ଠାରେ ନୀଳରକ୍ତ କଙ୍କଡ଼ା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସିଏଫ ମାନସରଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ନୀଳରକ୍ତ କଙ୍କଡ଼ାର କିପରି ସୁରକ୍ଷା କରାଯିବ ଏବଂ ଜାଲରେ ପଡ଼ିଲେ ଏହାକୁ ପାଣିରେ ଛାଡ଼ିବାକୁ ହେବ ସେ ନେଇ ଉପସ୍ଥିତ ଥିବା ମତ୍ସ୍ୟଜୀବୀ ଏବଂ ବୋଟ ମାଲିକମାନଙ୍କୁ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ପ୍ରତ୍ୟୁଷ କୁମାର ମହାପାତ୍ର, ବୈଜ୍ଞାନିକ ସତ୍ୟ ରଞ୍ଜନ ବେହେରା, ବୈଜ୍ଞାନିକ ପ୍ରମୁଖ ନୀଳରକ୍ତ କଙ୍କଡ଼ାକୁ ଟ୍ୟାଗିଙ୍ଗ କରାଯାଇ ତାହାର ଗତିବିଧି ଲକ୍ଷ୍ୟ କରିବା ତଥା ଏହା ଭବିଷ୍ୟତରେ କିପରି ଔଷଧୀୟ କାମରେ ଲାଗି ପାରିବ ଏହି ବିଷୟରେ ଉଲ୍ଲେଖ କରିଥିଲେ। ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ସଭା ପରିଚାଳନା କରିଥିଲେ।

# ଦି କଳିଙ୍ଗ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଗୋପ, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା, ଚରିତ୍ର ଗଠନ ଏବଂ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ଶିକ୍ଷକଶିକ୍ଷୟତ୍ରୀମାନେ ହେଉଛନ୍ତି ଏହି ମଣିଷ ତିଆରି କାରଖାନାର ଜଣେଜଣେ ସୁଦକ୍ଷ ବିନ୍ଧାଣୀ ବୋଲି ଗୋପ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ ଦି କଳିଙ୍ଗ ଫବ୍ଲିକ୍ ସ୍କୁଲର ୨୭ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନୀତ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ପୁନେଶ କୁମାର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରବୀନ୍ଦ୍ର କୁମାର ସିଂହ, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ୍ ବିଭୂତି ଭୂଷଣ ସେନାପତି, ସମାଜସେବୀ ସଚ୍ଚିଦା ନନ୍ଦ ଗୋଛାୟତ ପ୍ରମୁଖ ଯୋଗଦେଇ ବ୍ୟକ୍ତିତ୍ୱର ମୂଳପିଣ୍ଡ ହେଉଛି ଶୃଙ୍ଖଳା ଓ ଆତ୍ମବିଶ୍ୱାସ। ତେଣୁ ଆଜିର ଯୁବ ସମାଜ ଭଲ ମଣିଷ ଓ ଉତ୍ତମ ନାଗରିକ ହେବାପାଇଁ ଉତ୍ତମ ଶିକ୍ଷା ହିଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଏହି ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇ ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇ ଏହି ବିଦ୍ୟାଳୟର ନାଁ ରଖିଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସରିତା ସ୍ୱାଇଁ, ବିଦ୍ୟାଶ୍ରୀ ସୁଭାସିନୀ, ବିଦ୍ୟା ବିଭୂଷିତା ପୋଥାଳ, ଅନ୍ନପୂର୍ଣ୍ଣା ପୃଷ୍ଟି, ବିନୋଦିନୀ ପରମାଣିକ, ସୁସ୍ମିତା ଦାସ, ସୁଚିତ୍ରା ବେହେରା, ସୋନାଲି ଭୋଇ, ମିନାକ୍ଷୀ ପୃଷ୍ଟି ସହଯୋଗ ଓ ପରିଚାଳନା କରିଥିଲେ।

# ଫିଟ୍ ଇଣ୍ଡିଆ ଅଭିଯାନ ମାଧ୍ୟମରେ ସୁସ୍ଥତାର ବାର୍ତ୍ତା




ପୁରୀ, (ଭାସ୍କର ନ୍ୟୁଜ୍) : ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଓ ନିୟମିତ ଯୋଗ ପ୍ରାଣାୟମ କରିପାରିଲେ ଆମେ ସୁସ୍ଥ ଓ ନିରୋଗ ରହିପାରିବା ବୋଲି କହିଛନ୍ତି ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସେନ୍ତାଷ କୁମାର ସେଠୀ। ଶନିବାର ପୂର୍ବାହ୍ନରେ ଶ୍ରୀହରି ହୋଟେଲ ସମ୍ମୁଖ ବେଳାଭୂମି ଠାରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ସହେଯାଗରେ ଓ କଟକ ସ୍ଥିତ ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ଆନୁକୁଲ୍ୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଠୀ ଜୀବନକୁ ସୁସ୍ଥ, ନୀରୋଗ ଓ ସତେଜ ରଖିବା ସହ ମାନସିକ ଓ ଶାରୀରିକ ଶାନ୍ତି ପ୍ରଦାନ କ୍ଷେତ୍ରରେ କ୍ରୀଡ଼ା ଓ ଯୋଗର ବଡ଼ ଭୂମିକା ରହିଛି। ପ୍ରେତ୍ୟକ ଦିନକୁ ଯୋଗ ଦିବସ ଭାବେ ଜୀବନରେ ଯୋଡିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଖୋ ଖୋ କ୍ରୀଡ଼ାର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ କୁମାର ଶର୍ମା, ପାରା ଆଥେଲଟ ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ସହକାରୀ ନିର୍ଦ୍ଦେଶକ ଲକ୍ଷଣ ଡୋନଗ୍ରୀ, ଆନ୍ତର୍ଜାତିକ ପାରା କ୍ରୀଡ଼ାବିତ ଜୟନ୍ତୀ ବେହେରା, ଜାତୀୟ ଖୋଖୋ ଖେଳାଳି ମଗାଇ ମାଝୀ, ଶୁଭଶ୍ରୀ ସିଂହ ପ୍ରମୁଖ ଯୋଗ ଦେଇ ନିଜକୁ ସୁସ୍ଥ ଓ ଫିଟ୍ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ପ୍ରେତ୍ୟକ ଦିନ ମାତ୍ର କିଛି ସମୟ ନିଜକୁ ସୁସ୍ଥ ରଖିବା ପାଇଁ ବ୍ୟୟ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ସାଇର ଉପ ନିର୍ଦ୍ଦେଶକ ତ୍ରୈଲୋକ ନାଥ ସାହୁ ଏଥିରେ ଅଧକ୍ଷତା କରିବା ସହ ସମସ୍ତେ ସୁସ୍ଥ ଓ ନୀରୋଗ ରହିଲେ କେବଳ ବ୍ୟକ୍ତି ନୁହେଁ, ପରିବାର ଓ ସମଗ୍ର ସମାଜ ସୁସ୍ଥ ହେବ ଏବଂ ଅଯଥା ଖର୍ଚ୍ଚାନ୍ତ ହେବନାହିଁ ବୋଲି କହିଥିଲେ। ପରେ ଯୋଗଗୁରୁ ଡ. ଅଶୋକ କୁମାର ସ୍ୱାଇଁ, ମାଲଖମ୍ବ ଗୁରୁ ପ୍ରକାଶ କୁମାର ଗୋଛି, ନୃତ୍ୟ ଗୁରୁ କୁମାର ଭୀମେସନ ଓ ବାଲୁକା କଳା ଶିଳ୍ପୀ ସେନ୍ତାଷ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ସମ୍ପର୍କ ପରିଚାଳକ ସିଦ୍ଧାର୍ଥ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀମାନେ ଏଥିରେ ଯୋଗ ଦେଇଥିଲେ।

# ଶୋଭନୀୟ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶୋଭନୀୟ ପ୍ଲେ ସ୍କୁଲ, ପୋଖରୀପୁଟର ୨୩ ତମ ବାର୍ଷିକ ଉତ୍ସବ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଳା ମଣ୍ଡଳ ଅର୍ଥ ସାମାଜିକ କଲ୍ୟାଣ ନିୟୋଗର ସମ୍ପାଦକ ନିବେଦିତା ଶତପଥୀ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ନିବେଦିତା ଶତପଥୀ ପିଲାଙ୍କ ଉପରେ କୌଣସି ଚାପ ପ୍ରୟୋଗ ନକରି ସେମାନଙ୍କୁ ତାଙ୍କ ପସନ୍ଦର କାର୍ଯ୍ୟ କରିବାକୁ ଦେବା ଉଚିତ୍ ବୋଲି ଅଭିଭାବକମାନଙ୍କୁ କହିବା ସହିତ ସ୍କୁଲର ଉନ୍ନତି ନେଇ ଉତ୍ତରୋତ୍ତର କାମନା କରିଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ମା'ମାନଙ୍କ ଉପରେ ପ୍ଲେ ସ୍କୁଲ ଆସୁଥିବା ପିଲାମାନଙ୍କ ପ୍ରତି କିପରି ଦାୟିତ୍ୱ ରହିଛି ଏବଂ ବାପାମାନେ କିପରି ନିଜର ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ କରିବେ ତାହା କହିବା ସହିତ ବିଦ୍ୟାଳୟରେ ପିଲାଙ୍କ ପ୍ରତି ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କ କିପରି ଦାୟିତ୍ୱ ରହିଛି ତାହାଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଭାଗ୍ୟଲକ୍ଷ୍ମୀ ମହାପାତ୍ର ସ୍ୱାଗତଭାଷଣ ଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଭାଙ୍ଗି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଭା ସତରୁପା ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶିକ୍ଷୟତ୍ରୀ ସୁଜାତା ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ରତ୍ନପ୍ରଭା, ରଶ୍ମିରେଖା ଓ ଦିଲ୍ଲୀପ ମଞ୍ଚ ପରିଚାଳନା କରିଥିଲେ। ସାମ୍ବାଦିକ ଦୀପକ କୁମାର ମହାପାତ୍ର ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ, ଅଭିଭାବକ ଓ ଶିକ୍ଷୟତ୍ରୀ ମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ଅରୁନ୍ଧତୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍ ): କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟବକ୍ତା ଓ ଆଶ୍ରମର ଉପାଧ୍ୟକ୍ଷ ଡ. କାଳି ପ୍ରସନ୍ନ ଶତପଥୀ, ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ ଓ ସମାଜସେବୀ ଅର୍ଚ୍ଚନା ଗୋଏଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ବକ୍ତବ୍ୟ ରଖିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମାମାନଙ୍କ ସହିତ ଅଭିଭାବକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଚାରୀ ନୃସିଂହନାଥ ଦାସ, ରୀତାଞ୍ଜଳୀ ନାଥ, ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମସଭା ଆୟୋଜନକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଗ୍ରାମସଭା କିମ୍ବା ପଲ୍ଲୀସଭା ତାରିଖ ଧାର୍ଯ୍ୟ ହେବାର ୧୫ଦିନ ପୂର୍ବରୁ ସେହି ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମ ମୁଖିଆ, ଜନ ପ୍ରତିନିଧୀ ତଥା ଗ୍ରାମବାସୀଙ୍କୁ ନୋଟିସ କରାଯାଇଥାଏ। ଗ୍ରାମସଭାରେ ପଞ୍ଚାୟତ ଓ ଗ୍ରାମଗୁଡିକର ବିକାଶ ପାଇଁ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ କେଉଁ ଅଞ୍ଚଳରେ କ'ଣ କାମ ହେବ ତାହା ନିର୍ଦ୍ଧାରିତ କରାଯାଇଥାଏ। କିନ୍ତୁ ଜିଲ୍ଲା ସଦର ବ୍ଲକ୍‌ର ଗୌଡ଼ଗୁଡ଼ା ପଞ୍ଚାୟତରେ ଶୁକ୍ରବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିବା ବେଳେ ଅନିୟମିତତା ମଧ୍ୟରେ ହୋଇଥିବା ଗ୍ରାମ ମୁଖିଆମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ସଫଳ ରୂପାୟନ ଲାଗି ଏହି ଗ୍ରାମସଭାରେ କିଛି ଲୋକ ପ୍ରତିନିଧି ଏବଂ ମୁଷ୍ଟିମେୟ କେତେଜଣ ଲୋକଙ୍କୁ ନେଇ ଗ୍ରାମସଭା ଶେଷ ହୋଇଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ପଞ୍ଚାୟତ -ନିର୍ବାହୀ ଅଧିକାରୀ କୌଣସି ନୋଟିସ କିମ୍ବା ପ୍ରଚାର ପ୍ରସାର ନକରି ଗ୍ରାମସଭା ହେବା ପୂର୍ବଦିନ କେତେଜଣ ଲୋକଙ୍କୁ ସୂଚନା ଦେଇ ସଭା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୌଡଗୁଡା ପଞ୍ଚାୟତ ନିର୍ବାହୀ ଅଧିକାରୀ କାଞ୍ଚନ ସରକାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନାହିଁ । ତେବେ ଗୌଡଗୁଡା ସରପଞ୍ଚ ପାର୍ଣ୍ଣି ପଡିଆମି ଓ ନାଏବ ସରପଞ୍ଚ ସୁବାସ ବିଶ୍ୱାସଙ୍କ କହିବା ଅନୁସାରେ ଗ୍ରାମସଭା ସୁରୁଖୁରୁରେ ଶେଷ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି କ୍ରିୟାନୁଷ୍ଠାନ କମିଟି ସଭାପତି ଜରା ଶବର ମାଡିଙ୍କ କହିବା ଅନୁଯାୟୀ, ଗୌଡଗୁଡା ପଞ୍ଚାୟତରେ ମନମୁଖି ଶାସନ ଚାଲୁଛି। ଗ୍ରାମସଭାର ସମସ୍ତ ନୀତି ଆଦର୍ଶକୁ ଜଳାଞ୍ଜଳୀ ଦେଇ ଗ୍ରାମସଭା କରାଯିବା ଏକ ଦୁର୍ଭାଗ୍ୟଜନକ। ମୁଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ ମିଟର ଦୂରରେ ବାସ କରୁଛି। ମୋତେ ଏ ସମ୍ପର୍କରେ କୌଣସି ସୂଚନା ଦିଆ ନ ଯିବା ଦୁର୍ଭାଗ୍ୟଜନକ। ତେଣୁ ଏହି ଗ୍ରାମସଭାକୁ ମୁଁ ଓ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ସମ୍ପୂର୍ଣ୍ଣ ବିରୋଧ କରୁଛୁ । ସେହିପରି ଏମ୍‌ଭି ୯ ଗ୍ରାମ ପଶ୍ଚିମଙ୍ଗଳ କମିଟି ସଭାପତି ବିମଳ ମଜୁମଦାର, ଉପସଭାପତି ଅରବିନ୍ଦ ପାଇକ, ସମ୍ପାଦକ ପ୍ରକାଶ ବିଶ୍ୱାସ ମଧ୍ୟ ଏହି ଗ୍ରାମସଭା ସମ୍ବନ୍ଧରେ କୌଣସି ସୂଚନା ପାଇ ନ ଥିବାକୁ ନେଇ ଏହାକୁ ବିରୋଧ କରିଛନ୍ତି। ଏମ୍‌ଭି ୧୦ ଗ୍ରାମର ସଭାପତି ବିପ୍ର ମଣ୍ଡଳ, ଏମ୍‌ଭି ୧୧ ଗ୍ରାମ ସଭାପତି ଶୈଳେନ କବିରାଜ ମଧ୍ୟ ଏ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବାରୁ ଗ୍ରାମସଭାକୁ ବିରୋଧ କରିଛନ୍ତି। ପୁନର୍ବାର ପଞ୍ଚାୟତର ସମସ୍ତ ଗ୍ରାମାଞ୍ଚଳରେ ସୂଚନା ଦିଆଯାଇ ଗ୍ରାମସଭା କରାଯିବା ସହ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାଞ୍ଚନ ସରକାରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି। ଏ ସମ୍ପର୍କରେ ମାଲକାନଗିରି ବିଡିଓ ତପନ କୁମାର ସେନାପତିଙ୍କ ସହ ଯୋଗାଯୋଗ କରିବାରୁ ବିଭିନ୍ନ ଲୋକ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରାଯାଇଛି। ତେବେ କାହିଁକି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତା'ର ତଦନ୍ତ କରାଯିବ ବୋଲି ସେ କହିଛନ୍ତି ।

## ଓଳକଣା ମେଲଣ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) : ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ଲଙ୍ଗୁଳିମଠ ଠାରେ ଓଳକଣା ମେଲଣ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଳାଶୁଣୀ ମଠର ମହନ୍ତ ଡ଼ଃ.ନାମାନନ୍ଦ ଦାସ ଏହି ବୈଠକରେ ସଭାପତିତ୍ୱ କରି ଆଶ୍ରୀବାଚନ କରିଥିଲେ। ମୁଖ୍ୟ ସଂଯୋଜକ ରତିକାନ୍ତ ସାମଲ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକରେ ବୈଠକର ଉଦ୍ଦେଶ୍ୟ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସନ୍ତା ମାସରେ ହେବାକୁ ଥିବା ଓଳକଣା ମେଲଣରେ କିପରି ବିମାନ ଗୁଡ଼ିକ ଶୃଙ୍ଖଳିତ ଭାବେ କ୍ରମାନ୍ୱୟରେ ମେଲଣ ପଡ଼ିଆରେ ପହଞ୍ଚିବେ ସେ ନେଇ ବିଷଦ ଭାବେ ଆଲୋଚନା କରାଯାଇ ଉପସ୍ଥିତ ବିଭିନ୍ନ ମଠ ମନ୍ଦିରର ତତ୍ତ୍ୱାବଧାରକଙ୍କ ମତାମତ ନିଆଯାଇଥିଲା। ଉକ୍ତ ବୈଠକରେ ମହନ୍ତ ପର୍ଶୁରାମ ଦାସ, ମହନ୍ତ ସୁଧାକର ଦାସ, ମକର ପ୍ରଧାନ, କରୁଣାକର କର, ବିଜୟ କୁମାର ମଲ୍ଲିକ, ନରେନ୍ଦ୍ର ଓଝା, ବିଚିତ୍ରାନନ୍ଦ ବିହାରୀ, ରମାକାନ୍ତ ଦାସ, ପ୍ରଦ୍ୟୁମ୍ନ ପଣ୍ଡା, ଶ୍ରୀକାନ୍ତ ସାମଲ, ଲାଲ ବିହାରୀ ଦାସ, ନିରଞ୍ଜନ ଦାସ, ସୀତାରାମ ଅଧିକାରୀ, ଗୋବିନ୍ଦ ଦାସ, କ୍ଷୀରୋଦ ବିହାରୀ, ରାଜ କିଶୋର ମହ୍ଲ, ମଧୁସୁଦନ ଦାଶ, ପ୍ରଭାତ ନନ୍ଦ, ରମାକାନ୍ତ ଓଝାଙ୍କ ସମେତ ଶତାଧିକ ଠାକୁର ସେବକ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ଓଳକଣା ମେଲଣ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରାଯିବା ପାଇଁ ପ୍ରଶାସନର ସହଯୋଗ ସହ ସମସ୍ତ ସେବକ ସହଯୋଗ କରିବା ପାଇଁ ସହମତି ପ୍ରକାଶ ପାଇଥିଲା।

## ନଦୀକୁ ଡେଇଁପଡିଲେ ଯୁବକ

କୋରାପୁଟ, (ଭାସ୍କର ନ୍ୟୁଜ) : ସୁନାବେଡା ଥାନା ଅଧୀନ ୨୬ନଂ ଜାତୀୟ ରାଜପଥର ଟିମ୍ବର ବ୍ରିଜ୍ ଉପରେ ସ୍କୁଟି ରଖି ବାପାଙ୍କ ଆଗରେ ନଦୀକୁ ଜଣେ ଯୁବକ ଡେଇଁ ପଡିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଜାନିଗୁଡା ଗ୍ରାମର ପାକୁଲ ଜାନୀଙ୍କ ପୁଅ ମଦନ ଜାନୀ(୨୨) ୨ମାସ ହେବ ହାଲ ସହରାଂଚଳରେ ଅସ୍ଥାୟୀ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବାବେଳେ ଗତ କିଛି ଦିନ ହେବ ତାଙ୍କ ସ୍ତ୍ରୀଙ୍କ ସହ ସୁନାବେଡା ଟିକାପାର ଗାଁରେ ରହୁଥିଲେ। ଶୁକ୍ରବାର ବାପା ପାକୁଲୁ ତାଙ୍କୁ ଗାଁକୁ ଯିବାକୁ ଡାକିଥିଲେ । ବାପାପୁଅ ଦୁଇଟି ଗାଡିରେ ଗାଁ ଅଭିମୁଖେ ବାହାରିଥିଲେ। ମଦନ ଠିକ୍ ଟିମ୍ବର ବ୍ରିଜ୍ ମଝାମଝି ସ୍କୁଟିକୁ ରଖି ହଠାତ୍ ଜଳଭଣ୍ଡାରକୁ ଡେଇଁ ପଡିଥିଲେ। ପଛରେ ବାଇକରେ ଆସୁଥିବା ତାଙ୍କ ବାପା ଏହା ଦେଖି ତୁରନ୍ତ ସୁନାବେଡା ପୋଲିସକୁ ଖବର ଦେଇଥିଲେ । ସୁନାବେଡା ଥାନା ଅଧିକାରୀ ସୁସୁମା କୁହଁର ଟିମ୍ ସହ ଘଟଣାସ୍ଥଳରେ ପହଂଚି ଛାନଭିନ କରିବା ସହ ସେମିଳିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେମିଳିଗୁଡା ଅଗ୍ନିଶମ ବିଭାଗ ଜଳଭଣ୍ଡାରରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ଜଳସ୍ତର ଅଧିକ ରହିଥିବାରୁ ମଦନଙ୍କ ପତା ମିଳିପାରିନାହିଁ । ଖବର ପ୍ରସାରିତ ହେବା ପରେ ଟିକାପାର ସମେତ ଜାନିଗୁଡା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବର୍ଜ୍ୟବସ୍ତୁ ପରିଚାଳନା କାରଖାନାକୁ ବିରୋଧ



କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ବ୍ଲକ ପଦ୍ମପୁର ପଂଚାୟତ କାର୍ଯ୍ୟାଳୟରେ ବର୍ଜ୍ୟବସ୍ତୁ ପରିଚାଳନା କାରଖାନା ସ୍ଥାପନକୁ ବିରୋଧ କରିଛନ୍ତି ଅଚଂଳବାସୀ । ଏହି ଅବସରରେ ସର୍ବସାଧାରଣ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ମେସର୍ସ ରିନ୍ୟୁୱାଲ ଏନ୍‌ଭାଇରୋଜିକ ପ୍ରାଇଭେଟ ଲିମିଟେଡ୍ କାରଖାନା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜନଶୁଣାଣିରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀଙ୍କ ଅଧ୍ୟକ୍ଷତା କରିଥିଲେ। କମ୍ପାନିକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିବା ବେଳେ କିଛି ଗ୍ରାମବାସୀ ସମର୍ଥନ କରିଥିଲେ। ଆଚଂଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଦୀପେଶ ବିଶ୍ୱାଳ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ସଂଗ୍ରହ ହେବାକୁ ଥିବା ଜୈବ ଚିକିତ୍ସା ବର୍ଜ୍ୟବସ୍ତୁକୁ ଏଠାରେ ପ୍ରକ୍ରିୟାକରଣ କରାଯିବ ବୋଲି ଗ୍ରାମବାସୀଙ୍କୁ ବୁଝାଇଥିଲେ । ଗାଁର ପରିବେଶ ଖରାପ ହେବାକୁ ଥିବାରୁ କାରଖାନା ନକରିବାକୁ ଗ୍ରାମବାସୀ ଲିଖିତ ଭାବେ ପ୍ରଦୂଷଣ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରିଥିଲେ। ଜନଶୁଣାଣିରେ କୋରାପୁଟ ତହସିଲଦାର ସୟଦ ସବିର ସାହା, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଦେବାଶିଷ ଗୌଡଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ ସରପଂଚ ଦୁର୍ଗା ପ୍ରସାଦ ମହାନ୍ତି, ଲକ୍ଷ୍ମୀ ଅରିଆ, ଦୀଲେଶ୍ୱର ଖେମୁଣ୍ଡୁ, ଶିବ ବେନିଆ, ବାଲାଜୀ ମହାନ୍ତି, ସରପଂଚ ଚୈତନ୍ୟ ଜାନି, ପଂଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗ, ଡୁମୁରିପୁଟ ପାଣ୍ଠି ଅଧିକାରୀ କୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜମୁଛି ଓଡିଶା ଗ୍ରାମ୍ୟ ମେଳା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହରସ୍ଥିତ କାଳୀପଡିଆଠାରେ ଚତୁର୍ଥ ଓଡିଶା ଗ୍ରାମ୍ୟ ମେଳା ଚାଲିଛି । ଏହା ଫେବୃଆରୀ ୭ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୮ ତାରିଖରେ ଶେଷ ହେବ ବୋଲି ଜଣାପଡିଛି । ରାଜସ୍ଥାନ ଜୟପୁରର ବେଡସିଟ, ଝାରଖଣ୍ଡର ବିଭିନ୍ନ ପ୍ରକାର ଜୋତା, ସମ୍ବଲପୁରୀ ଶାଢୀ, ମୁମ୍ବାଇର ମେଟାଲ ଚୁଡି, ଘର ଓ ଗାଡି ସଫା ପାଇଁ ବିଭିନ୍ନ ସାମଗ୍ରୀ, ପଦ୍ମାଳୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ପ୍ରକାର ମସଲ, ଝୁଣା, ରାଜସ୍ଥାନ ଜୟପୁରର ସୋଫା କଭର, ବେଡସିଟ, ଚାଦର, ବିଭିନ୍ନ ପ୍ରକାର ବ୍ୟାଗ୍, ପୁରୀର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନଙ୍କ ଦ୍ୱାରା ହାତ ତିଆରି ବ୍ୟାଗ, ପାପଡ଼, ଲକ୍ଷ୍ନୌର ହାତ ତିଆରି କୁର୍ତ୍ତି, ପ୍ଲାଜୋ ପେଣ୍ଟ, ଫ୍ରକ୍ କୁର୍ତ୍ତି, ୟୁପି ମିରଟ୍‌ର ଖଦି ବସ୍ତ୍ର ଭଣ୍ଡାର, ଜୟପୁର ସ୍ପେଶାଲ ହଜମି, ମହାରାଷ୍ଟ୍ରର ନମକିନ୍ ମିକ୍ସର, ଓଡିଶାର ପ୍ରସିଦ୍ଧ ବ୍ରହ୍ମପୁର ଆଚାର, ହ୍ୟାଣ୍ଡଲୁମ୍, ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ, ବିଦ୍ୟୁତ ସାମଗ୍ରୀ, ଗୃହସ୍ଥି ମସଲା, ଗୋବରରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, କେନ୍ଦୁଝରଗଡ ପୌରପାଳିକାର ମୋ ଖତ ଷ୍ଟଲ ଏବଂ ବିଭିନ୍ନ ରାଜ୍ୟରୁ ଆସିଥିବା ଆଂଚଳିକ ପ୍ରସିଦ୍ଧ ଶାଢୀ ପୋଷାକ ଆଦିର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଷ୍ଟଲ ମାନ ପ୍ରଦର୍ଶିତ ହେଉଛି । ମେଳା ପରିସରରେ ଏକ ଅଟୋ ମୋବାଇଲ ପ୍ରଦର୍ଶନୀ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଏଥିସହିତ ଛାତ୍ରଛାତ୍ରୀ ତଥା କେନ୍ଦୁଝରର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଲୋକେ ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି ।

## ଅଗ୍ନିକାଣ୍ଡରେ ବିପନ୍ନ ପରିବାରକୁ ସ୍ୱେଚ୍ଛାସେବୀଙ୍କ ସହାୟତା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ହିନ୍ଦୋଳ ବ୍ଲକ୍ ହାତୁରା ପଂଚାୟତ ହରିଜନ ସାହିରେ ରାତିରେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ସହିତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଉଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ



ଅସ୍ପଷ୍ଟ ଥିବାବେଳେ ଏବେ ଖୋଲା ଆକାଶ ତଳେ ସହାୟତା ଅପେକ୍ଷାରେ ଅଛନ୍ତି ୪ ପରିବାର। ବିଳମ୍ବିତ ରାତିରେ ପରିବାର ଲୋକେ ଘରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଘରେ ଥିବା ଧାନ ସହିତ ଘରର ସମସ୍ତ ଆସବାବ ପତ୍ର ନିମିଷକ ମଧ୍ୟରେ ଜଳି ପୋଡି ପାଉଁଶ ହୋଇଯାଇଥିଲା। ଖଜୁରୀଆକଟା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିବା ବେଳେ ଏବେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି ପାରିବାରବର୍ଗ। ତେବେ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଖବର ପାଇ ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଛୋଟ ଏକ ପ୍ରୟାସର ସଦସ୍ୟ ବୃନ୍ଦ ହାତୁରା ହରିଜନ ବସ୍ତିରେ ପହଂଚି ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ନୂତନ ବସ୍ତ୍ର ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଛୋଟ ଏକ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏଭଳି ମହତ କାମକୁ ହିନ୍ଦୋଳ ବାସୀ ବେଶ୍ ପ୍ରଶଂସା କରିଛନ୍ତି।

## ଡାକ୍ତର ନଥିବାରୁ ରୋଗୀ ସେବା ବ୍ୟାହତ




ରଗଡି,(ଭାସ୍କର ନ୍ୟୁଜ୍ ) : କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବାରୁ ରୋଗୀ ସେବା ବ୍ୟାହତ ହୋଇଛି। ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଇଲୋପାଥିକ ଡାକ୍ତରଙ୍କ ଏକ ବିବାଦୀୟ ପରିସ୍ଥିତିରେ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ଆଉ ନୂତନ ନିଯୁକ୍ତି ଦିଆଯାଇନାହିଁ। ଯାହାଫଳରେ ରୋଗୀ ସେବା ପ୍ରଭାବିତ ହୋଇଛି । କେବଳ ଆୟୁଷ ଡାକ୍ତର ହିଁ ରୋଗୀଙ୍କ ଭରସା ପାଲଟିଛନ୍ତି । କିଛି ବର୍ଷ ହେବ କୌଣସି ଇଲୋପାଥିକ ଡାକ୍ତର ଏଠାରେ ବର୍ଷେ ରହିବା ଦେଖିବାକୁ ମିଳୁନାହିଁ। ଏହି କାରଣରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି ।ଏହା ଗ୍ରାମାଞ୍ଚଳରେ ରହିଥିବାରୁ ବହୁ ସଂଖ୍ୟାରେ ଗରିବ ଲୋକେ ନିର୍ଭର କରିଥାନ୍ତି । ପୂର୍ବରୁ ରୋଗୀ ସଂଖ୍ୟା କମ ଥିବାବେଳେ ଏବେ ବିଭିନ୍ନ ରକ୍ତ ପରୀକ୍ଷାର ସୁବିଧା ମିଳୁଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କୋରେଇ ବ୍ଲକର ୭/୮ଟି ପଞ୍ଚାୟତର ଲୋକେ ନିର୍ଭର କରିବା ସହ ପଡୋଶୀ କେନ୍ଦୁଝର ଜିଲ୍ଲାର ଦୁଇ /ତିନିଟି ପଞ୍ଚାୟତ ନିର୍ଭର କରନ୍ତି । ନିକଟରେ ୨୦ନଂ ଜାତୀୟ ରାଜପଥ ଓ ରଗଡି -ପାଣିକୋଇଲି ରାସ୍ତା ରହିଥିବାରୁ ବିଭିନ୍ନ ସମୟରେ ହେଉଥିବା ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା ପାଇଁ ଆହତ ବ୍ୟକ୍ତି ମଧ୍ୟ ଏଠାକୁ ଆସିଥାନ୍ତି । ଖାଲି ପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୁରଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଭାରସାମ୍ୟ ହରାଇବା ପଡ଼ିଲା ମହଙ୍ଗା



ନାରାୟଣପାଟଣା, (ଭାସ୍କର ନ୍ୟୁଜ୍) : ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ତେନ୍ତୁଳି ପଦର୍ ପଞ୍ଚାୟତର ଇଚ୍ଛାପୁର ଗାଁ ରାସ୍ତାରେ ଦେଖିବାକୁ ମିଳିଛି ଅତି ଭୟାନକ ଦୁର୍ଘଟଣା। ଇଚ୍ଛାପୁରର ମିନି ସିରିକା ଏବଂ ତାଙ୍କ ସାଥିରେ ଥିଲେ ତାଙ୍କ ଦିଅର, ନିଜର କିଛି ଆବଶ୍ୟକୀୟ ଜିନିଷ ପତ୍ର କିଣିବା ପାଇଁ ନାରାୟଣପାଟଣା ଅଭିମୁଖେ ଆସୁଥିବା ବେଳେ ଗୋଟେ ବୁଲାଣିରେ ଦିଅର ନିଜର ଭାରସାମ୍ୟ ହରାଇବା ଦ୍ୱାରା ଆଶ୍ଚର୍ଯ୍ୟଜନକ ଦୁର୍ଘଟଣାରେ ଦୁହେଁ ଶୀକାର ହୋଇଥିଲେ। ଯାହାଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ଆମ୍ବୁଲାନ୍ସକୁ ଫୋନ୍ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ମହିଳା ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ହୋଇଥିବାରୁ ଡାକ୍ତର ତାଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଇଥିଲେ।

## ଦୁର୍ଘଟଣା ପୀଡିତ ବିକାଶଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ଦୁର୍ଘଟଣା ପୀଡିତ ବିକାଶ ପଶାୟତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍ । ସୂଚନା ଯୋଗ୍ୟ କି, ଗତ ସପ୍ତାହରେ ବିକାଶ ମୋଟର ସାଇକେଲରେ ଘରକୁ ଫେରିବା ସମୟରେ ଘନ କୁହୁଡି ଯୋଗୁଁ ଦେଖି ନ ପାରି ରାସ୍ତାରେ ଥିବା ଷଣ୍ଢ ସହ ଧକ୍କା ହୋଇ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତମାନ କଟକ ସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେ ଜଣେ ଦିନ ମଜୁରିଆ ଭାବରେ କାମ କରନ୍ତି । ବାପା ଜଣେ ମାନସିକ ରୋଗୀ । ପାଖରେ ଯାହା ଅର୍ଥ ଥିଲା ସବୁ ଖର୍ଚ୍ଚ ସରିଲାଣି । ସ୍ୱାସ୍ଥ୍ୟ କାର୍ଡର ଲିମିଟ ବି ସରିଗଲାଣି । ଡାକ୍ତରଙ୍କ କହିବା ଅନୁସାରେ ଆହୁରି ୨୦-୨୫ ଲକ୍ଷ ଟଙ୍କା ଦରକାର ଅସ୍ତ୍ରୋପଚାର ଲାଗି । ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପରିବାର ପକ୍ଷେ ଅସମ୍ଭବ । ଝିଅ ଘର ଘର ବୁଲି ଭିକ୍ଷା ମାଗୁଛି ବାପାଙ୍କୁ ବଞ୍ଚାଇବା ଲାଗି। ବିକାଶଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଅଭାବନୀୟ ଖବର ପାଇ ମା' ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍‌ର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ଜ୍ୟୋତି ରଞ୍ଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ସମ୍ବିତ ଦାସ ପ୍ରମୁଖ ବିକାଶଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ପନ୍ଦର ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ବିକାଶଙ୍କ ପରିବାର ବର୍ଗ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟୀୟସୀ ପ୍ରଶଂସା କରାଯାଇଛି ।



## ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
## ଅର୍ଥାଭାବରେ ବାପାମା ହନ୍ତସନ୍ତ



ନିଆଳି, ( ଭାସ୍କର ନ୍ୟୁଜ୍ ) : ନିଆଳି ଥାନା ଅଧିନସ୍ଥ ରତନପୁର ପଂଚାୟତର ଜିତେନ୍ଦ୍ର ବେହେରାଙ୍କ ଏକ ମାତ୍ର ପୁଅ ମନୋଜ କୁମାର ବେହେରା। ପୁଲୱାମା ଆତ୍ମଘାତି ବିସ୍ଫୋରଣରେ ସହିଦ ହୋଇଯାଇଥିଲେ। ଏହି ଘଟଣା ୬ ବର୍ଷ ପୁରି ଯାଇଥିବା ବେଳେ ଆଜି ମଧ୍ୟ ପରିବାର ଓ ସ୍ଥାନୀୟ ବାସିନ୍ଦା ମନୋଜକୁ ଝୁରୁଛନ୍ତି। ଛାଡି ଯାଇଛନ୍ତି ଅନେକ ଛାପ। ମା ସାବିତ୍ରୀ ଏକ ମାତ୍ର ରୋଜଗାରିଆ ପୁଅକୁ ହରାଇ କାନ୍ଦି କାନ୍ଦି ଦିନ କାଟୁଛନ୍ତି। ଏମିତିକି ବାପ ମାଙ୍କ ପାଖରେ ଔଷଧ ଖାଇବା ପାଇଁ ମଧ୍ୟ ପଇସା ନାହିଁ। ସୂଚନା ଥାଉ କି ୨୦୧୪ ମସିହା ଫେବୃଆରୀ ୧୪ ସାରା ଦେଶ ପାଇଁ ଥିଲା କାଳର ଦିନ। ଏହି ଦିନ ଆତ୍ମଘାତି ବିସ୍ଫୋରଣରେ ୪୦ ଜଣ ଯବାନ ସହିଦ ହୋଇଥିବା ବେଳେ ଏଥିରେ ଥିଲେ ଦୁଇ ଜଣ ଓଡ଼ିଆ ଯବାନ। ମନୋଜଙ୍କ ସହିଦ ଦିବସକୁ ସ୍ମରଣୀୟ କରିବା ପାଇଁ ପରିବାର ବର୍ଗ ପକ୍ଷରୁ ଘର ବାହାରେ ଥିବା ମନୋଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପକ ପ୍ରଜ୍ୱଳନ, କରିବା ସହିତ ଭଗବତ ଗୀତା ପଠନ କରାଯାଇଥିଲା। ଘର ଭିତରେ ମନୋଜଙ୍କ ଉଦେଶ୍ୟରେ ମନୋଜଙ୍କ ବାପା ଜିତେନ୍ଦ୍ର ଏକ ଲାଇବ୍ରେରୀ ଖୋଲିବା ସହିତ ମନୋଜଙ୍କ ପ୍ରତ୍ୟେକଟି ଫୋଟୋକୁ ସ୍ଥାନ ଦେଇଛନ୍ତି। ଏମିତିକି ପୁଅ ଦେଶ ଆଉ ଜାତି ପାଇଁ ସ୍ୱର୍ଣ୍ଣ ଅକ୍ଷରରେ ନା ରଖିଥିବା ଯୋଗୁଁ ବାପ ମା ଯେତେ ଅଭାବରେ ରହିଲେ ବି ବାପ ମା ଓ ନିଆଳି ମାଟି ଗର୍ବିତ। ମନୋଜଙ୍କ ଷଷ୍ଠ ବାର୍ଷିକ ପୂର୍ତ୍ତି ଉପଲକ୍ଷେ ନିଆଳି, ଚାରିଛକ, ବାଲିଅନ୍ତା, ବାଲି ପାଟଣା, କାକଟପୁର, ଜଗତସିଂହପୁର ବିଭିନ୍ନ ସଂଗଠନ କର୍ମକର୍ତ୍ତା ମାନେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।

## କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାର ୧୪୩ଟି ପରୀକ୍ଷାକେନ୍ଦ୍ରର ଅଧିକ୍ଷକମାନଙ୍କର ଏକ ପ୍ରସ୍ତୁତି ବୈଠକ ଡିଏନ୍ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବ। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଗାଇଡଲାଇନ ଅନୁପାଳନରେ ବ୍ୟତିକ୍ରମ ହେଲେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି । ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇ ସିସିଟିଭି ଲଗାଯିବ ବୋଲି ଜଣାପଡିଛି । ପରୀକ୍ଷାକେନ୍ଦ୍ରମାନଙ୍କୁ କେନ୍ଦ୍ର ଅଧିକ୍ଷକ ଏବଂ ଅବଜରଭରଙ୍କ ବ୍ୟତିତ କୌଣସି ପରୀକ୍ଷାର୍ଥୀ କିମ୍ବା ଶିକ୍ଷକ, ଶିକ୍ଷୟିତ୍ରୀ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ପରୀକ୍ଷାକେନ୍ଦ୍ର ଗେଟରେ କଡାକଡି ଚେକିଂ ବ୍ୟବସ୍ଥା କରାଯିବ । ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ୮ଟା ୧୫ ମିନିଟ ସୁଦ୍ଧା ପ୍ରବେଶ କରିବେ। ଚଳିତବର୍ଷ ପରୀକ୍ଷା କେନ୍ଦ୍ରକୁ ଜ୍ୟାମିତି ବାକ୍ସ, ଆଡମିଟ୍ କାର୍ଡ ଏବଂ ପେନ୍ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଛାତ୍ରଛାତ୍ରୀମାନେ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ସୁରକ୍ଷା ତଥା ସଶକ୍ତୀକରଣ ବିଭାଗର ନିୟମ ଅନୁସାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ସମୟ ପ୍ରଦାନ କରାଯିବା ସହିତ ଆବଶ୍ୟକସ୍ଥଳେ ସହାୟକ ଲେଖକ ଦେବାକୁ ପରୀକ୍ଷା କେନ୍ଦ୍ର ଅଧିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦୁଝର ଜିଲ୍ଲାରେ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମେଟ୍ରିକ୍ ପରୀକ୍ଷାକୁ ଅବାଧ, କପିମୁକ୍ତ ଓ ଶୃଙ୍ଖଳିତ କରିବା ପାଇଁ ଯାଂଚ ବ୍ୟବସ୍ଥା କଡାକଡି କରାଯିବ ବୋଲି ପ୍ରସ୍ତୁତି ବୈଠକରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କହିଛନ୍ତି। ୧୧ଟି ନୋଡାଲ ସେଣ୍ଟର ମାନଙ୍କରୁ ପରୀକ୍ଷାର ପୂର୍ବଦିନ ପ୍ରଶ୍ନପତ୍ର ଓ ଉତ୍ତର ଖାତା ପରୀକ୍ଷାକେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସୂଚନା ଦେଇଛନ୍ତି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଜଣେ ଲେଖାଏଁ ଅବଜରଭର ଦିଆଯିବାର ବ୍ୟବସ୍ଥା କରାଯାଇଛି । ବିଭିନ୍ନ ପରୀକ୍ଷାକେନ୍ଦ୍ରର ଅଧିକ୍ଷକ ଓ ଉପଅଧିକ୍ଷକଙ୍କ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ପବିତ୍ର ମୋହନ ବାରିକ ଯୋଗ ଦେଇ ପରୀକ୍ଷା ପଦ୍ଧତି ଏବଂ ବୋର୍ଡର ନିୟମାବଳୀ ନେଇ ପରୀକ୍ଷାକେନ୍ଦ୍ରର ଅଧିକ୍ଷକଙ୍କୁ ଅବଗତ କରାଯାଇଥିଲେ। ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସ (କୃତ୍ରିମ ବୃଦ୍ଧିମତା) ବ୍ୟବହାର କରାଯାଇ କପି ରୋକିବା ବ୍ୟବସ୍ଥା କରାଯିବ । ଚଳିତବର୍ଷ କପି କେନ୍ଦ୍ର ଗୁଡିକରେ ସିସିଟିଭି ଲଗାଯାଇ ରାଜ୍ୟସ୍ତରରେ ମନିଟରିଂ ବ୍ୟବସ୍ଥା କରାଯିବ । କେନ୍ଦୁଝର ଜିଲ୍ଲାରେ ୧୪୩ ଟି ପରୀକ୍ଷା କେନ୍ଦ୍ର ଓ ୧୧ଟି ନୋଡାଲ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଜିଲ୍ଲାରେ ୪୭୮ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୨୩ହଜାର ୯୬୨ଜଣ ପରୀକ୍ଷାର୍ଥୀ ମେଟ୍ରିକ୍ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୫୯ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ, ପତ୍ର ବିନିମୟ ପାଠ୍ୟକ୍ରମରେ ୩୫ଜଣ, ୮୬ଜଣ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୨୩୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସେ ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଯୋଗାଇ ଦେବା ଏବଂ ପରୀକ୍ଷା ପରେ ଉତ୍ତର ଖାତାକୁ ନୋଡାଲ ସେଣ୍ଟର ଗୁଡିକୁ ଆଣିବା ପାଇଁ ୩୧ଟି ଡେସପାଚ୍ ଟିମ୍ ଗଠନ କରାଯାଇଥିବା ଜଣାପଡିଛି । ପ୍ରଶ୍ନପତ୍ରର କୌଣସି ପରିସ୍ଥିତିରେ ଯେପରି ପ୍ରଘଟ ନ ହୁଏ ସେଥିପାଇଁ ରାତି ବେଳେ ପାଟ୍ରୋଲିଂ ବ୍ୟବସ୍ଥା ସହ ଅତର୍କିତ ଯାଂଚ କରାଯିବ । ପରୀକ୍ଷା କେନ୍ଦ୍ରରେ କପି କରି ଧରାପଡିଲେ ଉଭୟ ପରୀକ୍ଷାର୍ଥୀ ଏବଂ ନିରୀକ୍ଷକ ଓ କେନ୍ଦ୍ର ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସତର୍କ କରାଇ ଦେଇଛନ୍ତି । ପରୀକ୍ଷା ପରିଚାଳନାରେ ସ୍ୱଚ୍ଛ ଏବଂ କପିମୁକ୍ତ କରିବା ପାଇଁ ପରୀକ୍ଷା ସହ ଜଡିତ ନଥିବା ବ୍ୟକ୍ତିବିଶେଷଙ୍କୁ ପରୀକ୍ଷା କେନ୍ଦ୍ରର ୨୦୦ମିଟର ଦୂରତା ମଧ୍ୟରେ ପ୍ରବେଶକୁ ନିଷେଧ କରାଯାଇଛି । ପରୀକ୍ଷାରେ ଅସାଧୁ ଉପାୟକୁ ନିୟନ୍ତ୍ରଣ କରିବା ପାଇଁ ୪ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ, ଜୋନାଲ ସ୍କ୍ୱାର୍ଡ, କେନ୍ଦ୍ରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସୂଚନା ଦେଇଛନ୍ତି । ତଦାରଖ ପାଇଁ ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପରୀକ୍ଷାକେନ୍ଦ୍ରର ଅଧିକ୍ଷକମାନଙ୍କର ପ୍ରସ୍ତୁତି ବୈଠକରେ ସଦର ଏସ୍ଡିପିଓ ଗୁରୁବାରୀ ହେମ୍ବ୍ରମ ଯୋଗ ଦେଇଥିବାବେଳେ ଡିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତିଙ୍କ ସମେତ ଅନ୍ୟ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ । କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟରୁ ବୁଧବାରଠାରୁ ନୋଡାଲ ସେଣ୍ଟରକୁ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ପଠାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲାକୁ ୩/୪ ଦିନ ମଧ୍ୟରେ ପ୍ରଶ୍ନପତ୍ର ପହଁଚିବ ବୋଲି ଜଣାପଡିଛି। ବନ୍ଧୁକଧାରୀ ପୋଲିସ ସହାୟତାରେ ବୋର୍ଡ କର୍ମଚାରୀମାନେ ପ୍ରଶ୍ନପତ୍ରଗୁଡିକୁ ନେଇ ନୋଡାଲ ସେଣ୍ଟରରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଇଛି। ବନ୍ଧୁକଧାରୀ ପୋଲିସ ୨୪ ଘଂଟିଆ ପ୍ରଶ୍ନପତ୍ରକୁ ଜଗି ରହିବେ। ପରୀକ୍ଷା ଦିନ ହିଁ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ । ପ୍ରଶ୍ନପତ୍ରଗୁଡିକ କଡା ସୁରକ୍ଷା ବ୍ୟବସ୍ଥାରେ ଯାଇ ସକାଳ ୭ଟା ୩୦ରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ସମୟ ଧାର୍ଯ୍ୟ ରହିଛି।

## ମେଳା ବୁଡ଼ାଉଛି ଭେଳା, ଚିନ୍ତାରେ ସଚେତନ ନାଗରିକ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଅନେକ ଗାରିମା ରହିଛି । ହେଲେ ବର୍ତ୍ତମାନ ପରିସ୍ଥିତିରେ ଜିଲ୍ଲା ସଦର ମହକୁମାରେ କ୍ରମାଗତ ପ୍ରାୟୋଜିତ ଭାବେ ବିଭିନ୍ନ ମେଳାର ଆୟୋଜନ କରାଯାଉଛି ଯେଉଁଥି ପାଇଁ ବୁଦ୍ଧିଜୀବୀ ମାନଙ୍କର ଭେଳା ବୁଡିଗଲାଣି। ପ୍ରଥମେ କୃଷି ମେଳା, ଦ୍ୱିତୀୟରେ ମକର ମେଳା, ତୃତୀୟରେ ପୁସ୍ତକ ମେଳା ଓ ନାଟକ ମେଳା, ଚତୁର୍ଥରେ ନାଟ୍ୟକାର ବାଳକୃଷ୍ଣ ସ୍ମୃତି ପରିଷଦ ସପ୍ତାହ ବ୍ୟାପି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମେଳାର ଆୟୋଜନ କରାଯାଇଛି । ଏତଦ୍ ବ୍ୟତୀତ ବଡ଼ ବଜାର ସ୍ଥିତ ରଶ୍ମି ହଲ ଠାରେ ଥିବା ବାସୁଦେବ ମୋଟର୍ସର ବ୍ୟକ୍ତିଗତ ଜାଗାରେ କେତେବେଳେ ପ୍ଲାଷ୍ଟିକ ବଜାର ମେଳା ତ ଆଉ କେତେବେଳେ ମିନାବଜାର ମେଳାର ଆୟୋଜନ କରାଯିବା ଦ୍ୱାରା ଜଗତସିଂହପୁର ବଡ଼ ବଡବଜାରରେ ମାତ୍ରାଧିକ ଭିଡ଼ ପରିଲକ୍ଷିତ ହେଉଛି । ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟକୁ ଯାତାୟତରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ବିନା ପରିମିସନରେ ବିଭିନ୍ନ ସ୍ଥାନରେ ମେଳାର ଆୟୋଜନ କରାଯାଉଛି। ଜଗତସିଂହପୁର ଜିଲ୍ଲା ସଦର ମହକୁମାର ସ୍ଥାୟୀ ବ୍ୟବସାୟୀ ମାନେ ବ୍ୟବସାୟ ବାଣିଜ୍ୟରେ କ୍ରମାଗତ କ୍ଷତି ସହି ବ୍ୟବସାୟ ହରାଇବାକୁ ବାଧ୍ୟ ହେଉଛନ୍ତି। ଛାତ୍ରଛାତ୍ରୀ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । କ୍ରମାଗତ ବିଭିନ୍ନ ମେଳାର ଆୟୋଜନ କରାଯିବାରୁ ଜନସାଧାରଣଙ୍କ ଆୟ ଠାରୁ ବେୟ ଦ୍ୱିଗୁଣିତ ବୃଦ୍ଧିପାଉଛି । ଆଗକୁ ଛାତ୍ରଛାତ୍ରୀ ମାନଙ୍କର ବାର୍ଷିକ ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପ୍ରାୟୋଜିତ ବିଭିନ୍ନ ମେଳାକୁ ବନ୍ଦ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଜନ ସାଧାରଣ ଦାବି କରିଛନ୍ତି ।




ଗୋପ (ଭାସ୍କର ନ୍ୟୁଜ୍): ଆଜି ମୁକ୍ତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପ୍ରଦାନ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ଉପାଧକ୍ଷ ବନ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଗୋପ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ସେବିକାମାନଙ୍କର ରୋଗୀସେବା ସଂପର୍କରେ ବୁଝାଇବା ସହିତ କୋଭିଡ୍ ସମୟରେ ନର୍ସମାନେ କିଭଳି ରୋଗୀମାନଙ୍କ ସେବା କରିଥିଲେ ସେ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀମାନେ ଅନୁଷ୍ଠାନରୁ ସାଉଁଟିଥିବା ଅନୁଭୂତିକୁ ନୂତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ପରେ ପୁରାତନ ଓ ନୂତନ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିରବଚ୍ଛିନ୍ନ ଓ ସେବା ମନୋଭାବ ରଖି ରୋଗୀମାନଙ୍କର ସେବା କରିବେ, ସେନେଇ ଶପଥ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁକ୍ତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ଗଣେଷ ଚନ୍ଦ୍ର ଦାସ, ପ୍ରିନ୍ସିପାଲ ମନସ୍ୱିନୀ ପୃଷ୍ଟି, ଭାଇସ-ପ୍ରିନ୍ସିପାଲ ଗୀତାଞ୍ଜଳି କାଣ୍ଡି, ସ୍ନିଗ୍ଧା ସୁଚରିତା, ବିଶ୍ୱସ୍ମିତା ନାୟକ, ଶୁଭଶ୍ରୀ ମହାନ୍ତି, ଆଇଟିଆଇ ପ୍ରିନ୍ସପାଲ ପ୍ରମୋଦ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ





ବ୍ୟାସନଗର (ଭାସ୍କର ନ୍ୟୁଜ୍): କୋରେଇ ନିର୍ବାଚନ ମଣ୍ଡଳୀର କୋଗାଁ, ବାଲିଆ, ବୋଧିଆ ମଧ୍ୟମସ୍ଥଳରେ ଥିବା ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାରିଦିନ ଧରି ମହାଆଡମ୍ବରେ ପାଳିତ ହୋଇଯାଇଛି। ଏହି ଅବସରରେ ଷୋଡ଼ଶ ପୂଜା, ବଡ଼ସିଂହାର ବେଶ, ଚଣ୍ଡିପାଠ, ଗୋ-ପୂଜା, ଗୁରୁପୂଜା ଆଦି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ଉକ୍ତ ଅଞ୍ଚଳରେ ଚଣ୍ଡିପାଠ, ଭଜନ ଓ ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ୬ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟ, ଘଣ୍ଟ, ଶଙ୍ଖ ଜୟ ଜଗନ୍ନାଥ ଧ୍ୱନୀରେ କଳସ ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଅତିଥି ଭାବରେ ଯୋଗଦାନ କରିଥିଲା ବେଳେ ପୁରୀରୁ ସବାୟତ ମୁକ୍ତିକାନ୍ତ ପଢିଆରୀ ଯୋଗ ଦେଇଥିଲେ। ଗ୍ରାମର ସମସ୍ତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଭକ୍ତମାନେ ପବିତ୍ର ପୂଜା ଉତ୍ସବରେ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ରହି ଜଗନ୍ନାଥଙ୍କ ଦୁର୍ଲ୍ଲଭ ଦର୍ଶନ ପୂର୍ବକ କୃପାଲାଭ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଧନେଶ୍ୱର ବାରିକ ଓ ଧନେଶ୍ୱର ବେହେରା ଉପକର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜକ ସୁରେନ୍ଦ୍ର କୁମାର ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା ଓ ଅଭିଜିତ୍ ପଣ୍ଡା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଉମାକାନ୍ତ ବେହେରା, ଉମାକାନ୍ତ କୁଅଁର, ରବୀନ୍ଦ୍ର ପଣ୍ଡା, ଗୋକୁଳାନନ୍ଦ ବେହେରା, ଶରତ ପଲେଇ, ଦିଲ୍ଲୀପ କୁମାର ପଣ୍ଡା ଓ ବିକାଶ କୁଅଁର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏକ ଧଳାରଙ୍ଗର ପାରା ଜଗନ୍ନାଥଙ୍କ ଆଜ୍ଞାମାଳ ଆସିବା ଦିନଠାରୁ ଯଜ୍ଞ ଶେଷଦିନ ପର୍ଯ୍ୟନ୍ତ ମଣ୍ଡପର ଏକ କୋଣରେ ୭ଦିନ ଧରି ବସି ରହିଥିଲା। ଶେଷଦିନ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ବାରିପଦା (ଭାସ୍କର ନ୍ୟୁଜ୍) : ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ୧୪ତମ ବଡ଼ସାହି ବ୍ଲକ ଅଧୀନସ୍ଥ ସମସ୍ତ ମାଧ୍ୟମିକ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ପୌରୋହିତ୍ୟରେ ବଡ଼ସାହି ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ଆନୁଷ୍ଠାନିକ ଭାବେ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା ଅଧିବେଶନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଆୟୋଜକ ବିଦ୍ୟାଳୟର ଶିକ୍ଷକ ଦୀପକ ରାମ ସ୍ୱାଗତ ଭାଷଣ ଦେଇଥିଲେ। ଧନ୍ୟବାଦ ଅର୍ପଣ ଶିକ୍ଷକ ପାର୍ଥସାରଥୀ ଜେନା କରିଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ। ସମସ୍ତ ପ୍ରଧାନଶିକ୍ଷକ ଆଲୋଚନାଚକ୍ରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକମାନଙ୍କର ବିଭିନ୍ନ ମନ୍ତବ୍ୟକୁ ବ୍ଲକ ଶିକ୍ଷା ଅଧିକାରୀ ଆଲୋଚନା କରି ସମାଧାନର ଉପାୟ ସବୁ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୋଜାଲିକା ଗିରି, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସର ମାର୍ଟନ ସୁକାନ୍ତୀ ମହାନ୍ତ, ଛାତ୍ରୀ ନିବାସର ସହାୟିକା ସାବିତ୍ରୀ ନାଏକ ଓ ବାରି ସିଂ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମିନି କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ସାମୁଦ୍ରିକ ଥାନାରେ ଭିତ୍ତିଭୂମି ନାହିଁ

# ଉପକୂଳ ସୁରକ୍ଷା ନେଇ ପ୍ରଶ୍ନବାଚୀ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହାଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଞ୍ଚିବାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ୨୦୧୪ ମସିହାରେ ସ୍ଥାପିତ ହୋଇଛି। ନୂଆଗଡ଼ ସାମୁଦ୍ରିକ ଥାନାରେ ବର୍ତ୍ତମାନ ସୁଦ୍ଧା ଜଣେ ଥାନା ଅଧିକାରୀ, ଜଣେ ଏଏସ୍‌ଆଇ, ୧୧ଜଣ କନେଷ୍ଟବଳ, ୯ଜଣ ହୋମଗାର୍ଡ, ୯ଜଣ ଟେକ୍ନିକାଲ ଷ୍ଟାଫ ସହ ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି। ନୂଆଗଡ଼ ସାମୁଦ୍ରିକ ଥାନାରେ ମଞ୍ଜୁର ପଦ ୫୫ଟି ହୋଇଥିବା ବେଳେ ଖାଲିପଡିଛି ୩୩ଟି ପଦବୀ। ପୁଲିସ ମୁତୟନ ସତ୍ତ୍ୱେ ବେଆଇନ ଟ୍ରଲର ଚଳାଚଳ କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୁଲିସ ନଜର ପଡିଲେ ଏହା ଜବତ ହେଉଛି, ନଚେତ ଏହା ବେପିକର ସମୁଦ୍ର ସୀମା ଭିତରେ ମାଛ ମାରି ଚାଲି ଯାଉଛନ୍ତି। ସମୁଦ୍ର ଭିତରେ ଏହି ଟ୍ରଲର ଯୋଗେ ନିଶା କାରବାର, ଜୀବଜନ୍ତୁ କାରବାର ହେବାର ଆଶଙ୍କା ମଧ୍ୟ ରହିଛି। ଆବଶ୍ୟକ ସମୟରେ ବାହ୍ୟଶତ୍ରୁଙ୍କୁ ପ୍ରତିହତ କରିବା ମେରାଇନ ଥାନା ନିମନ୍ତେ ଚ୍ୟାଲେଞ୍ଜ। ଏହାସହ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ଅସ୍ତରଙ୍ଗ ବ୍ଲକର ୨ଟି ପଞ୍ଚାୟତ ଝାଡ଼ଲିଙ୍ଗ ଓ ନୂଆଗଡ଼ ରହିଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ନଜର ରଖିବାକୁ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମିକୁ ନେଇ ସର୍ବଦା ନୂଆଗଡ଼ ସାମୁଦ୍ରିକ ଥାନା ଆଲୋଚନାରେ ରହିଆସିଛି। ବିଭିନ୍ନ ସମୟରେ ସାଗର କବଚ ସମରାଭ୍ୟାସ କରି ନିଜକୁ ସଜାଗ ଥିବା ଦର୍ଶାଉଛି ସାମୁଦ୍ରିକ ଥାନା ପୁଲିସ। ମାତ୍ର ସ୍ଥିତି ପୂରା ଅଲଗା। ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି, ସାମୁଦ୍ରିକ ଥାନାରେ ସରକାରୀ ମଞ୍ଜୁରୀ ମୁତାବକ କର୍ମଚାରୀ ନାହାନ୍ତି, ମାତ୍ର ଯେତିକି ଲୋକବଳ ରହିଛି ସ୍ଥିତିକୁ ଠିକ୍ ଭାବେ କଣ୍ଟେମଣ୍ଟେ ପରିଚାଳନା କରାଯାଇ ପାରୁଛି। ମଞ୍ଜୁରୀ ମୁତାବକ ନିଯୁକ୍ତି ଦେଲେ କାମ ଆହୁରି ସହଜ ହେବ। କାରଣ ସମୁଦ୍ରରେ ଅନୁପ୍ରବେଶକାରୀଙ୍କୁ ଧରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ସାଧାରଣରେ ଦାବି ହୋଇଛି ନୂଆଗଡ଼ ସାମୁଦ୍ରିକ ଥାନାରେ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି କରନ୍ତୁ, ଏହା ପୁଲିସ ବ୍ୟବସ୍ଥା ଓ ଉପକୂଳ ସୁରକ୍ଷାକୁ ଆହୁରି ମଜଭୁତ କରିବ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ



ପୁରୀ (ଭାସ୍କର ନ୍ୟୁଜ୍) : ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଦ୍ୱୈତ ବେଦାନ୍ତ ବିଭାଗ ପକ୍ଷରୁ ଦିନ ଦ୍ୱୟ ବ୍ୟାପୀ ରାଷ୍ଟ୍ରୀୟ ସଂଗୋଷ୍ଠୀ ଆୟୋଜିତ ହୋଇଯାଇଛି। ଏହି ସଂଗୋଷ୍ଠୀର ଉଦ୍‌ଯାପନ ସମାରୋହରେ ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧକ୍ଷ ଡ. ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ଶ୍ରୀମଦ୍ ଭଗବତ୍ ଗୀତାରେ ଅଦ୍ୱୈତ ଭାବନା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ଗୌରପ୍ରିୟା ଦାଶ ଶ୍ରୀମଦ୍ ଭଗବତ୍ ଗୀତାରେ ସମସ୍ୟା ସମାଧାନର ମାର୍ଗ ନିହିତ ଥିବା ଉପସ୍ଥାପନ କରିଥିଲେ। ଡ. ଅଜୟ କୁମାର ଦାଶ ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ରାଧାକାନ୍ତ ପଣ୍ଡା ସଭାପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଡ. ରାସମଣୀ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆଚାର୍ଯ୍ୟମାନେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

# ମା' ଜାଗୁଲେଇଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲେଇଙ୍କ ପୀଠରେ ପ୍ରଥମ ବାର୍ଷିକ ଯଜ୍ଞୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା- ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଓ ତାଙ୍କ ସହଧର୍ମିଣୀ କର୍ତ୍ତା ହୋଇଥିବାବେଳେ ଏରସମା ଗ୍ରାମ୍ୟ କମିଟି ସହଯୋଗ କରୁଛନ୍ତି। ମା' ଜାଗୁଲେଇ ପ୍ରତ୍ୟେକ୍ଷ ଦେବୀ। ଭକ୍ତମାନଙ୍କ ମନସ୍କାମନା ପୂରଣ କରିଥାନ୍ତି। ଏହି କାର୍ଯ୍ୟକ୍ରମ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଶ୍ରଦ୍ଧାଳୁ ଭକ୍ତମାନେ ଧୂପ, ଦୀପ, ଘୃତ, ଅର୍ଥ ଆଦି ଦାନ କରୁଛନ୍ତି। ଭକ୍ତମାନେ ମା'ଙ୍କ ନିକଟରେ ବହୁସଂଖ୍ୟାରେ ଯୋଗଦେଇ ମା' ଜାଗୁଲେଇଙ୍କ ଆଶୀର୍ବାଦ ନେବା ପାଇଁ ପୂଜା କମିଟି ପକ୍ଷରୁ ନିବେଦନ କରାଯାଇଛି।

# କଣିହାଁରେ ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା



କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ସ୍ଥାନୀୟ ହଟିଂ ଏରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ମଙ୍ଗୁଲୁ ଚରଣ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁ, ସ୍ୱେଚ୍ଛାସେବୀ ନିର୍ମଳ ସାହୁ, କଣିହାଁ ସରପଞ୍ଚ ରଞ୍ଜିତ ବେହେରା, ହଟିଂ ଏରିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସେନାପତି, ଏସ୍‌ଏମ୍‌ସି ଅଧକ୍ଷା ଫୁଲମଣି ମୁର୍ମୁ, ସିଆର୍‌ସିସି ମାନସ କୁମାର ସାହୁ ଯୋଗ ଦେଇଥିଲେ। ଏହି ସମାରୋହରେ ସମସ୍ତ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ନିରୁପମା ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନେ ଭାଷା ଓ ସଂଖ୍ୟାଜ୍ଞାନରେ ନିପୁଣ ହେଲେ ସେମାନେ ପରବର୍ତ୍ତୀ ଉଚ୍ଚ ଶ୍ରେଣୀ ଗୁଡିକର ଦକ୍ଷତାଗୁଡିକୁ ସହଜରେ ହାସଲ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟ ପରେ ୧୭ଟି କ୍ଲଷ୍ଟରରୁ ସ୍ଥାନୀତ ହୋଇଥିବା ନିପୁଣ ଓଡ଼ିଶା ମେଳାର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସଂପର୍କିତ ଶିକ୍ଷଣ ସାଧନ ଉପକରଣ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରି ପରିଦର୍ଶନ କରିଥିଲେ। ଏହି ମେଳାରୁ ୧୮ଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ପାଇଁ ମନୋନୀତ କରାଯାଇଥିଲା। ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଉଭୟ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ପ୍ରଦର୍ଶନୀରେ ଏଫଏଲଏନ ଗ୍ରେଡ୍ ୧, ୨ ଓ ୩ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମୁନା ନାଏକ ପୁରସ୍କାର ବିତରଣ ସଭାକୁ ପରିଚାଳନା କରିଥିଲେ। ହାତିଆଦଣ୍ଡା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭ କ୍ଲଷ୍ଟରର ସିଆରସିସି, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ସହଯୋଗ କରିଥିଲେ।

## ବିରଳ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା

# ବୋହୂ ହୋଇ ଆସିଥିଲା, ଝିଅ ହୋଇ ରହିଲା



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଥାନାରେ ଗତ ୧୩ ତାରିଖ ରାତିରେ ଏକ ନିଆରା ପ୍ରେମ କାହାଣୀକୁ ନେଇ ପୁଅ-ଝିଅ, ବାପା-ମାଆ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଲେଖା ହୋଇଥିଲା। ପୁଅ-ଝିଅଙ୍କ ବୟସ ହୋଇଯାଇଥିବାରୁ ପୋଲିସ ବି ଚୁପ୍ ରହିଲା। ଘଟଣାଟି ଘଟିଛି ଏହି ଥାନା ଅଧିନସ୍ଥ ସଡାଂସ ପଞ୍ଚାୟତ ଗୁଣ୍ଡର ଗ୍ରାମର ଝିଅ କୃଷ୍ଣପ୍ରସାଦ ପଞ୍ଚାୟତ ନୂଆସାତଙ୍ଗ ଗ୍ରାମର ଜଣେ ବିବାହିତ ପୁଅ ମଧ୍ୟରେ ମୋବାଇଲ୍ ମିସ୍‌କଲ୍‌ରୁ ପ୍ରେମ ଆରମ୍ଭ ହୋଇଥିଲା। ୭ଦିନ ଭିତରେ ପ୍ରେମ ଏତେ ନିବିଡ଼ ହୋଇଗଲା ଯେ ପୁଅ ଯାଇ ଝିଅକୁ ନେଇ ଆସିଲା। ହେଲେ ପୁଅର ସ୍ତ୍ରୀ-ପିଲା ଥିବାରୁ ପରିବାର ଲୋକଲଜ୍ଜା ଏବଂ ବୋହୂର ଭବିଷ୍ୟତକୁ ନେଇ ଚିନ୍ତା କରିବା ସହ ଥାନାରେ ପୁଅ ନେଇ ଆସିଥିବା ଝିଅକୁ ବାପା-ମାଆ ଝିଅ କରି ଘରକୁ ନେଲେ। ଝିଅ ନାଁରେ ୩୭ ଗୁଠ ଜମି କରିଦେବା ସହ ଝିଅର ବାହାଘର କରିବେ ବୋଲି ଲେଖି ଦେଲେ। ଏଥିସହିତ ପୁଅକୁ ନିଶା ନିବାରଣ କେନ୍ଦ୍ରକୁ ପଠେଇ ଝିଅକୁ ଘରେ ରଖିଛନ୍ତି। ଏହି ଘଟଣାକୁ ନେଇ ପୁଅର ବାପା ଏବଂ ଝିଅର ବାପା ଶୋବେନେଶ୍ୱର ମନ୍ଦିରରେ ଶପଥ କରି କୋର୍ଟ ପେପର୍‌ରେ ଲେଖାପଢ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ନିଆଳିରେ ଏବେ ଚର୍ଚ୍ଚା- ବୋହୂ ହେବା ପାଇଁ ଆସିଥିଲା, ଝିଅ ହୋଇ ରହିଗଲା।

# ପାରମ୍ପରିକ ଚାଷ ନାମରେ ହଜାର ହଜାର ହେକ୍ଟର ପାହାଡ଼ ହେଉଛି ବୃକ୍ଷ ଶୂନ୍ୟ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ଚାଷ ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ଜମି ବୃକ୍ଷ ଶୂନ୍ୟ ହେଉଥିବାବେଳେ ଆଉକେତେକ ସ୍ଥାନରେ ପାରମ୍ପରିକ ଚାଷ ନାମରେ ରାଜସ୍ୱ ଜଙ୍ଗଲ ମଧ୍ୟ ନଷ୍ଟ ହେଉଥିବା ଦେଖାଯାଉଛି। ଯାହାକି ବନ ବିଭାଗକୁ ଚିନ୍ତାରେ ପକାଉଛି। ସମୟ ବଦଳିବାରେ ଲାଗିଥିବାବେଳେ ଏବେବି ଜିଲ୍ଲାର ଜଙ୍ଗଲ ନଷ୍ଟ କରିବା ପରମ୍ପରା ବଦଳି ପାରୁନାହିଁ। ଜିଲ୍ଲାରେ ଅନେକ ପାହାଡିଆ ଅଞ୍ଚଳରେ ପୋଡୁ ଚାଷ ଏବେ ବି ଚାଲିଛି। ପୋଡୁ ଚାଷ ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିଲେ ବି ଏହାର ସ୍ଥାୟୀ ପ୍ରତିକାର ହୋଇ ପାରୁନାହିଁ। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୧୫ ହଜାର ହେକ୍ଟର ପାହାଡ଼ ଏହି ପୋଡୁ ଚାଷଦ୍ୱାରା ବୃକ୍ଷଶୂନ୍ୟ ହେଉଛି। ଏହାର ପ୍ରତିକାର ପାଇଁ ବନ ବିଭାଗ ଉଦ୍ୟମ ସତ୍ତ୍ୱେ ପ୍ରାୟତଃ ଏହାକୁ ରୋକାଯାଇ ପାରୁନାହିଁ। କେନ୍ଦୁଝର ଜିଲ୍ଲା ପୋଡୁ ଚାଷ ବହୁଳ ଜିଲ୍ଲା ମଧ୍ୟରେ ଅନ୍ୟତମ। ଏହି ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପୋଡୁଚାଷ ହୋଇଥାଏ। ବିଶେଷକରି ଜିଲ୍ଲାର ବାଂଶପାଳ ଏବଂ ତେଲକୋଇ ବ୍ଲକର ବିଭିନ୍ନ ପାହାଡରେ ପୋଡୁ ଚାଷ ହୋଇଥାଏ। ପୋଡୁ ଚାଷବେଳେ ଆଦିବାସୀମାନେ ବିଶେଷ କରି ରାଜସ୍ୱ ବିଭାଗର ଜଙ୍ଗଲ ଏବଂ ବନ ବିଭାଗ ଜଙ୍ଗଲକୁ ନଷ୍ଟ କରି ପୋଡୁଚାଷ କରିଥାନ୍ତି। ବନ ବିଭାଗର ସୂଚନା ଅନୁସାରେ ପ୍ରତିବର୍ଷ କେବଳ ପୋଡୁ ଚାଷ ଦ୍ୱାରା ବନ ବିଭାଗ ଏବଂ ରାଜସ୍ୱ ବିଭାଗର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ପାହାଡିଆ ଜମି ନଷ୍ଟ ହୋଇଥାଏ। ଯେଉଁଥିରେ ଏକାଧିକ ଔଷଧୀୟ ବୃକ୍ଷଠୁ ଆରମ୍ଭ କରି ଛୋଟ ବଡ଼ ଗଛ ନଷ୍ଟ ଥାଏ। ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳର ଅନେକ ସ୍ଥାନ ଯଥା କାଞ୍ଜି ପାଣି ବରଗୋଡା, ଗୋନାସିକା, ରାକମ ଆଦି ଅଞ୍ଚଳରେ ପାହାଡ ଉପରେ ରହୁଥିବା ଜନଜାତି ଜୁଆଙ୍ଗମାନେ ପୋଡୁ ଚାଷ କରିଥାନ୍ତି। ଜୁଆଙ୍ଗମାନେ ସାଧାରଣତଃ ପାହାଡ ଉପରେ ରହୁଥିବାରୁ ସେଠାରେ ଚାଷ କରିବାକୁ ସମତଳ ଜମି ନଥାଏ। ତେଣୁ ପାହାଡ ଉପରେ ବସତି ସ୍ଥାପନ କରିଥିବା ସ୍ଥାନ ପାଖରେ ପ୍ରତ୍ୟେକ କିଛି କିଛି ଅଞ୍ଚଳରେ ପୋଡୁ ଚାଷ କରି ମକା, ରାଶି ସମେତ ଅନ୍ୟାନ୍ୟ ଫସଲ କରିଥାନ୍ତି। ଏହି ପୋଡୁଚାଷ ବେଳେ ସେମାନେ ପାହାଡର ଅପେକ୍ଷାକୃତ ସମତଳ ସ୍ଥାନ ଦେଖି ନିଆଁ ଲଗାଇ ଦେଇଥାନ୍ତି। ଏହି ନିଆଁ ଲାଗିବା ଦ୍ୱାରା ସେଠାରେ ଥିବା ବିଭିନ୍ନ ଛୋଟ ଛୋଟ ଗଛ ସହିତ ବିଭିନ୍ନ ଔଷଧୀୟ ଗଛ ମଧ୍ୟ ପୋଡି ନଷ୍ଟ ହୋଇଯାଇଥାଏ। ସେହିପରି ବାଂଶପାଳ ବ୍ଲକରେ କାଞ୍ଜିପାଣିରୁ ତେଲକୋଇକୁ ଯିବା ରାସ୍ତାରେ ପଣସନସା, ହଳଦୀ ପାଣି, ଉପର ପଣସନସା ଅଞ୍ଚଳରେ ପାରମ୍ପରିକ ପୋଡୁଚାଷ ପାଇଁ ଅଧିକ ଜଙ୍ଗଲ ନଷ୍ଟ ହେଉଛି। ପ୍ରତ୍ୟେକ ବର୍ଷ ଜୁଆଙ୍ଗମାନେ ଜଙ୍ଗଲରେ ନିଆଁ ଲଗାଉଥିବାରୁ ବ୍ୟାପକ ମୂଲ୍ୟବାନ ପୁରୁଣା ଗଛ ପୋଡି ପାଉଁଶ ହୋଇଯାଉଛି। ପୋଡୁ ଚାଷର ସବୁଠୁ ବଡ଼ ସମସ୍ୟା ହେଉଛି ପ୍ରତି ବର୍ଷ ଆଦିବାସୀମାନେ ଚାଷ ପାଇଁ ସେମାନଙ୍କ ଜାଗା ବଦଳାଇଥାନ୍ତି। ଯାହାକି ବନ ବିଭାଗ କିମ୍ବା ରାଜସ୍ୱ ବିଭାଗକୁ ଅଡୁଆରେ ପକାଇଥାଏ। ଏହାଦ୍ୱାର କେବଳ ଜଙ୍ଗଲ ନଷ୍ଟ ହୋଇ ନଥାଏ ବନ୍ୟ ଜନ୍ତୁ ମଧ୍ୟ ସମସ୍ୟାରେ ପଡିଥାନ୍ତି।

# ବ୍ଲକସ୍ତରୀୟ ଆଇନ ସଚେତନା ଶିବିର

ଚିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ବ୍ଲକର ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଓ ସାମାଜିକ ମଙ୍ଗଳ ବିଭାଗ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଓଡିଶା ରାଜ୍ୟ ମହିଳା କମିଶନ, ଜିଲ୍ଲା ସାମାଜିକ ମଙ୍ଗଳ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଚିକିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ ଚିକିଟି ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ରୂପେ ଯୋଗଦାନ କରି ମହିଳାମାନେ ଦେଶର ବିକାଶରେ ମୂଳ ଅଟନ୍ତି ଏମାନଙ୍କ ସୁରକ୍ଷା ପାଇଁ ସମସ୍ତେ ସଜାଗ ହୋଇ ରହିବା ନିହାତି ଦରକାର। ସେପଟେ ଭାରତର ସର୍ବୋଚ୍ଚ ସ୍ଥାନରେ ମହିଳା ଜଣେ ହିଁ ବିଦ୍ୟମାନ ଅଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସଫଳତା ପଛରେ ମହିଳାମାନଙ୍କ ହାତ ଥାଏ। ଏହାକୁ ଆଖିଆଗରେ ରଖି ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ ତେତିଶି ପ୍ରତିଶତ ମହିଳା ନିର୍ବାଚନ ମୈଦାନରେ ଭାଗ ନେବେ ବୋଲି ଭାରତରେ ପ୍ରସ୍ତାବ ମଞ୍ଜୁର ହେଲା ବୋଲି ମଧ୍ୟ ପ୍ରକାଶ କରିଥିଲେ। ସେହିପରି ସ୍ଥାନୀୟ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ ମଞ୍ଚାସୀନ ହୋଇ ମହିଳାମାନଙ୍କ ସୁରକ୍ଷା ପ୍ରତି ସମସ୍ତ ସାମାଜିକ ସଂଗଠନ ସହ ପ୍ରଶାସନିକ ଅଧିକାରୀ ତତ୍ପର ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ସେଭଳି ଅତରିକ୍ତ ତହସିଲଦାର ସାସ୍ୱତୀ ଷଡ଼ଙ୍ଗୀ, ସମନ୍ୱିତ ଶିଶୁବିକାଶ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, ସରକାରୀ ମହିଳା ସୁରକ୍ଷା ଅଧିକାରୀ ଡ଼ି. ନଗରତ୍ନମ, ଅବସରପ୍ରାପ୍ତ ଅଧକ୍ଷ ଡା. ଡ଼ି ଗୋବିନ୍ଦ ରାଓ, ଜିଲ୍ଲା ଆଟେଣ୍ଡ ସାମାଜିକ ମଙ୍ଗଳ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥି ସହିତ ଓ୍ୱାନଷ୍ଟପ ସେଣ୍ଟରର ଐଶ୍ୱର୍ଯ୍ୟା ସାହୁ, ସୁନନ୍ଦାଙ୍କ ସହ ମଞ୍ଚ ପରିଚାଳନା କରିବାରେ ଆଦର୍ଶ ଶିକ୍ଷକ ରଞ୍ଜନ ବ୍ରହ୍ମା ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଚିକିଟି ସାମାଜିକ ମଙ୍ଗଳ ଅଧିକାରୀ, ଅନୁପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।

# ରାଶିଫଳ

ରବିବାର, ୧୬ ଫେବୃଆରୀ ୨୦୨୫



**ମେଷ:** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ। ପାରିବାରିକ ବ୍ୟସ୍ତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନସନ ହେବେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।



**ବୃଷ:** ଲାଭ ପାଇଁ ସୁଯୋଗ ମିଳିବ। ଶତ୍ରୁ ଭୟଭୀତ ହେବେ। ଗ୍ରାହକ ବ୍ୟବସାୟରେ ଭଲ ହେବେ। କାର୍ଯ୍ୟ ଆଚରଣ, ସଚ୍ଚୋଟତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଠିନ ପରିଶ୍ରମ କରିବା ଲାଭଦାୟକ ହେବ। ଚିନ୍ତା ରହିବ।



**ମିଥୁନ:** ସମ୍ମାନ ପାଇବେ। ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ମହିଳାମାନେ କଷ୍ଟ ପାଇପାରନ୍ତି। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ। ପେଟ ରୋଗରେ ପୀଡିତ ହେବାର ସମ୍ଭାବନା।



**କର୍କଟ:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ। ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ। ଧନର ସମ୍ଭାବନା। ସାଙ୍ଗମାନଙ୍କୁ ଭେଟିବେ। ବିବାଦ କରନ୍ତୁ ନାହିଁ। ଯାତ୍ରା ସଫଳ ହେବ। ଆଇନଗତ ବାଧା ଦୂର ହେବ।



**ସିଂହ:** ସ୍ୱାସ୍ଥ୍ୟ ଭଲ ରହିବ। ପ୍ରେମ ସଂପର୍କରେ ଦୂରେଇ ରୁହନ୍ତୁ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ। ବିବାଦକୁ ଯାଆନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ। ଉପକୃତ ହେବେ। ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ। ଶତ୍ରୁମାନେ ଶାନ୍ତ ରହିବେ।



**କନ୍ୟା:** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ଆଖି ଯନ୍ତ୍ରଣା ହେବାର ସମ୍ଭାବନା। ଧନ ଲାଭ ହେବ। ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ। ଅପମାନିତ ହେବାର ସମ୍ଭାବନା। ଦୁଃଖଦ ଖବର ସମ୍ଭାବନା। ଧନ କ୍ଷତି। ଶାରୀରିକ ଯନ୍ତ୍ରଣା ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।



**ତୁଳା:** ପ୍ରଗତିର ରାସ୍ତା ଖୋଲାଯିବ। କାର୍ଯ୍ୟ ପ୍ରତି ଉଦାସୀନତା ରହିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। କିଛି ଲାଭର ସମ୍ଭାବନା। ଚିନ୍ତା କମ୍ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ।



**ବିଛା:** ପାର୍ଟି ଏବଂ ପିକ୍‌ନିକ୍ ଉପଭୋଗ କରାଯିବ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଶତ୍ରୁ ଉପରେ ବିଜୟ। କୁସଙ୍ଗରୁ କ୍ଷତି। ଜୀବନସାଥି ପାଇବେ। କିଛି ରୋଜଗାର ହେବ। ମାତା ଯନ୍ତ୍ରଣା ଭୋଗିବେ। କାରବାରରେ ସାବଧାନ ରୁହନ୍ତୁ।



**ଧନୁ:** ବୃଥା ବ୍ୟସ୍ତତା ରହିବେ। ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା। ଲାଭ ଠିକ୍ ରହିବ। ଦୁଃଖଦ ଖବର ମିଳିପାରେ। କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ। ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ।



**ମକର:** ଯାତ୍ରା ସମ୍ଭବ ହେବ। କିଛି ଦୁଃଖ ସମ୍ଭାବନା। ଲାଭ ହେବ। ମହିଳା ଶ୍ରେଣୀର ଯନ୍ତ୍ରଣା। କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା। ଏହା ଏକ ଅସନ୍ତୁଷ୍ଟ ଦିନ ହେବ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଘର ବାହାରେ ଅଶାନ୍ତି ଦେଖାଦେଇପାରେ। ପ୍ରୟାସ ସଫଳ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।



**କୁମ୍ଭ:** ଆୟ ବୃଦ୍ଧି ପାଇବ। ଭଲ ଖବର ଗ୍ରହଣ କରାଯିବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା। ଚିନ୍ତା ଉପୁଜିବ। ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ।



**ମୀନ:** ଲାଭ ହେବ। ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ପରିବାରର ଚିନ୍ତା ରହିବ। ଆପଣ ଅସୁସ୍ଥ ଅନୁଭବ କରିବେ। ଚିନ୍ତା ଆପଣଙ୍କଠାରୁ ମୁକ୍ତି ପାଇବ ନାହିଁ। ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ। ସମ୍ଭାବ୍ୟ ଯାତ୍ରା ସତର୍କତା ଅବଲମ୍ବନ କରିବାକୁ ପଡିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାମାଜିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଜିଲ୍ଲା ପ୍ରଶାସନ, ଗଜପତି ତରଫରୁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ -୨ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଶ୍ରୀ ଅଶ୍ୱିନୀ କୁମାର ମହାପାତ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମିନତି ଦେବୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ, ସୁରକ୍ଷା ଅଧିକାରୀଣି ଶ୍ରୀମଟି ଶାରଳ। ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ଓ ମହିଳା ମାନଙ୍କ ପାଇଁ କାର୍ଯ୍ୟକରୁଥିବା ସ୍ୱେଚ୍ଛା ସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯଥା ଶିଶୁ ଙ୍କୁ ଯତ୍ନ ସୁରକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତା ,ୱାନ୍ ଷ୍ଟପ କେନ୍ଦ୍ରର କର୍ମକର୍ତ୍ତା, ଶକ୍ତି ସଦନର କର୍ମକର୍ତ୍ତା , ଚାଇଲ୍ଡ ହେଲ୍ପ ଲାଇନ ର କର୍ମୀ , ବୃଦ୍ଧାଶ୍ରମର କର୍ମୀ, ଏକସନ ଏଡର ଜିଲ୍ଲା ସଂଯୋଜକ , ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲ୍ଲା ପରାମର୍ଶଦାତା ଓ ସାତଗୋଟି ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କ୍ଷେତ୍ର ପରିଚାଳିକା। ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାରଳାଖେମୁଣ୍ଡିର ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଥିବା ମନୋବିଜ୍ଞାନୀ କି ପ୍ରକାର ସେବା ଯୋଗାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର କର୍ମକର୍ତ୍ତା ପରିଚାଳନା କରିଥିଲେ।



# ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରି ଓ ତାଙ୍କ ଧର୍ମପତ୍ନୀ ପ୍ରୀତି ସୌଲାଙ୍କି,ସମ୍ମାନିତ ଅତିଥି ଭାବରେ ମୁରିବାହାଲ ବିଡ଼ିଓ ବାସନ୍ତୀ ସେଟ୍ଟି, ତହସିଲଦାର ଜଗଦୀଶ କର୍ଡ଼ାମୀ, ମୁରିବାହାଲ ଆଇଆଇସି ସିପ୍ରା ସାରୟ ଲୁଗୁନ ସିଡ଼ିପିଓ ପୂର୍ଣ୍ଣମା ବେଠାରୁ କୃଷି ଅଧିଦର୍ଶକ କିଶୋର କୁମାର ଭୋଇ ଉପସ୍ଥିତ ରହି ବିଧିବଦ୍ଧ ଭାବରେ ଉଦଘାଟିତ କରିଥିଲେ। ଏହି ଧନୁଯାତ୍ରା ମହୋତ୍ସବଟି ୧୪ ତାରିଖ ରୁ ଆରମ୍ଭ ହୋଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ରଜନୀରେ ଦୁର୍ମିଳା ସୁର ବଧ ଓ ନାରଦ କଂସ ସମ୍ବାଦ ଅନୁଷ୍ଠିତ ହୋଇଥିଲା । କଂସ ରୂପରେ ଆର୍ତ୍ତତ୍ରାଣ ସୁନାନୀ ଏହି ଧନୁଯାତ୍ରା ମହୋତ୍ସବରେ ଉପସ୍ଥିତ ଥିଲେ । ପ୍ରଥମ ରଜନୀରେ କମିଟି ର ସଭାପତି ଶ୍ରୀବତ୍ସ ବେହେରା ସଭାପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁବ୍ରତ କୁମାର ମହାକୁଡ଼, ଲକ୍ଷ୍ମୀକାନ୍ତ ଧରୁଆ, ନିରଞ୍ଜନ ସାହୁ, ବିଶ୍ୱବିହାରୀ ଯୋଶୀ, ଶ୍ୟାମ ସୁନ୍ଦର ଝାଙ୍କର, ଦିବ୍ୟ ସୁନ୍ଦର ସାହୁ କାର୍ଯ୍ୟକାରୀ ସଭାପତି ରମେଶ କୁମାର ନାଗ, ସୁଦାମ ସାହୁ, ରାଜୀବ ମହାନ୍ତି, ତରଣୀସେନ ମେହେର, ସୁଦାମ ବଘାର ସହ ସମ୍ପାଦକ ରାମରଞ୍ଜନ ପାତ୍ର, ପ୍ରେମାନନ୍ଦ ମାଝୀ, ସୁଜିତ ପାଢ଼ୀ, ଅଭିଳାଶ ବଘାର କୋଷାଧ୍ୟକ୍ଷ ଭରତ ଦାଶ, ପଦ୍ମଲୋଚନ ସାହୁ ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ ସାଂସ୍କୃତିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଧାନ, ବୈରାଷ୍ଟ୍ର ପୋଡ଼ ହେମନ୍ତ ଶର୍ମା, ସେମନ୍ତ ବାଗ, କରଣ ଜାଲ, ରଂଜିତ ଆଚାରୀ ଓ ସଂଯୋଜକ ଭାବରେ ସୁଧାଂଶୁ ପୋଡ଼ ଯାଦବ, ଲିଲୁମୋହନ ପଧାନ, ଉଦିତ କଟା ଆବାହକ କୁନ୍ତ ପୋଡ଼, ବାବୁଲାଲ କେତକୀ ଯାଞ୍ଚ ଅଧିକାରୀ ଭାବରେ ଅନିଲ ଶର୍ମା ସୁରେଶ ଶର୍ମା, ରାମକୃଷ ଆଡ଼ୟୁଆଡ, ଭୀଷ୍ମରାଜ ମେହେର ପ୍ରଚାରପ୍ରସାରରୁ ପ୍ରଫୁଲ୍ଲ ବଘାର, କେଦାର ବଡ଼ଜେନା, ଦେବବ୍ରତ ବିଶି ଓ ମନୋଜ କର ଓ ଆଇନ ପରାମର୍ଶ ଦାତା ଭାବରେ ଜୟଦୀପ ପୁରୋହିତ, ଶମ୍ଭୁ ପ୍ରସାଦ ଭୋଇ ଉପସ୍ଥିତ ଥିଲେ। ଉପଦେଷ୍ଟା କମିଟିରୁ ଭଗବାନ ମହାନ୍ତି,ଭଗତ ନାଗ, ଦୁର୍ଯ୍ୟୋଧନ ବେହେରା, ଚିନ୍ତାମଣି ମହାରଣା ଉପସ୍ଥିତ ଥିଲେ ଶେଷରେ ସୁଦାମ ଚରଣ ବଘାର ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ
# ପଞ୍ଜିକରଣ ପତ୍ର ଓ ସହାୟତା ରାଶି ପ୍ରଦାନ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ସୁମିତ୍ରା ମାଝୀ, ଯୁଗ୍ମ ଶ୍ରମ ଆୟୁକ୍ତ ବ୍ରହ୍ମପୁର ରେଞ୍ଜ, ବାବୁଚରଣ ପାତ୍ର, ଶ୍ରମ ଆୟୁକ୍ତ ଗଜପତି, ଭେଙ୍କଟ ରାଓ ଅଚାରୀ, ସହକାରୀ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଭାରତୀ ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ଗଜପତି ଅତିଥି ଭାବରେ ଯୋଗଦେଇଥିଲ । ଜିଲ୍ଲାପାଳ ଶ୍ରମିକ ମାନଙ୍କୁ କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ତରଫରୁ ଅଣ ସଙ୍ଗଠିତ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଉଛି । ଶ୍ରମିକ ମାନେ ପଞ୍ଜିକରଣ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ରହିଅଛି, ଏଣୁ ଅଣ ସଙ୍ଗଠିତ ଶ୍ରମିକ ମାନେ ବିନା ମୂଲ୍ୟରେ ପଞ୍ଜିକରଣ କରିପାରିବେ, କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ । ସେହିପରି ଅଣ ସଙ୍ଗଠିତ ଶ୍ରମିକ ମାନଙ୍କ ବୟସ ୧୮ ବର୍ଷ ରୁ ଊର୍ଦ୍ଧ୍ୱ ଏବଂ ୬୦ ବର୍ଷ ରୁ କମ ହୋଇଥିବା ଆବଶ୍ୟକ । ଶ୍ରମିକମାନେ ପଞ୍ଜିକରଣ କରିବା ପାଇଁ ନିଜ ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସ ବୁକ୍ ଓ ନିଜ ପାସପୋର୍ଟ ସହିତ ହିତାଧୀକାରୀମାନେ ଅନଲାଇନ୍ ମାଧମରେ କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରେ ଆବେଦନ କରିପାରିବେ ଏବଂ ନିଜେ ଏହି ବିଷୟରେ ଜାଣି ଅନ୍ୟମାନଙ୍କୁ ମଧ ସଚେତନତା କରିବା ପାଇଁ ଅନୁରୋଧ କରିଥିଲେ। ଏହାସହ ଶ୍ରମିକମାନଙ୍କୁ ପଞ୍ଜିକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥିଲେ । ଜିଲ୍ଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ମୋଟ ୪୪୫ ଜଣଙ୍କୁ ବିବାହ,ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ପ୍ରଦାନ କରାଯାଇଛି । ସେଥିମଧ୍ୟରେ ଡିବିଟି ମୋଡ ମାଧ୍ୟମରେ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ୩ କୋଟି ୩୫ ଲକ୍ଷ ୫୮ ହଜାର ୨୦୦ ଶହ ଟଙ୍କା ସିଧାସଳଖ ପଠାଯାଇଛି । ଯାହା ମୃତ୍ୟୁକାଳୀନ ସହାୟତା ବାବଦକୁ ୧୪୭ ଜଣଙ୍କୁ ୩ କୋଟି ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ୧୪୨ ଜଣଙ୍କୁ ୭ ଲକ୍ଷ ୧୦ ହଜାର ଟଙ୍କା,ବିବାହକାଳୀନ ସହାୟତା ରାଶି ବାବଦକୁ ୪୧ ଜଣଙ୍କୁ ୨୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ପ୍ରସୂତି କାଳୀନ ସହାୟତା ବାବଦକୁ ୪ ଜଣଙ୍କୁ ୪୦ ହଜାର ଟଙ୍କା ଓ ଶିକ୍ଷା ସହାୟତା ରାଶି ବାବଦରେ ୫୭ ଜଣଙ୍କୁ ୪ ଲକ୍ଷ ୫୮ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ, ସୁକାନ୍ତ କୁମାର ପଣ୍ଡା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମେତ ଅନ୍ୟ ଶ୍ରମ ବିଭାଗୀୟ କର୍ମଚାରୀ , ଗଣମାଧ୍ୟମ ପ୍ରତିନିଧି ଗଣ ଓ ନିର୍ମାଣ ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଅମିତ କୁମାର ନାୟକ ସହକାରୀ ଶ୍ରମ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରେଳ ଷ୍ଟେସନ ନିକଟରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): କେ.ସିରିଶା ନାମ୍ନୀ ଜଣେ ମହିଳା ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟରୁ ଏକ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛନ୍ତି । ଉକ୍ତ ସହୃଦୟା ମହିଳା ଜଣକ ସେହି ଶିଶୁଟିକୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିବା ସହିତ ଶିଶୁଟିର ପରବର୍ତ୍ତୀ ଯତ୍ନ ନେବା ନିମନ୍ତେ ଅନୁରୋଧ କରି ସରକାରଙ୍କୁ ଶିଶୁଟିକୁ ହସ୍ତାନ୍ତର କରିଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ହେଲ୍ପଲାଇନ ଓ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ଶିଶୁଟିର ଆବଶ୍ୟକୀୟ ଚିକତ୍ସା ଜାରି ରଖିଛନ୍ତି । ଶିଶୁଟି ବର୍ତ୍ତମାନ ସୁସ୍ଥ ରହିଥିବା ବେଳେ, ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଜଣେ ଆୟା ଶିଶୁଟିର ଯତ୍ନ ନେଉଛନ୍ତି ।



# ‘ବିକଶିତ ଗାଁ, ବିକଶିତ ଓଡିଶା’ ଗ୍ରାମସଭା ବୈଠକ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ନୂଆ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ପ୍ରଥମ ଗ୍ରାମସଭା ସରପଞ୍ଚ କିଶୋର ନାୟକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଗାଁ ବିକଶିତ ହେଲେ ଓଡିଶା ବିକଶିତ ହେବ। ଏଣିକି ଗାଁ କୁ ମିଳିବ ଅଧିକ କ୍ଷମତା। ଆଗାମୀ ପାଞ୍ଚ ବର୍ଷ ରେ ପ୍ରତ୍ୟକ ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ଏବଂ ଯୋଗାଯୋଗର ବ୍ୟବସ୍ଥା ଦୃଢ଼ିକରଣ ହେବ। ଗାଁ ଗାଁରେ ରାସ୍ତା ନିର୍ମାଣ, ଆଧୁନିକ ସେବା, ପଛୁଆ ଓ ଆଦିବାସୀ ଅଞ୍ଚଳକୁ ପ୍ରାଧାନ୍ୟତା ଦିଆଯିବ ବୋଲି ସରପଞ୍ଚ ଜଣାଇ ଥିଲେ । ପ୍ରତ୍ୟେକ ଗାଁର ମୌଳିକ ଭିତ୍ତିଭୂମିର ବିକାଶ, ରାସ୍ତାଘାଟ ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା, ଡ୍ରେନ ନିର୍ମାଣ,ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଯାହା ଆଲୋଚନା ହୋଇଥିଲା ତାହା ଆଗାମୀ ପାଞ୍ଚ ବର୍ଷରେ ପୂରଣକରିବା ନେଇ ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ। ଏହି ଗ୍ରାମ ସଭାରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ବରିଷ୍ଠ ସମାଜସେବୀ ନାରାୟଣ ପାତ୍ର,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ,ସମିତି ସଭ୍ୟା ସୁଶୀଳା ପୂଜାରୀ,ଏସିଡିଇ ଓ ରାମସାଇ ଗଣ୍ଡ, ସିଆରସିସି ଡ଼ମ୍ବୁରୁ ଧର ହରିଜନ, ସମସ୍ତ ଅଙ୍ଗନବାଡି କର୍ମୀ, ସମସ୍ତ ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ପଞ୍ଚାୟତ ର ଦିଗୀ, ସଲପା, ଚରାମୂଳା, ପଣସ ପଦର, କାରଲିଛୁଆଁ, ଗାଦବାଗୁଡ଼ା ର ମୁଖିଆ ଲୋକ ଉପସ୍ଥିତ ରହିଥିଲେ ।

# ‘ବିକଶିତ ଗାଁ, ବିକଶିତ ଓଡିଶା’ ସ୍ୱତନ୍ତ୍ର ଗ୍ରାମସଭା




କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଗ୍ରାମ ପଞ୍ଚାୟତ ବୈଠକ ଗୃହଠାରେ ସରପଞ୍ଚ ପଦ୍ମା ମାଡକାମୀଙ୍କ ଅଧକ୍ଷତାରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏହି ଗ୍ରାମ ସଭାରେ ପଞ୍ଚାୟତ ସମିତି ଅଧୀନରେ ଥିବା ୨୦ଗୋଟି ୱାର୍ଡର ୱାର୍ଡ ମେମ୍ବରଙ୍କ ସମେତ ବହୁ ଗ୍ରାମ ବାସୀ ଉପସ୍ଥିତ ରହିଥିଲେ । ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଗ୍ରାମସଭାରେ ପ୍ରାୟ ୧୫୦ରୁ ଅଧିକ ଅଭିଯୋଗ ଆସିଥିବା କହିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ସାହୁ । ୱାର୍ଡ ମାନଙ୍କରୁ ଆସିଥିବା ସମସ୍ୟା ଗୁଡିକ ଆଗାମୀ ପଞ୍ଚ ବର୍ଷରେ ପର୍ଯ୍ୟାୟ କ୍ରମେ ସମସ୍ୟାର ସମାଧାନ କରାଯିବ ବୋଲି ସରପଞ୍ଚ ମାଡକାମୀ କହିଛନ୍ତି । ଏହି ଗ୍ରାମ ସଭାରେ ବ୍ଲକ କମ୍ପ୍ୟୁଟର ପୋଗ୍ରାମର ସତ୍ୟ ଦାସ,ଗ୍ରାମ ପଞ୍ଚାୟତ ହିସାବ ରକ୍ଷକ ସୋରନ ଅର୍ନମଲ ତଥ୍ୟ ନିରୀକ୍ଷକ ଉପସ୍ଥିତ ରହିଥିଲେ ।

# ସୁନେତ୍ର କାର୍ଯ୍ୟକ୍ରମ



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଡୁମୁରୀ ମୁଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ସୁନେତ୍ର କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସୁନେତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ ଡୁମୁରୀ ମୁଣ୍ଡା ସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଠାରେ ହୋଇଥିଲା। ଏହି ଅବସରରେ ଉମରକୋଟ ମେଡିକାଲର ଚକ୍ଷୁ ସହାୟକ ଚିକିତ୍ସା ଅଧିକାରୀ ରାମଚନ୍ଦ୍ର ରାମ୍, ନବରଙ୍ଗପୁର ଯୋଗଦେଇ କମ୍ପ୍ୟୁଟର ଦ୍ୱାରା ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ରାଇଘର ବ୍ଲକର ଆଞ୍ଚଳିକ କେନ୍ଦ୍ର ଅଧୀନରେ ଥିବା ବିଦ୍ୟାଳୟରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସେଥିମଧ୍ୟରେ କେତେକ ଛାତ୍ରଛାତ୍ରୀଙ୍କୁ ଚଷମା ଦିଆଯାଇଥିବା ବେଳେ ଆଉ କିଛି ଜଣଙ୍କୁ ଉଚ୍ଚସ୍ତରୀୟ ଚିକିତ୍ସା ନିମନ୍ତେ ଚିହ୍ନଟ କରାଯାଇଥିଲା। ସ୍ଥାନୀୟ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶୁକଦେବ ମଲ୍ଲିକ ପରିଚାଳନା କରିଥିବା ବେଳେ ବହୁ ସିଆରସିସି ଓ ଶିକ୍ଷକ ମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଛେଳି ଡଙ୍ଗିରି, କଚରା ପାରା, କୁମୁଲି , ପାରୁଆ, ହାଟ ଭରାଣ୍ଡି, କୁନ୍ଦେଇ, କାଉ ଡୋଳା, କସକଙ୍ଗା, ତୁରୁଡ଼ି, ପରିଛି ପାରା,, ଜଳଙ୍ଗ ପାରା, ଜୋଡ଼ିଙ୍ଗା, ନାକଟି ସିମୋଡା, ଟିମନ୍ ପୁର, କୁରାବେଢ଼ା, ଫୁଟା ନଡ଼ା, ମୁଣ୍ଡି ବେଢ଼ା, ବୋବେଇ, ହାତୀଙ୍ଗା, ଗଞ୍ଜା ପାରା ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଅଛି। ୨୭.୨.୨୫ ତାରିଖ ଦିନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

# ଚଢେଇଗୁଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉମରକୋଟ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ଯୋଗ ଦେଇ ଶିକ୍ଷାର୍ଥୀ ମାନଙ୍କର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ପାଇଁ ନିୟମିତ ଉପସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କେଦାରେଶ୍ୱର ପଟ୍ଟନାୟକ ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ଯୋଗୁ ହିଁ ବିକାଶ ସମ୍ଭବ ହୋଇଛି ବୋଲି ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଗ୍ରସେନ ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ନୂତନ ଶିକ୍ଷାନୀତି-୨୦୨୦ ହିଁ ଶିକ୍ଷା କ୍ଷେତ୍ରରେ ଭାରତକୁ ବିଶ୍ୱ ସମକକ୍ଷ କରିପାରିବ ବୋଲି ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଭାଗବତ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ଇତି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ହରିଜନ ଓ ପଞ୍ଚସଖା ସେତୁ ଅଭିଯାନର ସଭାପତି ବଳରାମ ଗଣ୍ଡଙ୍କୁ ଟ୍ରଫି ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସର୍ବଶ୍ରୀ ଶ୍ରୀନିବାସ ପାଢ଼ୀ, ତ୍ରିନାଥ ଭତ୍ରା, ଆଦିତ୍ୟ କୁମାର ମହାରଣା, ବିଜୟ ପ୍ରଧାନ, ଜୟଶ୍ରୀ ସାହୁ, ରଶ୍ମିତା ବରାଳ, ଚଞ୍ଚଳା ବାଳା, ସୁଦର୍ଶନ ହରିଜନ, ପ୍ରିତିମୟୀ ଦାସ, ଅନୀମା ସାମଲ, ଆକୁଳ ବିଶ୍ୱାସ ଓ ଲୁନାରାଣି ରାଉତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ପରିବେଶ ସମ୍ବନ୍ଧୀୟ ଜନଶୁଣାଣି




କୋଇଡା(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ତେନ୍ତୁଲିଡ଼ିହି ଠାରେ ଥିବା ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ପ୍ରସ୍ତାବିତ ବାର୍ଷିକ ୨୪ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଲୁହାପଥର ବେନିଫିକେସନ୍ ପ୍ଲାଣ୍ଟ ର ସ୍ଥାପନା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ତେନ୍ତୁଲିଡ଼ିହି ଗ୍ରାମ ସ୍ଥିତ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ , ବଣାଇଁ ଉପଜିଲ୍ଲାପାଳ ଆଇ ଏ ଏସ ଅକ୍ଷୟ ପିଲେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକ, କୋଇଡା ତହସିଲଦାର ଆଶିଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଜନଶୁଣାଣି ରେ ଅଂଚଳର ଜନପ୍ରତିନିଧିଙ୍କ ସମେତ ନିକଟସ୍ଥ ଗ୍ରାମର ୪୩ ଜଣ ଗ୍ରାମବାସୀ ଯୋଗ ଦେଇ ନିଜର ମତାମତ ପ୍ରଦାନ କରିବା ସହିତ ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ଏହି ପ୍ରକଳ୍ପ କୁ ସମର୍ଥନ ଜଣାଇଥିଲେ ।ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଜନ ପ୍ରତିନିଧିମାନେ ଅଞ୍ଚଳବାସୀଙ୍କ ପାଇଁ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ଜନସାଧାରଣ ଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ,ରାସ୍ତାର ମରାମତି ଓ ଉନ୍ନତିକରଣ, ପାନୀୟ ଜଳ ଯୋଗାଣ, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ସେବା ନିମନ୍ତେ ଆମ୍ବୁଲାନ୍ସ ଯୋଗେଇ ଦେବା ପାଇଁ ଗ୍ରାମବାସୀ ମାନେ ଦାବି ଉପସ୍ଥାପନ କରିଥିଲେ। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ପ୍ରୟାନ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ଼ର ଆରଆର ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଜନଶୁଣାଣିରେ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇ ଥିଲେ। ପିଟିଏ ଖଣି କମ୍ପାନୀ ପକ୍ଷରୁ ଟଙ୍କଧର ବେହେରା। ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମର ସୁପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନାମନଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍):) ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ ପଞ୍ଚାୟତ ନାମନଗଡଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦୁଇ ଘଟିକା ସମୟରେ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଅଛି । କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ଦାସଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବାବାଜୀ ପ୍ରଧାନ (ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ), ଶ୍ରୀମତୀ ପୁଷ୍ପାଞ୍ଜଳି ଭୂୟାଁ (ସରପଞ୍ଚ ନାମନଗଡ଼), ବିରାଜିନୀ ପାଇକ (କମିଟି ଅଧକ୍ଷା) ଓ ଶ୍ରୀ ଲକ୍ଷ୍ମୀ ନାରାୟଣ ପଣ୍ଡା (ଆଞ୍ଚଳିକ ସଂଯୋଜକ, ନାମନଗଡ଼), ନିଜ ନିଜ ବକ୍ତବ୍ୟରେ ପିଲାମାନଙ୍କୁ ଶିକ୍ଷା ଦକ୍ଷତା ଓ ପାରଦର୍ଶିତାରେ ଅନୁଗାମୀ ହୋଇ ଅଗ୍ରସର ହେବାକୁ ଜଣାଇଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ଚଳିତ ବର୍ଷ ଅମର ଜ୍ୟୋତି ଲିମା ସିନିୟର୍ ବିଭାଗର ଚମ୍ପିଆନ ହୋଇ ପୁରସ୍କୃତ ପାଇଥିଲେ। ସ୍କୁଲ ଛାତ୍ରଛାତ୍ରୀ ମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରୀତି ଭୋଜନର ଆୟୋଜନ କରାଯାଇଥିଲା ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ସ୍ଥାନୀୟ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ବାର୍ଷିକ ଉତ୍ସବଟି ବଡ଼ ଆଡମ୍ବର ସହ ପାଳିତ ହୋଇଯାଇଛି ।

# ‘ଭଗବାନ ମିଶ୍ର ସ୍ମୃତି ସମିତି’ ସମ୍ମାନିତ



ବରଗଡ(ଭାସ୍କର ନ୍ୟୁଜ୍): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭଗବାନ ମିଶ୍ର ସ୍ମୃତି ସମିତି ପୁରୀର ଯୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରିୟପତ୍ର ପତ୍ରିକାର ବାର୍ଷିକ ଉତ୍ସବରେ ପତ୍ରିକା ତରଫରୁ ସମିତିର ସାମାଜିକ,ସାହିତ୍ୟସେବା ଓ ରାଷ୍ଟ୍ରଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଭୂମିକା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛି। ଏହି ଉତ୍ସବରେ ପତ୍ରିକାର ସମ୍ପାଦକ ବିପିନ ବିହାରି ଦଳାଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ଼. କୈଳାଶ ଚନ୍ଦ୍ର ଟୀକାୟତ ରାୟ,ସନ୍ତୋଷ କୁମାର ସେଠୀ ଓ ବିଜୟଲକ୍ଷ୍ମୀ ଯୋଗ ଦେଇ ଦୀର୍ଘ ୩୮ ବର୍ଷ ଧରି ପ୍ରକାଶିତ ହୋଇ ଆସୁଥିବା ପତ୍ରିକାର ସମ୍ପାଦକ, ପରିଚାଳନା ସମିତି ସଦସ୍ୟ, ଲେଖକ-ଲେଖିକାମାନଙ୍କୁ ଉଦ୍‌ବୋଧନୀରେ ଭୂୟସୀ ପ୍ରଶଂସା କରିଥିଲେ। ଭଗବାନ ମିଶ୍ର ସ୍ମୃତି ସମିତିର ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, କୋଷାଧକ୍ଷ ନବକୃଷ୍ଣ ମିଶ୍ର ସମିତି ତରଫରୁ ସମ୍ମାନ ଗ୍ରହଣ କରିଥିଲେ। ସମିତି ସଭାପତି ସର୍ଦ୍ଦାର ପ୍ରିତମ ସିଂ, ଅଧକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଉପଦେଷ୍ଟା ପ୍ରୋ. ସନ୍ତୋଷ ପଣ୍ଡା, ଉପସଭାପତି କମଳ ଯୋଶୀ ଓ ମନୋରମା ଷଡ଼ଙ୍ଗୀ, ସହସମ୍ପାଦକ ବିନୋଦ ସାହୁ, ଅରବିନ୍ଦ ଗୁପ୍ତା, ସମିତିର ଅନ୍ୟ ବରିଷ୍ଠ ସଦସ୍ୟ ମିନାକ୍ଷୀ ଦାଶ, କାମିନୀ ଦାଶ, ଜଗଦୀଶ ଜୈନ, ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର, ଅଭିମନ୍ୟୁ ଭୋସାଗାର, ଖୁସୁବୁ ଶର୍ମା, ରେଣୁ ଅଗ୍ରୱାଲ, ଇଂ ମୁକ୍ତା ଦାଶ, ଜଗଦାନନ୍ଦ ମିଶ୍ର ସହ ବରଗଡ଼ ଜିଲ୍ଲାର ସାହିତ୍ୟ ପ୍ରେମୀ,ଶିକ୍ଷକ ଓ ବୁଦ୍ଧିଜୀବୀ ଆନନ୍ଦ ପ୍ରକାଶ କରିଛନ୍ତି।



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କାମବେଡା ସଦର ପଞ୍ଚାୟତ ଗ୍ରାମରେ ଆଜି ୩ ଟି ପଞ୍ଚାୟତ ବାସିନ୍ଦା ଙ୍କୁ ନେଇ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। କାମବେଡା, ପୁରୁଣା ଚିମଟାପାଲି ଏବଂ ପୋଟରେଲ ପଞ୍ଚାୟତ ର ବହୁ ଲୋକେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଆଜି କେବଳ ୭ ଗୋଟି ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିବା ଆଗାମୀ ଦିନରେ ଆହୁରି ମଧ୍ୟ ବଣ୍ଟାଯିବ ବୋଲି ସୂଚନା ମିଳିଛି। ମଞ୍ଚାସୀନ ଅତିଥି ଭାବେ କାମବେଡା ସରପଞ୍ଚ ରମାକାନ୍ତ ମାଡକାମୀ, ଡୁଡାମେଟା ସରପଞ୍ଚ ମୁକୁନ୍ଦ ସୋଡି, ପୋଟରେଲ ସରପଞ୍ଚ ପୂଜା ପଡ଼ିଆମୀ, ଫରେଷ୍ଟର ମୋହନ ଗୁଡ଼ିଆ, ଏଫଆରସି କୋର୍ଡିନେଟର ପି ରାଜୁ, ରାଜସ୍ୱ ନିରୀକ୍ଷକ ମଧୁସୂଦନ ତହସିଲଦାର ପ୍ରମୁଖ ଥିଲେ। ଫରେଷ୍ଟର ଶ୍ରୀ ଗୁଡ଼ିଆ ଜଙ୍ଗଲ ସୁରକ୍ଷା ସମ୍ବନ୍ଧରେ ବୁଝାଇବା ସହ ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ନ ଲଗାଇବା କାରଣ ଏହି ମହୁଲ ଏବଂ ଟୋଲା କୁ ବିକ୍ରି କରି ଆଦିବାସୀ ନିଜର ପେଟ ପୋଷଣ କରୁଥିବା ପରି ବହୁ ଗୁରୁତ୍ୱପୂର୍ଣ୍ଣ କଥା ଗୁଡିକ କହିଥିଲେ। ଜଙ୍ଗଲ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ସଚେତନତା ବାର୍ତା ଦିଆଯାଇଥିଲା। ଏଥି ସମେତ ପରିବର୍ତ୍ତନ ଏନଜିଓ ର ସଦସ୍ୟ ଏବଂ ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମର ଜଙ୍ଗଲ ଜମି କମିଟି ର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ଥିଲେ।

# ପ୍ରଥମାର୍ଦ୍ଧରେ ହଟ୍ଟଗୋଳ ଯୋଗୁ ଚାଲିପାରିଲାନି ପ୍ରଶ୍ନକାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶନିବାର ମଧ୍ୟ ବିଧାନସଭାର ପ୍ରଥମାର୍ଦ୍ଧ ବୈଠକରେ ଅଚଳାବସ୍ଥା ଦେଖା ଦେଇଥିଲା । ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ମୁଖ୍ୟ ବିରୋଧୀ ଦଳ ବିଜେଡିର ବିଧାୟକ ମାନା ହଟ୍ଟଗୋଳ କରିଥିଲେ । କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗର୍ଜିଥିଲେ । ଉଭୟ ଦଳର ବିଧାୟକଙ୍କ ହୋହଲ୍ଲା କାରଣରୁ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ହୋଇପାରି ନଥିଲା। ଏହି କାରଣରୁ ଆଜି ଗୃହରେ ପ୍ରଶ୍ନକାଳ ଚାଲି ପାରି ନ ଥିଲା । ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମାର୍ଧ ବୈଠକ ସକାଳ ୧୦.୩୦ରେ ଆରମ୍ଭ ହୋଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପ୍ରଶ୍ନକାଳରେ ବିଜେଡି ସଭ୍ୟମାନେ ମଧ୍ୟ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦାବି କରି ଗୃହ ମଧ୍ୟ ଭାଗକୁ ମାଡ଼ି ଆସିଲେ। କଟ୍‌ନି ଛଟ୍‌ନି ବନ୍ଦ କରିବା ଆମର ଦାବି, ସରକାର-ମିଲର ମଧୁଚନ୍ଦ୍ରିକା ଚଳିବ ନାହିଁ ବୋଲି ନାରାବାଜି କରିବାର ଦେଖିବାକୁ ମିଳିଥିଲା । ସେହିପରି କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ମାଡ଼ି ଆସିଲେ। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ବାଚସ୍ପତି ସଭ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ବି ସେମାନେ ଶୁଣି ନଥିଲେ। ଗୃହରେ ସ୍ଥିତି ସ୍ୱାଭାବିକ ନହେବାରୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଲେ।

# ବନ୍ଦ ଘରୁ ୩ଜଣଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢେଙ୍କାନାଳ(ଭାସ୍କର ନ୍ୟୁଜ): ୩ ଦିନ ତଳେ ପୁଅ ପାଖକୁ ଯାଇଥିଲେ। ଘରେ ସବୁ ଠିକ୍‌ଠାକ୍ ଥିଲା। ହେଲେ ୩ ଦିନ ପରେ ଘରକୁ ଫେରି ଯାହା ଦେଖିଲେ, ସେଥିରେ ଥରି ଉଠିଥିଲେ। ଘର ଭିତରେ ଝୁଲୁଛି ସ୍ୱାମୀ, ଝିଅ ଓ ନାତିର ମୃତଦେହ। ଏପରି ଏକ ଲୋମହର୍ଷକାରୀ ଘଟଣା ଢେଙ୍କାନାଳ ସଦରଥାନା ଖମାର ଗାଁରେ ଘଟିଛି। ଅଭିଯୋଗ ମିଳିବା ପରେ ପୋଲିସ ୩ଜଣଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ଚାଉଳିଆ ଖମାର ଗାଁର ଶଙ୍କର୍ଷଣ ଦାସ ରେଳବାଇ ଚାକିରିରୁ ଅବସର ନେଇ ଗାଁରେ ରହୁଥିଲେ। ତାଙ୍କ ସହ ପତ୍ନୀ ପୁଷ୍ପାଞ୍ଜଳି, ବିବାହିତା ଝିଅ ସୁବର୍ଣ୍ଣ ଓ ନାତି ସନ୍ତୋଷ ଦାସ ରହୁଥିଲେ। ତେବେ କିଛିଦିନ ତଳେ ପୁଷ୍ପାଞ୍ଜଳି ବାହାରେ ଚାକିରି କରୁଥିବା ପୁଅ ପାଖକୁ ଯାଇଥିଲେ। ଶନିବାର ସେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ କବାଟ ବନ୍ଦ ରହିଥିଲା। କବାଟ ବାଡ଼େଇଲେ ବି କେହି ଖୋଲି ନଥିଲେ। ପୁଷ୍ପାଞ୍ଜଳି ଗାଁ ଲୋକଙ୍କ ସହାୟତାରେ କବାଟ ଖୋଲିବା ପରେ ତିନିଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏ ନେଇ ସେ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ପୁଷ୍ପାଞ୍ଜଳିଙ୍କୁ ପଚରାଉଚୁରା କରିବା ସହ ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ପ୍ରଶ୍ନ ଉଠୁଛି, ବିବାହିତା ଝିଅ, ନାତି ଓ ଅଜା କ'ଣ ପାଇଁ ଏପରି କଲେ। ଏହା ହତ୍ୟା ନା ଆତ୍ମହତ୍ୟା ! ଗାଁ ମଝିରେ ଏଭଳି ଅଘଟଣ ଘଟିଥିବାବେଳେ ସାହିପଡ଼ିଶା କିପରି ଜାଣିପାରିଲେ ନାହିଁ । ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି।

# ସୀମାନ୍ତରେ ମୃତ ୩୧ ମାଓବାଦୀଙ୍କ ମଧ୍ୟରୁ ୨୮ଜଣଙ୍କ ଶବ ଚିହ୍ନଟ

ମାଲକାନଗିର (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଗତ କିଛିଦିନ ପୂର୍ବେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ବେଳେ ଏଥିରେ ୩୧ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହି ମୃତ ମାଓବାଦୀ ମଧ୍ୟରୁ ମୋଟ ୨୮ ନକ୍ସଲଙ୍କର ଚିହ୍ନଟ ସରିଛି। ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ଡିଭିସିଏମ ସଦସ୍ୟ ହୁଙ୍ଗା କର୍ମା (୪୨), ୫ ଲକ୍ଷ ପୁରସ୍କାର ଘୋଷିତ ଏସିଏମ ସୁବାଷ ଅୟାମ (୪୦), ୫ ଲକ୍ଷ ଘୋଷିତ ଏସିଏମ ସନ୍ନୁ ଉଇକା (୩୧), ୫ ଲକ୍ଷ ଘୋଷିତ ଏସିଏମ ମନିରାମ କୋହରାମୀ (୨୧), ୫ ଲକ୍ଷ ଘୋଷିତ ଏସିଏମ ଅମର ମାଣ୍ଡବୀ (୨୬), ୫ ଲକ୍ଷ ଘୋଷିତ ଏସିଏମ ଭରତ ଠାକୁର (୨୪), ୫ ଲକ୍ଷ ଘୋଷିତ ଏସିଏମ ସରୋଜ ଅବଲମ (୨୦), ୫ ଲକ୍ଷ ଘୋଷିତ ଏସିଏମ ଆୟତେ ମାଡବୀ(୨୫), ୫ ଲକ୍ଷ ଘୋଷିତ ପିପିସିଏମ ମଙ୍ଗୁ ହେମଲା (୨୯) ଚିହ୍ନଟ ହୋଇଛନ୍ତି। ସେହିପରି ୫ ଲକ୍ଷ ଘୋଷିତ ପିପିସିଏମ (ରାଜୁ ମଜ୍ଜି(୨୧), ୫ ଲକ୍ଷ ଘୋଷିତ ପିପିସିଏମ ସଂଜୟ କୁମାର କୁମ୍ମା (୨୦), ୫ ଲକ୍ଷ ଘୋଷିତ ପିପିସିଏମ ସୁଖମତି ପୋୟାମ (୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୈନି ପୁନମ(୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୀନା କୁଞ୍ଜାମ(୨୬), ୫ ଲକ୍ଷ ଘୋଷିତ ପିପିସିଏମ ମୈନୀ ପଡିଆମି(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ବେଡଜା ପେଣ୍ଟେରାମ(୩୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମେଙ୍ଗ ହନମେୟା(୩୩), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସନ୍ନୁ ମଜ୍ଜି(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ରମେଶ କୁଡିୟାମ(୨୫), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସୋନୁ ମାଡବୀ(୨୧), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଶାନ୍ତି ପୋଡିୟାମି(୨୧), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଶଶିକଳା କୁଡିୟାମ(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସଞ୍ଜତି ମଡକମ(୨୬), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମଲ୍ଲି କଡତି(୨୦),୫ ଲକ୍ଷ ଘୋଷିତ ଏସିଏମ ସୋନୁ ହପକା(୩୫), ୫ ଲକ୍ଷ ଘୋଷିତ ଏସିଏମ ମୋଟୁ ପୋଟାମ(୨୫), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ହିଡମା ମାଡବୀ(୩୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଜ୍ୟୋତି ହେମଲା(୨୧)।

# ଓ.ପି ଜିନ୍ଦଲ ସ୍କୁଲକୁ ମିଳିଲା 'ଶିକ୍ଷା ଉତ୍କର୍ଷତା ପୁରସ୍କାର'



ଅନୁଗୁଳ (ଭାସ୍କର ନ୍ୟୁଜ) : ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଅର୍ନ୍ତଭୁକ୍ତ ଶିକ୍ଷା ଦିଗରେ ପଦକ୍ଷେପ ପାଇଁ ଅନୁଗୁଳରେ ଅବସ୍ଥିତ ଓ.ପି ଜିନ୍ଦଲ ସ୍କୁଲକୁ ଏଜୁକେସନ ଏକ୍ସେଲେନ୍ସ ଏମ୍ପାୱାରିଂ ଇଣ୍ଡିଆ ଆୱାର୍ଡ (ଶିକ୍ଷା ଉତ୍କର୍ଷତା ସଶକ୍ତିକରଣ ଭାରତ ପୁରସ୍କାର)ରେ ପୁରସ୍କୃତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଖ୍ୟାତ ଶିକ୍ଷାବିତଙ୍କ ଏକ ବିଶିଷ୍ଟ ପ୍ୟାନେଲଙ୍କ ଉପସ୍ଥିତିରେ ଓ.ପି ଜିନ୍ଦଲ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁଙ୍କୁ ଭାରତ ସରକାରଙ୍କ ମାନ୍ୟବର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଏହି ବିଜେତା ଟ୍ରଫି ପ୍ରଦାନ କରିଥିଲେ । ଦେଶର ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର ଆରୁକୁକ୍ ମିଡ଼ିଆ ପକ୍ଷରୁ ଏହି ପୁରସ୍କର ପ୍ରଦାନ କରାଯାଇଥିଲା । ପୁରସ୍କାର ଗ୍ରହଣ କରିବା ପରେ ସ୍କୁଲ ପରିଚାଳନା ଦାୟୀତ୍ୱରେ ଥିବା କର୍ତୃପକ୍ଷ, ଅନୁଷ୍ଠାନର ପୃଷ୍ଠପୋଷକ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଓ ଶ୍ରୀମତି ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କୁ କୃତଜ୍ଞତା ଜଣାଇଥିଲେ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଏହି ସମସ୍ତଙ୍କ ସମର୍ଥନ ଆମକୁ ଉତ୍ସାହିତ କରି ଆସୁଛି ବୋଲି ସେ କହିଥିଲେ । ଏହି ସଫଳତା ସହ ଅନୁଗୁଳର ଓ.ପି ଜିନ୍ଦଲ ସ୍କୁଲ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି ।

# ହାଟ ପାଇଁ ନାହିଁ ମାର୍କେଟ କମ୍ପ୍ଲେକ୍ସ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଏମଭି -୩୭ ଗାଁରେ ପ୍ରତି ଶନିବାର ଦିନ ସାପ୍ତାହିକ ହାଟ ହେଉଛି। ବ୍ୟବସାୟୀଙ୍କ ପାଇଁ ହାଟରେ ମାର୍କେଟ କମ୍ପ୍ଲେକ୍ସ ନଥିବାରୁ ସେମାନେ ମାଲକାନଗିରି - ବାଲିମେଳା ମୁଖ୍ୟ ରାଜରାସ୍ତା ପାର୍ଶ୍ୱରେ ପନିପରିବା ଠାରୁ ଆରମ୍ଭ କରି ସମସ୍ତେ ପ୍ରକାର ସାମଗ୍ରୀ କିଣାବିକା କାରବାର କରୁଛନ୍ତି। ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ଲାଗି ରହୁଛି ।ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି। ଏହି ସାପ୍ତାହିକ ହାଟ ପାଇଁ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଜାଗା ଚିହ୍ନଟ କରି ସେଠାରେ ବ୍ୟବସାୟୀ ମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଏକ ନୂତନ ମାର୍କେଟକମ୍ପ୍ଲେକ୍ସ ଓ ପିଣ୍ଡି ନିର୍ମାଣ କରିବାକୁ ଅଞ୍ଚଳବାସୀ ବହୁବାର ପଞ୍ଚାୟତ କତୃପକ୍ଷ, ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିବେଦନ କରିଥିଲେ କିନ୍ତୁ ପ୍ରଶାସନ ପକ୍ଷରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ ବୋଲି କିଛି ଅଞ୍ଚଳବାସୀ ଓ ବ୍ୟବସୟୀ ଅଭିଯୋଗ କରିଛନ୍ତି। ଅଞ୍ଚଳ ବାସୀଙ୍କ କହିବା ପ୍ରକାରେ,ପ୍ରତି ସପ୍ତାହରେ ହାଟରେ ବ୍ୟବସାୟ କରୁଥିବା ବେପାରୀ ମାନଙ୍କ ଠାରୁ ପଞ୍ଚାୟତ ନିୟମିତ ଟିକସ ନେଉଛି। ହେଲେ ବୁଝୁନି ଦୀର୍ଘବର୍ଷ ଧରି ରାଜରାସ୍ତା ପାର୍ଶ୍ୱରେ ବିପଦସଂକୁଳ ଅବସ୍ଥାରେ ବାସି ବ୍ୟବସାୟ କରୁଥିବା ଦୋକାନୀଙ୍କ ଦୁଃଖ। ହେଲେ ଏଠାରେ ଆଜି ପର୍ଯ୍ୟନ୍ତ ହୋଇପାରିଲାନି ଭେଣ୍ଡିଙ୍ଗ ଜୋନ ଏବଂ ମାର୍କେଟ କମ୍ପ୍ଲେକ୍ସ। ଫଳରେ ଚାଷୀଙ୍କ ଠାରୁ ଆରମ୍ଭ କରି ଛୋଟ ବଡ ବ୍ୟବସାୟୀ ଖରା ବର୍ଷା ଓ ଶୀତରେ ଖୋଲା ଆକାଶ ତଳେ ବର୍ଷ ତମାମ ହେଉଥିବା ସାପ୍ତାହିକ ହାଟରେ କୃଷିଜାତ ସାମଗ୍ରୀ ଓ ମାଛ ମାଂସ ବିକ୍ରୀ କରୁଛନ୍ତି। ପ୍ରଚଣ୍ଡ ଖରାରେ ବେପାରୀମାନେ ଶିଝୁଥିବା ବେଳେ ବର୍ଷା ଦିନେ ବର୍ଷାରେ ତିନ୍ତି ହଇରାଣ ହେଉଛନ୍ତି। ଏଭଳି ଅବସ୍ଥା ମଧ୍ୟରେ ସେମାନେ ଏହି ହାଟରେ ବିକ୍ରିବଟା କରି ସେଥିରେ ହେଉଥିବା ଆୟରେ ପରିବାର ଚଳାଉଛନ୍ତି। ଏହି ହାଟ ଉପରେ ଏମଭି -୧୨୨, ଚିତାପାରି, ପୋଟ୍ରେଲ, ତାର୍ଲାକୋଟା, ବି-କଲୋନୀ, ସି-କଲୋନୀ, ଏମଭି -୩୫, ଏମଭି-୫୩, ଏମଭି-୩୭, ଏମଭି -୩୮, ଏମଭି-୩୬, ଏମଭି -୧୦୮, ଏମଭି -୧୦୯,ଏମଭି -୧୦୪, ସୋମନାଥ ପୁର, ସଦାଶିବ ପୁର, ପୁଷପାଲ୍ଲୀ, ରଙ୍ଗାମାଟିଗୁଡା ସମେତ ବିଭିନ୍ନ ପଞ୍ଚାୟତର ବହୁ ଗ୍ରାମବାସୀ ନିର୍ଭର କରୁଛନ୍ତି। ହାଟ ଦିନ ରାସ୍ତାରେ ଲୋକଙ୍କ ଭିଡ ଜମୁଥିବାରୁ ଗାଡି ଚଳାଚଳରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଅନେକ ସମୟରେ ଏଠାରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ପରେ ଗତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ତତକାଳୀନ କୋରୁକୋଣ୍ଡା ବିଡ଼ିଓ ସୁଜିତ କୁମାର ମିଶ୍ର ଉକ୍ତ ଅଞ୍ଚଳ ଗସ୍ତ କରିବା ସହ ଭେଣ୍ଡିଙ୍ଗ ଜୋନ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରିବା ପାଇଁ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି, ଅଞ୍ଚଳବାସୀ, ଆରଆଇ ଏବଂ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତାହାର କିଛିଦିନ ପରେ ତାଙ୍କର ଅନ୍ୟତ୍ର ବଦଳି ହେବା ପରଠାରୁ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଏସ୍‌ଇ...

ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୮ ଯାଏ ଚାଲିବ । ସେହିପରି ଦ୍ୱାଦଶ ପରୀକ୍ଷା ଏପ୍ରିଲ ୪ ଯାଏ ଚାଲିବ। ଦେଶରେ ମୋଟ ୨୪ ଲକ୍ଷ ୧୨ ହଜାର ୭୨ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷା ପାଇଁ ୭୮୪୨ ସେଂଟର ହୋଇଛି। ଆଜି ପ୍ରଥମ ଦିନରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ଇଂରାଜୀ ପରୀକ୍ଷା ଦେଇଥିବା ବେଳେ ଦ୍ୱାଦଶ ପରୀକ୍ଷାର୍ଥୀ ଏଂଟରପ୍ରେନରସିପ ପରୀକ୍ଷା ଦେଇଛନ୍ତି ।

### ଅଭିବୃଦ୍ଧି ହାର...

ବର୍ଷରେ ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ ବୃଦ୍ଧି ପ୍ରାୟ ୧.୮୩ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି ଏବଂ ସର୍ବଭାରତୀୟ ମୁଣ୍ଡପିଛା ଆୟଠାରୁ ଏହାର ବ୍ୟବଧାନ ଏକ ଅଙ୍କ ହ୍ରାସ ପାଇଛି। ଅନ୍ୟରାଜ୍ୟ ତୁଳନାରେ ମୁଣ୍ଡପିଛା ଆୟ ହିସାବରେ ଓଡ଼ିଶା ଏକାଦଶ ସ୍ଥାନରେ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ତଥ୍ୟ ଅନୁଯାୟୀ ଯଦି ଓଡ଼ିଶା ମୁଣ୍ଡପିଛା ଆୟବୃଦ୍ଧିକୁ ୧.୦ ପ୍ରତିଶତ ପଏଣ୍ଟରେ ତ୍ୱରାନ୍ୱିତ କରିବାରେ ସଫଳ ହୁଏ, ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତର ସହିତ ସମାନ ହୋଇପାରିବ। ଅଭିବୃଦ୍ଧିର ପ୍ରମୁଖ ସହାୟକ ଜମି, ଶ୍ରମ, ପୁଞ୍ଜି ଓ ସମ୍ବଳ ତଥା ଗିରିଭୂମି ଅଟେ। ୨୦୨୩ ମସିହାରେ ୧.୫ଲକ୍ଷ ବର୍ଗ କିଲୋମିଟର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୪.୩ ପ୍ରତିଶତ ନିର୍ମିତ କ୍ଷେତ୍ର ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ଭରଣ ପୋଷଣ...

ଅନ୍ତଃ ଘଟାଇଛନ୍ତି। ସୂଚନାଯୋଗ୍ୟ ଯେ ଜଣେ ୬୯ବର୍ଷୀୟ ବାପାଙ୍କୁ ପୁଅ ଘରୁ ବାହାର କରିଦେବା ସହିତ ଭରଣ ପୋଷଣ ଦେଉନଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ରାୟଗଡ଼ା ଜିଲ୍ଲାପାଳ ତଥା ଭରଣ ପୋଷଣ ଟ୍ରିବ୍ୟୁନାଲରେ ପୁଅ ବିରୁଦ୍ଧରେ ବାପା ମାମଲା ରୁଜୁ କରିଥିଲେ। ୨୦୨୪ ଫେବୃଆରୀ ୧୬ରେ ଟ୍ରିବ୍ୟୁନାଲ ମାମଲାର ଶୁଣାଣି କରି ଘରର ଫାଟକ ଚାବି ବାପାଙ୍କୁ ପ୍ରଦାନ କରିବା ସହ ମାସିକ ୫ ହଜାର ଟଙ୍କା ଭରଣ ପୋଷଣ ଦେବାକୁ ପୁଅକୁ ନିର୍ଦ୍ଦେଶ ଦେଇଥିଲେ। ପୁଅ ଏହି ରାୟ ବିରୁଦ୍ଧରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହାକୁ ଚାଲେଞ୍ଜ କରି ପୁଅ ହାଇକୋର୍ଟକୁ ଯାଇଥିଲେ।

### ବିକାଶ ପଥରେ...

ପୋଲିସକୁ ଅଧିକ ଚଳଚଞ୍ଚଳ କରିବା ପାଇଁ ପ୍ରତି ଥାନାକୁ ଗୋଟିଏ ଅତିରିକ୍ତ ୪ ଚକିଆ ଯାନ ଯୋଗାଇ ଦିଆଯିବା ସହ ୫୬୬୩ଟି ବାଇକ୍ କିଣିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନକ୍ସଲ ହିଂସାକୁ ସମୂଳେ ନିପାତ ପାଇଁ ପଦକ୍ଷେପ ନିଆଯାଉଛି। ଆମ ସରକାର ଜାତୀୟ ଶିକ୍ଷାନୀତି-୨୦୨୦କୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯାଉଛି। ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ନବମ ଏବଂ ଦଶମ ଶ୍ରେଣୀର ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀଙ୍କୁ ଏକକାଳୀନ ୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି। ଯୁବଶକ୍ତିକୁ ରୋଜଗାରକ୍ଷମ କରିବା ପାଇଁ ୫ ବର୍ଷରେ ୧ଲକ୍ଷ ୫୦ହଜାର ସରକାରୀ ଚାକିରି ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଜଳସେଚନ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟର ୩୦ଟି ଜିଲ୍ଲାକୁ ରେଳ ଯୋଗାଯୋଗ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

### ସମସ୍ୟା ବଢାଉଛନ୍ତି...

ମଧ୍ୟ ହାତେଇଛନ୍ତି। ସେମାନେ ସରକାରଙ୍କ ସମସ୍ତ ଯୋଜନାରୁ ଲାଭବାନ ହେବା ସହ ଯାଗାବାଡ଼ି କିଣି ଘରଦ୍ୱାର କରି ସାରିଲେଣି। ସ୍ଥାନୀୟ ଲୋକ କହିଛନ୍ତି ଯେ ଅନୁପ୍ରବେଶକାରୀମାନେ ସ୍ଥାନୀୟ ଲୋକଙ୍କ ସହ ଝଗଡ଼ାଝାଣ୍ଟି କରୁଛନ୍ତି ଓ ସେମାନଙ୍କ ଯୋଗୁ ଚୋରି, ଡକାୟତି, ନିଶା କାରବାର ବୃଦ୍ଧି ପାଇଛି। ରାଜ୍ୟ ସରକାର କେବଳ ଚିହ୍ନଟ କରିବା କଥା କାଗଜ କଲମରେ କହୁଛନ୍ତି। ସରକାର ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ସଂପର୍କରେ ସଠିକ ବିବରଣୀ ହାସଲ କରିବା ପାଇଁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି।

## କବଲା ହଜିଛି

ମୁଁ ଗୋଲାପ କୁମାର ମିଶ୍ର, ପିତା-ମଦନ ମୋହନ ମିଶ୍ର, ବୟସ-୩୨ ବର୍ଷ, ନିବାସୀ ଡୁଙ୍ଗୁରିପାଲି, ଥାନା-ବେଲପଡ଼ା, ଜିଲ୍ଲା- ବଲାଙ୍ଗୀର, ଘୋଷଣା କରୁଅଛି ଯେ ପାଟଣାଗଡ଼ 'ଖ' ମୌଜା ସ୍ଥିତ ଖାତା ନଂ ୬୭୮/୩୩୩୭, ପ୍ଲଟ୍ ନଂ ୬୫୦୬/୧୦୫୦୨, କିସମ- ଘରବାରୀ, ଏରିଆ- ୦.୦୩୫ ଡିସିମିଲ ଜମିକୁ ବିକ୍ରି କବଲା ୩୨୨୦୦୦୮୬୨ ଅନୁଯାୟୀ କ୍ରୟ କରିଥିଲି। ଗତ ୨୦.୧୧.୨୦୨୪ଦିନ ଆମ ଗ୍ରାମ ଡୁଙ୍ଗୁରିପାଲିରୁ ପାଟଣାଗଡ଼ ଯାଉଥିବା ସମୟରେ ଏହି ବିକ୍ରି କବଲା କୌଣସି ସ୍ଥାନରେ ହଜି ଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋବାଇଲ୍ - ୯୪୩୮୦୯୮୯୦୪ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

## AFFIDAVIT

By virtue of an affidavit in the court of The Executive Magistrate, Talcher on dtd. 13.02.2025, I Sanjulata Barik formely called Sanju Barik, D/o- Dhobei Barki, resident of At/Po-Kansamunda, Ps- Kaniha, Dist- Angul declares that my previous name was Sanju Barik. I have changed my name from Sanju Barik to Sanjulata Barik. Henceforth I shall be known as Sanjulata Barik for all purposes. This affidavit is to be produced before concerned authority as & when required.

Sd/- Sanjulata Barik

## AFFIDAVIT

By virtue of an affidavit in the court of The Executive Magistrate, Talcher on dtd. 13.02.2025, I Reeta Behera formerly called Rupa Behera, D/o- Ghana Behera resident of At/-Chitalpur, Post- Kumunda, Ps- Kaniha, Dist- Angul declares that my previous name was Rupa Behera. I have changed my name from Rupa Behera to Reeta Behera. Henceforth I shall be known as Reeta Behera for all purposes. This affidavit is to be produced before concerned authority as & when required.

Sd/- Reeta Behera

## AFFIDAVIT

By virtue of an affidavit in the court of The Executive Magistrate, Talcher on 14.02.2025, I Rakesh Barik, S/o- Kamal Lochan Barik, resident of village/ post- Kansamunda, Ps- Kaniha, Dist- Angul, declares that my actual name is Rakesh Barik and date of birth 22.12.2007, which is recorded in HSC Pass Certificate. But my Nick Name is Dinesh Barik which is recorded in Aadhar Card & date of birth 04.03.2008. Rakesh barik & Dinesh Barik is same and one person & actual date of birth is 22.12.2007, belongs to S/o- Kamal Lochan Barik. This affidavit is to be produced before concerned authority for correction of my Aadhar Card.

Sd/- Rakesh Barik

O-1477

Email: rd_bgh@yahoo.co.in
Gmail: rwd.bgh@gmail.com

**OFFICE OF THE EXECUTIVE ENGINEER
RURAL WORKS DIVISION, BARGARH**

e-Procurement Notice No. ONLINE-BGH- 19 OF 2024-25

| | | | |
|---|---|---|---|
| 1 | Name of the Work | : | Building & Road works during 2024-25 in the district of Bargarh. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-19 OF 2024-25 | 18.02.2025 at 11.00 A.M. | 24.02.2025 upto 5.00 P.M. | 24.02.2025 upto 4.00 PM | 25.02.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd/- Executive Engineer
R.W. Division, Bargarh

OIPR 25062/11/0021/2425

Phone-06842-253708
E-mail: rw_phulbani@yahoo.co.in

O-1483

**GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI**
*******

No……784……………………RWDP, Dated the 13.02.2025

**Government of Odisha e-Procurement Notice
Bid Identification No. Online Tender/14/SERWD PHULBANI/ 2024-25**

| | | | |
|---|---|---|---|
| 1 | Name of the work | :: | Road Works (03Nos.) |
| 2 | Estimated cost | :: | Rs. 8.60 Lakhs to Rs.29.34lakhs |
| 3 | Period of Completion | :: | One Calendar month |
| 4 | Date & Time of availability of Bid documents in the Portal | :: | From 17.02.2025 10.00 AM.to 25.02.2025 Up to 5.00 PM |
| 5 | Last Date/ Time for receipt of Bids in the Portal | :: | 25.02.2025 up to 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

*Sd/- Superintending Engineer
Rural Works Division
Phulbani*

OIPR 25077/11/0018/2425

**OFFICE OF THE NOTIFIED AREA COUNCIL,PADAMPUR
DIST-BARGARH(ODISHA), PIN-768036**

C-1663

Phone No:06683-223436, email ID: nac.padampur@gmail.com

No:. 395 Date:.14.02.2025

**QUOTATION CALL NOTICE**

The Sealed Quotations are invited from interested authorized Agencies / Suppliers for procurement of different items. The Interested agencies/suppliers are requested to submit their quotation to the Executive Officer, NAC, Padampur, PIN-768036 through Registered Post/Speed Post/courier / By Person from dtd.14-02-2025 at 11.00 AM to 1:00 PM dt.24-02-2025. The undersigned will not responsible for any kind of delay. The quotationer are requested to submit their quotation along with GST Regd. Certificate & PAN Card. The quotationer are requested to quote their rate inclusive of GST mentioning GST rate separately. The quotations will be opened in the presence of the bidders or their representatives on dtd.24-02-2025 at 3:00 PM in the Chamber of the EO, NAC, Padampur.

The authority reserves all rights to accept or reject any or all quotation without assigning any reason thereof.

**Items to be Quoted**

1. Conference Round Table of 20 seated (Made of Plywood with finishing)

Sd/- Executive Officer
NAC, Padampur

OIPR 13118/11/0027/2425

**OFFICE OF THE MUNICIPAL COUNCIL, JHARSUGUDA,
ODISHA, PIN: 768201**

Tel. No. 06645-272236, E-mail : jsgmunicipality@yahoo.com

C-1661

**Quotation Call Notice**

No. 577 /JM Date- 14.02.2025

Sealed quotations are invited from Executive Officer, Jharsuguda Municipality, Jharsuguda on behalf of Municipal Council, Jharsuguda Municipality from intending firms/Experienced Landscaper/Reputed Agro Farm/Horticulturist for 'Plantation and Beautification of different areas of Jharsuguda Municipality". The details quotation documents will be available in the District website of Jharsuguda i.e. https://jharsuguda.odisha.gov.in from Dt. 15.02.2025 to Dt. 25.02.2025. The quotation document must be submitted to the office of the Executive Officer, Jharsuguda Municipality through Regd. Post / Speed Post only. The bidder should subscribe "Quotation for **Plantation and Beautification** of different areas of Jharsuguda Municipality on the top of the envelope.

The quotationer should be an experienced Landscaper. The Quotationer should have previous experience and must have completed similar nature of work under any authorities. Preference shall be given to those quotationers who have already rendered similar type of service in not less than 03 ULBs. Mere submission of quotation may not be accepted keeping in view of the fulfillment of eligibility criteria. Rate should be quoted inclusive of all costs including taxes, transportation etc. The sealed quotations should reach to the office of the undersigned on or before 25.02.2025 till 12.00 PM and it will be opened on 25.02.2025 at 3.00 PM in presence of the bidder or their authorized representatives. The Quotationer shall submit quotation as per prescribed format in Annexure-I.

Last date of receipt of quotation : 25.02.2025 upto 12 Noon

Date of opening of quotation : 25.02.2025 upto 3.00 PM

The undersign reserves the right to reject any or all the qQotations without assigning any reason thereof.

Sd/- Executive Officer,
Jharsuguda Municipality

OIPR 13165/11/0044/2425

CAD-2596

**NOTICE INVITING TENDER**

**Office of the District Manager,
Odisha State Civil Supplies Corporation Ltd., Nayagarh
Phone No.:- 06753-252439
District Website:- http://nayagarh.odisha.gov.in.**

**Tender No. 844, 845, 846, 847, 848, 849, 850 & 851,/Dt. 13.02.2025**

District Manager, Odisha State Civil Supplies Corporation Ltd., Nayagarh (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractors for transportation of (i) Paddy from Paddy Purchase Centers (PPCs)/ Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district). |
| 2 | Availability of bid document in the portal | From 15.02.2025. |
| 3 | Last Date/Time for receipt of bids in the portal | Dt. 28.02.2025 upto 5:00 PM. |
| 4 | Date/Time of Opening of Technical Bid | Dt. 07.03.2025 at 11.00 AM onwards. |
| 5 | Name and address of the Officer inviting Tender | District Manager, O.S.C.S.C. Ltd., Nayagarh |

Tender Documents and other details can be seen from the e-procurement portal www.oscsc.in,www.foododisha.in&www.tenderodisha.gov.in along with district website. Amendments/corrigendum/cancellation/retenders etc. if any shall be published only in above websites.

District Manager,
O.S.C.S.C Ltd., Nayagarh

OIPR 07057/11/0007/2425




ନୂଆଦିଲ୍ଲୀ: ରୁଷିଆର ଏକ ବିୟର ବ୍ରାଣ୍ଡ ବୋତଲରେ ମହାତ୍ମା ଗାନ୍ଧୀଙ୍କ ଫଟୋ। ଏହାର କିଛି ଫଟୋ ସୋସିଆଲ ମିଡିଆରେ ଆସିବା ପରେ ଲୋକମାନଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇଛି। ଓଡ଼ିଶାର ସାମାଜିକ ତଥା ରାଜନେତା ସୁପର୍ଣ୍ଣୋ ଶତପଥୀ ଦ୍ୱାରା ମହାତ୍ମାଙ୍କ ଫଟୋ ଥିବା ରିୱର୍ଟ ବିୟର କ୍ୟାନ୍‌ର ଫଟୋ ଶେୟାର କରିବା ପରେ ବିବାଦ ଆରମ୍ଭ ହୋଇଛି। ଏକ୍ସରେ ଏହାକୁ ଶେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ ମାମଲାରେ ହସ୍ତକ୍ଷେପ କରିବାକୁ ତଥା ରୁଷିଆ ଅଧିକାରୀଙ୍କ ସାମ୍ନାକୁ ଏହି ପ୍ରସଙ୍ଗ ଆଣିବାକୁ ଦାବି ରଖିଛନ୍ତି। ଶତପଥୀ କ୍ୟାପ୍‌ସନରେ କହିଛନ୍ତି, ରୁଷିଆର ରିୱର୍ଟ କମ୍ପାନୀ ଗାନ୍ଧୀଜୀଙ୍କ ନାମରେ ବିୟର ବିକ୍ରି କରୁଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୋର ବିନମ୍ର ଅନୁରୋଧ ଯେ ସେ ଏହି ମାମଲାକୁ ନିଜର ବନ୍ଧୁ ରୁଷିଆ ରାଷ୍ଟ୍ରପତିଙ୍କ ସାମ୍ନାରେ ଉଠାନ୍ତୁ। ସେଭଳି ଇନଷ୍ଟାଗ୍ରାମରେ ମଧ୍ୟ ଦୁଇ ଭାରତୀୟ ଯୁବକଙ୍କ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ରିୱର୍ଟ ବିୟର କ୍ୟାନ୍ ଧରିଥିବା ଦେଖାଯାଉଛି। ଏହାର ଫଟୋ ଭାଇରାଲ ହେବା ପରେ ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ କମ୍ପାନୀର ନିନ୍ଦା କରି ଏହାକୁ ଅପମାନଜନକ କହିଛନ୍ତି। କିଛି ଏହାକୁ ଆଶ୍ଚର୍ଯ୍ୟଜନକ ଏବଂ ସ୍ୱୀକାରଯୋଗ୍ୟ ନୁହେଁ ବୋଲି କହିଥିବା ବେଳେ କିଛି ଏହାକୁ ଏହା ଭାରତର ଅପମାନ ବୋଲି କହିଛନ୍ତି।

# ଦୈନନ୍ଦିନ କେତେ ଟଙ୍କାର ଖାଦ୍ୟ ଖାଆନ୍ତି ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ଖାଦ୍ୟ ପଦାର୍ଥର ଦାମ୍ ସ୍ୱଭାବିକ ଭାବରେ ଗରିବ ଓ ମଧ୍ୟମବର୍ଗଙ୍କଠୁ ଧନୀ ଲୋକଙ୍କର ହୋଇଥାଏ ଅଧିକ । ଦେଶର ରାଜନେତା ମଧ ଧନୀ ଶ୍ରେଣୀରେ ଆସିଥାନ୍ତି । କାରଣ ସେମାନେ ହେଉଛନ୍ତି ଆମ ଦେଶର ଜଣେ ଜଣେ ସେଲିବ୍ରିଟି । ସେମାନଙ୍କ ପଦ ଓ ପାୱାର ମଧ୍ୟ ରହିଛି । ଏଥିପାଇଁ ଏପରି ନେତା ପ୍ରତିଦିନ ଖାଉଥିବା ଖାଦ୍ୟର ମୂଲ୍ୟ ମଧ ଅଧିକ। କିନ୍ତୁ ଆପଣ ଜାଣନ୍ତି କି ଆମ ଦେଶର ପ୍ରଧାନମନ୍ତ୍ରୀ ନିଜର ପ୍ରତିଦିନର ଖାଦ୍ୟରେ କେତେ ଟଙ୍କା ଖର୍ଚ୍ଚ କରନ୍ତି ? ମୋଦିଙ୍କ ଦୈନିକ ଭୋଜନକୁ ନେଇ ପୂର୍ବରୁ ଅନେକ ଆରୋପ ଲଗାଇଛନ୍ତି କଂଗ୍ରେସ ଦଳର ନେତା । କିନ୍ତୁ ଏହାକୁ ପ୍ରମାଣ କରିପାରିନାହାଁନ୍ତି କଂଗ୍ରେସ । ବାସ୍ତବରେ ପ୍ରଧାନମନ୍ତ୍ରୀ ମୋଦି କେବଳ ଶାକାହାରୀ ଖାଦ୍ୟ ଖାଇଥାଆନ୍ତି । ସେ ବାଦାମର ଅଟାରେ ପ୍ରସ୍ତୁତ ରୁଟି, ଭେଣ୍ଡି, ପାଳଙ୍ଗ, ଡାଲି, ପନିପରିବା ଓ କିଛି ମାତ୍ରାରେ ଭାତ ଖାଇଥାନ୍ତି । ତାହାସହ ଦ୍ୱିପ୍ରହରର ଭୋଜନ ପରେ ସେ ସବୁବେଳେ ଶେରଖଣ୍ଡ ଖାଇବାକୁ ପସନ୍ଦ କରନ୍ତି । ସନ୍ଧ୍ୟା ହେବା ପୂର୍ବରୁ ହିଁ ସେ ନିଜର ରାତ୍ରି ଭୋଜନ କରିଦିଅନ୍ତି । ଏହାସହ ପ୍ରଧାନମନ୍ତ୍ରୀ ମୋଦି ପ୍ରତ୍ୟେହ ସକାଳ ୪ ଟାରୁ ବ୍ୟାୟାମ କରନ୍ତି । ଯୋଗରୁ ହିଁ ସେ ଦିନର ଆରମ୍ଭ କରିଥାଆନ୍ତି । ଆଉ ଏହି କାରଣରୁ ହିଁ ସେ ଏତେ ବୟସରେ ବି ସୁସ୍ଥ ଅଛନ୍ତି । ପ୍ରଧାନମନ୍ତ୍ରୀ ଦେବୀ ଦୁର୍ଗାଙ୍କ ପରମ ଭକ୍ତ । ସେ ବହୁତ ପୂଜାପାଠ କରନ୍ତି । ଅନେକ ସମୟରେ ସେ ଉପବାସ ରଖନ୍ତି । ଏବେ ଭାବୁଥିବେ ମୋଦିଙ୍କର ଦୈନନ୍ଦିନ ଖାଦ୍ୟର ଦାମ୍ ବହୁତ ଅଧିକ ହୋଇଥିବ । କିନ୍ତୁ ସେପରି କିଛି ନୁହେଁ, କାରଣ ମୋଦି ଦେଶର ପ୍ରଧାନମନ୍ତ୍ରୀ ହେଲେ ବି ସେ ଦୈନନ୍ଦିନ ଖାଦ୍ୟରେ କମ୍ ଟଙ୍କା ଖର୍ଚ୍ଚ କରନ୍ତି । ଯାହା ଜଣେ ସାଧାରଣ ଲୋକ ମଧ କରିପାରିବ । ସୂଚନା ଅନୁଯାୟୀ ମୋଦି ନିଜର ଦୈନନ୍ଦିନ ଖାଦ୍ୟରେ ମାତ୍ର ୫୦ ଟଙ୍କା ଖର୍ଚ୍ଚ କରନ୍ତି । ଯାହା ଜଣେ ସାଧାରଣ ଲୋକର ଖାଦ୍ୟର ଦାମ୍ ସହ ସମାନ ।

## ଅନୁପ୍ରବେଶ ଅପେକ୍ଷାରେ ୧୫୦ ଆତଙ୍କବାଦୀ

# ସୁରକ୍ଷା ବାହିନୀକୁ ହାଇଆଲର୍ଟ

ନୂଆଦିଲ୍ଲୀ: ଭାରତ ସୀମା ମଧ୍ୟକୁ ଅନୁପ୍ରବେଶ କରିବା ଲାଗି ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୧୫୦ରୁ ଅଧିକ ପ୍ରଶିକ୍ଷଣପ୍ରାପ୍ତ ଆତଙ୍କବାଦୀ ସକ୍ରିୟ ରହିଛନ୍ତି। ପିଓକେର ନୀଲମ ଭ୍ୟାଲିର ୬ଟି ଲଞ୍ଚ ପ୍ୟାଡ୍‌ରେ ଆତଙ୍କବାଦୀମାନେ ସଜାଗ ରହିଛନ୍ତି। ପିଓକେରେ କାଶ୍ମୀର ଏକତା ଦିବସ ପାଳନ ଦିନ ଠାରୁ ଆତଙ୍କବାଦୀମାନେ ଭାରତ ସୀମାକୁ ଅନୁପ୍ରବେଶ ଲାଗି ଏକଜୁଟ୍ ହୋଇଛନ୍ତି। ଭାରତ ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ ଏହି ଆତଙ୍କବାଦୀମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଯୋଜନା କରିଛନ୍ତି। ସେମାନେ ଭାରତର ସୀମାରେ ଥିବା ସେନାର ଆଗୁଆ ଘାଟିଗୁଡିକ ଉପରେ ଆକ୍ରମଣ କରିବେ। ଗୁଇନ୍ଦା ବିଭାଗର ଏପରି ସୂଚନା ପରେ ଜାମ୍ମୁକାଶ୍ମୀରର ସୁରକ୍ଷା ବାହିନୀକୁ ହାଇ ଆଲର୍ଟ ଜାରି କରାଯାଇଛି। ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ନେଟୱର୍କକୁ ନଷ୍ଟ କରିବା ଲାଗି ସୁରକ୍ଷାବାହିନୀ ବ୍ୟାପକ ଅଭିଯାନ ଚଳାଇଛି। କାଶ୍ମୀର ରେଞ୍ଜ ଆଇଜିପି ଭିକେ ବିର୍ଦ୍ଦି କହିଛନ୍ତି ଯେ ଶ୍ରୀନଗର ସମେତ କାଶ୍ମୀର ଜୋନ୍‌ର ସମସ୍ତ ଜିଲାରେ ବହୁ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲାର ସୀମାରେ ନାକାବନ୍ଦୀ କରାଯିବା ସହିତ ୨୪ ଘଣ୍ଟିଆ ପ୍ରହରା ଦିଆଯାଉଛି। ସବୁ ସ୍ଥାନରେ ଡ୍ରୋନ ଓ ସିସିଟିଭି ଟେକ୍ନୋଲୋଜିକୁ ଉପଯୋଗ କରାଯାଉଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଉପରାଜ୍ୟପାଳ ମନୋଜ ସିହ୍ନା ଜାମ୍ମୁକାଶ୍ମୀର ସୁରକ୍ଷା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବୈଠକରେ ଆତଙ୍କବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଅନ୍ୟପଟେ କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବା ଲାଗି ପାକିସ୍ତାନ ସେନା ନିୟମିତ ଭାବେ ରଣନୀତି ବଦଳାଇବାରେ ଲାଗିଛି।

# ବସ୍-ବୋଲେରୋ ଧକ୍କା: ୧୦ ମହାକୁମ୍ଭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ



ପ୍ରୟାଗରାଜ: ମିର୍ଜାପୁର-ପ୍ରୟାଗରାଜ ରାଜପଥରେ ଏକ ବସ୍ ସହିତ ବୋଲେରୋ ଧକ୍କା ହୋଇ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଅତି କମ୍‌ରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ କହିଛି ଯେ ମିର୍ଜାପୁର-ପ୍ରୟାଗରାଜ ରାଜପଥରେ ଏକ ବସ୍ ସହିତ ବୋଲେରୋ କାର ଧକ୍କା ହେବା ଫଳରେ ଛତିଶଗଡ଼ରୁ ଆସିଥିବା ସମସ୍ତ ଭକ୍ତଙ୍କ ମଧ୍ୟରୁ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟରାତ୍ରିରେ ଘଟିଥିବା ଏହି ଦୁର୍ଘଟଣାରେ ୧୯ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କାରରେ ଯାତ୍ରା କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ଭକ୍ତମାନେ ଛତିଶଗଡର କୋରବାର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ପାଇଁ କୁମ୍ଭକୁ ଯାଉଥିଲେ। ଦୁର୍ଘଟଣା ସମୟରେ ବସ୍‌ରେ ମଧ୍ୟପ୍ରଦେଶର ରାଜଗଡ଼ର ତୀର୍ଥଯାତ୍ରୀ ମଧ ଥିଲେ। ତେବେ ଦୁର୍ଘଟଣା ପରେ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ସ୍ୱରୂପ ରାଣୀ ମେଡିକାଲ ହସ୍ପିଟାଲକୁ ନିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ପ୍ରୟାଗରାଜ ଅତିରିକ୍ତ ଏସ୍‌ପି ବିବେକ ଚନ୍ଦ୍ର ଯାଦବ କହିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରୟାଗରାଜ୍‌ରେ ଘଟିଥିବା ସଡ଼କ ଦୁର୍ଘଟଣାକୁ ନେଇ ଅଧିକାରୀଙ୍କୁ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହତଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି।

### ମେଳା ପରିସରରେ ଗଡିବନି ଗାଡି

ମହାକୁମ୍ଭରେ ପୂର୍ବରୁ ଘଟିଥିବା ଦଳାଚକଟା ଘଟଣା ଓ ବୃଦ୍ଧି ପାଉଥିବା ଭିଡକୁ ଦୃଷ୍ଟିରେ ରଖି ମେଳା ପରିସରରେ ଶନି ଓ ରବିବାରଦୁଇ ଦିନ ପାଇଁ ନୋ ଭେହିକିଲ ଜୋନ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ମହାକୁମ୍ଭ ମେଳା ପରିସରକୁ କୌଣସି ଯାନବାହନ ଚଳପ୍ରଚଳ ପାଇଁ ଅନୁମତି ଦିଆଯିବ ନାହିଁ। ଏହା ବ୍ୟତୀତ ଯାତାୟାତ ନିୟମରେ ମଧ ପରିବର୍ତ୍ତନ କରାଯାଇଛି। ତେବେ ମହାକୁମ୍ଭ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ମଧ ଅସୁବିଧାରେ ପଡୁଥିବା ଖବର ପହଁଚୁଛି। ଆକଳନ ଠାରୁ ଅଧିକ ଶ୍ରଦ୍ଧାଳୁ ମହାକୁମ୍ଭ ଯାଉଥିବାରୁ ରାସ୍ତାରେ ହଜାର ହଜାର ଗାଡି ଅଟକି ରହିଥିବା ବେଳେ ଟ୍ରାଫିକ ପରିଚାଳନାରେ ବିଭ୍ରାଟ ଦେଖାଦେଉଥିବା ଜଣାପଡିଛି।

## ବଢ଼ିଲା ଅଡୁଆ, କେଜରିୱାଲଙ୍କ ବଙ୍ଗଳାର ହେବ ଯାଞ୍ଚ



ନୂଆଦିଲ୍ଲୀ: ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସରକାରୀ ବାସଭବନର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିପିଡବ୍ଲ୍ୟୁଡି ଦ୍ୱାରା ଦାଖଲ କରାଯାଇଥିବା ଏକ ରିପୋର୍ଟ ଆଧାରରେ ଏହି ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ୬ ଫ୍ଲାଗଷ୍ଟାଫ ରୋଡରେ ଅବସ୍ଥିତ ବଙ୍ଗଳାର ନବୀକରଣରେ ଅନିୟମିତତା ଉଲ୍ଲେଖ କରାଯାଇଥିଲା। ଏହି ବଙ୍ଗଳା ସମ୍ପର୍କରେ ଭାଜପା ସମଗ୍ର ନିର୍ବାଚନ ପ୍ରଚାର ସମୟରେ କେଜରିୱାଲଙ୍କୁ ଶୀଶ ମହଲ ବୋଲି କହି ଆକ୍ରମଣ କରିଥିଲା। ଏହି ବିବାଦର ମୂଳ ୨୦୨୦ରେ କୋଭିଡ-୧୯ ମହାମାରୀ ଏବଂ ଲକଡାଉନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ଛାତ ଭୁଶୁଡ଼ି ପଡ଼ିବା ଘଟଣା ସହିତ ଜଡିତ। ୧୯୪୨ରେ ନିର୍ମିତ ଏହି ବଙ୍ଗଳାଟି ପିଡବ୍ଲୁଡିର ମାଲିକାନା ଥିଲା ଏବଂ ଏଥିରେ ପାଞ୍ଚଟି ଶୟନ କକ୍ଷ ଏବଂ ଏକ ପୃଥକ କାର୍ଯ୍ୟାଳୟ ସ୍ଥାନ ଥିଲା। ୨୦୧୫ରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ, କେଜରିୱାଲ ତାଙ୍କ ପରିବାର ସହିତ ଏହି ଘରେ ରହିବା ଆରମ୍ଭ କରିଥିଲେ। କୋଭିଡ ସମୟରେ, ଯେତେବେଳେ ବଙ୍ଗଳାଟି ନବୀକରଣ କରାଯାଉଥିଲା, ସେତେବେଳେ ଏକ ବାଥରୁମର ଛାତ ଭୁଶୁଡ଼ି ପଡ଼ିଥିଲା। ଏହା ପରେ, ଘରର ସାଂରଚନିକ ସୁରକ୍ଷାର ଏକ ଅଡିଟ କରାଯାଇଥିଲା, ଯାହା ଫଳରେ ବଙ୍ଗଳାର ନବୀକରଣର ଆବଶ୍ୟକତା ଅନୁଭୂତ ହୋଇଥିଲା। ସରକାରୀ ରେକର୍ଡ ଅନୁଯାୟୀ, ମାର୍ଚ୍ଚ ୨୦୨୦ରେ, ତତ୍କାଳୀନ ପିଡବ୍ଲୁଡି ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ବଙ୍ଗଳା ପୁନଃନିର୍ମାଣ ଏବଂ ଏକ ଅତିରିକ୍ତ ମହଲା ଯୋଡିବା ପ୍ରସ୍ତାବକୁ ଅନୁମୋଦନ କରିଥିଲେ।

# ରାଜେଶ ଅଶ୍ୱସ୍ତିଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ରାଜଧାନୀ ରାୟପୁରର ମଠପୁରାଠାରେ ଦୁଧାଧାରୀ ସତ୍‌ସଙ୍ଗ ଭବନରେ ଆୟୋଜିତ ରାଜେଶ ଅଶ୍ୱସ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏଥିସହ ଶ୍ରୀ ସାଏ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇ କହିଛନ୍ତି ଯେ, ସ୍ୱର୍ଗତଃ ଅଶ୍ୱସ୍ତି ସାମାଜିକ ଜୀବନରେ ଲୋକଙ୍କ ଦୁଃଖସୁଖରେ ଭାଗିଦାରୀ ହେଉଥିଲେ । ତାଙ୍କ ପରଲୋକ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଈଶ୍ୱର ତାଙ୍କ ଦିବଙ୍ଗତ ଆତ୍ମାକୁ ତାଙ୍କ ଶ୍ରୀଚରଣରେ ସ୍ଥାନ ଦେବା ସହ ପରିବାରବର୍ଗଙ୍କୁ ଏହି କଠିନ ସମୟରେ ଧୈର୍ଯ୍ୟ ଧରିବାକୁ ଶକ୍ତି ଦିଅନ୍ତୁ । ଏହି ଅବସରରେ ବିଧାୟକ ଅନୁଜ ଶର୍ମା, ପବନ ସାଏ, ଭୂପେନ୍ଦ୍ର ସୱନିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ସାର କାରଖାନାରେ ଗ୍ୟାସ୍ ଲିକ୍

# ୧୩ ଛାତ୍ରଛାତ୍ରୀ ଚେତାଶୂନ୍ୟ

କୋଟା: ରାଜସ୍ଥାନର କୋଟାରେ ଶନିବାର ଏକ ବଡ଼ ଦୁର୍ଘଟଣା ଘଟିଛି। କୋଟା-ବାରାନ ରାଜପଥରେ ଥିବା ଚମ୍ବଲ ଫର୍ଟିଲାଇଜର୍ସ କେମିକାଲ କମ୍ପାନିରେ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ନିକଟସ୍ଥ ଏକ ସ୍କୁଲର ଏକ ଡଜନରୁ ଅଧିକ ପିଲା ପ୍ରଭାବିତ ହୋଇଥିଲେ। ଗ୍ୟାସ୍ ଲିକ୍ ଯୋଗୁଁ ୧୩ ଜଣ ଶିଶୁ ଚେତା ହରାଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ କୋଟା ଏମବିଏସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନେ ସେଠାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଖବର ପାଇବା ମାତ୍ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ସିମାଲିଆ ଥାନା ଅଞ୍ଚଳର କୋଟା-ବାରଣ ରାଜପଥର ଗଡ଼େପାନସ୍ଥିତ ଚମ୍ବଲ ଫର୍ଟିଲାଇଜର୍ସ କେମିକାଲ୍ ଲିମିଟେଡ୍ ରେ ହଠାତ୍ ଗ୍ୟାସ୍ ଲିକ୍ ଆରମ୍ଭ ହୋଇଥିଲା। ଏହି ଗ୍ୟାସ୍ ବୟସ୍କଙ୍କୁ ପ୍ରଭାବିତ କରିନଥିଲା, କିନ୍ତୁ ପିଲାମାନେ ଏହାର ଶିକାର ହୋଇଥିଲେ। ଏହି କାରଖାନା ନିକଟରେ ଏକ ସରକାରୀ ବିଦ୍ୟାଳୟ ଅଛି । ଗ୍ୟାସ୍ ଲିକ୍ ଯୋଗୁଁ ଗୋଟିଏ ପରେ ଗୋଟିଏ ୧୩ଜଣ ପିଲା ଚେତା ହରାଇବାରୁ ବିଦ୍ୟାଳୟରେ ଆତଙ୍କ ଖେଳିଯାଇଛି। ଏହି ଖବର ବ୍ୟାପିବା ପରେ ସ୍କୁଲକୁ ଅଭିଭାବକମାନଙ୍କୁ ସୁଅ ଛୁଟିଥିଲା । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ରବୀନ୍ଦ୍ର ଗୋସ୍ୱାମୀ ଓ ଗ୍ରାମାଞ୍ଚଳ ଏସ୍ପି ସୁଜିତ ଶଙ୍କର ମଧ ସେଠାରେ ପହଞ୍ଚିଥିଲେ। ସେମାନେ ସମଗ୍ର ପରିସ୍ଥିତିର ସମୀକ୍ଷା କରିଥିଲେ। ପିଲାଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବାଣିଜ୍ୟ

ନୂଆଦିଲ୍ଲୀ: ଜିଓଷ୍ଟାର ଦେଶରେ ଏକ ନୂତନ ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାର ଲଞ୍ଚ କରିଛି। ଏଥିରେ ଉପଭୋକ୍ତାମାନେ ଗୋଟିଏ ସ୍ଥାନରେ ଡିସନି ହଟଷ୍ଟାର ଏବଂ ଜିଓସିନେମାର କଣ୍ଟେଣ୍ଟ ଉପଭୋଗ କରିପାରିବେ। ଯଦି ଆପଣ ଏହି ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ ମାଗଣାରେ ଚାହୁଁଛନ୍ତି, ତେବେ ଆପଣଙ୍କ ପାଇଁ ଏକ ବଢିଆ ସୁଯୋଗ ଅଛି। ଜିଓ ଏହାର ଏକ ରିଚାର୍ଜ ଯୋଜନାରେ ଏହି ଓଟିଟିର ତିନି ମାସର ସବସ୍କ୍ରିପସନ୍ ପ୍ରଦାନ କରୁଛି। ଏହା ସାହାଯ୍ୟରେ ଆପଣ କୌଣସି ଟଙ୍କା ଖର୍ଚ୍ଚ ନକରି ଆପଣଙ୍କ ମୋବାଇଲରେ ଆଇପିଏଲ ମ୍ୟାଚ୍ ଦେଖିପାରିବେ। ଜିଓର ଏହି ଯୋଜନା ବିଷୟରେ ଜାଣନ୍ତୁ। ଏହି ଜିଓ ପ୍ଲାନର ବୈଧତା ୮୪ ଦିନ। ଏହି ସମୟ ମଧ୍ୟରେ, ଉପଭୋକ୍ତାମାନେ ଦୈନିକ ୨ ଜିବି ହାରରେ ମୋଟ ୧୬୮ଜିବି ଡାଟା ପାଇବେ। ଏହା ସହିତ ମାଗଣା ଅସୀମିତ କଲିଂ ଏବଂ ପ୍ରତିଦିନ ୧୦୦ ଏସଏମଏସ ମଧ ଦିଆଯାଉଛି। ୫ଜି ଉପଭୋକ୍ତାମାନଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଯୋଜନାର ବୈଧତା ସମୟରେ ସେମାନେ ଅସୀମିତ ଡାଟା ପାଇବେ। ଏହି ଯୋଜନା ସହିତ, କମ୍ପାନୀ ନୂତନ ଓଟିଟି ପ୍ଲାଟଫର୍ମ ଜିଓହଟଷ୍ଟାରର ୩ ମାସର ସବସ୍କ୍ରିପସନ୍ ମଧ ଦେଉଛି। ଯଦିଓ ଜିଓର ପ୍ଲାନର ବୈଧତା ୮୪ ଦିନ, ଜିଓହଟଷ୍ଟାରର ସବସ୍କ୍ରିପସନ ସମ୍ପୂର୍ଣ୍ଣ ୯୦ ଦିନ ପାଇଁ ରହିବ। ଏହି ସମୟ ମଧ୍ୟରେ, ଆପଣ ମାଗଣାରେ ଆପଣଙ୍କ ମୋବାଇଲରେ ଆଇପିଏଲ ମ୍ୟାଚ୍ ଉପଭୋଗ କରିପାରିବେ। ଏହି ପ୍ଲାନର ଦାମ ୯୪୯ ଟଙ୍କା ରହିଛି ।

# ଗ୍ଲୋବାଲ୍ ପରିବେଶ ପୁରସ୍କାରରେ ଆର୍‌ଏସ୍‌ପି ଦ୍ୱାରା ଏକାଧିକ ପୁରସ୍କାର ଲାଭ



ନୂଆଦିଲ୍ଲୀ: ନୂଆଦିଲ୍ଲୀ ଠାରେ ଆୟୋଜିତ ଗ୍ଲୋବାଲ୍ କ୍ଲିନ୍ ଏନର୍ଜି ସମ୍ମିଳନୀ ୨୦୨୫ ରେ ସେଲ୍, ରାଉରକେଲା ଇସ୍ପାତ କାରଖାନ (ଆରଏସପି)କୁ ଏକାଧିକ ପୁରସ୍କାର ପ୍ରଦାନ କରାଯାଇଛି । ଏଥିସହ, ଆରଏସପି ତରଫରୁ ଅଗ୍ନିଶମ ଓ ସୁରକ୍ଷା ବିଭାଗ ର ସିଜିଏମ୍ ସୁଶ୍ରୀ ଆଶା ଏସ କାର୍ଥା, ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଇନ-ଚାର୍ଜ ପି ସି ଦାଶ, ଏସପି-୩ ବିଭାଗର ସିନିୟର ମ୍ୟାନେଜର ଶିବମ ସିଂହଙ୍କୁ ଗ୍ଲୋବାଲ୍ ସୁରକ୍ଷା ପୁରସ୍କାର ୨୦୨୫ ଏବଂ ଗ୍ଲୋବାଲ ପରିବେଶ ପୁରସ୍କାର ୨୦୨୫ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦୨୫ ବର୍ଷ ପାଇଁ ସୁଶ୍ରୀ କାର୍ଥାଙ୍କୁ ଗ୍ଲୋବାଲ ଏଚ୍‌ଏସ୍‌ଇ ମହିଳା ଲିଡର ପୁରସ୍କାର ମଧ ପ୍ରଦାନ କରାଯାଇଥିଲା। ଏହି ପ୍ରତିନିଧିମାନେ ଆନ୍ତର୍ଜାତୀୟ ସୋଲାର ଆଲାଏନ୍ସର ମହାନିର୍ଦ୍ଦେଶକ ଡକ୍ଟର ଅଜୟ ମାଥୁରଙ୍କ ଉପସ୍ଥିତିରେ ଭାରତର ପୂର୍ବତନ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ ଆରଏସପି ଆରମ୍ଭରୁ ଅତ୍ୟାଧୁନିକ ପରିବେଶ ଅନୁକୂଳ ଇସ୍ପାତ ତିଆରି ପ୍ରଯୁକ୍ତିବିଦ୍ୟାକୁ କ୍ରମଶଃ ଗ୍ରହଣ କରିଆସୁଛି। ଆର୍‌ଏସ୍‌ପି ଅନଲାଇନ୍ ଇଫ୍ଲୁଏଣ୍ଟ ଗୁଣବତ୍ତା ମନିଟରିଂ ସିଷ୍ଟମ୍ (ଇକିଉଏମଏସ) ମାଧ୍ୟମରେ କଠୋର ମନିଟରିଂ ଏବଂ ନିୟନ୍ତ୍ରଣ ମାନଦଣ୍ଡକୁ ମଧ ପାଳନ କରିବା ସହ, ସମସ୍ତ ଅନଲାଇନ୍ ମନିଟରିଂ ସିଷ୍ଟମ୍ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭର ସହିତ ସୁଗମ ଭାବରେ ସଂଯୁକ୍ତ କରାଯାଇଛି ।

# ୧୮ ବର୍ଷ ପରେ ବିଏସ୍‌ଏନ୍‌ଏଲ୍‌ର ଲାଭ

ନୂଆଦିଲ୍ଲୀ: ସରକାରୀ କମ୍ପାନି ବିଏସ୍‌ଏନ୍‌ଏଲ୍ ଏକ ଐତିହାସିକ ସଫଳତା ସହ ୧୮ ବର୍ଷ ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଲାଭ କରିଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ କମ୍ପାନି ୨୬୨ କୋଟି ଟଙ୍କା ଲାଭ କରିଛି। ଶେଷ ଥର ପାଇଁ ଏହା ୨୦୦୭ରେ ଲାଭ କରିଥିଲା। ତା'ପରଠାରୁ ଲଗାତାର ଭାବେ କ୍ଷତିରେ ଚାଲୁଥିଲା। କମ୍ପାନିର ସିଏମ୍‌ଡି ଏ ରବର୍ଟ ଜେ ରବି କହିଛନ୍ତି ଯେ ମୋଟ ବ୍ୟୟକୁ ସଫଳତାର ସହ ହ୍ରାସ କରାଯିବା ପରେ କମ୍ପାନିର କ୍ଷତି ଗତବର୍ଷ ତୁଳନାରେ ୧୮୦୦ କୋଟି ଟଙ୍କା କମିଛି। ଆଗାମୀ ଦିନରେ ୫ଜି ସେବା ଲାଗି ନିଜକୁ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ସେବା ଯୋଗାଇବା ଉପରେ କମ୍ପାନି ଧ୍ୟାନ ଦେଉଛି ବୋଲି ସେ କହିଛନ୍ତି।

# ଟେକ୍ ଟ୍ରାୟମ୍ଫ ସିଜନ୍ ୩ର ଶୁଭାରମ୍ଭ

ନୂଆଦିଲ୍ଲୀ: ଗେମିଂ ଶିଳ୍ପରେ କ୍ୟାରିୟର ଗଢ଼ିବା ପାଇଁ ଆଗ୍ରହୀ କିନ୍ତୁ ସଠିକ୍ ପ୍ଲାଟଫର୍ମ ଏବଂ ପାଣ୍ଠି ସହିତ ସଂଘର୍ଷ କରୁଛନ୍ତି କି ? ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ସମ୍ମିଟ୍ (ୱେଭସ୍) ଟେକ୍ ଟ୍ରାୟମ୍ଫ ସିଜନ୍ ୩କୁ ଆପଣଙ୍କ ପ୍ରତିଭା ପ୍ରଦର୍ଶନ କରିବାର ଏକ ଅବିଶ୍ୱସନୀୟ ସୁଯୋଗ ପ୍ରଦାନ କରେ, ଆପଣ ଭାରତରେ କିମ୍ବା ବିଦେଶରେ ହୁଅନ୍ତୁ! ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ପାଇଁ ଖୋଲା, ଏହି ଚ୍ୟାଲେଞ୍ଜର ବର୍ତ୍ତମାନ ଫେବୃଆରୀ ୨୦ର ଏକ ବର୍ଦ୍ଧିତ ଆବେଦନ ସମୟସୀମା ଅଛି । ଦେଶର ସର୍ବବୃହତ କ୍ରୀଡା ପ୍ରତିଯୋଗିତାର ବିଜେତାମାନେ ମାର୍ଚ୍ଚ ୧୭ରୁ ୨୧ ପର୍ଯ୍ୟନ୍ତ ସାନ ଫ୍ରାନ୍ସିସ୍କୋରେ ଗେମିଂ ବିକାଶକାରୀ ସମ୍ମିଳନୀ ୨୦୨୫ ରେ ଏବଂ ପରେ ସମ୍ପୂର୍ଣ୍ଣ ପ୍ରାୟୋଜିତ ଭିତ୍ତିରେ ଭାରତର ୱେଭସରେ ସେମାନଙ୍କ ଉତ୍ପାଦ, ଆଇପି ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସହଭାଗିତାରେ ଇଣ୍ଟରାକ୍ଟିଭ୍ ଏଣ୍ଟରଟେନମେଣ୍ଟ ଆଣ୍ଡ ଇନୋଭେସନ୍ କାଉନସିଲ୍ ଦ୍ୱାରା 'କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ ସିଜନ-୧' ର ଅଂଶବିଶେଷ ଭାବେ 'ଟେକ୍ ଟ୍ରାୟମ୍ଫ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ସମ୍ମିଟ୍ ପୂର୍ବରୁ, ଏହି ଚାଲେଞ୍ଜ୍ 'ୱେଭସ୍' ଏବଂ ଇଣ୍ଡିଆ ପାଭିଲିଅନ୍' ର ଅନ୍ତର୍ଜାତୀୟ ମଞ୍ଚରେ 'ଗେମ୍ ଡେଭଲପର୍ ସମ୍ମିଳନୀରେ ଭାରତର ଗେମିଂ ପ୍ରତିଭାର ଚିହ୍ନଟ, ସ୍ୱୀକୃତି ଏବଂ ପ୍ରଦର୍ଶନ କରିବ। ଟେକ୍ ଟ୍ରାୟମ୍ଫ ସିଜନ ୩ ଭାବରେ ପଞ୍ଜୀକୃତ ହୋଇଥିବା ୧୦୦୦ ରୁ ଅଧିକ, ଭାରତର ଗେମିଂ ଇକୋସିଷ୍ଟମ ଆନ୍ତର୍ଜାତୀୟ ମଞ୍ଚରେ ସ୍ଥାୟୀ ପ୍ରଭାବ ପକାଇବା ପାଇଁ ପ୍ରସ୍ତୁତ, ଏକ ଗତିଶୀଳ ଏବଂ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ 'ମେଡ ଇନ୍ ଇଣ୍ଡିଆ' ବୈଷୟିକ ଶିଳ୍ପ ପାଇଁ ଦେଶର ମହତ୍ୱାକାଂକ୍ଷାକୁ ଆଗକୁ ବଢ଼ାଇବ। ଏହି ପଦକ୍ଷେପ ଭାରତର ଏଭିଜିସି ଏବଂ ଏକ୍ସଆର କ୍ଷେତ୍ରର ଅଭିବୃଦ୍ଧି ଦ୍ୱାରା ପ୍ରୋତ୍ସାହିତ ହୋଇ, ଗେମିଂ ପ୍ରଯୁକ୍ତିବିଦ୍ୟା ଏବଂ ବୌଦ୍ଧିକ ସମ୍ପତ୍ତିରେ ଏକ ବିଶ୍ୱ ଶକ୍ତି କେନ୍ଦ୍ର ହେବାର ଭାରତର ଦୃଷ୍ଟିକୋଣ ସହିତ ମେଳ ଖାଉଛି, ଯାହା ବର୍ତ୍ତମାନ ଅର୍ଥ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଏଫଆଇସିସିଆଇ- ଇୱାଇ ର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ଗଣମାଧ୍ୟମ କ୍ଷେତ୍ରରେ ଡିଜିଟାଲ ଏବଂ ଅନଲାଇନ ଗେମିଂ ସର୍ବାଧିକ ବୃଦ୍ଧି ପାଇଛି। ୨୦ରେ ଗେମ୍ ଦାଖଲ ଏବଂ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ହେବାକୁ ଥିବାବେଳେ ୨୩ ରେ ବିଶେଷଜ୍ଞମାନେ ମୂଲ୍ୟାୟନ କରିବା ସହ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନେ ବିଚାରକମଣ୍ଡଳୀକୁ ନିବେଦନ କରିବେ । ୨୮ରେ ଗ୍ରାଣ୍ଡ ଫାଇନାଲ ସହିତ ଫଳାଫଳ ପ୍ରକାଶ ପାଇବ । ମାର୍ଚ୍ଚ ୫ରେ କାର୍ଯ୍ୟକ୍ରମ ଆଗକୁ ବଢିବା ସହିତ ଆର୍ନ୍ତଜାତୀୟ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି ହେବେ । ଏଥିପାଇଁ ଯୋଗ୍ୟତାର ମାନଦଣ୍ଡ ଗୁଡିକ ହେଉଛି ଇଣ୍ଟରାକ୍ଟିଭ୍ ମନୋରଞ୍ଜନ ଇକୋସିଷ୍ଟମ ମଧ୍ୟରେ ଥିବା ସମସ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ପାଇଁ ଖୋଲା, ଯେଉଁଥିରେ ଡେଭଲପର, ଷ୍ଟୁଡିଓ, ଷ୍ଟାର୍ଟଅପ୍ ଏବଂ ଟେକ୍ କମ୍ପାନୀ ଗେମ୍ ସମ୍ବନ୍ଧୀୟ ଟେକ୍ନୋଲୋଜି ସହିତ ପିସି, କନସୋଲ ଏବଂ ମୋବାଇଲ୍ ଗେମ୍ ଉପରେ ଧ୍ୟାନ ଦେଇଥାଏ। ଅଂଶଗ୍ରହଣକାରୀ ବିକାଶର ଯେକୌଣସି ପର୍ଯ୍ୟାୟରେ ରହିପାରିବେ କିନ୍ତୁ ଅତି କମରେ ଏକ କାର୍ଯ୍ୟକ୍ଷମ ପ୍ରୋଟୋଟାଇପ୍ ରହିବା ଆବଶ୍ୟକ । ଗେମିଂ ଷ୍ଟୁଡିଓ ଏବଂ ଇ-ସ୍ପୋର୍ଟସ୍-ବ୍ୟକ୍ତିଗତ ବିକାଶକାରୀ, ଷ୍ଟୁଡିଓ, ଖେଳ ସୃଷ୍ଟି କରୁଥିବା ଇଣ୍ଡି ଷ୍ଟାର୍ଟଅପ୍ ଏବଂ ଇ-ସ୍ପୋର୍ଟସ୍ ସହିତ ଜଡିତ ସଂସ୍ଥା, ଇଭେଣ୍ଟ ଉତ୍ପାଦନ ଏବଂ ପ୍ରତିଭା ପରିଚାଳନା, ଇ-ସ୍ପୋର୍ଟସ୍ କ୍ଲବ୍ ଏବଂ ଇ-ସ୍ପୋର୍ଟସ୍ ପ୍ରଭାବଶାଳୀ। ଗେମିଂ ବ୍ୟବସାୟ-ଗେମିଂ କମ୍ପାନୀଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମାଧାନ ବିକଶିତ କରୁଥିବା ବ୍ୟବସାୟଃ ଦେୟ, ସୁରକ୍ଷା, ଲାଇଭ୍ ଅପରେସନ୍, ଯୋଗଦାନ, ବିତରଣ, ମୁଦ୍ରୀକରଣ, ସ୍ଥାନୀୟକରଣ, ଗୁଣବତ୍ତା ଆଶ୍ୱାସନା, ଆଇନଗତ ଏବଂ ଆର୍ଥିକ ସେବା । ଏଥିରେ ଅଂଶଗ୍ରହଣ ପାଇଁ ପ୍ରଥମ ପର୍ଯ୍ୟାୟରେ ଗେମ୍ ଦାଖଲ । ଆନୁଷ୍ଠାନିକ ପ୍ରତିଯୋଗିତା ୱେବସାଇଟରେ ଉପଲବ୍ଧ ପ୍ରତିଯୋଗିତା ଫର୍ମ ମାଧ୍ୟମରେ ଆପଣଙ୍କ ଖେଳ ଦାଖଲ କରି ଆପଣଙ୍କ ଯାତ୍ରା ଆରମ୍ଭ କରିବାକୁ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ବିଶେଷଜ୍ଞ ମୂଲ୍ୟାଙ୍କନ । ଆମର ସମ୍ମାନିତ ବିଶେଷଜ୍ଞ ପ୍ୟାନେଲ ସମସ୍ତ ଦାଖଲକୁ ସୂକ୍ଷ୍ମ ଭାବରେ ସମୀକ୍ଷା କରିବ, ପିଚିଂ ରାଉଣ୍ଡ ପାଇଁ ସର୍ବୋତ୍ତମ ଏଣ୍ଟ୍ରିଗୁଡ଼ିକୁ ତାଲିକାଭୁକ୍ତ କରାଯିବ ।

## ଓଡ଼ିଶାରେ ଭାରତର ପ୍ରଥମ ଡ୍ରୋନ ସେଣ୍ଟର୍ସ ଅଫ ଏକ୍ସିଲେନ୍ସର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଆଦିବାସୀ ଯୁବପିଢି ଓ ମହିଳାମାନଙ୍କୁ ଡ୍ରୋନ ଟେକ୍ନୋଲୋଜି କ୍ଷେତ୍ରରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଅଗ୍ରଣୀ ଡ୍ରୋନ ଟେକ୍ନୋଲୋଜି କମ୍ପାନୀ ଆଇଜି ଡ୍ରୋନସ ସହ ସହଭାଗିତାରେ ସାଂସଦ ସୁଜିତ କୁମାର, ସଂସଦ ଆଦର୍ଶ ଗ୍ରାମ ଯୋଜନା (ଏସ୍‌ଏଜିୱାଇ) ଅଧିନରେ ଭାରତର ପ୍ରଥମ ଡ୍ରୋନ ସେଂଟର୍ସ ଅଫ ଏକ୍ସିଲେନ୍ସ (ସିଓଇ)ର ଉନ୍ମୋଚନ କରିଛନ୍ତି। ଏହି ସେଂଟରଗୁଡିକ ଓଡିଶାର କଳାହାଣ୍ଡି ଜିଲ୍ଲାର ସଗଡା ଓ ଭଟଙ୍ଗପଦର ଗ୍ରାମ ପଂଚାୟତରେ ଅବସ୍ଥିତ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା କେନ୍ଦ୍ର ସରକାରଙ୍କ ଏସଏଜିୱାଇ ଯୋଜନା ଅଧିନରେ ପ୍ରଥମ ଥର ପାଇଁ ଏଭଳି ଏକ ସେଂଟର୍ସ ଅଫ ଏକ୍ସିଲେନ୍ସର ଶୁଭାରମ୍ଭ କରାଯାଇଛି। ଏମ୍‌ପି ସୁଜିତ କୁମାରଙ୍କ ଦ୍ୱାରା ଏସଏଜିୱାଇ ଯୋଜନା ଅଧିନରେ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ସଗଡା ଓ ଭଟଙ୍ଗପଦର ଗ୍ରାମରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହି ପଦକ୍ଷେପ ମଧ ପ୍ରଧାନମନ୍ତ୍ରୀଙ୍କ ଡ୍ରୋନ ନୀତିକୁ ସମର୍ଥନ କରୁଛି ଯାହା ଭାରତରେ ଡ୍ରୋନ ପରିଚାଳନାକୁ ୨୭୦୦୦ରୁ ୧ ଲକ୍ଷକୁ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରଖିଛି। ଏସମ୍ପର୍କରେ ସାଂସଦ ସୁଜିତ କୁମାର କହିଛନ୍ତି, 'ଡ୍ରୋନ ସେଂଟର୍ସ ଅଫ୍ ଏକ୍ସିଲେନ୍ସ ସମାନ ବିକାଶକୁ ଆଗକୁ ବଢାଇବା କ୍ଷେତ୍ରରେ ଟେକ୍ନୋଲୋଜିର ଶକ୍ତିର ଏକ ପ୍ରମାଣ। ଆଦିବାସୀ ଯୁବପିଢି ଓ ମହିଳାମାନଙ୍କୁ ଆଧୁନିକ ଦକ୍ଷତା ସହ ସୁସଜ୍ଜିତ କରି ଆମେ ସେମାନଙ୍କ ଅପହଞ୍ଚରେ ଥିବା ସୁଯୋଗ ପାଇଁ ବାଟ ଫିଟାଉଛୁ ଏବଂ ଭାରତର ଡିଜିଟାଲ ଅର୍ଥନୀତିରେ ସେମାନଙ୍କର ଯୋଗଦାନକୁ ନିଶ୍ଚିତ କରୁଛୁ। ଏହି ପଦକ୍ଷେପ ଆଇଜି ଡ୍ରୋନ୍ସର ସହଯୋଗ ସହିତ ସମ୍ଭବ ହୋଇଛି ଯାହା ଦେଶର ଅନ୍ୟ ଭାଗରେ ମଧ ଏଭଳି ସେଂଟରସ ଅଫ୍ ଏକ୍ସିଲେନ୍ସର ସ୍ଥାପନା କରୁଛି। ସେହିପରି ଏହି ସେଣ୍ଟରକୁ ନେଇ ନିଜର ଉତ୍ସାହ ବ୍ୟକ୍ତ କରି ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆମେ ଆଦିବାସୀ ଯୁବପିଢିଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଆଉ ଏକ ପଦକ୍ଷେପ ଗ୍ରହଣ କରି ଏବଂ ଜାତୀୟ ସ୍ତରରେ ଓଡିଶାକୁ ଏକ ଡ୍ରୋନ ହବ୍ ଭାବେ ହାଇଲାଇଟ କରି ଖୁବ ଖୁସି ଅନୁଭବ କରୁଛୁ। ଏହି ସେଣ୍ଟରଗୁଡିକ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ ଓ ବେକାର ଯୁବକ ଯୁବତୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ଏବଂ ଡ୍ରୋନ ପାଇଲଟ ଓ ଟେକ୍ନିସିଆନ ଭାବେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ଭାରତରେ ଡ୍ରୋନ ଶିଳ୍ପ ଦ୍ରୁତ ବେଗରେ ବୃଦ୍ଧି ପାଉଥିବାରୁ ଏହି ପଦକ୍ଷେପ ଏହି ସେକ୍ଟରରେ ଦକ୍ଷ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବ।

## ରାଜ୍ୟର ଚିଠା ଆଇ.ଟି. ନୀତି ଉପରେ ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଆଗାମୀ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇ.ଟି.) ନୀତି ଚିଠା ଉପରେ ଶିଳ୍ପ ପ୍ରତିନିଧିମାନଙ୍କ ମତାମତ ଜାଣିବା ପାଇଁ ଶୁକ୍ରବାର ଦିନ ଏକ ଘରୋଇ ହୋଟେଲରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ 'ନାସ୍କମ୍' ପ୍ରତିନିଧିମାନଙ୍କ ସହ ଏକ ମିଳିତ ଆଲୋଚନାର ଆୟୋଜନ କରାଯାଇଥିଲା । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓଡ଼ିଶା ଅଭିକଳକ ପ୍ରୟୋଗ କେନ୍ଦ୍ର (ଓକାକ) ସିଇଓ ଡଃ ପ୍ରଦୀପ ରାଉତ, 'ନାସ୍କମ୍' ତଥା ଓଡ଼ିଶା ଆଇ.ଟି. ଶିଳ୍ପର ପ୍ରତିନିଧିମଣ୍ଡଳୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଓଡ଼ିଶାରେ ଆଇଟି ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ଏହାକୁ ଆଗେଇନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, 'ସରକାର ଏ କ୍ଷେତ୍ରରେ ଗବେଷଣା ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ଅଧିକ ପରିବ୍ୟାପ୍ତ କରିବାକୁ ଚାହୁଁଛନ୍ତି ଏବଂ ସେଥିପାଇଁ ସମର୍ପିତ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରିବାକୁ ଚାହାନ୍ତି । ସରକାର ଶିଳ୍ପ ପ୍ରତିନିଧି ତଥା ସମ୍ପୃକ୍ତ ଶିକ୍ଷାବିତ୍ମାନଙ୍କ ପାଇଁ ମଧ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛନ୍ତି । ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆଗାମୀ ଆଇ.ଟି. ନୀତିର ଚିଠା ସଂପର୍କରେ ସୂଚନା ଦେଇ କହିଥିଲେ ଯେ, ସରକାର ରାଜ୍ୟର ଆଇ.ଟି. ଶିଳ୍ପର ବର୍ତ୍ତମାନର ସ୍ଥିତି-ପରିସ୍ଥିତି ଓ ଭବିଷ୍ୟତକୁ ଆହୁରି ସମୁଜ୍ଜ୍ୱଳ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆଇ.ଟି. ଚିଠା ନୀତି ପ୍ରତିଯୋଗିତାମୂଳକ ପରିବେଶକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟ ରଖିଛି । ଯାହା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ମଜବୁତ୍ କରିବ । ମୂଳଦୁଆ ପ୍ରସ୍ତୁତିଠାରୁ ଆରମ୍ଭ କରି କୌଶଳ ବିକାଶ, ଗବେଷଣା ଆଦି ଅନେକ ବିଷୟ ସଂଶିତ ଚିଠା ନୀତିରେ ସନ୍ନିବିଷ୍ଟ ହୋଇଛି ବୋଲି ସେ କହିଥିଲେ । ରାଜ୍ୟରେ ଆଇ.ଟି. ଶିଳ୍ପର ଅଭିବୃଦ୍ଧି ନିମନ୍ତେ ଚିଠା ନୀତିରେ ସ୍ଥାନିତ ମୁଖ୍ୟ ବିଭାଗ ସମୂହ ଏବଂ ପ୍ରସ୍ତାବିତ ପ୍ରୋତ୍ସାହନ ଆଦିକୁ ନେଇ ଆଲୋଚନାବେଳେ ଏକ ତଥ୍ୟଭିତ୍ତିକ ବିବରଣୀ ଉପସ୍ଥାପନ କରାଯାଇଥିଲା । ଆଲୋଚନା ଶେଷରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଶିଳ୍ପ-ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରର ସିଇଓ ଡା ପ୍ରଦୀପ କୁମାର ରାଉତ ଏବଂ ନାସ୍କାମ୍ ଓ ଅନ୍ୟ ଶିଳ୍ପାନୁଷ୍ଠାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।




ମୁମ୍ବାଇ: ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ। ତାଙ୍କ ସହ ଶ୍ରୀଲଙ୍କାର ପୂର୍ବତନ ୱିକେଟ୍‌ରକ୍ଷକ କୁମାର ସାଙ୍ଗାକାରା ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିବେ। ଉଭୟ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଯଥାକ୍ରମେ ଭାରତ ଓ ଶ୍ରୀଲଙ୍କା ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ଚଳିତମାସ ୨୨ ତାରିଖରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ, ବଡ଼ୋଦରା ଓ ରାୟପୁରରେ ଖେଳାଯିବ। ଭାରତୀୟ ମାଷ୍ଟର୍ସ ଦଳରେ ସଚିନଙ୍କ ସହ ବିଶ୍ୱକପ୍ ବିଜୟୀ ଯୁବରାଜ ସିଂହ, ସୁରେଶ ରାଇନା, ପୂର୍ବତନ ଅଲରାଉଣ୍ଡର୍ ଇର୍ଫାନ୍ ପଠାନ, ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିବ। ସଚିନ ଏଥିନେଇ ଅଭ୍ୟାସ ଆରମ୍ଭ କରି ସାରିଲେଣି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମାଷ୍ଟର୍ସ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣକୁ ନେଇ ସେ କହିଛନ୍ତି, ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତୀୟ ମାଷ୍ଟର୍ସ ଦଳର ଅଧିନାୟକ ନିଯୁକ୍ତ ହୋଇ ମୁଁ ବେଶ୍ ଉଲ୍ଲସିତ।

### ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇ ଅଭିମୁଖେ ଭାରତୀୟ ଟିମ୍

# ୨୦ରେ ପ୍ରଥମ ମ୍ୟାଚ୍ ଖେଳିବ ଭାରତ




ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଶନିବାର ଦୁବାଇ ଯାତ୍ରା କରିଛି। ବିସିସିଆଇର ନିୟମ ଅନୁଯାୟୀ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମା ସମେତ ଟିମ୍ ଇଣ୍ଡିଆର ସମସ୍ତ ୧୫ ଖେଳାଳି ଶନିବାର ମୁମ୍ବାଇରୁ ଦୁବାଇ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସମୟରେ ରୋହିତ ଶର୍ମାଙ୍କୁ ବ୍ୟକ୍ତିଗତ କାରରେ ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିବା ଦେଖିବାକୁ ମିଳିଥିଲା। ଭାରତ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ଶନିବାର ଦୁବାଇ ଯାତ୍ରା କରିଥିବା ଭାରତୀୟ ଦଳରେ ହେଡ୍ କୋଚ୍ ଗମ୍ଭୀର, ଅଧିନାୟକ ରୋହିତ, ବିରାଟ କୋହଲି, ୱାଶିଂଟନ ସୁନ୍ଦର, କେଏଲ ରାହୁଲ, ଶ୍ରେୟସ ଆୟର, ଅକ୍ଷର ପଟେଲ, ଦ୍ରୁତ ବୋଲର ଅର୍ଶଦୀପ ସିଂ, ରବୀନ୍ଦ୍ର ଜାଡ଼େଜା, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶାମି, ଋଷଭ ପନ୍ତ, କୁଲଦୀପ ଯାଦବ ଓ ହର୍ଷିତ ରାଣା ବି ସାମିଲ। ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଉଦଘାଟନୀ ମ୍ୟାଚ୍ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଫେବୃଆରୀ ୧୯ରେ କରାଚିରେ ଖେଳାଯିବ। ୨୦ ତାରିଖରେ ଭାରତ ବାଂଲାଦେଶ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଏହା ପରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୨୩ରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବ। ଭାରତ ନିଜର ତୃତୀୟ ମ୍ୟାଚ୍ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ।

**ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ**

ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ୍, ଶ୍ରେୟସ ଆୟର, ବିରାଟ କୋହଲି, ଋଷଭ ପନ୍ତ(ୱିକେଟ୍ କିପର), କେଏଲ ରାହୁଲ(ୱିକେଟ୍ କିପର), ରବୀନ୍ଦ୍ର ଜାଡ଼େଜା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ମହମ୍ମଦ ଶାମି ଏବଂ ବରୁଣ ଚକ୍ରବର୍ତ୍ତୀ ସାମିଲ୍ ।

# ରୋହିତଙ୍କୁ ନେଇ ବିସିସିଆଇର ବଡ଼ ନିଷ୍ପତ୍ତି



ନୂଆଦିଲ୍ଲୀ: ଜସପ୍ରିତ୍ ବୁମ୍‌ରା ଟିମ ଇଣ୍ଡିଆର ଜଣେ ସର୍ବଶ୍ରେଷ୍ଠ ବୋଲର। ତାଙ୍କ ପାଖରେ ଯେକୌଣସି ମ୍ୟାଚ୍‌ର ବାଜି ପଲଟାଇବା ତଥା ଟୁର୍ନାମେଣ୍ଟ ଜିତିବାର କ୍ଷମତା ରହିଛି। ହେଲେ ଆଘାତ ଯୋଗୁ ବିସିସିଆଇ ତାଙ୍କୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ଦେଇଛି ବୋଲି କୁହାଯାଉଥିଲା। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରୁ ବାହାରେ ରଖିବା ପଛର ପ୍ରକୃତ କାରଣ ଏବେ ସାମ୍ନାକୁ ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ) ତାଙ୍କୁ ଟେଷ୍ଟରେ ଅଧିନାୟକ ଭାବରେ ଦେଖୁଛି। ଏଣୁ ତାଙ୍କୁ ଇଂଲଣ୍ଡ ଗସ୍ତରେ ଦଳର ନେତୃତ୍ୱ ନେଉଥିବା ଦେଖିବାକୁ ମିଳିବ। ତେଣୁ ବୋର୍ଡ ଚାମ୍ପିଅନ୍ସ ଟ୍ରଫିରେ ବୁମ୍‌ରାଙ୍କୁ ଖେଳାଇ କୌଣସି ସମସ୍ୟାରେ ପଡ଼ିବାକୁ ଚାହୁଁ ନ ଥିଲା। ଏହି କାରଣରୁ ବିସିସିଆଇ ତାଙ୍କୁ ଚାମ୍ପିଅନ୍ସ ଟ୍ରଫି ଦଳରୁ ବାଦ୍ ଦେଇଛି। ଜସପ୍ରିତ ବୁମ୍‌ରାଙ୍କ ଆଘାତ ଯାଞ୍ଚ କରିବା ପାଇଁ ତାଙ୍କୁ ନିକଟରେ ପୁଣି ଥରେ ସ୍କାନ କରାଯାଇଥିଲା। ସ୍କାନ ରିପୋର୍ଟ ଦେଖିବା ପରେ, ଏନ୍‌ସିଏ କୌଣସି ସମସ୍ୟା ନ ଥିବା କହିଛି। ତଥାପି ବୁମ୍‌ରା ଏପର୍ଯ୍ୟନ୍ତ ବୋଲିଂ ଆରମ୍ଭ କରି ନ ଥିଲେ ଏବଂ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ଥିଲା। ତେଣୁ ଏନ୍‌ସିଏ ଚାମ୍ପିଅନ୍ସ ଟ୍ରଫିରେ ତାଙ୍କର ଅଂଶଗ୍ରହଣ ନିଷ୍ପତ୍ତି ଟିମ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଉପରେ ଛାଡି ଦେଇଥିଲା। ଏହାପରେ ଅଗରକର ଟିମ୍ ଇଣ୍ଡିଆର ଭବିଷ୍ୟତକୁ ବିଚାର କରି କୌଣସି ବିପଦ ନ ନେବାକୁ ନିଷ୍ପତ୍ତି ନେଇଥିଲେ। କାରଣ ସେ ବହୁତ ଦିନ ଧରି ବୁମ୍‌ରାଙ୍କୁ ଟିମ୍ ଇଣ୍ଡିଆର ଟେଷ୍ଟ ଅଧିନାୟକତ୍ୱ ଦେବାକୁ ଚିନ୍ତା କରୁଛନ୍ତି। ଦଳ ପରିଚାଳନା ତାଙ୍କୁ ବହୁତ ସତର୍କତାର ସହ ବ୍ୟବହାର କରିବାକୁ ଚାହୁଁଛି। ବିସିସିଆଇ ବୁମରାଙ୍କ ସହ ରୋହିତ ଶର୍ମାଙ୍କୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ପିଟିଆଇ ରିପୋର୍ଟ ଅନୁଯାୟୀ, ଗୋଟିଏ ପଟେ ବିସିସିଆଇ ବୁମ୍‌ରାଙ୍କୁ ଦୀର୍ଘ ସମୟ ପାଇଁ ଅଧିନାୟକ କରିବାକୁ ଚାହୁଁଛି। ଅନ୍ୟପକ୍ଷରେ ଦଳ ଏବେ ରୋହିତ ଶର୍ମାଙ୍କୁ ଟେଷ୍ଟ ଦଳରେ ସୁଯୋଗ ନ ଦେବା ବିଷୟରେ ଚିନ୍ତା କରୁଛି। ଯଦି ଏହି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ରୋହିତ ଚଳିତ ବର୍ଷ ଜୁନ-ଜୁଲାଇରେ ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆର ଦଳରେ ସାମିଲ ହେବେ ନାହିଁ। ତାଙ୍କୁ ଏବେଠାରୁ କୌଣସି ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ମିଳିବ ନାହିଁ। ଏହାର ଅର୍ଥ ହେଉଛି ଏକ ପ୍ରକାର ତାଙ୍କର ଟେଷ୍ଟ କ୍ୟାରିଅର ଶେଷ ହୋଇଛି। ଇଂଲଣ୍ଡ ଗସ୍ତରେ ବୁମ୍‌ରା ତାଙ୍କ ସ୍ଥାନ ନେବେ ଏବଂ ଦଳର ନେତୃତ୍ୱ ନେବେ।

### କ୍ରୀଡାପ୍ରେମୀଙ୍କ ପାଇଁ ଖୁସି ଖବର

# ଏଣିକି ୯ଟି ଭାଷାରେ ଚାମ୍ପିଅନ୍ସ ଟ୍ରଫିର ସିଧା ପ୍ରସାରଣ



ନୂଆଦିଲ୍ଲୀ: ଫେବୃଆରୀ ୧୯ରୁ ଆରମ୍ଭ ହେବ ଆଇସିସି ଚାମ୍ପିଅନ୍ସ ଟ୍ରଫି-୨୦୨୫। ଉତ୍ସାହର ସହ ଅପେକ୍ଷା କରିଛନ୍ତି କ୍ରୀଡାପ୍ରେମୀ। ୧୯୯୬ ପରଠାରୁ ପ୍ରଥମ ଥର ପାଇଁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇଛି ପାକିସ୍ତାନ। କିନ୍ତୁ ଦୁବାଇର କ୍ରିକେଟ୍ ଷ୍ଟାଡିୟମରେ ଖେଳିବ ଟିମ୍ ଇଣ୍ଡିଆ। ମ୍ୟାଚଗୁଡିକର ଲାଇଭ୍ ଟେଲିକାଷ୍ଟକୁ ନେଇ ଭାରତୀୟ ପ୍ରଶଂସକଙ୍କୁ ବଡ ଉପହାର ଦେଇଛି ଆଇସିସି। ସମସ୍ତ କ୍ରିକେଟ୍ ପ୍ରେମୀମାନେ ଚାମ୍ପିଅନ୍ସ ଟ୍ରଫିକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ମିନି ବିଶ୍ୱକପ୍ ନାମରେ ଜଣାଶୁଣା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୯ରେ ଖେଳାଯିବ। ଫାଇନାଲ ମ୍ୟାଚ୍ ୯ ମାର୍ଚ୍ଚରେ ଖେଳାଯିବ। ଏଥିରେ ଭାଗ ନେଉଥିବା ୮ଟି ଦଳ ପ୍ରତ୍ୟେକଙ୍କୁ ୪ଟି ଦୁଇଟି ଭିନ୍ନ ଦଳରେ ବିଭକ୍ତ କରାଯାଇଛି। ଏହି ମ୍ୟାଚ୍‌ଗୁଡିକର ଲାଇଭ୍ ଟେଲିକାଷ୍ଟ ବିଷୟରେ ସମସ୍ତ ତଥ୍ୟ କହିବା ସହ ସହିତ ଭାରତୀୟ ପ୍ରଶଂସକଙ୍କୁ ମଧ୍ୟ ଏକ ବଡ ଗିଫ୍ଟ ଦେଇଛି ଆଇସିସି। ପ୍ରଥମଥର ପାଇଁ ଭାରତୀୟ ପ୍ରଶଂସକମାନେ ୯ଟି ଭାଷାରେ ଆନ୍ତର୍ଜାତୀୟ ମ୍ୟାଚର ସିଧା ପ୍ରସାରଣ ଉପଭୋଗ କରିପାରିବେ। ଏହି ମ୍ୟାଚଗୁଡିକ ସ୍ପୋର୍ଟସ-୧୮ ଏବଂ ଷ୍ଟାର ସ୍ପୋର୍ଟସ ନେଟୱର୍କରେ ଭାରତରେ ସିଧା ପ୍ରସାରଣ ହେବ। ଏହା ବ୍ୟତୀତ ଜିଓ ହଟଷ୍ଟାର ଆପରେ ମ୍ୟାଚଗୁଡ଼ିକର ଅନଲାଇନ୍ ଲାଇଭ୍ ଷ୍ଟ୍ରିମିଂ ହେବ ଯେଉଁଥିରେ ପ୍ରଶଂସକମାନେ ଇଂରାଜୀ, ହିନ୍ଦୀ, ମରାଠୀ, ହରିୟାଣୀ, ବଙ୍ଗାଳୀ, ଭୋଜପୁରୀ, ତାମିଲ, ତେଲୁଗୁ ଏବଂ କନ୍ନଡ ଭାଷାରେ କମେଣ୍ଟ୍ରିକୁ ଉପଭୋଗ କରିପାରିବେ। ଏହା ବ୍ୟତୀତ ପ୍ରଶଂସକମାନେ ମଲ୍ଟି କ୍ୟାମ୍ ଫିଡ୍‌ର ମଧ୍ୟ ମଜା ନେଇପାରିବେ।

### ୪୬ ପଦକ ସହ ଓଡ଼ିଶା ଦ୍ୱାଦଶ, ପୁରସ୍କାର ଘୋଷଣା

# ସ୍ୱର୍ଣ୍ଣ-୬, ରୌପ୍ୟ-୪ ଓ କାଂସ୍ୟ ବିଜେତାଙ୍କୁ ୩ ଲକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍ତରାଖଣ୍ଡରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ ୪୬ ପଦକ ସହ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ଗତ ସଂସ୍କରଣଗୁଡ଼ିକ ଅପେକ୍ଷା ଓଡ଼ିଶାର ଶ୍ରେଷ୍ଠ ସଫଳତା। ଗତ ସଂସ୍କରଣରେ ଓଡ଼ିଶା ୫୮ (୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୩୦ କାଂସ୍ୟ) ପଦକ ପାଇ ଷୋଡ଼ଶ ସ୍ଥାନରେ ଥିଲା। ଚଳିତ ବର୍ଷ ପଦକ ସଂଖ୍ୟା କମିଥିଲେ ମଧ୍ୟ ସ୍ୱର୍ଣ୍ଣ ବଢ଼ିଥିବାରୁ ଓଡ଼ିଶା ଦ୍ୱାଦଶ ସ୍ଥାନରେ ଅଭିଯାନ ଶେଷ କରିଛି। ସର୍ଭିସେସ୍ ୧୨୧ (୬୮ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୭ କାଂସ୍ୟ) ପଦକ ଶୀର୍ଷରେ ରହିଥିଲା। ସର୍ଭିସେସ୍‌ଠୁ ମହାରାଷ୍ଟ୍ର (୨୦୧ ପଦକ, ୫୪ ସ୍ୱର୍ଣ୍ଣ, ୭୧ ରୌପ୍ୟ, ୭୬ କାଂସ୍ୟ) ଏବଂ ହରିୟାଣା ୧୫୩ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ କାଂସ୍ୟ) ଅଧିକ ପଦକ ପାଇଥିଲେ ମଧ୍ୟ ସ୍ୱର୍ଣ୍ଣରେ ପଛରେ ପଡ଼ି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାକୁ ସର୍ବାଧିକ ୭ ପଦକ ଜିମ୍ନାଷ୍ଟିକ୍ସରୁ ଆସିଥିଲା। ଏଥିରେ ୩ ସ୍ୱର୍ଣ୍ଣ ଏବଂ ୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ରହିଥିଲା। ଏହା ପଛକୁ ସାଇକ୍ଲିଂ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ଏବଂ କାନୋଇଂ-କାୟାକିଂ (୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ)ରୁ ୬ ଲେଖାଏଁ ପଦକ ମିଳିଥିଲା। ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ୩ ସ୍ୱର୍ଣ୍ଣ (୧୦୦ ମିଟର ରିଲେ, ୧୦୦ ଓ ୨୦୦ ମିଟର ଦୌଡ଼)ରେ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ତାଙ୍କ ପଛକୁ ଜିମ୍ନାଷ୍ଟ ରାକେଶ ପାତ୍ର ୨ ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶା ସରକାର ରାଜ୍ୟ ଦଳର ସ୍ୱର୍ଣ୍ଣ ବିଜେତାଙ୍କୁ ୬ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଏବଂ କାଂସ୍ୟ ବିଜେତାଙ୍କ ଲାଗି ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି।

### ସର୍ବଭାରତୀୟ ବୀର ବେନୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରାଞ୍ଚିକୁ ହରାଇ ଫାଇନାଲ୍‌ରେ ରାଉରକେଲା




ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମରେ ଉର୍ଜ୍ଜା ଟ୍ରଷ୍ଟ ସହଯୋଗରେ ଓ ପରଜଙ୍ଗ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସର୍ବ ଭାରତୀୟ ବୀର ବେନୁ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷ୍ଟାର ଇଲେଭେନ୍ ରାଞ୍ଚି (ଝାଡ଼ଖଣ୍ଡ) ଓ ଆରଏସଏ ରାଉରକେଲା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି । ମ୍ୟାଚ୍ ଶୁଭାରମ୍ଭରେ ପରଜଙ୍ଗ ଓକିଲ ସଂଘ ସଭାପତି ପ୍ରଦୀପ କୁମାର ସାହୁ (କ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେପିର ଯୁବ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶରତ ଚନ୍ଦ୍ର ସାହୁ, ବ୍ଲକ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ସାମଲ, ପୂର୍ବତନ ଖେଳାଳୀ ବିଭୂତି ଭୂଷଣ ସାମଲ, ଚନ୍ଦନ ନାୟକ, ବିଭୂତି ଭଞ୍ଜ, ବିଜେପିର ସାନ୍ଧା ମଣ୍ଡଳ ସଭାପତି ସୁଧୀର କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଖେଳାଳିଙ୍କ ସହିତ ହାତ ମିଳାଇ ଖେଳକୁ ଶୁଭାରମ୍ଭ କରିଥିଲେ । ୨୦ ଓଭର ବିଶିଷ୍ଟ ମ୍ୟାଚରେ ରାଞ୍ଚି ଟିମ୍ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ରାଉରକେଲା ଟିମ୍ ୧୯,୦୫ ଓଭରରେ ୮ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିନେଇ ବିଜୟୀ ହୋଇ ରାଉରକେଲା ଟିମ୍ ଫାଇନାଲରେ ପ୍ରବେଶ କରିଛନ୍ତି । ମ୍ୟାଚର ଅନ୍ତିମ ପର୍ଯ୍ୟାୟରେ ଅଞ୍ଚଳର ଜଣାଶୁଣା ଯୁବ ନେତା ତଥା ସମାଜ ସେବୀ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ସମାଜସେବୀ ସରୋଜକାନ୍ତ ବେହେରା ଓ ଉର୍ଜ୍ଜା ଟ୍ରଷ୍ଟର ମୁଖ୍ୟ ସଞ୍ଚାଳନ ତଥା ବିଜେପି ଦଳର ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଜେତା ଦଳର ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ । ସବ୍ୟସାଚୀ ଶାହା ଓ ସୋମନାଥ ସେଠୀ ଖେଳ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିବା ବେଳେ ନିରୋଦ କୁମାର ଦାସ ସହଯୋଗୀ ଆମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରେମାନନ୍ଦ ମହନ୍ତ ଧାରା ବିବରଣୀ ପାଠ କରିଥିବା ବେଳେ ସଂଗ୍ରାମ ଦଳବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଉଭୟଙ୍କ ମଧ୍ୟରେ ଅତି ସଂଘର୍ଷ ଓ ଚିତ୍ତାକର୍ଷକ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାରୁ ଦର୍ଶକମାନଙ୍କ ମନରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା । ରବିବାର ଟୁର୍ଣ୍ଣାମେଣ୍ଟର ଅନ୍ତିମ ତଥା ଫାଇନାଲ ମ୍ୟାଚ୍ ନିମପୁର ସ୍ପୋର୍ଟିଂ କ୍ରିକେଟ କ୍ଲବ୍‌ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି ।

### ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ପ୍ରୀତପାଲ୍‌ଙ୍କ ଶତକ ବଳରେ ଡିଆରକେ (ବି) ବିଜୟୀ

ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ୍ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୧ମ ମ୍ୟାଚରେ ଡିଆରକେ (ବି) କ୍ଲବ ବିଜେଏମସିସିକୁ ୫୨ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ୩୫ ଓଭରରେ ୭ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରୀତପାଲ ସିଂହ ଅପରାଜିତ ୧୨୯ ଓ ଅମିତାଭ ଦାସ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ହଂସରାଜ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ ।ଓ ଉତ୍ତରରେ ବିଜେଏମସିସି କ୍ଲବ ୩୫ ଓଭରରେ ୮ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ପୁରବ ରାଜେଶ ନନ୍ଦା ୪୮ ଓ ଲୋକନାଥ ପୃଷ୍ଟି ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ କୁମାର ସିଂହ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ପ୍ରୀତପାଲ ସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ । ଅତିଥି ଅମିତ କୁମାର ପଣ୍ଡାଙ୍କ ସମେତ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ଜେକେସିସି ଓ ମୟୁରଭଞ୍ଜ ରେଡ ମଧ୍ୟରେ ଖେଳ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# କ୍ରିକେଟ ଦୁନିଆରେ ପାଦ ଥାପିଲେ ପୁଲୱାମା ସହିଦଙ୍କ ପୁଅ

ନୂଆଦିଲ୍ଲୀ: ଜାମ୍ମୁ-କାଶ୍ମୀରର ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ୬ ବର୍ଷ ପୂରଣ ହୋଇସାରିଛି। ୨୦୧୯ ଫେବୃୟାରୀ ୧୪ରେ ଜୈଶ ଆତଙ୍କୀ ସଂଗଠନର ଆକ୍ରମଣ ଯୋଗୁ ୪୦ ଯବାନ ସହିଦ ହୋଇଥିଲେ। ଏବେ ସହିଦ ଯବାନଙ୍କ ପୁଅ କ୍ରିକେଟ ଦୁନିଆରେ ପାଦ ଦେଇଛନ୍ତି। ଏହା ପଛରେ ରହିଛି ପୂର୍ବତନ କ୍ରିକେଟର ବୀରେନ୍ଦ୍ର ସେହୱାଗଙ୍କ ବଳିଷ୍ଠ ଭୂମିକା। ପୁଲୱାମା ଆକ୍ରମଣ ପରେ ସେହୱାଗ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ପୁଲୱାମାରେ ସହିଦ ହୋଇଥିବା ଯବାନଙ୍କ ପିଲାମାନଙ୍କ ପଢ଼ା ଖର୍ଚ୍ଚ ବହନ କରିବାର ଦାୟିତ୍ୱ ନେଇଥିଲେ ସେହୱାଗ। ଯାହାକୁ ସେ ଅତି ଉତ୍ତମ ଭାବେ ନିର୍ବାହ କରିଛନ୍ତି। ସହିଦଙ୍କ ପିଲାଙ୍କ ମଧ୍ୟରୁ ୨ଜଣ ହେଉଛନ୍ତି ରାହୁଲ ସୋରେଙ୍ଗ ଏବଂ ଅର୍ପିତ ସିଂହ। ଉଭୟେ ଝଜ୍ଜରସ୍ଥିତ ସେହୱାଗ ଇଣ୍ଟରନେସନାଲ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ରାହୁଲଙ୍କ ପିତା ବିଜୟ ସୋରେଙ୍ଗ ଏବଂ ଅର୍ପିତଙ୍କ ପିତା ରାମ ୱକିଲ ପୁଲୱାମାରେ ସହିଦ ହୋଇଥିଲେ। ରାହୁଲ ବର୍ତ୍ତମାନ କ୍ରିକେଟ ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାକୁ ଯାଉଛନ୍ତି। ନିକଟରେ ହରିୟାଣା କ୍ରିକେଟର ୧୯ ବର୍ଷରୁ କମ୍ ଦଳରେ ରାହୁଲଙ୍କ ଚୟନଙ୍କ ହୋଇଛି। ସେହୱାଗ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଫେବୃୟାରୀ ୧୪ରେ ସେହୱାଗ ଏକ ମର୍ମସ୍ପର୍ଶୀ ପୋଷ୍ଟ କରି ଲେଖିଛନ୍ତି, ଏହି ଦୁଃଖଦ ଦିନକୁ ୬ବର୍ଷ ପୂରିଲା। ଆମ ବାହାଦୁର ଯବାନମାନଙ୍କ ବଳିଦାନ ଏକ ଅପୂରଣୀୟ କ୍ଷତି।


**कार्यपालक अभियंता का कार्यालय,यॉंत्रिक प्रमण्डल,चाण्डिल**
**Email id- eemechanicaldiv.chandil@gmail.com**

**e-Procurement Notice (Two Envelope System)**

ई० निविदा प्रसंग संख्या : WRD/SMP/MD/CHANDIL/01/2024-25 दिनांक :- 15.02.2025

| | | |
|---|---|---|
| 1 | निविदा प्रकाशित करने वाले पदाधिकारी का नाम एवं पता– | कार्यपालक अभियंता, यॉंत्रिक प्रमण्डल, चाण्डिल। |
| 2 | वेबसाईट पर निविदा प्रकाशन की तिथि एवं समय – | दिनांक 20.02.2025 को 11:00 बजे पूर्वाहन |
| 3 | निविदा प्रपत्र online प्राप्त करने की अंतिम तिथि एवं समय – | दिनांक 20.02.2025 से दिनांक 07.03.2025 को अपराहन 03:00 बजे तक। |
| 4 | निविदा खोलने की तिथि एवं समय – | दिनांक 10.03.2025 को 11:00 बजे पूर्वाहन । |
| 5 | परिमाण विपत्र की राशि एवं अग्रधन की राशि को जमा करने की विधि – | Through e-tendering portal (https://jharkhandtenders.gov.in) as per SOP issued by Information Technology and e-Governance department ( Govt. of Jharkhand) vide letter no. 120 Dated 03.10.2023. |
| 6 | ई0 प्रोक्युरमेंट पदाधिकारी का दूरभाष संख्या– | 8986809170 |
| 7 | ई0 प्रोक्युरमेंट सेल का दूरभाष संख्या – | 0657-2371765 |
| 8 | कार्य का विवरणी:– | |

| Sl. No. | Name of the work | Estimated Cost (Rs.) | Earnest money (Rs.) | Cost of Tender Paper (Rs.) | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| (A) | Fabrication and erection of new HR gates at outlets exit from OR-45, OR-46, OR-48, OR-49A, OR-49B, OR-49C and R/m of 02 nos. of ER gate, 24 nos. of HR gate, 19 nos. of turnout HR gates of sardiha subdistributory of CLMC with five year maintenance. | 2,46,44,546.00 (Two Crore forty six lakhs forty four thousand five hundred forty six) only. | 4,93,000.00 | 10000.00 (Ten thousand) only | 03 months (including five years maintenance) |
| (B) | Fabrication and erection of new HR gate at outlets exit from km 17.60, 19.60, 28.055, 28.95, 40.92, 42.105, 44.105, 45.270, 47.050, 55.250 and Renovation work of CR gate at Km 44.200 of GRMC with five year maintenance. | 2,08,76,405.00 (Two crore eight lakhs seventy six thousand four hundred five) only. | 4,17,600.00 | 10000.00 (Ten thousand) only | 03 months (including five years maintenance) |
| (C) | Fabrication and erection of new HR gate at outlets exit from km 50.640, 52.134, 53.890 of GLMC and R/m of ER Gate at Km 29.353, CR Gate at Km 41.730, of GLMC with five years maintenance. | 78,24,255.00 (Seventy eight lakhs twenty four thousand two hundred fifty five) only | 1,56,500.00 | 10000.00 (Ten thousand) only | 02 months (including five years maintenance) |
| (D) | Repair and Maintenance of CR gate at KM 56.63, KM 63.414 and ER gate at KM 63.22 of CLMC including three years maintenance. | 74,84,192.00 (Seventy four lakhs eighty four thousand one hundred ninety two) only | 1,50,000.00 | 10000.00 (Ten thousand) only | 02 months (including three years maintenance) |
| (E) | Repair and Maintenance of CR gate at KM 117.96, 121.10 and 123.08 of CLMC including five years maintenance. | 70,83,478.00 (Seventy lakhs eighty three thousand four hundred seventy eight) only | 1,42,000.00 | 10000.00 (Ten thousand) only | 02 months (including five years maintenance) |

अधिक जानकारी के लिए हमारे वेबसाईट https://jharkhandtenders.gov.in देखें।
नोट: केवल ई0–निविदा स्वीकार होगा एवं प्राक्कलित राशि घट एवं बढ़ सकती है।

कार्यपालक अभियंता,
यॉंत्रिक प्रमण्डल, चाण्डिल

PR 346516 Water Resource(24-25).D



**ମୁଥୁଟ ମାଇକ୍ରୋଫିନ ଲିମିଟେଡ୍, ଏମଏସଜିବି ଏବଂ ଏମଏମଜିଏଲ ସ୍ୱର୍ଣ୍ଣ ନିଲାମ ବିଜ୍ଞପ୍ତି**

ମୁଥୁଟ୍ ମାଇକ୍ରୋଫିନ ଲିମିଟେଡ୍ CIN: L65190MH1992PLC066228
ପଞ୍ଜୀକୃତ କାର୍ଯ୍ୟାଳୟ: ୧୩ଶମହଲା, ପାରିନୀ କ୍ରେସେଞ୍ଜୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ଇଷ୍ଟ, ମୁମ୍ବାଇ, ମହାରାଷ୍ଟ୍ର-400051
ପ୍ରଶାସନିକ କାର୍ଯ୍ୟାଳୟ: ୫ମ ମହଲା, ମୁଥୁଟ ଟାୱାର, ଏମ.ଜି. ରୋଡ୍, କୋଚି, କେରଳ-682035
ଦୂରଭାଷ: +91-484-4277500, ଫ୍ୟାକ୍ସ: +91-484-2351494

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ୱାରା ସୂଚନା ଦିଆଯାଉଛିଯେ, ନିମ୍ନଲିଖିତ ଶାଖାମାନଙ୍କରେ କମ୍ପାନୀ ନିକଟରେ ବନ୍ଧକ ରଖାଯାଇଥିବା MSGB ଏବଂ MMGL ଋଣ ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ.
30-06-2020,07-07-2020,13-07-2020,15-07-2020,27-07-2020,29-07-2020,31-07-2020,18-08-2020,25-08-2020,08-09-2020,14-09-2020,18-09-2020,21-09-2020,01-10-2020,03-10-2020,12-10-2020,19-10-2020,21-10-2020,16-11-2020,18-11-2020,25-11-2020,28-11-2020,01-12-2020,17-03-2021,04-05-2021,29-06-2021,05-07-2021,09-07-2021,14-07-2021,02-08-2021,10-08-2021,27-08-2021,28-08-2021,18-09-2021,23-09-2021,24-09-2021,04-10-2021,06-10-2021,11-10-2021,09-12-2021,10-12-2021,05-02-2022,12-02-2022,25-02-2022,21-03-2022,24-03-2022,25-05-2022,01-06-2022,06-06-2022,09-06-2022,15-06-2022,30-06-2022,19-07-2022,06-08-2022,12-08-2022,09-09-2022,24-09-2022,13-10-2022,22-10-2022,05-12-2022,20-12-2022,28-12-2022,06-01-2023,16-01-2023,23-01-2023,07-02-2023,22-02-2023,25-02-2023,03-03-2023,09-03-2023,13-03-2023,23-03-2023,20-05-2023,26-05-2023,13-06-2023,14-07-2023,19-07-2023,18-08-2023,13-09-2023,18-09-2023,26-09-2023,12-12-2023,15-12-2023,16-12-2023,21-12-2023,28-12-2023,02-01-2024,10-01-2024,27-02-2024,02-03-2024,20-03-2024,23-03-2024,06-04-2024,11-04-2024,04-05-2024,16-05-2024,18-05-2024,30-05-2024.ଯଥାକ୍ରମେ ମୁକ୍ତିପାଇଁ ସମୟ ଅତିବାହିତ ହୋଇଥିଲା ଏବଂ ବାରମ୍ବାର ବିଜ୍ଞପ୍ତି ସତ୍ତ୍ୱେ ଏପର୍ଯ୍ୟନ୍ତ ମୁକ୍ତ କରାଯାଇନାହିଁ । ସକାଳ 10.00 ରେ ନିଲାମ ହେବ ।
ବାଲେଶ୍ୱର ଜିଲ୍ଲା: ନିଲାମ କେନ୍ଦ୍ର: ବାଲେଶ୍ୱର .ନିଲାମ ତାରିଖ: 22-02-2025 ମୁଥୁଟ ଫିନକର୍ପ ଲିମିଟେଡ୍, ପ୍ରଥମ ମହଲା, ଜାସୋରିଆଟ୍ରେଡର୍ସ, -, କଚେରୀରୋଡ୍, ଷ୍ଟେଟ୍‌ବ୍ୟାଙ୍କମେନ୍‌ବ୍ରାଞ୍ଚିକଟରେ, ବାଲେଶ୍ୱର, ଓଡ଼ିଶା, 756001.ବାଲେଶ୍ୱର MML-1103800105152520, 1103800105153004, 1103800105149946, 1103800105149800, 1103800105149043, 1103800105148149, 1103800105008898, 1103800105008698ନିଲାମ କେନ୍ଦ୍ର:ସୋରୋ,ନିଲାମ ତାରିଖ: 22/02/2025 ମୁଥୁଟ ଫିନକର୍ପ ଲିମିଟେଡ୍, ପ୍ରଥମ ମହଲା, ନଂ. 73, ଖତିଆନ ନଂ-324/226, ପ୍ଲଟ ନଂ.73, ପ୍ରଥମ ମହଲା, ପୁରୁଣା ସେଣ୍ଟ୍ରାଲ ବ୍ୟାଙ୍କବିଲ୍ଡିଂ, ଉତରେଶ୍ୱର, ସୋରୋ, ବାଲେଶ୍ୱର, ଓଡ଼ିଶା-756045.ସୋରୋ MML-1106610105147632, 1106610105147740, 1106610105145579, 1106610105138845, ଭଦ୍ରକଜିଲ୍ଲା: ନିଲାମ କେନ୍ଦ୍ର: ଭଦ୍ରକ, ନିଲାମ ତାରିଖ: ୨୨-୦୨-୨୦୨୫ ମୁଥୁଟ ଫିନକର୍ପ ଲିମିଟେଡ୍, ପ୍ରଥମ ମହଲା, ଆରସି. ବେହେରା ମେନସନ୍, ଖାତା ନଂ-723/1037, ପ୍ଲଟନଂ-373/3164, ସାଳନ୍ଦୀ ବାଇପାସ୍, ଆକ୍ସିସ ବ୍ୟାଙ୍କ ଉପରେ, ଭଦ୍ରକ, ଓଡ଼ିଶା, 756100, ଭଦ୍ରକ MML- 1103550105148131, 1103550105148129, 1103550105148123, 1103550105147782, 1103550105146911, 1103550105146902, 1103550105007599, 1103550105007509, 1103550105007469, 1103550105146692, ଖୋର୍ଦ୍ଧା ଜିଲ୍ଲା: ନିଲାମ କେନ୍ଦ୍ର:ବାଲୁଗାଁ ନିଲାମ ତାରିଖ: 24-02-2025 ମୁଥୁଟ ଫିନକର୍ପ ଲିମିଟେଡ୍, ପ୍ରଥମ ମହଲା, ପ୍ଲଟନଂ-802/1830, 162/1829, ବାଲୁଗାଁ ମେନରୋଡ୍, ଏଚ୍.ପି. ପେଟ୍ରୋଲପମ୍ପ ବୀପରୀତରେ, ବାଲୁଗାଁ, ଓଡ଼ିଶା, 752030ବାଲୁଗାଁ MML-1103650105151039, 1103650105151188, 1103650105151946, 1103650105149104, 11 03650105148380,1103650105148374,1103650105147704, 1103650105147506, 1103650105061095, 1103650105044718, 1103650105008861, 1103650105008856, 1103650105008851, 1103650105008844, 1103650105008845. ନିଲାମ କେନ୍ଦ୍ର: ଜୟଦେବ ବିହାର-ଓଡ଼ିଶା,ନିଲାମ ତାରିଖ: 24-02-2025, ମୁଥୁଟ ଫିନକର୍ପ ଲିମିଟେଡ୍ ଗ୍ରାଉଣ୍ଡଫ୍ଲୋର, ମୁଥୁଟ ଫିନକର୍ପ, N/6-325, ବିଜୁ ପଟ୍ଟନାୟକ କଲେଜ ରୋଡ୍, ଜୟଦେବ ବିହାର,SBI ବିପରୀତରେ, ଭୁବନେଶ୍ୱର, ଓଡ଼ିଶା, 751015,ଭୁବନେଶ୍ୱର MML-1102360105164591, 1102360105164623, 1102360105163390, 1102360105161525, 1102360105161214,1 102360105159474, 1102360105158229, 1102360105156532,1102360105156278,1102360105156257, 1102360105156178, 1102360105153839, 1102360105153225, ନିଲାମ କେନ୍ଦ୍ର: ଶୈଳଶ୍ରୀ ବିହାର-ଭୁବନେଶ୍ୱର, ନିଲାମ ତାରିଖ: 24-02-2025, ମୁଥୁଟ ଫିନକର୍ପ LTD, ପ୍ରଥମ ଫ୍ଲୋର, ବଳରାମଅନନ୍ତକମ୍ପ୍ଲେକ୍ସ, ପ୍ଲଟ୍ନଂ ୨୫୪ (ପି), ଶୈଳଶ୍ରୀ ବିହାର ରୋଡ୍, ନାରାଟମାରମ୍, ରେଷ୍ଟୁରାଣ୍ଟ, 75 BHUBANESWAR2 MML -1102840105161107,1102840105161261,1102840105160582,1102840105159382,1102840105159386, 1102840105158867,1102840105158857,1102840105158278,1102840105157572,1102840105157285, 1102840105157201,1102840105157145, 1102840105156613, 1102840105156221, 1102840105156128, 1102840105155282, 1102840105155138, 1102840105154870, 1102840105152644, 1102840105151535, 1102840105151117, 1102840105150860, 1102840105150613,11 02840105150614, 1102840105094304, 1102840105082009, 1102840105011761, 1102840105011698, 1102840105011566, 1102840105011564, 1102840105011559,

ଦୟାକରି ଧ୍ୟାନ ଦିଅନ୍ତୁ, ଯଦି କୌଣସି କାରଣରୁ ଉପରୋକ୍ତ ତାରିଖ ଉପରେ ନିଲାମ କରାଯାଏ ନାହିଁ, ତେବେ ସକାଳ 10.00 ରେ ସମାନ କାର୍ଯ୍ୟ କରାଯିବ । 06/03/2025 ରେନିଲାମ କେନ୍ଦ୍ର ବାଲେଶ୍ୱରରେ, ମୁଥୁଟ ଫିନକର୍ପ LTD, ପ୍ରଥମ ଫ୍ଲୋର, ଜାସୋରିଆ ଟ୍ରେଡର୍ସ, -, କାଚେରୀ ରୋଡ୍, ନିକଟସ୍ଥ ବ୍ୟାଙ୍କ ମୁଖ୍ୟଶାଖା, ବାଲେଶ୍ୱର, ଓଡ଼ିଶା, 756001 ଏବଂ ଭଦ୍ରକ, ମୁଥୁଟ ଫିନକର୍ପ ଲିମିଟେଡ୍,ପ୍ରଥମ ଫ୍ଲୋର, ଆରସି. ବେହେରା ମାନସନ,ଖାତା ନଂ-723/1037 ପ୍ଲଟନଂ-373/3164, ସାଳନ୍ଦୀ ବାଇପାସ୍, ଏବଭ ଆକ୍ସିସ ବ୍ୟାଙ୍କ, ଭଦ୍ରକ, ଓଡ଼ିଶା, 756100 ଏବଂ ଲିଙ୍କରୋଡ୍-କଟକ, ମୁଥୁଟ ଫିନକର୍ପ LTD, ପ୍ରଥମ ଫ୍ଲୋର, ସାଇଡୁରୋଟ୍ । ବଜାର, ଏ.ଡିମାର୍କେଟ, ଲିଙ୍କ୍‌ରୋଡ୍ କଟକ, ଶୀଲତ ହୋଟେଲ୍ ନିକଟ, କଟକ, ଓଡ଼ିଶା, 753012.07-03-2025 ରେନିଲାମକେନ୍ଦ୍ର: କଟକରୋଡ୍, ଭୁବନେଶ୍ୱର, ମୁଥୁଟ ଫିନକର୍ପ ଲିମିଟେଡ୍, ପ୍ରଥମ ମହଲା, ଡିଏମ୍ ପ୍ୟାଲେସ୍, ପ୍ଲଟ ନମ୍ବର- 15/5168, ମୌଜା ଲକ୍ଷ୍ମୀସାଗର, ସିଣ୍ଡିକେଟ ବ୍ୟାଙ୍କ ନିକଟରେ, କଟକରୋଡ୍, ଓଡ଼ିଶା, 751006, ଏହି ସୂଚନା ସେହି ସମ୍ପର୍କିତ ଋଣଖାତାଗୁଡିକରେ ପ୍ରଯୁଜ୍ୟ ହେବ, ଯେଉଁଠାରେ ସୁନାଗହଣାର ରିଡକ୍ସନ ପୂର୍ବରୁ କରାଯାଇଛି ।

ମୁଥୁଟ ମାଇକ୍ରୋଫିନ ଲିମିଟେଡ୍
ପ୍ରାଧିକୃତ ନିଲାମକାରୀ



**कार्यालय-कार्यपालक अभियंता, एन०आर०ई०पी०,साहेबगंज**

**ई0–निविदा आमंत्रण सूचना**
**अति अल्पकालीन ई0–निविदा संख्या–22 / 2024–25/NREP/Sahibganj**

| क्र0 | आईडेन्टी फिकेशन संख्या | योजना का नाम | प्राक्कलित राशि (लाख में) | अग्रधन की राशि (लाख में) | निविदा शुल्क | कार्य समाप्ति की तिथि |
|---|---|---|---|---|---|---|
| 1 | NREP/Sahibganj /01/2024-25 | साहेबगंज जिला अंतर्गत ज्ञान केन्द्र का निर्माण कार्य। | 99.573 | 200000.00 | 10000 | 05 माह |

1. वेबसाईट में निविदा प्रकाशन की तिथि–20.02.2025
2. ई–निविदा प्राप्ति की अंतिम तिथि एवं समय :–01.03.2025 अपराहन 05.00 बजे तक।
3. निविदा खोलने की तिथि एवं समय – 03.03.2025 अपराह्न 3.00 बजे।
3. केवल ई–निविदा ही स्वीकार की जायेगी।
5. ग्रामीण कार्य विभाग एवं भवन निर्माण विभाग के समुचित श्रेणी के संवेदक ही निविदा में भाग लेंगे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियन्ता, एन0आर0ई0पी0, साहेबगंज।
7. निविदा संबंधी जानकारी विशेष जानकारी हेतु मोबाइल न०–7870217090 पर कार्यालय अवधि में सम्पर्क किया जा सकता है। विस्तृत जानकारी के लिए वेबसाईट https://www:jharkhandtenders.gov.in पर देखा जा सय . कता है।

विश्वासभाजन
कार्यपालक अभियंता,
एन0आर0ई0पी0, साहेबगंज

PR 346506 NREP(24-25).D

ଓଡିଶା ଭାସ୍କର
ODISHA BHASKAR

# ସାହିତ୍ୟ



## ବାପା

**ଆଦ୍ୟାଶା ମହାପାତ୍ର**

ତୁମେ ହିଁ ତ ବିକଳ୍ପ
ମୋ ଭରସାର ବାଇଶି ପାହାଚ
ପାଦ ଥାପି ଆଗକୁ ବଢ଼ିଲେ
ସ୍ୱଚ୍ଛ ଦୃଶ୍ୟମାନ ଜୀବନର ଲକ୍ଷ୍ୟ
ତୁମେ ଅଛ ତ ସ୍ୱପ୍ନ ଅଛି
ତୁମେ ଅଛ ତ ଖୁସି ଅଛି
ତୁମେ ଥିଲେ ତ ସଜାଡି ହୋଇଯାଏ
ମୋର ରୁଦ୍ଧ ଅବଶୋଷ
ତୁମେ ? ହିଁ ତ ଭରୁଥାଅ
ମୋର ବିଲୁପ୍ତ ବିଶ୍ୱାସ ।

ତୁମେ ହିଁ ତ ପ୍ରେରଣା
ମୋ ହୃଦୟର ନିଭୃତ କୋଣରେ
ସଞ୍ଚରିତ ଗଭୀର ପ୍ରତ୍ୟୟ
ଆଶ୍ୱାସନାର ପ୍ରଗାଢ ପ୍ରତ୍ୟାଶା
ପୁଲକିତ ଅଦୃଶ୍ୟ ତନ୍ମୟ
ଜୀବନ ସଂଗ୍ରାମର ଜୟଯାତ୍ରାରେ
ଅଭିମନ୍ତ୍ରିତ ଶଙ୍ଖ ଧ୍ୱନୀ ତୁମେ
ତୁମେ ହିଁ ତ ସ୍ରଷ୍ଟା
ତୁମେ ଦିବ୍ୟ ଦ୍ରଷ୍ଟା
ମୋ ସଂକଳ୍ପର ଉତ୍ସଟିଏ ତୁମେ, ବାପା..!!

ନୂଆପଡା, କଟକ



## ପ୍ରିୟା



**ସୁଦର୍ଶନ ମହାପାତ୍ର**

ଯାହାର ଦେହ ଉଲୁସା କଥା ପ୍ରିୟା ହୃଦୟରେ ଖେଳାଇ ଦେଇଥିଲା ପ୍ରେମର ତରଙ୍ଗ, ଖୁସିର ଉଚ୍ଛ୍ୱାସ ,କିଆରି କିଆରି ସପନର ମହକରେ ମହକିତ କରିଥିଲା ମନ ଉପବନ ସେଇ ପ୍ରେମିକଟିକୁ ବରିବାକୁ ଠିକ୍ କରିଥିଲା ପ୍ରିୟା ତା' ବାପା ମା ଙ୍କ ଇଛା ବିରୁଦ୍ଧରେ।

ମାଆ ବୁଝାଇଲା-'ଝିଅ ତୁ ଆମର ଗୋଟିଏ ବୋଲି ଅଲିଅଳି ଝିଅ। କେତେ ଆରାମ ଅୟସରେ ବଢ଼ିଛୁ। ଯାହାକୁ ପସନ୍ଦ କରିଛୁ ସେ'ତ ନିଃସ୍ୱ। ତୋ ପାଇଁ ସେ କାନରେ ନାକରେ ନିମ କାଠି ଦେବାକୁ ଅସମର୍ଥ। ବର୍ଷକୁ ଦୁଇ ଖଣ୍ଡ ଶାଢୀ କିଣି ଦେବାକୁ ତା'ର ଯୁ ନାହିଁ। ସେ ତୋ ଭଳି ସୁକୁମାରୀ ଝିଅ କୁ ନେଇ ହନ୍ତସନ୍ତ କରିବ ସିନା! ତୁ ତାକୁ ଭୁଲି ଯା। ତୋ ବାପା ତୋ ପାଇଁ ଠିକ୍ କରିବେ ତୋ ଲାଖି ରାଜକୁମାରଟିଏ।

ଝିଅ କହିଲା -' ନା ମା'। ମୋର ଦରକାର ନାହିଁ ରାଜକୁମାର। ଦରକାର ନାହିଁ ସୁନା, ହୀରା, ନୀଳା, ମୋତି ମାଣିକ୍ୟ। ମୋ ପାଇଁ ବଡ଼ ପ୍ରେମ। ମୋ ପାଇଁ ବଡ଼ ସପନ ଯାହା ସେ ହିଁ ଦେଇ ପାରିବ। ମୋ ପାଇଁ ଧନ ଠୁ ବଡ଼ ନିଛକ ଭଲପାଇବା...!!

ବାପା ବୁଝାଇଲେ -' ଝିଅ , ସପନରେ ପେଟ ପୂରେ ନାହିଁ। ସପନ ଭାଙ୍ଗିଲେ ପେଟର ଜ୍ୱାଳା ଅନୁଭବ ହୁଏ। ଯାହାକୁ ତୁ ଭଲ ପାଉଛୁ ସେ ତୁଚ୍ଛା ଅଭିନୟ କରୁଥିବା କଳାକାରଟିଏ। ତା' ଉପରେ ଭରସା କରନା। ମିଠା ମିଠା କଥା କହି ତୋତେ ସପନ ରାଇଜରେ ବୁଲଉଛି। ସପନ ଦେଖିବା ଆଉ ସଂସାର ପାତିବା ଏକା କଥା ନୁହେଁ। ଖିଆଲରେ ଆକାଶରୁ ଚାନ୍ଦ ତୋଳା ଯାଇପାରେ, ମାତ୍ର ବାସ୍ତବିକତା ସେଇଟା ନୁହେଁ। ତୋର ସୁଖ ତୋର ଭବିଷ୍ୟତ ପାଇଁ ଆମେ ଯାହା କହୁଛୁ ମାନିନେ। ତୋର ମଙ୍ଗଳ ହେବ।'

ଝିଅ କୌଣସି ପ୍ରକାରରେ ବୁଝିବାର ନାହିଁ। ପ୍ରେମର ପରିଭାଷା ତାକୁ ପରା ଜଣା। ଆଉ କିଏ କେମିତି ଅନୁଭବ କରିବ ତା ମନକଥା ? ଗୁମସୁମ ରହିଲା ସେ। ଆଖିରୁ ଲୁହ ଝରାଇ କାନ୍ଦିଲା। ବାପା ମାଆ ଥରକୁ ଥର ଝିଅକୁ ବୁଝେଇବାକୁ ପ୍ରୟାସ କଲେ। ସବୁ ନିଷ୍ଫଳ...! ଅତଏବ ବାପା ମାଆଙ୍କ ନଜର ବନ୍ଦୀରେ ରହିଲା ଝିଅ।

ଝିଅର ଦିନେ ମନେହେଲା ନିଃଶବ୍ଦ ରାତିରେ କିଏ ଆସିଛି। ପ୍ରୀତି ପ୍ରଣୟର ବାସ୍ନାଟେ ଚହଟିଗଲା ତା ଚାରିପାଖରେ। ଉଲୁସି ଉଠିଲା ସେ। ମନ ଉଚ୍ଚାଟିତ , ଉଲ୍ଲସିତ...!!

-' ପ୍ରିୟା..!' ଝରକା ସେପଟେ ଫିସ ଫିସ ସ୍ୱର। ପ୍ରେମିକର।

ପ୍ରିୟା ଛାତିରେ ଛନକା। ମନରେ ଭୟ। ଧିରେ ଝର୍କା ଖୋଲିଲା ସେ। ବାହାରେ ବିଛେଇ ହୋଇ ପଡ଼ିଛି ଜୋଛନା ରାଶି। ଆକାଶ ଭର୍ତ୍ତି ତାରା। ଠିଆ ହୋଇଛି ତା'ର ସପନର ରାଜକୁମାର। କଥା ଦେଇ କଥା ରଖିଛି। ଆସିଛି ତାକୁ ବଞ୍ଚିବାର ରାହା ଦେଖାଇବାକୁ।

-' ପ୍ରିୟା ଚାଲିଆସ। ମୁଁ ତୁମ ପାଇଁ ଛାଡି ଆସିଛି ଘର ଦ୍ୱାର ବାପା ମାଆ ସବୁକିଛି। ତୁମକୁ ନପାଇଲେ ମୁଁ ବଞ୍ଚି ପାରିବିନି।'

ପ୍ରିୟା ଚାହିଁଲା କ୍ଷଣେ ପ୍ରେମିକର ଶ୍ୟାମଘନ ଅପଘନକୁ। ଧୀରେ ପାଦ ରଖିଲା ଏରୁଣ୍ଡି ବାହାରେ। ପ୍ରେମିକ ହାତରେ ହାତ ଥାପିଲା। ପ୍ରିୟାର ହାତମୁଠାରେ ତା'ର ଇପ୍ସିତ ସ୍ୱର୍ଗ।

ପ୍ରେମିକ ହାତରେ ହାତ ଛନ୍ଦି ପ୍ରେମରେ ଜୁଡୁବୁଡୁ ପ୍ରିୟା ଚାଲିଛି ନିଶାର୍ଦ୍ଧରେ। ପ୍ରେୟସୀର ମନକୁ ରସାଣିତ କରିବା ପାଇଁ ପ୍ରେମିକ ଶୁଣଉଛି ମନବୋଧ ଚଉତିଶା।

'ପ୍ରେମ ଦୁର୍ଲଭ। ପ୍ରେମ ଅମୂଲ ମୂଲ। ପ୍ରେମକୁ ସମସ୍ତେ ବୁଝିପାରନ୍ତି ନାହିଁ। ପ୍ରେମ ବିନା ଜୀବନ ରଙ୍ଗହୀନ। ପ୍ରେମ ରହିଲେ ହିଁ ଜୀବନ ହୁଏ ଇନ୍ଦ୍ରଧନୁମୟ। ପ୍ରେମରେ ହିଁ ନିହିତ ଜୀବନର ସାର୍ଥକତା।'

ପ୍ରିୟା ବୁଝୁଥିଲା ପ୍ରେମିକର କଥା। ପ୍ରେମକୁ ଅର୍ଜନ କରାଯାଏ। ପ୍ରେମରେ ହିସାବ ନିକାଶ ଅବା ଜୟ ପରାଜୟର ସ୍ଥାନ ନାହିଁ । ପ୍ରେମ ଅମର। ସଜଳ ସକାଳ ପରି ମିଠା ଅନୁଭବ।

ସକାଳ ହେଲା ବେଳକୁ ପ୍ରିୟା ତା'ର ପ୍ରେମିକ ସହିତ ଥିଲା କେଉଁ ଏକ ଅଜଣା ଜାଗାରେ। ଘନ ଜଙ୍ଗଲ ପରିବେଷ୍ଟିତ ଜାଗା । କୋଳାହଳ ଠାରୁ ଦୂରରେ। ଗୋଟିଏ ପାନ୍ଥଶାଳାରେ ଦୁହେଁ ପ୍ରବେଶ କଲେ। ପାନ୍ଥଶାଳାର ମାଲିକ ହୃଦୟବାନ। ନିକଟସ୍ଥ ମନ୍ଦିରରେ ବିବାହ କାର୍ଯ୍ୟ ବି ସମ୍ପାଦିତ କରାଇଦେଲେ। ଏବେ ଦୁହେଁ ପତିପତ୍ନୀ। ପ୍ରେମର ବିଜୟ ହୋଇଛି ବୋଲି କହିଲା ପ୍ରେମିକ।

ପ୍ରେମିକ ଛାତିରେ ମଥା ରଖିଲା ପ୍ରିୟା। ଦୁହେଁ ରୋମାଞ୍ଚିତ। ଆଖି ଭର୍ତ୍ତି ସପନ। ମୁଠା ଭର୍ତ୍ତି ସ୍ୱର୍ଗ। ଦୁହେଁ ଦୁହିଁକୁ ଚାହିଁଲେ। ଦେହରେ ଶିହରଣ। ପ୍ରିୟା ଶୁଣୁଛି ପ୍ରେମିକ କଣ୍ଠରୁ ମଧୁପର ଗୁଞ୍ଜନ। ଦେହରୁ ଖୋଲିଯାଇଛି ଅଳଙ୍କାର ମାନ। ପ୍ରେମିକ ଭାଷାରେ ସେଗୁଡା ପ୍ରେମ ପ୍ରଣୟରେ ପ୍ରତିବନ୍ଧକ। ପ୍ରିୟା ଦେହକୁ ବୋଝ। ବିନା ଅଳଙ୍କାରରେ ଅପ୍ସରା ପ୍ରତୀତ ହୁଏ ପ୍ରିୟା।

ରାତି ପାହିଲା ବେଳକୁ ପ୍ରିୟା ଆଖିରେ ଲୁହ। ଏଇ କ'ଣ ତା ସ୍ୱପ୍ନର ରାଜକୁମାର ? ପ୍ରେମ କ'ଣ ଧର୍ଷଣ ପ୍ରସୂତ..! ନୀରବି ଯାଇଛି ପ୍ରିୟା। ପରରାତିକୁ ବି ସେ ସହିଛି ପାଶବିକ ଅତ୍ୟାଚାର। ଦେହ ମନରେ ଏମିତି ଦହଗଞ୍ଜ କେହି କେବେ ଭୋଗି ନଥିବ। କୌଣସି ସ୍ତ୍ରୀ ସ୍ୱାମୀ ଦ୍ୱାରା ଏମିତି ଧର୍ଷିତା ହେବାକୁ ଚାହିଁ ନଥିବ।

ପ୍ରିୟା ଦେହକୁ ଆଉ ଫେରୁ ନଥିଲା ଅଳଙ୍କାରମାନ। ଘରୁ ଲୁଚେଇ ଆଣିଥିବା ଟଙ୍କା ଓ ଅଳଙ୍କାର ବ୍ୟାଗଟା ବି ଅନ୍ତର୍ଦ୍ଧାନ। ପ୍ରିୟା ପ୍ରମାଦ ଗଣିଲା। ପ୍ରେମିକକୁ ପ୍ରଶ୍ନିଳ ଆଖିରେ ଚାହିଁଲା। ପ୍ରତି ବଦଳରେ ପ୍ରେମିକର ରକ୍ତମୁଖା ଆଖିରେ ଦେଖିଲା ଚୁପ୍ ରହିବାର ଇଙ୍ଗିତ।

ଚତୁର୍ଥ ରାତିରେ କବାଟ ଖୋଲି ରୁମ୍‌କୁ ଆସିଲା ପାନ୍ଥଶାଳାର ସେଇ ଲୋକଟି। ପ୍ରିୟାର ସବୁ ପ୍ରତିରୋଧ ବ୍ୟର୍ଥ। ସତେକି ପ୍ରିୟାର ବେଶ୍ୟା ଜୀବନର ଅୟମାରମ୍ଭ..!

ସକାଳ ହେଲା। କୋଠରୀରୁ ବାହାରିବାର ଉପାୟ ଖୋଜୁଥିଲା ପ୍ରିୟା। ବନ୍ଦ ଝର୍କାର ଫାଙ୍କ ଦେଇ ବାହାରକୁ ଚାହିଁଲା। ଖରାରେ ଝଲମଲ ହେଉଥିବା ସତ୍ୟ ତା ସାମ୍ନାରେ। ତା ପ୍ରେମିକର ହାତ ଧରି ପାନ୍ଥଶାଳା ଭିତରକୁ ପ୍ରବେଶ କରୁଥିଲା ଆଉ ଜଣେ ପ୍ରିୟା।

ପ୍ରିୟା ବିବଶ। ତୁଟି ଯାଇଛି ସପନ। ଆଉ କୋଠରୀରୁ ନୁହେଁ ଜୀବନରୁ ମୁକୁଳି ଯିବାକୁ ଚାହିଁଲା ପ୍ରିୟା।

ପୋଲିସ ସନାକ୍ତ କଲା ପ୍ରିୟାର ନିସ୍ପନ୍ଦ ଜଡ ଦେହ ପାଖ ଜଙ୍ଗଲରୁ। ବାପା ମାଆ ଦୁହେଁ କୋହ ଆଉ ଲୁହରେ ତଳିତଳାନ୍ତ ହେଉଥିବାର ଦୃଶ୍ୟ ଉପଭୋଗ କରୁଥିଲେ ତଥାକଥିତ ପ୍ରେମିକ ମାନେ...!!!

କୁଞ୍ଜବିହାରୀ ଲେନ, କଟକ

# କବିତା ଗୁଚ୍ଛ

## ସ୍ୱାଧୀନତା



**ପ୍ରଭୁକଲ୍ୟାଣ ମହାପାତ୍ର**

ସ୍ୱାଧୀନତା ଆଜି କରୁଅଛି ଉପହାସ
ସତୋସ୍ତରୀ ବର୍ଷ ପରେବି ଲୋକ ଓପାସ
ମୁଣ୍ଡ ଗୁଞ୍ଜିବାକୁ ନାହିଁ ଖଣ୍ଡିଏ ଆବାସ
ଶାସନେ ଲୋକେ କେମିତି ରଖିବେ ବିଶ୍ୱାସ ? ॥୧॥

ସ୍ୱାଧୀନତା ଆଜି କରୁଛିରେ ଆର୍ତ୍ତନାଦ
ଓଡ଼ିଆ ମୁହଁରୁ ଲିଭୁନାହିଁ ଅବସାଦ
ହଟୁନାହିଁ ଅନାହାର ମୃତ୍ୟୁ ଅପବାଦ
ଲୁଟ୍ ଚାଲିଛି ଅମୂଲ୍ୟ ଖଣିଜ ସଂପଦ
ସୀମାନ୍ତରେ ଛିଡ଼ି ପାରୁନାହିଁ ବିବାଦ
ରାଜ୍ୟ ସ୍ୱାର୍ଥକୁ ଉପେକ୍ଷା କରୁଛି ସଂସଦ
ତଥାକଥିତ ପ୍ରଗତିରେ ନାହିଁ ସୁଆଦ
ଲୋକେ ତାହା କରି ପାରୁ ନାହାନ୍ତି ଆସ୍ୱାଦ ॥୨॥

ସ୍ୱାଧୀନତା ଆଜି କରୁଅଛି ଅଟ୍ଟହାସ୍ୟ
ପଚାରେ ଏଠାରୁ କେବେ ହଟିବ ଆଳସ୍ୟ
ଶୁଖିଲା ଟାଙ୍ଗରା ଭୁଇଁରେ ହସିବ ଶସ୍ୟ
ଓଡ଼ିଶା କେବେ ହୋଇବ ଦେଶରେ ନମସ୍ୟ ? ॥୩॥

ମୋବାଇଲ : ୯୯୩୭୭୧୧୩୮୯

## ଅନୁନୟ

**ରାମଚନ୍ଦ୍ର ବେହେରା**

ଯେତେ ଦୁଃଖ ଦେବୁ ହସି ସହିନେବି
କରିବି ତୋତେ ଗୁହାରି
ପଖାଳ କଂସା ମୋ ଊଣା କରିବୁନି
ପ୍ରଭୁ ଗୋବିନ୍ଦ ମୁରାରୀ।

ବେନି ହସ୍ତ ଯୋଡି କରୁଛି ବିନତୀ
ସତ୍ୟ କର୍ମେ ରହୁ ମତି
ମୋ ଲୁହ ଝରାଇ ଅନ୍ୟକୁ ହସାଅ
ଆହେ ପ୍ରଭୁ ବିଶ୍ୱମୂର୍ତ୍ତି।

ମୋ ଚଲାପଥକୁ କର କଣ୍ଟକିତ
ସହିନେବି ମଥାପାତି
ଦୀନ ଦରିଦ୍ରଂକ ମୁଖେ ଫୁଟୁ ହସ
ନରହୁ ପରାଣେ ଭୀତି।

ତୁମେ ସର୍ବଂସହା ଆହେ ଚଉବାହା
ଗର୍ବକୁ ନପାର ସହି
ଗର୍ବ ଅହଂକାର ନରହୁ ଜଗତେ
କୃପାକର ଭାବଗ୍ରାହୀ।

ଭାବରେ ଭାବରେ ମୋ ମନ ଭାବକୁ
ରଖୁଛି ତୋ ପାଦେ ନାଥ
କାମନା ବାସନା ଦୂର କର ପ୍ରଭୁ
ଦେଖାଅ ମୁକତି ପଥ।

ତୋତେ ଅନୁନୟ ହେ କଳାସାଆନ୍ତ
ତୋର ନାମ ତୁଣ୍ଡେ ରହୁ
ଅସହାୟ ସେବା କରୁଥାଏ ନିତି
ଯେତେ ବିଘ୍ନ ଆସୁଥାଉ।
ରାମଚନ୍ଦ୍ର ବେହେରା

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ନୀଳ ପୁରୁଷ

**ସୁଜାତା ଦାସ ମହାନ୍ତି**

ଏମିତି ତ ମୁଁ ନାରୀର ପ୍ରତିକୃତିରେ
ପାଷାଣ ଖଣ୍ଡଟିଏ ଥିଲି .. ତୁ ଛୁଇଁ ଦେଲୁ
ତୋ ସ୍ପର୍ଶ ଦେଲା ଜୀବନ୍ୟାସ,
ଜୀବନ୍ତ ହେଲା ଶରୀର..
ସ୍ୱୀଟିଏ କରିଦେଲୁ.. ମୁକ୍ତି ଦେଲୁ.. ସାଜି ରାମଚନ୍ଦ୍ର
ପାଷାଣି ଅହଲ୍ୟା କୁ କରିଲୁ ଉଦ୍ଧାର ।

ଗଭୀର ତମସା ଛନ୍ନ ଆକାଶଟା ଥିଲା ଇନ୍ଦୁ ହୀନ
କପାଳରେ ବିନ୍ଦିଟିଏ ଦେଇ....
ଉଜ୍ଜ୍ୱଳ କରି ଆକାଶ ଦେଲୁ ତୁ ସଜେଇ ।

କରି ଦେଲୁ ପୂର୍ଣ୍ଣ .. ଶୂନ୍ୟସ୍ଥାନ ..
ନିଜ ପାଇଁ ନିଜେ ସାଜେ .. ମାୟାବିନୀ ସମ
ସୃଷ୍ଟି କଲୁ ଜୀବନକୁ ଭଲପାଇବାର
ଭିନ୍ନ ଏକ ଅହେତୁକ ଆକର୍ଷଣ।

ଛୁଇଁ ଦେଲୁ ହୃଦୟର ତନ୍ତ୍ରୀ ..
ତୋଳିଲୁ ସ୍ୱର ଝଙ୍କାର
ସମ୍ମୋହନ କରିଦେଲା ଦେହ, ମନ, ପ୍ରାଣ
ତୋ ଓଠ ଛୁଇଁ ସିନା ତୋଳେ ବଂଶୀ ସ୍ୱନ !
ପ୍ରଖର ହୁଏ ମୋର ପ୍ରଶ୍ୱାସ ପବନ।

କେଉଁ ବିନ୍ଧାଣୀର ନିହାଣ ଦେଇଛି
କି ସହସ୍ର ଆଘାତ ,
ଏ ଶରୀର କୁକେବେ କିଏ କରିଛି କ୍ଷତାକ୍ତ
ତା ର ମୁଁ ହିସାବ ରଖିନି,
ଅହରହ ଜଳୁଥିଲି ଯନ୍ତ୍ରଣାକୁ ଜୁଇ କରି
ଆଦରି ମୁଁ ନେଇଥିଲି ଜଳିବାକୁ ବ୍ରତ ପରି।

ତୁ ଆସିଲୁ.....
ଶୁଷ୍କ ନୀଡ଼ ଜୀବନକୁ ସିକ୍ତ କଲୁ !
ଭିଜି ଗଲି, ମଜି ଗଲି, ହଜି ଗଲି...
ତୋ ମନଟା ମୋ ମନକୁ ଛୁଇଁ ଦେବା ପରେ...
ମହୁଆ ନିଶାରେ ଆଜି ..
ନିରସିଆ ମନ ମୋର
ପାଗଳ ଯାଇଛି ସାଜି।...

କଟକ

## ହେ ଫଗୁଣ ତୁମେ

**ସସ୍ମିତ ଦାଶ**

ତୁମେ ସେ ଫଗୁଣର ରଙ୍ଗ
ତୁମ ଚାଲିରେ ବାଜେ ମୃଦଙ୍ଗ,
ନୀରବତା ତୁମର ଦୁଇ ଆଖି
କଣ୍ଢେଇ ପାଖରେ ଯାଏ ଲାଖି ।।

ଫୁଲେଇ ରାଣୀ ଲୋ କାନରେ
ଖୋସିଥାଅ ଯୋଡି ମଲ୍ଲୀ,
ଫଗୁଣର ରଙ୍ଗେ ବାସ ଚହଟିବ
ତୁମ କଥାରେ ଲୋ ଗେଲ୍ଲୀ ।।

ଏ ସୁନ୍ଦର ଧରଣୀରେ ଯେବେ
ତୁମେ ରଙ୍ଗ ବୋଳିଦିଅ,
ରଙ୍ଗରେ ରଙ୍ଗେଇ ହୋଇ ତୁମେ
ବି କୁଆଡେ ହଜିଯାଅ ।।

ଦେଖିଲେ ଲାଗଇ ତୁମେ
ଗୋଲାପ କଢି ପରି,
ମେହେନ୍ଦି ଶୋଭାପାଉଥାଏ
ହାତେ ଲୋ ସୁନ୍ଦରୀ ।।

ହସରେ ପୁନେଇଁ ଆକାଶର
ଜହ୍ନ ପରି ଲାଗ ତୁମେ,
କୃଷ୍ଣଚୂଡ଼ା ରଙ୍ଗେଇ ଦେଇଛି
ତୁମ ବାଟକୁ କ୍ରମେ ।।

ଫଗୁ ଛିଟା ଲାଗିଯିବ ତୁମେ
ଫଗୁଣକୁ କରି ଆମନ୍ତ୍ରଣ,
କେତେ ଗୋଲାପ ପାଖୁଡାରେ
ଫଗୁଣ କରିବ ଆକର୍ଷଣ ।।

ଏରସମା, ଜଗତସିଂହପୁର
ମୋ- ୯୧୭୮୮୦୪୬୪୫

## ବନ୍ଦୀ

**ଡ. ଅନିଲ ନନ୍ଦ**

ସେଇ ଲୁହ କେଇ ବୁନ୍ଦାରେ
ଅନେକ କିଛି କରାଯାଇପାରେ,
ଯେମିତିକି ଗଢ଼ାଯାଏ
ଶିଶିରସ୍ନାତ ସକାଳ
କଅଁଳି ଉଠେ ନବ ପଲ୍ଲବ
ମଧୁ ସନ୍ଧାନରେ ବାହାରନ୍ତି
ଦଳଦଳ ମହୁମାଛି
ପକ୍ଷୀ କଣ୍ଠରୁ ଝରିପଡେ
ଉଡା ଶିଖିବାର ଆହ୍ୱାନ ।

ଗୋଟାଏ ରୁଦ୍ଧ ପଞ୍ଜୁରୀରେ ବସି
ଢାଳିଥିବା ଲୁହମାନେ
କାହାର ନୁହନ୍ତି ନିଜ ଛଡା,
ସେମାନେ କଣ ଛୁଇଁ ପାରନ୍ତି
ଲହଡ଼ି ହେଇ ବନ୍ଧୁର ଧରାତଳ ?

ଦୂରନ୍ତ ସ୍ୱପ୍ନକୁ ହାତ ଲମ୍ବାଇ
ହଜେଇ ଦେବା ପରେ
ବର୍ଷ,ମାସ,ଦିନ,ଦଣ୍ଡ ଅନେକ
ଆଉ କାହିଁ ଦେଖି ହେବ
ଦେଶ ଦୁନିଆର ବର୍ଣ୍ଣିଳ ଉତ୍ସବ ।

ରହିବ ତ ରୁହ, ମନା ନାହିଁ
ଗୋଟାଏ ସର୍ତ୍ତ କି ସମ୍ବନ୍ଧକୁ
ନିଜ ଗଢା କାରାଗାର କରି
ଦୁଃଖକୁ ପ୍ରିୟତମ ପରିଧାନ କରି
କଠୋର ତପସ୍ୟାରେ ନିମଗ୍ନ ।

ଆଉ କେବେ ଖୋଜିବନି ମୁକ୍ତି
ଅନ୍ତରଙ୍ଗ ଅନ୍ଧାର ପଞ୍ଜାରୁ
ବାହାରି ଯିବାର ଉପାୟ,
ଯେହେତୁ ବନ୍ଦୀ ଏକ ଗୃହପାଳିତ
ବନ୍ଦୀର ହୁଏ ପକ୍ଷଚ୍ଛେଦ
ଭୁଲି ସାରିଥାଏ ଉଡ଼ିବାର ଆନନ୍ଦ।

କ୍ୟାମ୍ପସ -୯, କିଟ୍ , ଭୁବନେଶ୍ୱର
ମୋ-୯୯୩୭୮୪୩୩୬୮

## ବାସ୍ତବ ପ୍ରେମ

**ଦୀପକ କୁମାର ନାୟକ**

ଅଢ଼େଇ ଦିନିଆ ଦୈହିକ ମିଳନ
ସଭିଏଁ ଯେ ଚାହୁଁଛନ୍ତି
ମନର ମିଳନ କେହିହେଲେ ଜମା
ଆଦର ଯେ ନ କରନ୍ତି ।।

ଦୈହିକ ମିଳନ ପରମ ସୁଖଦିଏ
ବୋଧେ ସେଥିଲାଗି ସବୁ
ସ୍ନେହ ଓ ଶ୍ରଦ୍ଧାରେ ଭଲପାଇବାକୁ
କରୁଛନ୍ତି କିଛି କାବୁ ।।

ଯଦି ଏହା ସତ୍ୟ ତେବେ କେତେଜଣ
ମନକୁ କରନ୍ତି ପ୍ରେମ
ମନ ନେଇ କିଏ ପ୍ରେମ କରିଛନ୍ତି
କୁହତ ଗୋଟିଏ ନାମ ।।

ଏମିତିକେ ଅଛି ଦୁନିଆଁରେ କୁହ
କେବଳ ମନକୁ ଚାହେଁ
ଶରୀରକୁ ଟିକେ ନ ଭାବିକି ସିଏ
ପ୍ରେମ ନୀତି କରୁଥାଏ ।।

ଶରୀରକୁ ନେଇ ପ୍ରେମ କରାଯାଏ
ଏକଥା ସଭିଙ୍କୁ ଜଣା
ମନ ନେଇ ପ୍ରେମ ମିଛେ କହୁଛନ୍ତି
କରି ଖାଲି ବାଟ ବଣା ।।

ଦେହ ଓ ମନକୁ ପ୍ରେମ କରାଯାଏ
ସଭିଏଁ ଏକଥା ଜାଣ
ପ୍ରଥମେ ମନ ଓ ଦ୍ୱିତୀୟରେ ଦେହ
ହୋଇଯାଏ ସମର୍ପଣ ।।

ମନ ନେଇ କେହି ପ୍ରେମ କରି ନାହିଁ
ଶୁଣି ନାହିଁ କେବେ କାନେ
ଦେହ ଓ ମନକୁ କରାଯାଏ ପ୍ରେମ
ଚର୍ଚ୍ଚା ହୁଏ ସାଧାରଣେ ।।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ-୮୬୩୭୨୬୧୮୨୮

## ଶୀତ ଛାଡିଲାଣି କାନି

**ସୁହଂସ ଭୋଇ**

ଗଛରୁ ପତର ଉତୁରି ଗଲେଣି
ଶୀତ ଛାଡିଲାଣି କାନି
ସକାଳେ ଶିଶିର ଆସୁ ନାହିଁ ଆଉ
ଉଷୁମ ଲାଗୁଛି ପାଣି ।।

ବସନ୍ତ ଓହ୍ଲେଇ ଆସିଛି ମରତେ
ମଳୟର ହାତ ଧରି
କଅଁଳ ପଲ୍ଲବ କଅଁଳି ଉଠୁଛି
ସବୁଜିମା ଯାଏ ଭରି ।।

ମାଧବୀ, ଅଶୋକ,ଚମ୍ପା ଫୁଟିଲେଣି
ଆସିବାର ବେଳ ଜାଣି
ଆକାଶକୁ ଚାହିଁ ହସଇ ପଳାଶ
ଦେଖେଇ ରୂପର ଠାଣି ।।

ରୁଷା ଫୁଲା ଛାଡି କଳା କୋଇଲିଟି
ଗାଉଛି ଫଗୁଣ ଗୀତି
ଫୁଲରେ ସଜେଇ ବସିଛି ବଗିଚା
ଦେଖି ଖୁସି ପ୍ରଜାପତି ।।

ପବନ ଦୋଳିରେ ଖେଳୁଛି ବଉଳ
ବାସୁଛି ମହୁଲ କୁଚି
ଅଳପ ଅଳପ କରି ମହୁମାଛି
ରସକୁ ରଖୁଛି ସଞ୍ଚି ।

ଦାମୋଦର ଅଙ୍ଗେ ଲାଗିବ ଅବିର
ଜାଗର ଉଠିବ ଜଳି
ଆସିଛି ବସନ୍ତ ବର୍ଣ୍ଣତୂଳୀ ଧରି
ଦେହେ ଦେବ ରଙ୍ଗ ବୋଳି ।।

ପହଣ୍ଡି, ବିଜେପୁର, ବରଗଡ଼
୯୪୩୭୫୨୨୪୫୫

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ତହସିଲି ଅଧିନସ୍ଥ ଝାରପଡ଼ା ପଞ୍ଚାୟତ ଝାରପଡ଼ା ବଲିଘାଟରୁ ରାତି ୧୧ରୁ ସକାଳ ୬ ପାର୍ଯ୍ୟନ୍ତ ମେସିନ୍ ଲଗେଇ ହାଇୱାରେ ବୁହାହେଉଛି ଶହଶହ ଟ୍ରିପ ବାଲି। ସ୍ଥାନୀୟ ଲୋକେ ଏ ସମ୍ବନ୍ଧରେ ପୋଲିସକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ବାହାର ଅଞ୍ଚଳରୁ ଯୁବକଙ୍କୁ ଡାକି ବେଧଡକ ଭାବରେ ବାଲି ଚୋରାଚାଲାଣ କରୁଛନ୍ତି। ଜିଲ୍ଲା ମାଇନ୍ସ ବିଭାଗ ସମ୍ବିଦ ସହୁଙ୍କୁ ଗ୍ରାମବାସୀ ଏ ସମ୍ବନ୍ଧରେ ଫୋନ କଲେ ମଧ ସେ ଫୋନ୍ ଉଠାଉ ନାହାଁନ୍ତି। ଫଳରେ ଅଞ୍ଚଳ ବାସୀ ବାଲି ଚୋରା ଚାଲାଣ ହେବା ଦେଖି ମଧ ଭୟରେ ଚୁପ୍ ରହୁଛନ୍ତି। ଯଦି କଟକ ଗ୍ରାମାଞ୍ଚଳ ଏସ୍‌ପି ଓ ମାଇନ୍ସ ବିଭାଗ ଚୋରା ବାଲି ଘାଟ ଉପରେ ଲଗାମ ନଲଗାଇବେ ତେବେ କୋଟିକୋଟି ଟଙ୍କାର ବାଲି ଚୋରି ହୋଇଯିବ। ସବୁଠାରୁ ବଡ଼ ସମସ୍ୟା ଦେଖାଦେଇଛି, ଝାରପଡ଼ା ଅଳିପଡ଼ା ସେତୁ ତଳୁ ବାଲି ଉଠାଯାଉଚି, ଯାହା ସେତୁ ପ୍ରତି ବିପଦ ସୃଷ୍ଟି କରୁଛି। ସରକାରୀ ନିୟମ ଅନୁସାରେ ପୋଲଠାରୁ ୬୦୦ ମିଟର ଦୂରରୁ ବାଲି ଉଠାଯିବା କଥା, କିନ୍ତୁ ଏ କ୍ଷେତ୍ରରେ ଏହାର ଖୁଲମଖୁଲା ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି। ତେଣୁ ସରକାରୀ ଏ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ମହିଳା ଅଧିକାର ଆଇନ ଓ ସୁରକ୍ଷା ସଚେତନତା ଅଭିଯାନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ପାଟଣା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ପାଟଣା ମହାବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ମହିଳା ଅଧିକାର ଆଇନ ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଟଣା ସିଡିପିଓ କଳ୍ପନା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ରାହାସ ବିହାରୀ ପୃଷ୍ଟି ଯୋଗଦେଇ ସମ୍ପ୍ରତି ସମାଜରେ ମହିଳାମାନଙ୍କର ଅଧିକାର ଏବଂ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଅଧ୍ୟାପିକା ଶୋଭାଲିନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ସ୍ୱେଚ୍ଛାସେବୀ ଶିବନାଥ ପ୍ରଧାନ ଓ ଆସପେୟାରର ଶିଶିର କୁମାର ଦାସ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ମହିଳା ସୁରକ୍ଷା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଏଥିରେ ମହିଳା ସୁପର ଭାଇଜର, ଆଶା ଓ ଅଙ୍ଗନବାଡ଼ି କର୍ମି ଏବଂ ମହାବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ଆମ ପୁସ୍ତକ ମେଳାର ପ୍ରସ୍ତୁତି ବୈଠକ



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ଐତିହାସିକ ମାଲୁଦ ୨୪ମୌଜା ପଞ୍ଚୁଦଳ ଯାତ୍ରା ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ମାସ ୧୯ତାରିଖ ଠାରୁ ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପଞ୍ଚୁଦଳ ଯାତ୍ରାରେ ଆମ ପୁସ୍ତକ ମେଳା ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରାକ୍ତନ ଅଧକ୍ଷା ନୀଳକଣ୍ଠ ତ୍ରିପାଠୀଙ୍କ ସଭାପତିତ୍ୱରେ ୨୪ମୌଜା ସଦର ମଣ୍ଡପ ଠାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଯେପରି ପୁସ୍ତକ ମେଳା ସରସ ସୁନ୍ଦର ହେବା ସହ ବହୁ ପରିମାଣରେ ରାଜ୍ୟର ପ୍ରମୁଖ ପୁସ୍ତକ ପ୍ରକାସକ ଓ ପୁସ୍ତକ ଷ୍ଟଲ ଖୋଲିବା ସହ ଲୋକଙ୍କ ଚାହିଦା ପୁସ୍ତକ ମିଳିବ ସେଥିପାଇଁ ପୁସ୍ତକାଳୟ ସହ ଯୋଗାଯୋଗ କରାଯିବା ଉପରେ ଆଲୋଚନା କରାଯାଇଥିଲା। ଏହି ପୁସ୍ତକ ମେଳା ୩ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତିଦିନ ୩ଜଣଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ପ୍ରତି ସନ୍ଧ୍ୟାରେ କବିତା ଆସର ଓ କୁନିକୁନି ପ୍ରତିଭାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଆମ ପୁସ୍ତକମେଳାର ମୁଖ୍ୟ ଆକର୍ଷଣ 'ଜ୍ଞାନପ୍ରଭା' ପୁସ୍ତକ ଉନ୍ମୋଚନ କରାଯିବ। ଯେଉଁ ପୁସ୍ତକରେ ପାରିକୁଦ ମାଲୁଦ ଓ ରାଜ୍ୟର ସମସ୍ତ ସାହିତ୍ୟକ ପ୍ରାବନ୍ଧିକ କବି କବିୟତ୍ରୀ ଓ ଲେଖକ ଲେଖିକାଙ୍କ ଲେଖା ସ୍ଥାନ ପାଇପାରିଛି। ଏହି ପୁସ୍ତକ ମେଳାର ପ୍ରସ୍ତୁତି ବୈଠକରେ ଶିକ୍ଷାବିତ ତଥା ସୁସାହିତ୍ୟକ ଆମ ପୁସ୍ତକ ମେଳା ସମ୍ପାଦକ ବିଷ୍ଣୁ ପ୍ରଶାଦ ଦଳେଇ, କୋଷାଧକ୍ଷ ବିଦ୍ୟାଧର ପ୍ରଧାନ, ଶିକ୍ଷାବିତ ସଦାନନ୍ଦ ଗୌଡ଼, ଦୈତାରି ବିଶ୍ୱାଳ, ଶରତ ବାରିକ, ପ୍ରତାପ ହରିଚନ୍ଦନ ପ୍ରମୁଖ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।

## ସୁବର୍ଣ୍ଣଗ୍ରାହୀ ଶୁଣ୍ଡି ସମାଜର ମହାସଭା

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଠାରେ ଦୁଇଦିନ ଧରି ଚାଲିଥିବା ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହି ଶୁଣ୍ଡି ସମାଜର ମହାସଭା ଶନିବାର ଦିନ ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ମହାସଭାର ଉଦ୍‌ଯାପନୀ ଦିବସରେ କେଶବ ବେହେରା (ମୁଖ୍ୟ ଅତିଥି) ସମ୍ମାନିତ ଅତିଥି ଭାବେ ବିଶିକେଶନ୍ ବେହେରା, ମଙ୍ଗଳର ବେହେରା, ସମ୍ପୂର୍ଣ୍ଣ ବେହେରା, ନାରୀନେତ୍ରୀ ଦୀପିକା ବେହେରା, ମାଣିକ୍ୟ ବେହେରା ଓ ମନୋରମା ବେହେରା ମଞ୍ଚାସିନ ଥିଲେ। ଏହି ମହାସଭାରେ ରାଜ୍ୟର ଶତାଧିକ ମହିଳା ପୁରୁଷ ଏବଂ ଯୁବତୀଯୁବକ ସାମିଲ ହୋଇଥିଲେ। ସମାଜର ସଂସ୍କାର ଆଣିବାକୁ ହେଲେ ଶିକ୍ଷାର ଗୁରୁତ୍ୱ ବେଶୀ ତେଣୁ ପରିବାରର ଯୁବତୀଯୁବକଙ୍କୁ ଶିକ୍ଷା ଯୋଗାଇବା ମୁଖ୍ୟ ଉଦ୍ଦେଶ୍ୟ। କୁସଂସ୍କାର ଦୂର କରିବା ପାଇଁ ସମସ୍ତ ଯୁବ ସମାଜ ଆଗେଇଲେ ହିଁ ସମାଜର ମଙ୍ଗଳ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।



ଏହି ନିଖିଳ ଉତ୍କଳ ମହାସଭାରେ ନୂତନ ଭାବେ ସମାଜ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ପୂର୍ଣ୍ଣ ଚନ୍ଦ୍ର ବେହେରା (କୁଳପତି) ଦଶମୁ ବେହେରା ତରଣି ସେନ ବେହେରା ଉପକୁଳପତି ହରିହର ବେହେରା ସମ୍ପାଦକ ସହସମ୍ପାଦକ ଭାବେ ପୂଳସ୍ତି ବେହେରା ଖିତିପତି ବେହେରା ଓ କୋଷାଧକ୍ଷ ଭାବେ ଡମ୍ବରୁଧର ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରିଥିଲେ।

## କୁଲଣା ସାଧନକେନ୍ଦ୍ର ସ୍ତରୀୟ ବୈଠକ

ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରୀପୋଖରୀ ବ୍ଲକ୍‌ର କୁଲଣା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ୯ମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ନିର୍ଦ୍ଦେଶ କ୍ରମେ କୁଲଣା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିପିନ ବିହାରୀ ଜେନାଙ୍କ ତତ୍ତ୍ୱାବଧାରେ ବୈଠକ ଆମ୍ବଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ସଂଯୋଜକ ଜେନା ମାସିକ ପୂର୍ବ ବୈଠକ ବିଷୟରେ ଆଲୋଚନା ଫେବୃୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର ନମୁନା ପାଠ୍ୟ ଯୋଜନା, ଶିକ୍ଷଣ କାର୍ଯ୍ୟ ଶ୍ରେଣୀ ପରିଚାଳନା ସମୟର ସୁବିଧାଅସୁବିଧା, ମାନନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର, ତ୍ରୀ-ମାତ୍ରିକ ଆକୃତି ଆଧାରିତ ଶିକ୍ଷଣ କାର୍ଯ୍ୟ ଆଲୋଚନା କରିଥିଲେ। ଏଥିରେ ୧୦ ଗୋଟି ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଭାଷାରେ ଛବି ରାଣୀ ମାଝୀ ଓ ଗଣିତରେ ପ୍ରକାଶ ଦାସ ପାଠ୍ୟ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକବିଂଶ ବାର୍ଷିକ ଉତ୍ସବ ପାଳିତ




ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଆଠମଲ୍ଲିକ ଶିଶୁ ବିଦ୍ୟାମନ୍ଦିର ଏକବିଂଶ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୁଦ୍ର ନାରାୟଣ ପାଣି ତଥା ବର୍ତ୍ତମାନର ଢେଙ୍କାନାଳ ସାଂସଦ, ମୁଖ୍ୟବକ୍ତା ରାମକୃଷ୍ଣ ତ୍ରିପାଠୀ ବିଦ୍ୟାଳୟର ସଭାପତି ଆଦିତ୍ୟ ସାହୁ, ସମ୍ପାଦକ ଅଶୋକ କୁମାର ମିଶ୍ର, କୋଷାଧକ୍ଷ ବିପିନ ବିହାରୀ ମହାପାତ୍ର ତଥା ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ବିଦ୍ୟାଳୟର ସଭ୍ୟବୃନ୍ଦ, ଆଠମଲ୍ଲିକର ସମସ୍ତ ସାମ୍ବାଦିକ, ଅଭିଭାବକ,ବରିଷ୍ଠ ନାଗରିକସମୂହ ଉପସ୍ଥିତ ରହି ଉତ୍ସବକୁ ଗୌରବମୟ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ କୁମାର ଦାଶ ଉତ୍ସବ ପରିଚାଳନା କରି ସଫଳ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗନେଇ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲେ। ପରିଶେଷରେ ମୁଖ୍ୟ ଅତିଥି ରୁଦ୍ର ପାଣି ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଶୀର୍ଷତମ ଦେଶଭକ୍ତି ଓ ପ୍ରତିଭା ଦ୍ୱାରା ଦେଶକୁ ଗୌରବାନ୍ୱିତ କରିଛି ଓ କରୁଥିବ ବୋଲି ମତ ଦେଇଥିଲେ। ସେ ଶିଶୁ ବିଦ୍ୟାମନ୍ଦିରରେ ଆବଶ୍ୟକ ଥିବା ବିଦ୍ୟାଳୟ ଲାଇବ୍ରେରୀକୁ ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ଅଂଶୀଦାର ସମୂହଙ୍କ କର୍ମଶାଳା



ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଶନ ବାତ୍ସଲ୍ୟ ଅନ୍ତର୍ଗତ କିଶୋର ନ୍ୟାୟ ଆଇନ ନିମନ୍ତେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ଅଂଶୀଦାର ସମୂହଙ୍କ ଭୂମିକା ଶୀର୍ଷକ କର୍ମଶାଳା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସଭାଗୃହ ପରିସରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟକୁମାର ନନ୍ଦ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରି ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପୋଲିସ ବାହିନୀର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଏବଂ ବିଭିନ୍ନ ଦୃଷ୍ଟାନ୍ତ ମୂଳକ ଉଦାହରଣ ଦେଇଥିଲେ। ଶିଶୁଙ୍କ ସହ ସର୍ବଦା ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ସର୍ବଦା ଶିଶୁ ଉପଯୋଗୀ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ବୋଲି ପ୍ରମୁଖ ବକ୍ତାମାନେ ଉଦବୋଧନ ଦେଇଥିଲେ। ଶିଶୁ ସୁରକ୍ଷା ଶାଖା ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନା ରେ ଅନୁଷ୍ଠିତ କର୍ମଶାଳାରେ ବିଷୟ ବିଶାରଦ ଭାବେ ସଂଯୋଗ,କଟକ ର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ, ମନସ୍ତତ୍ତ୍ୱବିତ ଲୋନି ଲିଓନା ବେହେରା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଆଇନଜୀବୀ ବନମାଳୀ ଜେନା, ଲଳିତା ସାହୁ ପ୍ରମୁଖ ଯୋଗଦାନ କରି ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା, ପୋଲିସର ଭୂମିକା, ମାନସିକ ଅବସ୍ଥାର ପରିବର୍ତ୍ତନ, ଶିକ୍ଷା ଓ ଧନ୍ଦା ମୂଳକ ଶିକ୍ଷା ନିମନ୍ତେ ଶିଶୁଙ୍କୁ ଉତ୍ସାହିତ କରିବା ପାଇଁ ପ୍ରୟାସ ଜାରି ରଖିବା ସମ୍ବନ୍ଧରେ ଚିତ୍ର ପ୍ରଦର୍ଶନୀ ମାଧମରେ ଅବଗତ କରିଥିଲେ। କର୍ମଶାଳାରେ ସମସ୍ତ ଥାନାରେ କାର୍ଯ୍ୟରତ ମହିଳା ଶିଶୁ ଡେସ୍କର ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଶିଶୁ ଅନୁଷ୍ଠାନର ଅଧୀକ୍ଷକ, ପରାମର୍ଶ ଦାତା, ପ୍ୟାନେଲ ଆଇନଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱତନ୍ତ୍ର ବିଦ୍ୟାଳୟର ଅନୁବାଦକ, ପାରା ଲିଗାଲ କର୍ମୀ, ଚାଇଲ୍ଡ ଲାଇନର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀ, କର୍ମୀ ଚନ୍ଦ୍ରକାନ୍ତ ଗୋଛାୟତ, ଲକ୍ଷ୍ମଣ ଜେନା, ନବୀନ ଚନ୍ଦ୍ର ବେହେରା, କାହ୍ନୁ ମଲ୍ଲିକ୍, ଦିଗବିଜୟ ମହାନ୍ତି ସମେତ ଶିଶୁ ସୁରକ୍ଷା ୟୁନିଟର ଅଣ -ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ଧୀରଜ ବାରିକ, ସୁଦର୍ଶନ ବଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିଶୁସୁରକ୍ଷା ୟୁନିଟର ବିଶ୍ୱନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀଘା କୋଷ୍ଟଲ ହାଇୱେକୁ ନେଇ ବିରୋଧ ତେଜିଲା



କାକଟପୁର, (ଭାସ୍କର ନ୍ୟୁଜ୍): ପ୍ରସ୍ତାବିତ ବଡପୋଖରିଆରୁ ଦିଘା କୋଷ୍ଟାଲ ହାଇୱେକୁ ବିରୋଧ କରି ଶନିବାର ପୁରୀ ଜିଲ୍ଲା କାକଟପୁର ବ୍ଲକ ଟିକରପଡା ନଦୀକୂଳରେ ଏକ ପ୍ରତିବାଦ ବୈଠକ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ରାଜପଥ କ୍ଷତିଗ୍ରସ୍ତ ହେଉଥିବା ବହୁ ଗ୍ରାମର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ଚାଷୀ ଓ ଯୁବକମାନେ ଆଗାମୀ ଦିନରେ ସରକାର ଯଦି ଏହି ପ୍ରକଳ୍ପରୁ ନ ଓହରନ୍ତି ଆନ୍ଦୋଳନକୁ ଦୁର୍ବାର କରିବାକୁ ସ୍ୱର ମିଳାଇଥିଲେ। ଏଠାରେ ପ୍ରକାଶ ଥାଉକି ଲୋକ ମାନଙ୍କୁ କିଛି ନଜଣାଇ ଗ୍ରାମେଗ୍ରାମେ ପଲ୍ଲୀସଭା, ଗ୍ରାମସଭା ନକରି ଲୁଚିଲୁଚି ପ୍ରକଳ୍ପ କାର୍ଯ୍ୟରେ ଆଗେଇ ଚାଲିଛନ୍ତି। ହଠାତ ଏକ ଘରୋଇ ସଂସ୍ଥା ଦ୍ୱାରା ଲୋକଙ୍କ ଜମିରେ ଲୁଚି ଲୁଚି ପିଲାର ପକାଇ ଦୁଇ ଶହ ମିଟର ପ୍ରସ୍ଥର ଜମି ଅଧିଗ୍ରହଣ ନିମନ୍ତେ ଚିହ୍ନିତ କରିବାରୁ ଜନସନ୍ତୋଷ ବୃଦ୍ଧି ପାଇଛି କ୍ଷ ଓଡିଶା ସରକାର ପ୍ରାଥମିକ ପଦକ୍ଷେପରେ ପ୍ରକଳ୍ପ ବନ୍ଦ କରିବା କିମ୍ବା ସମୁଦ୍ର କୂଳକୁ ପରିବର୍ତ୍ତନ କରିବାକୁ ପୁରୀ ଜିଲ୍ଲାପାଳଙ୍କ ପାଖକୁ ଦାବିପତ୍ର ଆସନ୍ତା ସୋମବାର ଦିନ କାକଟପୁର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯିବ। ପ୍ରସ୍ତାବିତ ସମସ୍ତ କ୍ଷତିଗ୍ରସ୍ତ ଅଚଳର କୃଷକ ଏବଂ ନେତୃତ୍ୱମାନଙ୍କ ସହିତ ଯୋଗାଯୋଗ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆବାହକ ପ୍ରଦୀପ୍ତ ନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଗ୍ରାମେ ଗ୍ରାମେ ପ୍ରଚାର କରି ଆନ୍ଦୋଳନକୁ ଶାଣିତ କରିବାକୁ ନାୟକ ଆହ୍ୱାନ ଦେଇଛନ୍ତି।

## ରକ୍ତଦାନ ଶିବିରରେ ୫୦ଜଣଙ୍କ ସ୍ୱେଚ୍ଛାକୃତ ରକ୍ତଦାନ



ପୁରୀ, (ଭାସ୍କର ନ୍ୟୁଜ୍) : ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରୀ ମହିଳା ମହାବିଦ୍ୟାଳୟର 'ଏନ୍.ଏସ୍.ଏସ୍. ୟୁନିଟ୍' ଓ ହାପିନେସ୍ ଫାଉଣ୍ଡେସନ୍‌ର 'ମିଶନ୍ ଜୀବନଦାନ' ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏହି ଶିବିରଟି କରାଯାଇଛି। ଏହି ରକ୍ତଦାନ ଶିବିରରେ ମୋଟ ୫୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ଜ୍ୟୋତିଲକ୍ଷ୍ମୀ ଦେଈ, ଏନ୍.ଏସ୍.ଏସ୍. ୟୁନିଟ୍‌ର କୋର୍ଡିନେଟର ସତ୍ୟସ୍ମିତା ବେହେରା, ସହକାରୀ ପ୍ରାଧ୍ୟାପକ ପ୍ରଦୀପ ବେହେରା, ଏନ୍.ଏସ୍.ଏସ୍.ର ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଏବଂ ହାପିନେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ଓ ଅନ୍ୟ ସଦସ୍ୟ ସଦସ୍ୟା ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ରକ୍ତଭଣ୍ଡାର ପକ୍ଷରୁ ରକ୍ତ ଭଣ୍ଡାର ଅଧିକାରୀ ଡା. ଦୀପକ ସାହୁ, ଓ କାଉନସିଲର ପ୍ରିତିରଞ୍ଜନ ନାୟକ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## କ୍ୟାଣ୍ଡେଲ ଶୋଭାଯାତ୍ରା ସହ ସହିଦଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ବାରିପଦା, (ଭାସ୍କର ନ୍ୟୁଜ୍): ପୁଲୱାମା ଆକ୍ରମଣ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ କେଶରୀଆ ହିନ୍ଦୁ ବାହିନୀ ଓଡ଼ିଶା, ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟରେ, ପୁଲବାମା ଆକ୍ରମଣରେ ପ୍ରାଣ ହରାଇଥିବା ସହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା, କେ.ସି ସର୍କଲରୁ ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟାଳୟରେ ସମସ୍ତେ ବୀର ସହୀଦଙ୍କୁ ପୁଷ୍ପାର୍ଘ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ମଧ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଦିଲ୍ଲୀପ ଦାସ ଉପସ୍ଥିତ ସଦସ୍ୟମାନଙ୍କୁ ସହୀଦ ମାନଙ୍କ ବଳୀଦାନ ବ୍ୟର୍ଥ ନହେଉ ସେଥିପାଇଁ ଆମ ଭିତରେ ଜାତୀୟତାର ବହ୍ନି ପ୍ରତି ମୁହୂର୍ତ୍ତରେ ଜାଗ୍ରତ ରହୁ ଏବଂ ସମୟ ଆସିଲେ ଶତ୍ରୁ ପକ୍ଷକୁ କଡ଼ା ଜବାବ୍ ଦେବାକୁ କେଶରୀଆ ହିନ୍ଦୁ ବାହିନୀ ସଂକଳ୍ପବଦ୍ଧ ରହୁ ବୋଲି ତାଙ୍କ ଅଭିଭାଷଣରେ କହିଛନ୍ତି।

## 'ଭୋକିଲା ପେଟକୁ ଦାନା' କାର୍ଯ୍ୟକ୍ରମ ଆୟୋଜିତ

ରାଜନଗର, (ଭାସ୍କର ନ୍ୟୁଜ୍): ସାରା ଓଡିଶାରେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ମଧାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏହା କୁନିକୁନି ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ପାଇଁ ସୁନ୍ଦର ବ୍ୟବସ୍ଥା। ଛୋଟଛୋଟ ପିଲାମାନେ ଖାଦ୍ୟ ଖାଇବା ପରେ ବଳକା ଖାଦ୍ୟକୁ ଏଣେତେଣେ ଫିଙ୍ଗି ଦେଇଥାନ୍ତି। ଏହି ବଳକା ଖାଦ୍ୟକୁ ଏକତ୍ର କରାଇବା ଓ ପରିବେଶକୁ ସଫା ରଖିବା ପାଇଁ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନୂତନ କାର୍ଯ୍ୟକ୍ରମ 'ଭୋକିଲା ପେଟ କୁ ଦାନା'। ଏହି କାର୍ଯ୍ୟକ୍ରମ ଆଜି କେନ୍ଦ୍ରାପଡା ଜିଲ୍ଲାର ଚକଡ଼ା ପଞ୍ଚାଯତର ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସିମେଣ୍ଟ କୁଣ୍ଡ ତିଆରି କରି ତା ମଧରେ ବଳକା ଖାଦ୍ୟ ପକାଇବାକୁ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏହି ବଳକା ଖାଦ୍ୟକୁ ପକ୍ଷୀ, ପଶୁ, ପୋକ, ମାଛି ପରି ଅନେକ ଜୀବ ଖାଦ୍ୟଅଭାବରୁ ବଞ୍ଚିପାରିବେ। ଏହାଦ୍ୱାରା କୁନିକୁନି ପିଲାମାନେ କିଛି ସଂସ୍କାର ଶିଖିବା ଶହ ପରିବେଶର ହିତସାଧନରେ ସହଯୋଗରେ ଆସିବେ ବୋଲି ପ୍ରଧାନ ଶିକ୍ଷକ ଭିକାରୀ ଚରଣ ଦାସ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଗଛ ସାରେ ଅନ୍ତର୍ଯ୍ୟାମୀ ସାହୁ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ନିଗମ ସାହୁ, ବିକ୍ରମ ସାହୁ, ଶୈଳବାଳା ସାମଲ, ଦୁର୍ଗା ମାଧବ ସେଠୀ, ଚିତ୍ରଶିଳ୍ପୀ ଦିନେଶ କୁମାର ବାରିକ ଏବଂ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଯୋଗେଶ୍ୱର ମହାନ୍ତ ଅଧକ୍ଷତାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ସମବେତ ବନ୍ଦେଉତ୍କଳ ଜନନୀ ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ଅଧାପକ କାଳନ୍ଦୀ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ଅତିଥି ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧାପକ ମନୋଜ ସାହୁ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାଏକ, ମୁଖ୍ୟବକ୍ତା ଭାବେ ଲାଇଟ ଅନ ଯୋଗ କେନ୍ଦ୍ର ଭଦ୍ରକର ନିର୍ଦ୍ଦେଶକ ବସନ୍ତ କୁମାର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ସାଂସଦଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତରଫରୁ ବିଭିନ୍ନ ପ୍ରକାର ବାର୍ଷିକ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପରେ ବିଭାଗିୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ନରେନ୍ଦ୍ର କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ଡା. ଗୀତାଞ୍ଜଳି ବର୍ତ୍ତିଆ ଓ ଅଧାପିକା ଏସ. ସାରଦା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧାପକ ସନ୍ଦୀପସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରେରଣା' ଉଦ୍‌ଯାପିତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଟାଙ୍ଗୀ ବ୍ଲକ୍ ଗୋଷ୍ଠୀ ଶିକ୍ଷାବିଭାଗ ପକ୍ଷରୁ ଟାଙ୍ଗୀ ହାଇସ୍କୁଲ ପରିସରରେ ପଞ୍ଚ-ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ପ୍ରେରଣା' ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଟାଙ୍ଗୀ ବିଇଓ ରବିନ୍ଦ୍ର କୁମାର ସାହୁ, ଟାଙ୍ଗୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସୁବାସଚନ୍ଦ୍ର ଜେନା, ଶିକ୍ଷାବିତ୍ ପ୍ରସନ୍ନ ଶ୍ରୀଚନ୍ଦନ, ଟାଙ୍ଗୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲେଇ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥି କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷକ ନିଳାଦ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟେକ ଦିନ ପ୍ରଶିକ୍ଷକ ମାନେ ମୋଡ୍ୟୁଲ ଆଧାରିତ ବିଭିନ୍ନ ବିଷୟ ଯଥା ଆମ ବିଭାଗ, ମୋ ବିଦ୍ୟାଳୟ, ପିଲାଙ୍କୁ ବୁଝିବା, ପିଲାମାନେ ଶିଖନ୍ତି କିପରି, ଶ୍ରେଣୀ ପରିଚାଳନା, ପାଠ୍ୟଯୋଜନା ଓ ମାନ ନିର୍ଦ୍ଧାରଣ, ଆଇନଗତ ବ୍ୟବସ୍ଥା, ଯୋଜନା, ଅଭିନବ ପ୍ରୟାସ, ଶିକ୍ଷା ସମ୍ପର୍କିତ ଇଣ୍ଡେକ୍ସ, ଶିକ୍ଷାଦାନ ଏକ ବୃତ୍ତି ଇତ୍ୟାଦି ସମ୍ପର୍କରେ ଶିକ୍ଷା ଦେଇଥିଲେ। ସମସ୍ତ ଅତିଥି ଏବଂ ପ୍ରଶିକ୍ଷକଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଶିକ୍ଷାର୍ଥୀମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶିକ୍ଷକ ପ୍ରଦୀପ ମହାରଣା, ବିଜୟ କୁମାର ସେଠୀ, ଅମିତ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଆଶୀର୍ବଚନରେ ଜଣେ ଗୁରୁ ଭାବରେ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ରାଷ୍ଟ୍ରନାୟକମାନଙ୍କୁ ଗଠନ କରି ପ୍ରେରଣାର ଉତ୍ସ ହୁଅ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ଓ ଆନୁସଙ୍ଗିକ ଯନ୍ତାଂଶ ପ୍ରଦାନ କରାଯାଇ ପୁରସ୍କୃତ କରା ଯାଇଥିଲା।



### /// ବାଧକ ସାଜୁଛି ନେଟ୍‌ୱର୍କ ସମସ୍ୟା ///

# ପାହାଡ଼ ଉପରେ ଚାଲିଛି ଇ-କେୱାଇସି ଅପ୍‌ଡେଟ୍



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଏବେ ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପଡେଟ୍ କରାଯାଉଛି, ଯାହାର ଶେଷ ତାରିଖ ୧୫ଫେବୃଆରୀ ଥିଲା। ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଅପଡେଟ୍ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିବା ପରେ ଆଶଙ୍କା ଭିତରେ ଥିବା ଖାଉଟିମାନେ ଆଶ୍ୱସ୍ତି ଲାଭ କରିଛନ୍ତି। ଏହି କ୍ରମରେ ସାମିଲ ଅଛନ୍ତି କଳାହାଣ୍ଡି ଜିଲ୍ଲାରେ ୧୪ ଲକ୍ଷ ୪ହଜାର ୨୫୮ ସଦସ୍ୟ। ମଧ୍ୟରୁ ବୁଧବାର ସୁଦ୍ଧା ୧୨ଲକ୍ଷ ୨୫ହଜାର ୪୧୯ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଥିବା ଜଣାପଡିଛି। ଅବଶିଷ୍ଟ୧ ଲକ୍ଷ ୭୮ହଜାର ୮୩୯ଜଣ ଅପ୍‌ଡେଟ୍ କରିନାହାନ୍ତି। ବର୍ତ୍ତମାନ ଜିଲ୍ଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରିବାରେ ଲାଗି ପଡିଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦ ଶତକଡା ଇ-କେୱାଇସି ଅପ୍‌ଡେଟ୍ ହୋଇଥିବା ଜଣାପଡିଛି। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଲୋକେ ପାହାଡ, ବଡ ପଥର କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପ୍‌ଡେଟ୍ କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ଥୁଆମୂଳ ରାମପୁର, ମ. ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ସେଠାରେ ନେଟ୍‌ୱର୍କ ପାଇଁ ପାହାଡ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି। ଏହି ସମୟରେ ହିତାଧିକାରୀଙ୍କ ରାଶନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗର ପ୍ରିଣ୍ଟ କିମ୍ବା ଆଇସ୍କାନ୍ କରାଯାଉଛି। ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାଶନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି। ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ୍ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହିସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୦ ଶତକଡା ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ କେତେଜଣ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ମଧ୍ୟ ଆସୁ ନ ଥିବାରୁ ଇ-କେୱାଇସି ଅପ୍‌ଡେଟ୍ କରିବାରେ ସମସ୍ୟା ରହୁଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ଓ ଶୀଘ୍ର ଏହା ଶେଷହେବ ବୋଲି ସେ କହିଥିଲେ। କଳାହାଣ୍ଡି ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୪ଲକ୍ଷ ୧ହଜାର ୯୮୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ୧୩ହଜାର ୭୮୨ ରାଶନ କାର୍ଡ ପାଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ଇ-କେୱାଇସି ଅପ୍‌ଡେଟ୍ କରାଯିବାବେଳେ ଜିଲ୍ଲାର ୨୦୯୦ ସରକାରୀ ଚାକିରିଆ ଚିହ୍ନଟ ହୋଇଛନ୍ତି। ଏଥିରେ ଅଙ୍ଗନୱାଡି କର୍ମୀ, ଗୃହରକ୍ଷୀ, ଶିକ୍ଷକ ଆଦି ରହିଛନ୍ତି। ଏହାସହ ଇନ୍‌କମ୍ ଟାକ୍ସ ଦେଉଥିବା ୨୦୭୩ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ-ପିତୃ ପୂଜନ ଦିବସ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃ-ପିତୃ ପୂଜନ ଦିବସ ପାଳିତ ହୋଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ସଭାପତି ବୃନ୍ଦାବନ ପୁଝାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ପରମେଶ୍ୱର ବାଗ, ଶୁଭେଚ୍ଛୁ ଭୁବନେଶ୍ୱର ନାଏକ, ବିକାଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୃନ୍ଦାବନ ପୁଝାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କ୍ରମରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ପିତାମାତା ଉପସ୍ଥିତ ଥିବାବେଳେ ସେମାନଙ୍କୁ ଛାତ୍ରଛାତ୍ରୀ ମାନେ ନିଜ ପିତାମାତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହ ସେମାନଙ୍କ ମୁଣ୍ଡରେ ଚନ୍ଦନ ତିଳକ ଦେଇ ପୂଜା କରିଥିଲେ। ଗୁରୁଜୀ ଉତ୍ତମ ପଣ୍ଡା ଓ ପରମାନନ୍ଦ ବେମାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁଜୀ ମୁରଲୀ ଧର ପଟ୍ଟନାୟକ, ଦୁଷ୍ମନ୍ତ ପୁଝାରୀ, ଭିକାରୀ ଚରଣ ବିଷି, ଗୁରୁମା ସନ୍ଧ୍ୟାରାଣୀ ମହାରଣା, ମିନାକ୍ଷୀ ନାଗ, ଲିପ୍ସା ଭଞ୍ଜ, ସୁଲଗ୍ନା ଦାସ, ମିନତି ପଟ୍ଟନାୟକ, ବୈଶାଳୀ ନାଗ, ସେବକ ଗଗନେଶ୍ୱର ବେହେରା, ସେବିକା ସଞ୍ଜିତା ଭାଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରହର ମଣ୍ଡପ ନିର୍ମାଣକୁ ବିରୋଧ କଲେ ଅଞ୍ଚଳବାସୀ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁ ଧାନ ମଣ୍ଡି ସ୍ଥାନରେ ପ୍ରହର ମଣ୍ଡପ ନିର୍ମାଣ ନେଇ ବିରୋଧ ହେଉଛି। ଏହି ସ୍ଥାନରେ ଦୀର୍ଘ ଦିନଧରି ଧାନ ମଣ୍ଡି ଚାଲୁଥିବା ବେଳେ କେଗାଁ, ସିନାପାଲି ଓ ନୂଆଗାଁ ପଞ୍ଚାୟତର ଚାଷୀମାନେ ଉକ୍ତ ମଣ୍ଡି ଉପରେ ନିର୍ଭର କରୁଥିଲେ। ହେଲେ କେତେକ ଅସାମାଜିକ ବ୍ୟକ୍ତି ଉକ୍ତ ସ୍ଥାନରେ ପ୍ରହର ମଣ୍ଡପ ନିର୍ମାଣ କରିବାକୁ ଗାତ ଖୋଳିଥିବା ଦେଖିବାକୁ ମିଳିଛି । ରାଜସ୍ୱ ବିଭାଗରୁ ଜମି ଚିହ୍ନଟ କରି ମଣ୍ଡିକୁ ଦେଇଥିବା ବେଳେ ଜଣେ ଦୁଇ ଜଣ ଅସାମାଜିକ ବ୍ୟକ୍ତି ଜବରଦଖଲ କରି ପ୍ରହର ମଣ୍ଡପ ନିର୍ମାଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଏ ନେଇ ସ୍ଥାନୀୟ ଅଞ୍ଚଳ ଚାଷୀମାନେ ଦୃଢ଼ ବିରୋଧ କରିବା ସଙ୍ଗେ କେଗାଁ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ମଣ୍ଡି ପାଖରେ ଥିବା କମ୍ପ୍ୟୁଟର ଗୃହକୁ ଉଚ୍ଛେଦ ପାଇଁ ପୂର୍ବରୁ ଅନେକ ଖବର କାଗଜରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଯାହାଫଳରେ ଜବରଦଖଲକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମଣ୍ଡିପାଖରେ ଥିବା ସରକାରୀ କୋଠରୀକୁ ଯେଉଁ ବ୍ୟକ୍ତିମାନେ ଜବରଦଖଲ କରି କମ୍ପ୍ୟୁଟର ସେଣ୍ଟର କରିଥିଲେ। ସେମାନେ ହିଁ ପ୍ରହର ମଣ୍ଡପ କରିବାରେ ପ୍ରୟାସ କରୁଛନ୍ତି ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାଏକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ଏ ଉପରେ ଉପ ଜିଲ୍ଲାପାଳଙ୍କୁ ଜଣାଇଛି ବୋଲି କହିଛନ୍ତି। ଉପ ଜିଲ୍ଲାପାଳ ଉକ୍ତ କାମ ଉପରେ ଦୃଷ୍ଟି ଦେଇ ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ କେଗାଁ ସରପଞ୍ଚ ଅମୃତ ବଛା ସମେତ ଦୟାନିଧି ମହରା, ଅନନ୍ତ ସାହୁ, ରାଧେଶ୍ୟାମ ନାଗ, ବିଜୟ ସାହୁ, ଗୌରଚନ୍ଦ୍ର ପୁଟେଲ, ଟିଟୁ ସାହୁ, ସୋମେଶ୍ୱର ମୁନି, ମୀନକେତନ ପୁଟେଲ, ତୋଫାନ ପୁଟେଲ, ରୋହିତ ପୁଟେଲ, ଭକ୍ତରାମ ପୁଟେଲ, ଭକ୍ତମାଝୀ, ଭୁବନେଶ୍ୱର ପୁଟେଲ ପ୍ରମୁଖ ଦାବି କରିଛନ୍ତି ।

# ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ୱାର୍ଡ ନଂ -୧ ସାହୁ ପଡ଼ା ଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଷୋହଳ ପ୍ରହର ନାମଯଜ୍ଞ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହୋଇଛି। ଦୁଇ ଦିନ ଧରି ଜିଲ୍ଲାର ୧୩ ଟି ସଂକୀର୍ତ୍ତନ ମଣ୍ଡଳୀ ଦଳ ନାମଯଜ୍ଞରେ ସାମିଲ ହୋଇଥିଲେ। ଏଥିରେ ମହିଳା ସଂକୀର୍ତ୍ତନ ଦଳ ମଧ୍ୟ ସାମିଲ ହୋଇଥିବାରୁ ଶ୍ରଦ୍ଧାଳୁ ମାନେ ପ୍ରତ୍ୟେକ ଦିନ ପ୍ରବଳ ଜନ ସମାଗମ ହେଉଥିଲା। ସାହୁପଡ଼ାର ରାଧାକୃଷ୍ଣ ମନ୍ଦିର ଦୁଇ ଦିନ ଧରି ମୁକ୍ତ ପ୍ରସାଦ ସେବନ ବ୍ୟବସ୍ଥା ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ଆଲୋକ ସାଜସଜ୍ଜା ଉପସ୍ଥିତ ଭକ୍ତ ବୃନ୍ଦଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଚଳିତବର୍ଷ କର୍ତ୍ତା ଭାବରେ ଛବିଲାଲ ସାହୁ ଓ ତାଙ୍କର ଧର୍ମପତ୍ନୀ ଜାନକୀ ସାହୁ ଦାୟିତ୍ୱ ବହନ କରିଥିବା ବେଳେ ପୂଜା ପାଠର ଗୁରୁଦାୟିତ୍ୱ ବହନ କରିଥିଲେ ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, କିଶୋର ଚନ୍ଦ୍ର ମୁନି ଓ ଧ୍ରୁବ ପାଣିଗ୍ରାହୀ। ସେହିପରି ସଭାପତି ଭାବରେ ପ୍ରମୋଦ ସାହୁ, ସମ୍ପାଦକ ଭାବେ ଡିଲର ସାହୁ ଓ କୋଷାଧ୍ୟକ୍ଷ ଭାବରେ ମୁରଲୀ ସାହୁ, ରଞ୍ଜନ ବେହେରା ଓ ନିମାଇ ସ୍ୱାଇଁ ନିଜନିଜ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅର୍ଜୁନ ସାହୁ, ଜିବରର୍ଧନ ସାହୁ, ପ୍ରଧାନି ସାହୁ, ଗୁରୁ ସାହୁ, ଭାରତ ସାହୁ, ଧର୍ମୁ ସାହୁ, ଗୋପୀନାଥ ସାହୁ କୁମର ସାହୁ ପ୍ରମୁଖ ଉପସ୍ଥିତ ରହି ନାମ ଯଜ୍ଞରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ମ ନିୟୋଜନ ବିଭାଗ ଆନୁକୂଲ୍ୟରେ ଥୁଆମୂଳ ରାମପୁର ବ୍ଲକ୍‌ଠାରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁବୁଲିତ ସାମନ୍ତରାଏ, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ମାଝୀ, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ଓଏଲ୍‌ଏମ୍ ବିପିଏମ୍ ସୌମ୍ୟରଞ୍ଜନ ମହାପାତ୍ର, ବିଏଲ୍‌ସି ଦୀପକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୧୦ଟି ବିଭିନ୍ନ ତାଲିମ କେନ୍ଦ୍ରର କର୍ମକର୍ତ୍ତା ଯୋଗଦେଇ ୮୦ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଶିବିରରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମିଶନ ଶକ୍ତି ସମସ୍ତ ବିଏଲ୍‌ଏଫ୍ ସଭାପତି ଓ ସମ୍ପାଦକ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସମସ୍ତ ମହିଳା ପରିଦର୍ଶିକା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

## ୨ ଶିଶୁ ଜୀବନ୍ତ ଦଗ୍ଧ ଘଟଣା: ପରିବାରକୁ ସାମାଜିକ କର୍ମୀଙ୍କ ସହାୟତା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ଗତ ମଙ୍ଗଳବାର ପାଳ କୁଡ଼ିଆ ଜଳି ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମୃତ ଶିଶୁଙ୍କ ମା'ବାପାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାପରେ ଗାଁରେ ପ୍ରଶାସନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ର ବିଶିଷ୍ଟ ସାମାଜିକ କର୍ମୀ ତଥା ବରିଷ୍ଠ ବିଜେଡି ନେତା ଶ୍ରୀଧର ପେସନିଆ ଓ ବାଲି ନାଏକ ଗାଁରେ ପହଞ୍ଚି ମୃତକଙ୍କ ମା'ବାପାଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଓଡିଶା ମାଟିର ସୁରକ୍ଷା ପାଇଁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଲୋଡ଼ା : ଭକ୍ତ ଦାସ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି କଳାହାଣ୍ଡିର କ୍ରାନ୍ତିକାରୀ ନେତା ଭକ୍ତ ଚରଣ ଦାସ ଗତ ଶୁକ୍ରବାର ଦିନ ଭବାନୀପାଟଣାରେ ପହଞ୍ଚିଛନ୍ତି। ହେଲେ ଏ ଯାତ୍ରା ତାଙ୍କ ପରିବାରର ଏକ ସାମାଜିକ କାର୍ଯ୍ୟରେ ଯୋଗଦାନ ପାଇଁ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ତଥାପି ସେ ଭବାନୀପାଟଣାସ୍ଥିତ ତାଙ୍କ ଘରେ ପହଞ୍ଚିବା ପରେ ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଓ ତାଙ୍କ ଶୁଭେଚ୍ଛୁମାନଙ୍କ ତରଫରୁ ତାଙ୍କୁ ଫୁଲତୋଡ଼ା ଓ ଅଙ୍ଗବସ୍ତ୍ର ତଥା ଫୁଲମାଳ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସଭାପତି ଶ୍ରୀ ଦାସ କହିଥିଲେ ଯେ ମାଟିର ସୁରକ୍ଷା ପାଇଁ ଯେଉଁ ସଂଗ୍ରାମ ହେବାକୁ ଯାଉଛି ସେଥିପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦର ଆବଶ୍ୟକତା ରହିଛି। ତେଣୁ ଦଳ ପକ୍ଷରୁ ପ୍ରଥମେ ପୁରୀ ଯାଇ ଆମେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବୁ। କୌଣସି ଗାଡି ମଟରରେ ନ ଯାଇ ଭୁବନେଶ୍ୱର ଏୟାରପୋର୍ଟ ଠାରୁ ବାହାରି ପାଦରେ ୬୪କି.ମି.ଚାଲି ଚାଲି ପୁରୀରେ ପହଞ୍ଚିବୁ। ଆସନ୍ତା ୧୮ତାରିଖରୁ ତିନିଦିନ ଧରି ଏ ପଦଯାତ୍ରା ଚାଲିବ ଓ ଏଥିରେ ପାଞ୍ଚ ହଜାର ଲୋକ ସାମିଲ ହେବେ। ଏ ସଂଖ୍ୟା ଆହୁରି ମଧ୍ୟ ବଢିପାରେ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ କୌଣସି କାରଣରୁ କଂଗ୍ରେସ ଦଳଛାଡି ଥିବା ଦଳୀୟ ଲୋକମାନଙ୍କୁ ଦଳକୁ ଫେରାଇ ଅଣାଯିବ। ଏ ଅବସରରେ ସେ ଦଳର ପୁରୁଖା ନେତା ସୁର ରାଉତରାୟଙ୍କ ନାଁ ଧରିଥିଲେ। ଓଡିଶାରେ କଂଗ୍ରେସ ଦଳକୁ ତିଆରି କରିବା ପାଇଁ ମୋର ଗୋଟାଏ ଇଚ୍ଛା ଥିଲା ବୋଲି କହିବା ସହ ଆହୁରି କହିଥିଲେ ଯେ କଂଗ୍ରେସ ଦଳରେ ସମସ୍ତଙ୍କ ସମ୍ମାନ ରକ୍ଷା କରିବା ମୋର ପ୍ରଥମ କର୍ତ୍ତବ୍ୟ ହେବ।

### ଗସିଆଣି ମଣ୍ଡେଇ ଯାତ୍ରା ଉଦ୍‌ଯାପିତ

# ଆକର୍ଷଣର କେନ୍ଦ୍ରବିନ୍ଦୁ ଦଣ୍ଡପଟେନ ଦେବୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ପର୍ଲା ଠାରେ ତିନି ସପ୍ତାହ ଧରି ଚାଲିଥିବା ମଣ୍ଡେଇ ଯାତ୍ରାର ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ମାଆ ହାଟ ଗସିଆଣି ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ସହ ବଳି ଦିଆଯାଇଥିଲା। ମାନସଧାରୀ ମାନେ ଦେବୀଙ୍କ ପୀଠରେ କୁକୁଡ଼ା, ପାରା, ମେଣ୍ଢା ବଳି ଦେଇଥିବା ବେଳେ ପୀଠ ରକ୍ତ ରଞ୍ଜିତ ହୋଇଥିଲା। ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟ ପରିସରରେ ଦେବୀଙ୍କ ପୀଠ ଇତି ପୂର୍ବରୁ ରହି ଆସିଛି। ତେବେ ଏହି ଯାତ୍ରାରେ ଅଞ୍ଚଳର ବିଭିନ୍ନ ଗାଁର ଦେବାଦେବୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଆମନ୍ତ୍ରଣ କ୍ରମେ ଦେବାଦେବୀ ମାନେ ଲାଠି କୁର୍ଚି ଓ ମଣିଷ ଦେହରେ ସବାରି ହୋଇ ଆସିଥିଲେ। ଦଣ୍ଡ ପାଟ ଅଞ୍ଚଳର ଇଷ୍ଟ ଦେବୀ ଦଣ୍ଡପଟେନ ଡହ ଗାଁରୁ ଆସିଥିବା ବେଳେ ମଣ୍ଡେଇ ଯାତ୍ରାର ଆକର୍ଷଣ ପାଲଟିଥିଲା। ଦେବୀଙ୍କ ଅନେକ କିମ୍ବଦନ୍ତୀ ରହିଛି। ଅଞ୍ଚଳର ସର୍ଜନା କାଳରୁ ଦେବୀ ଡହଗାଁ ପୀଠରେ ପୂଜା ପାଉଛନ୍ତି। ମଣିଷ ସବାରିରେ ଦେବୀ ବିରାଜମାନ ହୋଇଥିବା ବେଳେ ତାଙ୍କର ଆଶୀର୍ବାଦ ଭିକ୍ଷା ପାଇଁ ଜନସାଧାରଣଙ୍କ ପ୍ରବଳ ଗହଳି ଲାଗି ରହିଥିଲା। ଅନ୍ୟପଟେ ହାଟ ଗସିଆଣି ପୀଠ ଠାରେ ପୂଜାର୍ଚ୍ଚନା ଶେଷ ହେବା ପରେ ସେଠାରୁ ଦେବା ଦେବୀଙ୍କ ଲାଠି କୁର୍ଚି ଓ ମଣିଷ ସବାରି ହୋଇ ଗ୍ରାମ ପରିଭ୍ରମଣ କରିବା ସହ ପ୍ରତିଷ୍ଠିତ ଥିବା ବଜାର ପରିକ୍ରମା କରିଥିଲେ। ତେବେ ବଜାର ପ୍ରାଙ୍ଗଣରେ ଦେବୀ ମାନେ ଲୁହା କଣ୍ଟା ଝୁଲୁନାରେ ବସିବା ଦୃଶ୍ୟ ଆକର୍ଷଣ କରିଥିଲା। ୧୨ଇଞ୍ଚ ବିଶିଷ୍ଟ ଲୁହା କଣ୍ଟାରେ ଦେବାଦେବୀ ବସିଥିଲେ। ଠିକ ଏହି ସମୟରେ ହୁଳହୁଳି ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସର୍ବମୋଟ ୧୫ରୁ ଉର୍ଦ୍ଧ୍ୱ ଦେବାଦେବୀ ଏହି ମଣ୍ଡେଇରେ ପଦାର୍ପଣ କରିଥିଲେ। ଗାଁ ଗହନ୍ତିଆ ପ୍ରବୀଣ କୁମାର ଦାସ ଓ ଗାଁ କମିଟି ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟଅଟେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିପିଲା ଗ୍ରାମର ନାଟକ ପରିବେଷଣ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼ ଜମି ରହିଥିଲା।

# ଦେବଗିରି ମଠର ନୂଆ ଟ୍ରଷ୍ଟି ନିଯୁକ୍ତ



ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ନୂତନ ଟ୍ରଷ୍ଟ ବୋର୍ଡ଼ ଗଠିତ ହେବା ସହ ଡ଼ଃ ସୁନୀଲ କୁମାର ଧଙ୍ଗଡାମାଝୀ ଟ୍ରଷ୍ଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ପକ୍ଷରୁ ବିଦ୍ଧିବଦ୍ଧ ଭାବେ ଶ୍ରୀ ଭଗବତ ସ୍ୱାମୀ ଦେବଗିରି ମଠ ଟ୍ରଷ୍ଟ ବୋର୍ଡ଼କୁ ଅନୁମୋଦନ ମିଳିଛି। ଏନେଇ ପୂର୍ବରୁ ଆସିଷ୍ଟାଣ୍ଟ ଏଣ୍ଡୋମେଣ୍ଟ କମିଶନର ବ୍ରହ୍ମପୁର, ବିଭାଗୀୟ ଇନିସପେକ୍ଟର, ନର୍ଲା ତହସିଲଦାର ପ୍ରମୁଖଙ୍କୁ ଦେବୋତ୍ତର ଆୟୁକ୍ତ ଓଡ଼ିଶା ପତ୍ର ମାଧ୍ୟମରେ ଅବଗତ କରିଥିଲେ। ଲୋକସଂସ୍କୃତି ଗବେଷକ ଡ଼ଃ ସୁନୀଲ କୁମାର ଧଙ୍ଗଡାମାଝୀ ମଠର ନୂତନ ମେନେଜିଙ୍ଗ ଟ୍ରଷ୍ଟି ଭାବେ ନିଯୁକ୍ତ ହୋଇଥିବାବେଳେ ବିଜୟ ଧଙ୍ଗଡାମାଝୀ, ବିଷ୍ଣୁ ଗଉଡ, ସୁରେନ୍ଦ୍ର ମାଝୀ, ଡ଼ଃ ସଞ୍ଜୟ ଧଙ୍ଗଡାମାଝି, ରଜନୀ ଗଉଡ, ଲୋକନାଥ ଗଉଡ, ଭରତ ଧଙ୍ଗଡାମାଝୀ, ତପିବର ଦାସ, ବିଭିଷଣ ଧଙ୍ଗଡାମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ ପ୍ରମୁଖ ୧୨ଜଣ ସଦସ୍ୟ ରହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, କଳାହାଣ୍ଡିର ନାଗବଂଶୀ ମହାରାଜ ମାନଙ୍କ ଅମର କିର୍ତ୍ତି ଦେବଗିରି ମଠ ଦେଶ ସ୍ୱାଧୀନ ହେବାପରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧିନରେ ରହିଲା। ପୂର୍ବରୁ ମଠରେ ଅନେକ ଟ୍ରଷ୍ଟି ନିଯୁକ୍ତ ହୋଇଥିବାବେଳେ ୨୦୦୮ ମସିହାରୁ ଏହା ଏକପ୍ରକାର ସ୍ଥାଣୁ ହୋଇ ଯାଇଥିଲା। ଏହାପରେ ଏଡଭାଇଜରି କମିଟି ଓ ପରିଚାଳନା କମିଟି ମାଧ୍ୟମରେ ମଠ ପରିଚାଳିତ ହେଉଥିଲା। ୨୦୦୨ରୁ ୨୦୨୫ ପର୍ଯ୍ୟନ୍ତ ଡ଼ଃ ଧଙ୍ଗଡାମାଝୀ ମଠର ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଦୀର୍ଘ ବର୍ଷ ପରେ ଦେବଗିରି ମଠରେ ନୂତନ ଟ୍ରଷ୍ଟ ବୋର୍ଡ଼ ଗଠିତ ହେବା ସହ ଟ୍ରଷ୍ଟି ନିଯୁକ୍ତ କରିଥିବାରୁ ବୁଢ଼ୀପଦର ଗ୍ରାମବାସୀ ଦେବୋତ୍ତର କମିଶନର ଓଡ଼ିଶା ଏବଂ ଦେବୋତ୍ତର ଇନିସପେକ୍ଟର କଳାହାଣ୍ଡି ନୂଆପଡ଼ାଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ ଦେବଗିରି ମଠର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗର ସମସ୍ତ ନିତି ନିୟମକୁ ଅନୁପାଳନ କରିବି ବୋଲି ନବ ନିଯୁକ୍ତ ଟ୍ରଷ୍ଟି ପ୍ରକାଶ କରିଛନ୍ତି।

## ରାଶିଫଳ

ରବିବାର, ୧୬ ଫେବୃଆରୀ ୨୦୨୫


**ମେଷ:** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ। ପାରିବାରିକ ବ୍ୟସ୍ତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନସନ ହେବେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।


**ବୃଷ:** ଲାଭ ପାଇଁ ସୁଯୋଗ ମିଳିବ। ଶତ୍ରୁ ଭୟଭୀତ ହେବେ। ଗ୍ରାହକ ବ୍ୟବସାୟରେ ଭଲ ହେବେ। କାର୍ଯ୍ୟ ଆଚରଣ, ସଚ୍ଚୋଟତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଠିନ ପରିଶ୍ରମ କରିବା ଲାଭଦାୟକ ହେବ। ଚିନ୍ତା ରହିବ।


**ମିଥୁନ:** ସମ୍ମାନ ପାଇବେ। ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ମହିଳାମାନେ କଷ୍ଟ ପାଇପାରନ୍ତି। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ। ପେଟ ରୋଗରେ ପୀଡିତ ହେବାର ସମ୍ଭାବନା।


**କର୍କଟ:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ। ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ। ଧନର ସମ୍ଭାବନା। ସାଙ୍ଗମାନଙ୍କୁ ଭେଟିବେ। ବିବାଦ କରନ୍ତୁ ନାହିଁ। ଯାତ୍ରା ସଫଳ ହେବ। ବିବାଦ କରନ୍ତୁ ନାହିଁ। ଆଇନଗତ ବାଧା ଦୂର ହେବ।


**ସିଂହ:** ସ୍ୱାସ୍ଥ୍ୟ ଭଲ ରହିବ। ପ୍ରେମ ସଂପର୍କରେ ଦୂରେଇ ରୁହନ୍ତୁ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ। ବିବାଦକୁ ଯାଆନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ। ଉପକୃତ ହେବେ। ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ। ଶତ୍ରୁମାନେ ଶାନ୍ତ ରହିବେ।


**କନ୍ୟା:** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ଆଖି ଯନ୍ତ୍ରଣା ହେବାର ସମ୍ଭାବନା। ଧନ ଲାଭ ହେବ। ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ। ଅପମାନିତ ହେବାର ସମ୍ଭାବନା। ଦୁଃଖଦ ଖବର ସମ୍ଭାବନା। ଧନ କ୍ଷତି। ଶାରୀରିକ ଯନ୍ତ୍ରଣା ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।


**ତୁଳା:** ପ୍ରଗତିର ରାସ୍ତା ଖୋଲାଯିବ। କାର୍ଯ୍ୟ ପ୍ରତି ଉଦାସୀନତା ରହିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। କିଛି ଲାଭର ସମ୍ଭାବନା। ଚିନ୍ତା କମ୍ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ।


**ବିଛା:** ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଶତ୍ରୁ ଉପରେ ବିଜୟ। କୁସଙ୍ଗରୁ କ୍ଷତି। ଜୀବନସାଥି ପାଇବେ। କିଛି ରୋଜଗାର ହେବ। ମାତା ଯନ୍ତ୍ରଣା ଭୋଗିବେ। କାରବାରରେ ସାବଧାନ ରୁହନ୍ତୁ।


**ଧନୁ:** ବୃଥା ବ୍ୟସ୍ତତା ରହିବେ। ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା। ଲାଭ ଠିକ ରହିବ। ଦୁଃଖଦ ଖବର ମିଳିପାରେ। କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ। ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ।


**ମକର:** ଯାତ୍ରା ସମ୍ଭବ ହେବ। କିଛି ଦୁଃଖ ସମ୍ଭାବନା। ଲାଭ ହେବ। ମହିଳା ଶ୍ରେଣୀର ଯନ୍ତ୍ରଣା। କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା। ଏହା ଏକ ଅସନ୍ତୁଷ୍ଟ ଦିନ ହେବ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଘର ବାହାରେ ଅଶାନ୍ତି ଦେଖାଦେଇପାରେ। ପ୍ରୟାସ ସଫଳ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।


**କୁମ୍ଭ:** ଆୟ ବୃଦ୍ଧି ପାଇବ। ଭଲ ଖବର ଗ୍ରହଣ କରାଯିବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା। ଚିନ୍ତା ଉପୁଜିବ। ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ।


**ମୀନ:** ଲାଭ ହେବ। ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ପରିବାରର ଚିନ୍ତା ରହିବ। ଆପଣ ଅସୁସ୍ଥ ଅନୁଭବ କରିବେ। ଚିନ୍ତା ଆପଣଙ୍କୁଠାରୁ ମୁକ୍ତି ପାଇବ ନାହିଁ। ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ। ସମ୍ଭାବ୍ୟ ଯାତ୍ରା ସତର୍କତା ଅବଲମ୍ବନ କରିବାକୁ ପଡିବ।


ଜ୍ୟୋତିଷ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯